# ପ୍ରାର୍ଥନା

ହେ ପ୍ରଭୁ, ମୁଁ ତୁମ ସମ୍ମୁଖରେ ସର୍ବଦା ରହିଥିବି ଖଣ୍ଡିଏ ସଂପୂର୍ଣ୍ଣ ସାଦା କାଗଜ ଭଳି, ଯାହା ଫଳରେ ବିନା ବାଧାରେ, ଅନ୍ୟ କିଛିର ଅନୁପ୍ରବେଶ ବିନା, ତୁମ ସଂକଳ୍ପ ମୋ ଉପରେ ହୋଇପାରିବ ଲିପିବଦ୍ଧ ।

କେବେ କେବେ ପୂର୍ବ ଅଭିଜ୍ଞତାସବୁର ସ୍ମୃତି ମଧ୍ୟ ଭାବନାରୁ ବିଦୂରିତ ହେବା ଚାହି ଯାହା ଦ୍ୱାରା ଏ ଆପେକ୍ଷିକତା ଚାଳିତ ପୃଥିବୀରେ ତୁମର ପରିପୂର୍ଣ୍ଣ ପରିପ୍ରକାଶର ସୁଯୋଗ ଦିଏ ଯେଉଁ ଅବିରତ ପୁନର୍ଗଠନ କ୍ରିୟା, ତାହା ବ୍ୟାହତ ହେବ ନାହିଁ ।

ଜଣେ ଅତୀତକୁ ଜାବୁଡ଼ି ଧରେ ପ୍ରାୟଶଃ ଏହି ଭୟରେ, କାଳେ ସେ ଗୋଟାଏ ଅମୂଲ୍ୟ ଅଭିଜ୍ଞତାର ଫଳ ହରାଇବ, କାଳେ ତାକୁ ଏକ ବ୍ୟାପକ ଏବଂ ଉଚ୍ଚ ଚେତନା ହରାଇବାକୁ ହେବ, ଏକ ନିମ୍ନ ଚେତନାକୁ ସେ ପ୍ରତ୍ୟାବର୍ତ୍ତନ କରିବ ।

କିନ୍ତୁ ଯିଏ ତୁମର, ସିଏ କେଉଁ କଥାକୁ ବା ଭୟ କରିବ ? ଆନନ୍ଦମୟ ଆତ୍ମା ଓ ଦୀପ୍ୟମାନ ଭାଲ ସହକାରେ ତୁମେ ତା' ପାଇଁ ନିରୂପଣ କରିଥିବା ପଥଦେଇ ସେ କ'ଣ ଚାଲିପାରିବ ନାହିଁ – ସେ ପଥ ଯାହା ହେଉନା କାହିଁକି, ଏପରିକି ପଥଟି ତା'ର ସୀମିତ ହେତୁବୋଧ ପାଇଁ ପୂରାପୂରି ଦୁର୍ବୋଧ ହେଲେ ମଧ୍ୟ ?

ହେ ପ୍ରଭୁ, ପୁରୁଣା ଭାବନାର ବେଷ୍ଟନୀସବୁକୁ ଭାଙ୍ଗିଦିଅ, ଅତୀତ ଅଭିଜ୍ଞତା ସମୂହର ବିଲୋପ ସାଧନ କର, ତୁମେ ପ୍ରୟୋଜନ ବୋଧକଲେ ସଚେତନ ସମନ୍ୱୟ ସମୂହକୁ ବାତିଲ୍ କରିଦିଅ – ଯାହା ଫଳରେ ତୁମ କର୍ମ ଅଧିକରୁ ଅଧିକ ଉତ୍ତମ ରୂପେ ସମ୍ପାଦିତ ହେବ । ପୃଥିବୀ ପରେ ତୁମ ସେବା ହେବ ସୁସମ୍ପୂର୍ଣ୍ଣ ।

ନଭେମ୍ବର ୨୦, ୧୯୧୪ – ଶ୍ରୀମା



# ବାଧାବିପତ୍ତିରୁ ଉତ୍ତୀର୍ଣ୍ଣ ହେବାର ଏକ ଉପାୟ

Remember that the Mother is always with you.

Address Her as follows and She will pull you out of all difficulties :

"O Mother, Thou art the light of my intelligence, the purity of my soul, the quiet strength of my vital, the endurance of my body. I rely on Thee alone and want to be entirely Thine. Make me surmount all obstacles on the way."

(CWM, Vol. 15, p. 230) – The Mother

ମା ନିରନ୍ତର ତୁମ ସହ ରହିଛନ୍ତି ବୋଲି ସ୍ମରଣ ରଖ ।

ନିମ୍ନମତେ ତାଙ୍କୁ ଆବାହନ କର ଏବଂ ସେ ତୁମକୁ ସମସ୍ତ ବାଧାବିପତ୍ତିରୁ ଉଦ୍ଧାର କରିବେ :

''ହେ ପରମା ଦିବ୍ୟଜନନି, ତୁମେ ହେଉଛ ମୋର ବୁଦ୍ଧିର ଜ୍ୟୋତିଃ, ମୋ ଅନ୍ତରାତ୍ମାର ପବିତ୍ରତା, ମୋ ପ୍ରାଣର ପ୍ରଶାନ୍ତ ସାମର୍ଥ୍ୟ, ମୋ ଶରୀରର ସହନଶୀଳତା । ମୁଁ କେବଳ ତୁମରି ଉପରେ ନିର୍ଭରତା ରଖିଛି ଏବଂ ସମ୍ପୂର୍ଣ୍ଣ ରୂପେ ତୁମରି ହୋଇ ଯିବାକୁ ଚାହୁଁଛି । ପଥ ମଧ୍ୟସ୍ଥ ସକଳ ବାଧାବିପତ୍ତିରୁ ମୋତେ ଅତିକ୍ରମ କରାଇ ନିଅ ।''

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୫୬)

## ଶ୍ରୀଅରବିନ୍ଦ

Agony and danger stalked their trembling prey
And softly spoke as to a timid friend :
Attack sprang suddenly vehement and unseen;
Fear leaped upon the heart at every turn
And cried out with an anguished dreadful voice;
It called for one to save but none came near.

ଯନ୍ତ୍ରଣା ଓ ବିପଦ ସେସବୁର ଭୀତତ୍ରସ୍ତ ଶିକାରକୁ ଅନୁସରଣ କରିଚାଲିଥିଲା ଏବଂ ଜଣେ ଭୀରୁ ବନ୍ଧୁ ସହିତ ଯେମିତି କୋମଳ ସ୍ୱରରେ କଥା କହୁଥିଲା : ଅକସ୍ମାତ୍ ଅଲକ୍ଷ୍ୟରେ ତୀବ୍ରବେଗରେ ଆକ୍ରମଣାତ୍ମକ ଲମ୍ଫ ପ୍ରଦାନ କରୁଥିଲା; ଭୀତିପ୍ରଦତା ହୃଦୟକୁ ପଦେ ପଦେ କବଳିତ କରୁଥିଲା ଏବଂ ମର୍ମନ୍ତୁଦ ବେଦନାର୍ତ୍ତ କଣ୍ଠରେ ସେ ଚିତ୍କାର କରୁଥିଲା ତା'ର ସୁରକ୍ଷା ପାଇଁ; କିନ୍ତୁ କେହି ନିକଟକୁ ଆସୁ ନଥିଲେ ।

All warily walked, for death was ever close;
Yet caution seemed a vain expense of care,
For all that guarded proved a deadly net,
And when after long suspense salvation came
And brought a glad relief disarming strength,
It served as a smiling passage to worse fate.

ସମସ୍ତେ ଅତି ସାବଧାନରେ ଚାଲୁଥିଲେ କାରଣ ମୃତ୍ୟୁ ସର୍ବଦା ପାଖେ ପାଖେ ରହିଥିଲା; କିନ୍ତୁ ଏହି ସତର୍କତା ଏକ ବ୍ୟର୍ଥ ପ୍ରଚେଷ୍ଟା ଭଳି ବୋଧ ହେଉଥିଲା, କାରଣ ଯେଉଁମାନେ ତାକୁ ସୁରକ୍ଷା ଦେଉଥିଲେ ସେମାନେ ସମସ୍ତେ ମୃତ୍ୟୁର ଜାଲ ବୋଲି ପ୍ରମାଣିତ ହେଉଥିଲେ, ଏବଂ ଯେତେବେଳେ ଦୀର୍ଘ ଉତ୍କଣ୍ଠା ପରେ ମୁକ୍ତି ଆସୁଥିଲା ଓ ଧରି ଆସୁଥିଲା ଏକ ସୁଖଦାୟକ ସାମର୍ଥ୍ୟବିହୀନ ସ୍ୱସ୍ତି, ଏହା ସେତେବେଳେ ତା'ର ଦୟନୀୟ ନିୟତି ଅଭିମୁଖେ ଏକ ସ୍ମିତହାସ୍ୟଭରା ପଥ ହୋଇଉଠୁଥିଲା ।

There was no truce and no safe place to rest;
One dared not slumber or put off one's arms :
It was a world of battle and surprise.

ସେଠାରେ କେଉଁଠି ହେଲେ ସାମୟିକ ଯୁଦ୍ଧବିରତି ଚୁକ୍ତି ନ ଥିଲା ଏବଂ ସୁରକ୍ଷିତ ଆଶ୍ରୟ ନଥିଲା; ସେଠାରେ କେହି ନିଦ୍ରା ଯିବା ପାଇଁ କିଂବା ଅସ୍ତ୍ରଶସ୍ତ୍ର ପରିହାର କରିବାକୁ ସାହସ କରୁ ନଥିଲେ : ଏହା ଥିଲା ଯୁଦ୍ଧ ଓ ଆକସ୍ମିକ ଆକ୍ରମଣର ଜଗତ୍ ।

All who were there lived for themselves alone;
All warred against all, but with
a common hate
Turned on the mind that sought
some higher good;
Truth was exiled lest she should dare to speak
And hurt the heart of darkness with her light
Or bring her pride of knowledge to blaspheme
The settled anarchy of established things.

ସେଠାରେ ସମସ୍ତେ ବଞ୍ଚି ରହିଥିଲେ କେବଳ ନିଜ ପାଇଁ; ପ୍ରତ୍ୟେକେ ପ୍ରତ୍ୟେକଙ୍କ ସହିତ ଯୁଦ୍ଧରତ, ସମସ୍ତେ କିନ୍ତୁ ଏକ ସମାନ ବିଦ୍ୱେଷ ନେଇ ସେହି ମନର ବିରୋଧରେ ଠିଆ ହୋଇଥିଲେ, ଯେଉଁ ମନ ଅନ୍ୱେଷଣ କରୁଥିଲା ଏକ ଉଚ୍ଚତର ଶ୍ରେୟଃ । ସତ୍ୟକୁ ନିର୍ବାସିତ କରାହୋଇଥିଲା ଏହି ଭୟରେ କାଳେ ସେ କିଛି ଉଚ୍ଚାରଣ କରିବାକୁ ସାହସ କରିବ ଏବଂ ଅନ୍ଧକାର ବକ୍ଷକୁ ନିଜର ଆଲୋକରେ ଆଘାତ କରିବ କିଂବା ବର୍ତ୍ତମାନର ସ୍ଥିର-ପ୍ରତିଷ୍ଠ ଅରାଜକ ରାଜ୍ୟକୁ ନିଜ ଜ୍ଞାନର ମାହାତ୍ମ୍ୟ ଦ୍ୱାରା ଅପବାଦଜନକ କଥା କହିବ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ ❑

# ଯନ୍ତ୍ରଣା ଓ ଆଘାତ ସଂପର୍କରେ

## ଶ୍ରୀମା

### ଆଘାତ : ଆମର ଅଗ୍ରଗତି ପାଇଁ

''ହେ ମୋର ପ୍ରେମିକ, ମୋତେ ଆଘାତ ଦିଅ ! ଯଦି ତୁମେ ମୋତେ ବର୍ତ୍ତମାନ ଆଘାତ ନ କରୁଛ, ତାହାହେଲେ ମୁଁ ଜାଣିବି ଯେ, ତୁମେ ମୋତେ ଭଲ ପାଅ ନାହିଁ ।''

(Thoughts and Aphorisms) — ଶ୍ରୀଅରବିନ୍ଦ

ଯେଉଁମାନେ ଦିବ୍ୟପୂର୍ଣ୍ଣତା ପାଇଁ ଆସ୍ପୃହା କରନ୍ତି — ସେମାନେ ଜାଣନ୍ତି ଯେ, ପରମ ପ୍ରଭୁ ଅସୀମ ପ୍ରେମ ଓ କରୁଣାରେ ଯେଉଁ ଆଘାତଗୁଡ଼ିକ ଦେଇଥା'ନ୍ତି, ତାହା ହେଉଛି ଆମକୁ ଆଗେଇ ନେବାର ନିଶ୍ଚିତତମ ଓ କ୍ଷିପ୍ରତମ ମାର୍ଗ । ଆଘାତ ଯେତେ କଠିନ ହୁଏ, ସେତେ ସେତେ ପ୍ରଭୁଙ୍କ ଦିବ୍ୟପ୍ରେମର ମହତ୍ତ୍ୱ ଅନୁଭବ କରିହୁଏ ।

ବିପରୀତ ପକ୍ଷରେ ସାଧାରଣ ମଣିଷମାନେ ଈଶ୍ୱରଙ୍କୁ ଏକ ସହଜ, ସୁଖକର ଏବଂ ସଫଳ ଜୀବନ ମାଗୁଥା'ନ୍ତି । ପ୍ରତ୍ୟେକ ବ୍ୟକ୍ତିଗତ ସୁଖ, ଶାନ୍ତି ଓ ସନ୍ତୋଷରେ ଏହି ଲୋକମାନେ ପ୍ରଭୁଙ୍କର କୃପା ଦେଖିଥା'ନ୍ତି; କିନ୍ତୁ ବିପରୀତରେ ଯଦି ସେମାନେ ଜୀବନରେ କୌଣସି ସମୟରେ ଅସୁଖ ଓ ଦୁର୍ଭାଗ୍ୟର ସମ୍ମୁଖୀନ ହୁଅନ୍ତି, ସେମାନେ ଅଭିଯୋଗ କରି କୁହନ୍ତି, ''ହେ ଈଶ୍ୱର, ତୁମେ ମୋତେ ଭଲ ପାଅ ନାହିଁ ।'' (ତା' ନହେଲେ ମୁଁ ଏତେ କଷ୍ଟ ଭୋଗୁ ଥାଆନ୍ତି !)

ଏହି ଅତ୍ୟନ୍ତ ସ୍ଥୂଳ ଏବଂ ଅଜ୍ଞତାପୂର୍ଣ୍ଣ ମନୋଭାବର ପ୍ରତିବାଦରେ ଶ୍ରୀଅରବିନ୍ଦ ସେହି ଦିବ୍ୟ-ପ୍ରେମିକଙ୍କୁ ପ୍ରାର୍ଥନା କରି କହୁଛନ୍ତି, ହେ ପ୍ରିୟତମ, ଯେତେ ଯେତେ ଆଘାତ ଦେଉଛ ଦିଅ, ଆହୁରି ବେଶୀ କରି ଆଘାତ ଦିଅ — ଏହି କଠିନ ଆଘାତ ଭିତରେହିଁ ମୁଁ ଯେପରି ମୋ ପ୍ରତି ତୁମ ପ୍ରେମର ଗଭୀରତା ଅନୁଭବ କରେ ।

### ଦୁଃଖଭୋଗ ଓ ଯନ୍ତ୍ରଣା

ସାହସ ଓ ତିତିକ୍ଷାର ସହ ଓ ଭଗବାନଙ୍କ ଉପରେ ଅବିଚଳିତ ବିଶ୍ୱାସ ରଖି ଯଦି ତୁମେ ଯନ୍ତ୍ରଣାର ସମ୍ମୁଖୀନ ହୋଇପାର, ଯଦି ଜଣେ ପାରେ, ଯନ୍ତ୍ରଣା ଆସିଲେ ସେଥିରୁ ପଳାୟନ ନକରି ତା ମଧ୍ୟକୁ ଏହି ସଂକଳ୍ପ, ଏହି ଅଭୀପ୍ସା ନେଇ ପ୍ରବେଶ କରିବ ଯେ — ମୁଁ ତାହାରି ଭିତର ଦେଇ ଯିବି ଏବଂ ଶେଷରେ ସବୁକିଛିର ମର୍ମରେ ଥିବା ସେହି ଜ୍ୟୋତିର୍ମୟ ସତ୍ୟ ତଥା ଅନୁପମ ଆନନ୍ଦକୁ ଖୋଜି ପାଇବି । ଅନେକ ସମୟରେ ଯନ୍ତ୍ରଣାର ଦ୍ୱାର ସନ୍ତୋଷ ଓ ସୁଖର ଦ୍ୱାର ଅପେକ୍ଷା ଅଧିକ ସିଧା ଓ ତ୍ୱରିତ ।

ଇନ୍ଦ୍ରିୟସୁଖ ହେଉଛି ପ୍ରତାରଣାମୂଳକ ଏକ ବିକୃତ ଛଦ୍ମବେଶ, ଯାହାକି ଆମକୁ ଲକ୍ଷ୍ୟଠାରୁ ଦୂରେଇ ନିଏ । ଯଦି ଆମେ ସତ୍ୟ ପାଇବାକୁ କୃତସଂକଳ୍ପ, ତେବେ ଏହିଭଳି ସୁଖ-ସନ୍ତୋଷ ପାଇବା ପାଇଁ ନିଶ୍ଚୟ ଇଚ୍ଛା କରିବା ନାହିଁ । ତଥାକଥିତ ସୁଖଶାନ୍ତି ଓ ମଉଜ-ମଜଲିସ ଆମକୁ ବାଷ୍ପଭଳି କରିଦିଏ; ଏହା ଆମକୁ ଠକି ଦିଏ, ଏବଂ ପତନ ଆଡ଼କୁ ନେଇଯାଏ । ଯନ୍ତ୍ରଣାହିଁ ଆମକୁ ଏକ ଗଭୀରତର ସତ୍ୟ ଉପଲବ୍ଧିରେ ସାହାଯ୍ୟ କରେ — ଆମର ମନକୁ ସହିଷ୍ଣୁ କରି ସତ୍ୟ ଉପରେ ଏକାଗ୍ର କରାଏ । ଯାହା ଆମକୁ ମାଡ଼ିମକଚି ଦେବାକୁ ଚାହୁଁଛି, ତାହା ସହିତ ମୁହାଁମୁହିଁ ହେବାକୁ ସକ୍ଷମ କରାଏ । ଜଣେ ଯେତେବେଳେ ଦୃଢ଼ ଥାଏ ସେତେବେଳେ ଯନ୍ତ୍ରଣା ଭିତରେହିଁ ଜଣେ ତା'ର ପ୍ରକୃତ ଶକ୍ତିକୁ ସହଜରେ ପୁଣି ଫେରି ପାଇଥାଏ । ଏଇ ଯନ୍ତ୍ରଣା ଭିତରେହିଁ ତୁମେ ତୁମର ଯଥାର୍ଥ ବିଶ୍ୱାସକୁ ସହଜରେ ପୁଣି ଫେରି ପାଇବ । ତାହା ହେଉଛି ଏପରି କିଛିରେ ବିଶ୍ୱାସ ଯାହା ସବୁପ୍ରକାର ଦୁଃଖ ଯନ୍ତ୍ରଣାର ଊର୍ଦ୍ଧ୍ୱରେ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୪୯)

## କଂଗ୍ରେସ ବିଭାଜନର ପୂର୍ବାଭାଷ (୧)

### ମନୋଜ ଦାସ

''ଗୁରୁଗମ୍ଭୀର, କାହାରି ମତାମତ ବା ନିଜର ନିୟତି ପ୍ରତି ଭ୍ରୁକ୍ଷେପଶୂନ୍ୟ, ମୁଁ ଦେଖିଥିବା ସର୍ବାଧିକ ନିରବ ବ୍ୟକ୍ତିବର୍ଗଙ୍କ ମଧ୍ୟରେ ଅନ୍ୟତମ, ସେ ସ୍ୱପ୍ନଦ୍ରଷ୍ଟା ସୁଲଭ ଉପାଦାନରେ ଗଢ଼ା – କିନ୍ତୁ ଯେଉଁ ସ୍ୱପ୍ନଦ୍ରଷ୍ଟାମାନେ ସେମାନଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବେ, ଯେଉଁ ପନ୍ଥାରେ ହେଉନା କାହିଁକି ।''

ହେନ୍‌ରି ନେଭିନ୍‌ସନ୍[୧]

୧୯୦୭ ମସିହା ନଭେମ୍ବରରେ ଶ୍ରୀଅରବିନ୍ଦ କଲିକତା ପ୍ରତ୍ୟାବର୍ତ୍ତନ କଲେ । ମୃଣାଳିନୀ ଦେବୀ କିନ୍ତୁ ଦେଓଘରରେହିଁ ରହିଲେ । ୧୨ ୱେଲିଂଟନ୍ ସ୍କୋଆର୍‌ରେ ଅବସ୍ଥିତ ରାଜା ସୁବୋଧ ମଲ୍ଲିକଙ୍କର ପ୍ରାସାଦରେ ସେ ହେଲେ ଅତିଥି । ଅସୁସ୍ଥତା ଜନିତ ଦୁର୍ବଳତା ସତ୍ତ୍ୱେ ସେ ଅବିଶ୍ରାନ୍ତ କର୍ମରତ ରହୁଥା'ନ୍ତି ବୋଲି ଅନୁଧ୍ୟାନରୁ ଜଣାଯାଏ । କିଛିଦିନ ପରେ ମେଦିନୀପୁରଠାରେ କଂଗ୍ରେସର ଜିଲ୍ଲା ଅଧିବେଶନ ହେବାର ଥାଏ । କିନ୍ତୁ ସେଥିରେ ବିଶିଷ୍ଟ ନେତାମାନଙ୍କର ଯୋଗଦାନର ସମ୍ଭାବନା ହେତୁ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥାଏ । ଡିସେମ୍ବର ୪ ତାରିଖରେ ସୁବୋଧ ମଲ୍ଲିକଙ୍କ ଘରେ ପ୍ରଗତିଶୀଳ ଜାତୀୟବାଦୀମାନଙ୍କର ଏକ ବୈଠକରେ ମେଦିନୀପୁରରେ ତଥା ସୁରତଠାରେ ଆଗତ ପ୍ରାୟ ସର୍ବଭାରତୀୟ କଂଗ୍ରେସ ଅଧିବେଶନରେ ସେମାନଙ୍କର କାର୍ଯ୍ୟପନ୍ଥା କ'ଣ ହେବ ସେବିଷୟରେ ଆଲୋଚନା ହେଲା ।

ଇତି ମଧ୍ୟରେ ବାରୀନ୍ଦ୍ର କୁମାର ତଥା ଗୋପନ ବିପ୍ଳବୀ ଚାରୁଚନ୍ଦ୍ର ଦତ୍ତ (ଆଇ. ସି. ଏସ୍) ଉଗ୍ରପନ୍ଥା ଅବଲମ୍ବନ କରି ବ୍ରିଟିଶ-ଭାରତ ସରକାରଙ୍କୁ ସନ୍ତ୍ରସ୍ତ କରିବାର ଆୟୋଜନ ଚାଲୁ ରଖିଥା'ନ୍ତି । ସେମିତି ଏଠି ସେଠି ବୋମା ପିସ୍ତଲ ବ୍ୟବହାର ପ୍ରତି ଶ୍ରୀଅରବିନ୍ଦଙ୍କର ସମର୍ଥନ ନଥିଲା ବୋଲି ଆମେ ପୂର୍ବରୁ ଦେଖିଛୁ । କିନ୍ତୁ ବିପ୍ଳବୀମାନେ ସର୍ବତ୍ର ତାଙ୍କରି ନାମହିଁ ବ୍ୟବହାର କରୁଥା'ନ୍ତି । ତେଣୁ ସେମାନଙ୍କ କାର୍ଯ୍ୟକଳାପର ପ୍ରତିକ୍ରିୟା ସମ୍ପର୍କରେ ଶ୍ରୀଅରବିନ୍ଦ ବୀତସ୍ପୃହ ରହିବା ସମ୍ଭବ ନଥିଲା । ପ୍ରକାଶ୍ୟ ସ୍ତରରେ ଜାତୀୟ କଂଗ୍ରେସକୁ ଯେତେଦୂର ସକ୍ରିୟ କରାଯାଇପାରେ, ତାହା କରିବା ସଙ୍ଗେ ସଙ୍ଗେ ମାଡ଼ାନୀତି ପରିହାର କରି ସ୍ୱାଧୀନତାହିଁ ଯେ ଭାରତର ଏକମାତ୍ର କାମ୍ୟ, ସେଭଳି ପ୍ରସ୍ତାବମାନ ଗ୍ରହଣ କରିବା ଦିଗରେ ଉଦ୍‌ବୁଦ୍ଧ କରିବାର ଚେଷ୍ଟା କରୁଥିଲେ ଜାତୀୟବାଦୀମାନେ । ସମାନ୍ତରାଳଭାବେ ସେମାନଙ୍କ ଅନ୍ତର୍ଭୁକ୍ତ ଉଗ୍ରପନ୍ଥୀ ଯୁବକମାନେ ପ୍ରତିକ୍ରିୟାଶୀଳ ଓ ନିର୍ମମ ବ୍ରିଟିଶ ଶାସକମାନଙ୍କୁ ସଶସ୍ତ୍ର ଆକ୍ରମଣ ଯୋଗେ ଭୟଭୀତ କରିବାକୁ ମନସ୍ଥ କରିଥିଲେ ।

୧୯୦୭ ଡିସେମ୍ବର ୬ ତାରିଖରେ ମୃଣାଳିନୀ ଦେବୀଙ୍କ ନିକଟକୁ ଶ୍ରୀଅରବିନ୍ଦଙ୍କ ଲିଖିତ ଏକ ପତ୍ରରୁ, ଅସୁସ୍ଥ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ପରେ ପରେ ତାଙ୍କୁ କେଡ଼େ କଠିନ କାର୍ଯ୍ୟଭାର ବହନ କରିବାକୁ ପଡୁଥିଲା, ତା'ର ଆଭାସ ମିଳେ :

''ମୋର ଏଠାରେ ମୁହୂର୍ତ୍ତଟିଏ ମଧ୍ୟ ସମୟ ନାହିଁ । ଲେଖାର ଭାର ମୋ ଉପରେ, କଂଗ୍ରେସ ସଂକ୍ରାନ୍ତ କାର୍ଯ୍ୟଭାର ମୋ ଉପରେ, 'ବନ୍ଦେ ମାତରମ୍'ର ଗୋଳମାଳ ମେଣ୍ଟାଇବାର ଭାର ମୋ ଉପରେ ।''[୨]

ମୃଣାଳିନୀ ଦେବୀ ଦେଓଗଡ଼ରେ ଅସ୍ଥିର ଅନୁଭବ କରୁଥିଲେ । ଶ୍ରୀଅରବିନ୍ଦ ତାଙ୍କୁ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ସହକାରେ ସବୁ ପ୍ରତିକୂଳ ଅବସ୍ଥାକୁ ସହିଯିବା ନିମନ୍ତେ ଅନୁରୋଧ ଜଣାଇଥିଲେ ଉପରୋକ୍ତ ପତ୍ରରେ ।

ପ୍ରଚଣ୍ଡ ବ୍ୟସ୍ତତା ମଧ୍ୟରେ କିନ୍ତୁ ଶ୍ରୀଅରବିନ୍ଦ ସର୍ବଦା ପ୍ରଶାନ୍ତ ରହିଥା'ନ୍ତି । ସେତେବେଳେ ତାଙ୍କ ସମ୍ପର୍କରେ ଆସୁଥିବା ବହୁ ସଂଖ୍ୟକ ବ୍ୟକ୍ତିଙ୍କ ସ୍ମୃତିଚାରଣରେ ଆମେ ତାଙ୍କର ଅସାଧାରଣ ଧୀର ଓ ସୌମ୍ୟ ଭାବର ପରିଚୟ ପାଉ । ରାଜା ସୁବୋଧ ମଲ୍ଲିକଙ୍କୁ ସାକ୍ଷାତ୍ କରିବାକୁ ଯାଇଥିବା ଜଣେ ତରୁଣ ନଗେନ୍ଦ୍ର କୁମାର ଗୁହରାୟଙ୍କ ଅଭିଜ୍ଞତା ଥିଲା ଏହିପରି :

''ମୋର ଜଣେ ସହକର୍ମୀ ରାଜାଙ୍କ ସହ ପରିଚୟ କରାଇ ଦିଅନ୍ତେ ମୁଁ ତାଙ୍କୁ ପ୍ରଣାମ କଲି । ଗଦିଯୁକ୍ତ ଚୌକିରେ ସେ ଉପବିଷ୍ଟ ଥିଲେ । ଦୀର୍ଘାକୃତି, ଗୌରକାନ୍ତି, ହୃଷ୍ଟପୁଷ୍ଟ, ସୁଦର୍ଶନ ପୁରୁଷ । ରାଜା ଉପାଧିରେ ଭୂଷିତ ହେବାର ଯୋଗ୍ୟ ଅବୟବ । ମହାକବି କାଳିଦାସଙ୍କ ଭାଷାରେ କିଞ୍ଚିତ୍ ପରିବର୍ତ୍ତନ କରି କୁହାଯାଇପାରେ ତାଙ୍କ ହୃଦୟ ଥିଲା ଆକାଶ ସଦୃଶ ପ୍ରଶସ୍ତ । ସମ୍ମୁଖସ୍ଥ ଚୌକିଟାଏ ଦେଖାଇ ସେ ମୋତେ ବସିବାକୁ କହିଲେ । ମୁଁ ବସିବାମାତ୍ରେ ରାଜା ଜିଜ୍ଞାସା କଲେ, 'ଅରବିନ୍ଦ ଘୋଷଙ୍କ ନାମ ଶୁଣିଛ ?' ମୁଁ ଅତ୍ୟନ୍ତ ଆଗ୍ରହ ସହକାରେ କହିଲି, 'ହଁ ଶୁଣିଛି' ।

''ରାଜା ତାଙ୍କ ପାଖରେ ଉପବିଷ୍ଟ ଭଦ୍ରଲୋକଙ୍କୁ ଦେଖାଇ ଦେଲେ । ମୁଁ ସଙ୍ଗେ ସଙ୍ଗେ ଆସନରୁ ଉଠିଯାଇ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କଲି । ସେ ଥିଲେ ପାଠରତ । ବହିରୁ ଚକ୍ଷୁ ଉଠାଇ ମୋ ଆଡ଼େ ଥରେ ଚାହିଁଲେ ମାତ୍ର । ରହସ୍ୟ ଲୋକରେ ଅଧିଷ୍ଠିତ ଅତୀନ୍ଦ୍ରିୟ ପୁରୁଷ ଅକସ୍ମାତ୍ ଇନ୍ଦ୍ରିୟ ଗୋଚର ହେଲେ ଏବଂ ସାଧାରଣ ମାନବର ରୂପ ଧରି ଆଖି ଆଗରେ ଉପସ୍ଥିତ ହେଲେ ଯେମିତି ଆନନ୍ଦର ଅନ୍ତ ରହେ ନାହିଁ ଏବଂ ବିସ୍ମୟର ମଧ୍ୟ ସୀମା ରହେ ନାହିଁ, ସେତେବେଳେ ତଦ୍ରୂପ ମୋର ଅବସ୍ଥା ।

''ଶ୍ରୀଅରବିନ୍ଦଙ୍କ ବେଶଭୂଷାରେ କୌଣସି ପରିପାଟି ନଥିଲା । ତାଙ୍କ ଧୋତି, ଜାମା, ଜୋତା ସବୁ ସାଧାସିଧା ।... ସୌମ୍ୟ ଶାନ୍ତ ଗମ୍ଭୀର ମୂର୍ତ୍ତି, ଚକ୍ଷୁ ଦୁଇଟି ତେଜୋମୟ, ଦୃଷ୍ଟି ତୀକ୍ଷ୍ଣ । ଅରବିନ୍ଦ-ଦର୍ଶନର ସେହି ପ୍ରଥମ ଦିନଟି ମୋ ଜୀବନର ଏକ ସ୍ମରଣୀୟ ଦିନ । ଭାଗ୍ୟ ପ୍ରସନ୍ନ ! ସେଥିପାଇଁ ସେଦିନ ରାଜ-ଦର୍ଶନ ସଙ୍ଗେ ସଙ୍ଗେ ଅପ୍ରତ୍ୟାଶିତ ଭାବରେ ମୋତେ ମିଳିଗଲା ଦେବ-ଦର୍ଶନ ।''[୩]

ମେଦିନୀପୁରଠାରେ କଂଗ୍ରେସ ଅଧିବେଶନ ହେଲା ଡିସେମ୍ବର ୭ ଓ ୮ ତାରିଖ ଦୁଇଦିନ । ସେତେବେଳକୁ ଜାତୀୟବାଦୀମାନଙ୍କର(ସେମାନଙ୍କୁ ଚରମପନ୍ଥୀ ଆଖ୍ୟା ଦିଆଯାଉଥାଏ) ଅବିସମ୍ବାଦିତ ନେତା ହେଲେ ଶ୍ରୀଅରବିନ୍ଦ । ସେଠାକାର ଯୁବ ଜାତୀୟବାଦୀମାନଙ୍କର ନେତା ଥିଲେ ସତ୍ୟେନ୍ଦ୍ର ନାଥ ବୋଷ । (କିଛିଦିନ ପରେ ସତ୍ୟେନ୍ଦ୍ର ନାଥ ଏକ ଭିନ୍ନ କାରଣରୁ ବିଖ୍ୟାତ ହେବେ)[୪] ସେ ଋଷି ରାଜନାରାୟଣ ବୋଷଙ୍କର ଜଣେ ପୁତୁରା । ସମ୍ମିଳନୀରେ ସଭାପତିତ୍ୱ କରିବେ ଯେଉଁ କେ.ବି.ଦତ୍ତ, ତାଙ୍କୁ ଜାତୀୟବାଦୀମାନେ ଅନୁରୋଧ କଲେ– ସ୍ୱରାଜ ଦାବି କରି ପ୍ରସ୍ତାବଟିଏ ଗୃହୀତ ହେବା ଚାହି । କିନ୍ତୁ ଦତ୍ତ ମହାଶୟ ଅସମ୍ମତ ହେଲେ । ସେ ଏବଂ ତାଙ୍କ ନରମପନ୍ଥୀ ବନ୍ଧୁମାନେ ଡରିଗଲେ – ହୁଏତ ଜାତୀୟବାଦୀମାନେ ସମ୍ମିଳନୀରେ ସେମାନଙ୍କ ଆଦର୍ଶ ଉପସ୍ଥାପନ କରିବାକୁ ସଚେଷ୍ଟ ହେବେ । ତେଣୁ ଦେଖାଗଲା, ସମ୍ମିଳନୀ ଆରମ୍ଭ ହେବା ବେଳକୁ ସେଠାରେ ଜିଲ୍ଲା ମାଜିଷ୍ଟ୍ରେଟ ତଥା ସଦଳବଳ ଜିଲ୍ଲାର ମୁଖ୍ୟ ପୁଲିସ କର୍ତ୍ତା ଉପସ୍ଥିତ ରହିଛନ୍ତି ।

ଗତାନୁଗତିକ ରୀତିରେ ସଭାପତି ବ୍ରିଟିଶ ଶାସନର ପ୍ରଶସ୍ତି ସଙ୍ଗେ ସଙ୍ଗେ କିଛି ଆବେଦନ ନିବେଦନ ସମ୍ବଳିତ ଭାଷଣ ପଢ଼ିଗଲେ ।

ଲାଠିଧାରୀ ଜାତୀୟବାଦୀମାନେ ଉଚ୍ଚ କଣ୍ଠରେ ପ୍ରଶ୍ନ କଲେ : ସ୍ୱରାଜ ଦାବି ସମ୍ବଳିତ ପ୍ରସ୍ତାବ କାହିଁ ? ରକ୍ଷଣଶୀଳମାନେ ସେମାନଙ୍କୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲେ । ଫଳରେ ''... ଦୁଇ ଗୋଷ୍ଠୀ ଭିତରେ ତୁମୁଳ ସଂଘର୍ଷ ଲାଗିଗଲା ।''[୫]

'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦଙ୍କ ସମ୍ପାଦନା ମଣ୍ଡଳୀର ଅନ୍ୟତମ ସଦସ୍ୟ ଏବଂ ପରବର୍ତ୍ତୀ କାଳରେ ବଙ୍ଗଦେଶରେ ଜଣେ ଅଗ୍ରଗଣ୍ୟ ସାମ୍ବାଦିକ ଓ ସମ୍ପାଦକ ହେମେନ୍ଦ୍ର ପ୍ରସାଦ ଘୋଷଙ୍କ ବ୍ୟକ୍ତିଗତ ଡାଏରି (୯ ଡିସେମ୍ବର)ରେ ଆମେ ପଢୁ :

''ମେଦିନୀପୁରରେ ଅନିବାର୍ଯ୍ୟ ବିଭେଦ ଦେଖା ଦେଲା । ସୁରେନ୍ଦ୍ର ନାଥ ବାନାର୍ଜିଙ୍କ ନେତୃତ୍ୱରେ ମାନ୍ଦାପନ୍ଥୀମାନେ କେବଳମାତ୍ର ସେହିମାନଙ୍କ ଇଚ୍ଛା ଅନୁସାରେ ସମ୍ମିଳନୀ ପରିଚାଳିତ କରିବା ନିମନ୍ତେ ପ୍ରୟାସ କଲେ... ପୁଲିସ ମୁଖ୍ୟଙ୍କୁ ସେଠାରେ ବସାଇ ରଖି ସେମାନେ ପ୍ରତିନିଧିମାନଙ୍କୁ ଭୟଭୀତ କରିବାର ଉଦ୍ୟମ କଲେ । ଫଳରେ ଜାତୀୟବାଦୀମାନେ ବାହାରି ଆସି ନିଜର ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ କଲେ । ଏହା ତ ଆରମ୍ଭ ମାତ୍ର ।[୬]

ସଭାପତି ଦତ୍ତ ମହାଶୟହିଁ ମାଜିଷ୍ଟ୍ରେଟ ତଥା ପୁଲିସ ମୁଖ୍ୟକୁ ସମ୍ମିଳନୀରେ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରିଥିଲେ । ସୁରେନ୍ଦ୍ରନାଥଙ୍କ ସମ୍ବାଦପତ୍ର 'ବନ୍ଦେ ମାତରମ୍'ର ଜଣେ ସମ୍ବାଦଦାତା ପୁଲିସ ଆପଣାଛାଏଁ ଆସିଥିଲା ବୋଲି ଖବର ପ୍ରକାଶ କରନ୍ତେ 'ବନ୍ଦେ ମାତରମ୍' ଉଠାଇଲା ଏହି ପ୍ରଶ୍ନ ଏବଂ ଦେଲା ଏହି ମନ୍ତବ୍ୟ :

''ସେ (ସମ୍ବାଦଦାତା) କହୁଛନ୍ତି ଯେ ମାଜିଷ୍ଟ୍ରେଟଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା । ସେ ସଭାରେ ଗଣ୍ଡଗୋଳ ହେବ ଆଶଙ୍କା କରି ଆସିଥିଲେ । ଆମର ପ୍ରଶ୍ନ ହେଲା, ଗଣ୍ଡଗୋଳର ଆଶଙ୍କା ଅଛି ବୋଲି ମାଜିଷ୍ଟ୍ରେଟଙ୍କୁ ଖବର ଦେଲା କିଏ ? କିଏ ଲେଖିଲା ସେ ଚିଠି ଯାହା ନିଜେ ମାଜିଷ୍ଟ୍ରେଟ କେ. ବି. ଦତ୍ତ ଲେଖିଥିବାର ପ୍ରକାଶ କରିଛନ୍ତି ଏବଂ ଯାହା କେ. ବି. ଦତ୍ତଙ୍କ ହସ୍ତାକ୍ଷର ? ମାଜିଷ୍ଟ୍ରେଟ ଏବଂ ପୁଲିସଙ୍କୁ ନିମନ୍ତ୍ରଣ କରି କେ. ବି. ଦତ୍ତଙ୍କ ବିରୋଧୀମାନଙ୍କୁ ଭୟଭୀତ କରିବା ଛଡ଼ା ସେ ଚିଠିର ଅନ୍ୟ ଉଦ୍ଦେଶ୍ୟ କ'ଣ ହୋଇ ଥାଇପାରେ ? ଏହା ସମ୍ଭବ ଯେ ଆନୁଷ୍ଠାନିକ ଭାବରେ ସେ କର୍ତ୍ତାମାନଙ୍କୁ କେହି ନିମନ୍ତ୍ରଣ କରି ନଥିଲେ । କିନ୍ତୁ ତା'ହେଲେ ସ୍ୱେଚ୍ଛାସେବୀମାନଙ୍କୁ କାହିଁକି କୁହାଗଲା ଯେ ମାଜିଷ୍ଟ୍ରେଟ ଆସୁଛନ୍ତି ଏବଂ ସେମାନେ ଲାଠି ତ୍ୟାଗ କରନ୍ତୁ ?... ପାଟିଗୋଳ ଯଥେଷ୍ଟ ମାତ୍ରାରେ ହେଉଥିଲା, କିନ୍ତୁ କେହି ହିଂସାଚରଣ କରିବେ, ସେଭଳି ସମ୍ଭାବନା ନଥିଲା କି ସମ୍ଭାବନାର ଆଭାସ ମଧ୍ୟ ନଥିଲା ।

''ଦ୍ୱିତୀୟ ଦିନ ଘଟିଥିଲା ଏକମାତ୍ର ହିଂସାଚାର, ଯେତେବେଳେ ମାନ୍ଦାପନ୍ଥୀମାନେ ଜଣେ ପ୍ରତିନିଧିଙ୍କୁ ଆକ୍ରମଣ କଲେ ।''(୭)

ସମ୍ମିଳନୀ ଭାଙ୍ଗିବା ବେଳେହିଁ ମେଦିନୀପୁରଠାରୁ ଅଦୂରବର୍ତ୍ତୀ ଏକ ସ୍ଥାନରେ ଲେଫ୍‌ଟ୍‌ନାଣ୍ଟ୍ ଗଭର୍ଣ୍ଣର ସାର୍ ଆଣ୍ଡ୍ରୁ ଫ୍ରେଜର୍‌ଙ୍କ ରେଳଗାଡ଼ି ତଳେ ବିସ୍ଫୋରଣ ଘଟିଲା । ଯାହାହେଉ, ଗାଡ଼ିର କ୍ଷତି ହେବା ସତ୍ତ୍ୱେ ଗଭର୍ଣ୍ଣର ବର୍ତ୍ତିଗଲେ । ସୁରେନ୍ଦ୍ରନାଥ ବାନାର୍ଜି ତାଙ୍କ ଆତ୍ମକଥାରେ ଲେଖିଛନ୍ତି ଯେ ଏଣେ ସମ୍ମିଳନୀରେ ବିଭ୍ରାଟ ହେଉଥିବା ସମୟରେହିଁ ତେଣେ ଗଭର୍ଣ୍ଣରଙ୍କ ଗାଡ଼ି ଉଡ଼ାଇ ଦେବାର ଚେଷ୍ଟା ହେଉଥିଲା । ଏ ଉଭୟ ଘଟଣାରେ ସମ୍ପୃକ୍ତ ଥିଲେ ଏକା ଗୋଷ୍ଠୀର ଲୋକ ବୋଲି ତାଙ୍କ ସନ୍ଦେହର ସୂଚନା ସେ ଦେଇଛନ୍ତି । ସଭାପତି ବି. କେ. ଦତ୍ତ ତାଙ୍କ ଅଭିଭାଷଣ ପଢ଼ିଲା ବେଳେ କିପରି ବାରଂବାର ତାଙ୍କୁ ବାଧା ଦିଆଯାଉଥିଲା ଏବଂ ଦତ୍ତ ମହାଶୟ ଏବଂ ତାଙ୍କ ନିଜର ଯୁଗ୍ମ ଚେଷ୍ଟାରେ କିପରି ସମ୍ମିଳନୀ ବିଧିବଦ୍ଧ ଭାବରେ ସମାପିତ ହେଲା, ସେକଥା ଉଲ୍ଲେଖ କରି ସେ ଲେଖିଛନ୍ତି ଯେ ମାସକ ପରେ ସୁରଟଠାରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସର ଜାତୀୟ ଅଧିବେଶନରେ ଯାହା ଘଟିବା ଅନିବାର୍ଯ୍ୟ, ମେଦିନୀପୁର ସମ୍ମିଳନୀରେ ତାହାରି ସୁସ୍ପଷ୍ଟ ସଙ୍କେତ ମିଳିଥିଲା ।(୮)

ମାନ୍ଦାପନ୍ଥୀମାନେ ଦାବି କରୁଥିଲେ ଯେ ମେଦିନୀପୁର ସମ୍ମିଳନୀରେ ମାନ୍ଦାପନ୍ଥୀ ପ୍ରତିନିଧିମାନେହିଁ ଥିଲେ ସଂଖ୍ୟା ଗରିଷ୍ଠ, କିନ୍ତୁ ବହୁ ବିବରଣୀରୁ ଜଣାପଡ଼େ, ଜାତୀୟବାଦୀମାନେହିଁ ସଂଖ୍ୟା ଗରିଷ୍ଠ ଥିଲେ । ବସ୍ତୁତଃ ଜାତୀୟବାଦୀମାନେ ସ୍ୱତଃପ୍ରବୃତ୍ତ ହୋଇ ସମ୍ମିଳନୀ ସ୍ଥଳରୁ ନିଷ୍କ୍ରାନ୍ତ ହୋଇଯାଇଥିଲେ – ସଂଘର୍ଷ ଏଡ଼ାଇବା ଉଦ୍ଦେଶ୍ୟରେ ।

''ଜାତୀୟବାଦୀମାନେ ସଂଖ୍ୟା ଗରିଷ୍ଠ ହୋଇଥିବା ସତ୍ତ୍ୱେ ମେଦିନୀପୁର ସମ୍ମିଳନୀରୁ ଅଲଗା ହୋଇଯାଇ ସ୍ୱତନ୍ତ୍ର ସମ୍ମିଳନୀରେ ଏକତ୍ର ହେଲେ – ଶ୍ରୀଅରବିନ୍ଦଙ୍କ ସଭାପତିତ୍ୱରେ ।''(୯)

(କ୍ରମଶଃ)

❑❑❑

### ତଥ୍ୟ ନିର୍ଦ୍ଦେଶିକା


୧. ହେନ୍‌ରି ନେଭିନ୍‌ସନ୍ : The New Spirit in India; Indian Reprint; Metropolitan Book Co., Delhi. (୧୯୦୭ ମସିହାରେ ଏହି ବିଖ୍ୟାତ ଇଂରେଜ ସାମ୍ବାଦିକ ଓ ଲେଖକ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ ।)

୨. ଶ୍ରୀଅରବିନ୍ଦ : SABCL, Vol. 4, P. 323

୩. ନଗେନ୍ଦ୍ର କୁମାର ଗୁହରାୟ : ''ମହାଯୋଗୀ ଶ୍ରୀଅରବିନ୍ଦ'', ଶ୍ରୀଗୁରୁ ଲାଇବ୍ରେରି, କଲିକତା ।

୪. ଏହି ସତ୍ୟେନ୍ଦ୍ରନାଥହିଁ ପରେ ଆଲିପୁର ଜେଲ ଭିତରେ କାନାଇଲାଲ ସହ ମିଶି ବିଶ୍ୱାସଘାତକ ନରେନ୍ ଗୋସାଇଁଙ୍କୁ ହତ୍ୟା କରିଥିଲେ ।

୫. ଶ୍ରୀଅରବିନ୍ଦ : Autobiographical Notes; CWSA, Vol. 36, P. 61

୬. Sri Aurobindo Archives, Pondicherry

୭. 'ବନ୍ଦେ ମାତରମ୍'; CWSA, Vol. 7, P. 788

୮. ସୁରେନ୍ଦ୍ର ନାଥ ବାନାର୍ଜୀ : A Nation in Making : Oxford University Press

୯. ଜ୍ୟୋତିଷ ଚନ୍ଦ୍ର ଘୋଷ : Life-Work of Aravindo

# ଗୁଜବ ଓ ପରଚର୍ଚ୍ଚା ସମ୍ପର୍କରେ

## ଶ୍ରୀମା

*ପ୍ରଶ୍ନ : ଅନ୍ୟମାନଙ୍କ ସମ୍ପର୍କରେ ଖବର ସଂଗ୍ରହ କରିବା କ'ଣ ଖରାପ ?*

ଉତ୍ତର : ଏହା ଅତ୍ୟନ୍ତ ଖରାପ, କ୍ଷତିକାରକ ଓ ଯେଉଁମାନେ ଏପରି ପରଚର୍ଚ୍ଚା କରନ୍ତି ଏହା ଫଳରେ ଯେ ସେମାନଙ୍କ ଚେତନାର ପତନ ହୁଏ ଖାଲି ସେତିକି ନୁହେଁ, ଏହା ମଧ୍ୟ ସେହି ସ୍ଥାନର ସାଧାରଣ ବାତାବରଣକୁ ଦୂଷିତ କରେ ।

(୨୯. ୭. ୧୯୬୭)

*

ଅନ୍ୟ ଲୋକମାନଙ୍କର ଦୋଷ ସମ୍ପର୍କରେ ଆଲୋଚନା କରିବା ନିତାନ୍ତ ଖରାପ । ପ୍ରତ୍ୟେକ ଲୋକର ଦୋଷ ଦୁର୍ବଳତା ରହିଛି, ସେଗୁଡ଼ିକ ଉପରେ ଭାବି ଚାଲିଲେ ସେଗୁଡ଼ିକୁ ସଂଶୋଧନ କରିବା ଦିଗରେ ତାହା କେବେ ସାହାଯ୍ୟ କରେ ନାହିଁ ।

(ଜୁନ୍ ୧୯୬୬)

*

ଅନେକ ସମୟରେ ସମାଲୋଚନା ଓ ଦୋଷାରୋପର ଭାବନେଇ ଯେତେବେଳେ କଥାବାର୍ତ୍ତାରେ ଅସଂଯତ ଆଚରଣ ପ୍ରକାଶ ପାଏ, ତାହାକୁ ସଂଶୋଧନ କରିବାକୁ ହେଲେ :

୧. ତୁମେ ଯେତେବେଳେ ଏହିପରି ଅବସ୍ଥାରେ ଥାଅ, ସେତେବେଳେ କୌଣସି କଥାବାର୍ତ୍ତା ନକରିବାକୁ ଚେଷ୍ଟା କର । ଯଦି ଦରକାର ହୁଏ, ଚେଷ୍ଟା କର ଯେପରିକି ସେତେବେଳେ ଶାରୀରିକ ଭାବେ ବି କଥାବାର୍ତ୍ତା କରିବା ତୁମ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ ହେବ ।

୨. ନିର୍ମମ ଭାବରେ ନିଜକୁ ଦେଖ, ତା'ହେଲେ ଦେଖି ପାରିବ ଯେଉଁ ଦୋଷଗୁଡ଼ିକ ପାଇଁ ଅନ୍ୟମାନେ ତୁମର ହାସ୍ୟାସ୍ପଦ ଓ ସମାଲୋଚନାର ପାତ୍ର ହୁଅନ୍ତି, ତୁମ ନିଜ ଭିତରେ ସେସବୁ ପୂରି ରହିଛି ।

୩. ତୁମ ପ୍ରକୃତି ଭିତରେ ଏହି ଭାବରେ ଠିକ୍ ବିପରୀତ ଭାବକୁ ଅର୍ଥାତ୍ ପରୋପକାର, ବିନୟ ଓ ଶୁଭେଚ୍ଛା ଆଦିର ଭାବକୁ ଆବିଷ୍କାର କର ଏବଂ ଏହାର ବିରୋଧୀ ଗୁଣଗୁଡ଼ିକ ପରିବର୍ତ୍ତେ ଏହି ସଦ୍‌ଭାବର ବିକାଶ ପାଇଁ ଚେଷ୍ଟା କର ।

*

ଏହିସବୁ ମତାମତ ଓ ଆଲୋଚନାଗୁଡ଼ିକ କେବଳ ମାନସିକ ଓ ସତ୍ୟ ଦୃଷ୍ଟିରୁ ଏଗୁଡ଼ିକର କିଛି ମୂଲ୍ୟ ନାହିଁ, ପ୍ରତ୍ୟେକ ମନର ବିଷୟସବୁକୁ ଦେଖିବାର ଓ ବୁଝିବାର ନିଜସ୍ୱ ପଦ୍ଧତି ଅଛି, ଏବଂ ଏପରିକି ଯଦି ତୁମେ ଏଇ ସବୁଗୁଡ଼ିକ ବିଚାରକୁ ଏକତ୍ର କର ତଥାପି ମଧ୍ୟ ତୁମେ ସତ୍ୟର ଉପଲବ୍ଧିଠାରୁ ବହୁ ଦୂରରେ ରହିବ ଯେତେବେଳେ କେବଳ ମନର ନିରବତା ମଧ୍ୟରେ ତୁମେ ନିଜକୁ ଚିନ୍ତାର ଊର୍ଦ୍ଧ୍ୱକୁ ଉଠାଇ ନେଇପାର, ସେତେବେଳେ ତୁମେ ଏକାତ୍ମତା ସ୍ଥାପନ ଦ୍ୱାରା କୌଣସି ବିଷୟ ନିର୍ଭୁଲ ରୂପେ ଜାଣି ପାରିବ ।

ବାହାର ଶୃଙ୍ଖଳା ଦିଗରୁ ଏହା ଅପରିହାର୍ଯ୍ୟ ଯେ, ଯେତେବେଳେ ତୁମେ କୌଣସି ମତ ପ୍ରକାଶ କର, ବରାବର ମନେ ରଖିବା ଉଚିତ ଯେ ଏହା କେବଳ ଗୋଟିଏ ମତ, ଅନୁଭବ ବା ଦୃଷ୍ଟିକୋଣର ଗୋଟିଏ ଭଙ୍ଗୀ ମାତ୍ର ।

ଅନ୍ୟ ଏକ ପ୍ରକାର ମତ ବା ଦୃଷ୍ଟିଭଙ୍ଗୀ ପୋଷଣ କରିବା ପାଇଁ ତୁମପରି ଅନ୍ୟମାନଙ୍କର ମଧ୍ୟ ନ୍ୟାୟସଙ୍ଗତ ଅଧିକାର ଅଛି । ତେଣୁ ସେମାନଙ୍କୁ ବିରୋଧ କରିବା ପରିବର୍ତ୍ତେ ସେସବୁଗୁଡ଼ିକୁ ଏକ ବୃହତ୍ତର ସମନ୍ୱୟ ଭିତରେ ଏକତ୍ର କରିବାକୁ ଚେଷ୍ଟା କରିବା ଉଚିତ ।

ମୋଟ ଉପରେ ଆଲୋଚନାସବୁ ସର୍ବଦା ନିରର୍ଥକ ଏବଂ ମୋ' ମତରେ ସମୟର ଅପଚୟ ।

*

ଯେପର୍ଯ୍ୟନ୍ତ ତୁମେ କେତେକଙ୍କୁ ସମର୍ଥନ କରୁଥିବ ଓ କେତେକଙ୍କୁ ବିରୋଧ କରୁଥିବ ସେପର୍ଯ୍ୟନ୍ତ ତୁମେ ନିଶ୍ଚିନ୍ତ ଭାବରେ ସତ୍ୟଠାରୁ ଦୂରରେ ।

*

ତୁମ ହୃଦୟରେ ବରାବର ଶୁଭେଚ୍ଛା ଓ ପ୍ରେମର ଭାବ ପୋଷଣ କର, ତାହା ସମସ୍ତଙ୍କ ପ୍ରତି ସମତା ଓ ପ୍ରଶାନ୍ତିର ସହ ନିଃସୃତ ହେଉ ।

*

ସେହି ବ୍ୟକ୍ତି କ'ଣ କରୁଛି ବା କ'ଣ ନକରୁଛି ସେ ବିଷୟରେ କୌଣସି ଚର୍ଚ୍ଚା କରିବା ଭୁଲ୍ ।

ଏହିସବୁ ପରଚର୍ଚ୍ଚା ଶୁଣିବା ଭୁଲ୍, ଏହିସବୁ ଚର୍ଚ୍ଚାର ସତ୍ୟାସତ୍ୟ ନିରୂପଣ କରିବା ଭୁଲ୍ । କୌଣସି ଭୁଲ୍ ଚର୍ଚ୍ଚା ବିରୋଧରେ ବାକ୍ୟ ପ୍ରୟୋଗ କରିବା ଭୁଲ୍ ।

ସମସ୍ତ ବିଷୟଟାହିଁ ନିଜର ସମୟ ନଷ୍ଟ କରିବା ପାଇଁ ଓ ନିଜର ଚେତନାକୁ ନିମ୍ନଗାମୀ କରିବା ପାଇଁ ଏକ ପ୍ରଶସ୍ତ ବାଟ, ବାତାବରଣରୁ ଏହି ଅତି କୁତ୍ସିତ ଅଭ୍ୟାସକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରା ନଗଲେ ଆଶ୍ରମ କେବେହେଲେ ନିଜର ଦିବ୍ୟଜୀବନର ଲକ୍ଷ୍ୟରେ ପହଞ୍ଚି ପାରିବ ନାହିଁ ।

ମୁଁ ଆଶା କରୁଛି ସମସ୍ତେ ତୁମ ପରି ଅନୁତପ୍ତ ହୁଅନ୍ତୁ ଓ ଏହି ପ୍ରକାର ଅସୁସ୍ଥ କ୍ରିୟାକଳାପରୁ ବିରତ ହୁଅନ୍ତୁ ।

(୧୨.୧୦.୧୯୬୭)

❑❑❑

# ପ୍ରସନ୍ନଚିତ୍ତତା

ପର୍ଶିଆର ଏକ ଭଦ୍ର ମହିଳା ମହୁ ବ୍ୟବସାୟ କରୁଥିଲେ । ମାର୍ଜିତ-ରୁଚିସମ୍ପନ୍ନ ସେ ଭଦ୍ରମହିଳାଙ୍କ ଦୋକାନ ସମ୍ମୁଖରେ ପ୍ରାୟ ଜନଗହଳି ଲାଗି ରହୁଥିଲା । ସ୍ତ୍ରୀ ଲୋକଟି ଉପରେ ମନ୍ତବ୍ୟ ବ୍ୟକ୍ତ କରି ଜଣେ କବି କହୁଛନ୍ତି ଯଦି ଭଦ୍ର ମହିଳା ବିଷ ବିକନ୍ତି; ତେବେ ବି ଲୋକେ ତାକୁ ମହୁ ଭାବି କିଣି ନେବେ ।

ମଧୁ ବିକ୍ରେତା ଭଦ୍ର ମହିଳା ପ୍ରଚୁର ଲାଭ ଉଠାଉଥିବାର ଦେଖି ଜଣେ ଚିଡ଼ିଚିଡ଼ା ମିଜାଜର ବ୍ୟକ୍ତି ସେହି ବେଉସା ଗ୍ରହଣ କରିବାକୁ ସ୍ଥିର କଲା ।

ତେଣୁ ସେ ଏକ ଛୋଟ ଦୋକାନ ଖୋଲିଲା, ମାତ୍ର ଧାଡ଼ି ହୋଇ ରହିଥିବା ମଧୁପାତ୍ରର ପଛପଟେ ତା'ର ମୁଖଟି ତିକ୍ତ ଓ ବିରକ୍ତିକର ଦେଖାଯାଉଥିଲା । ତା' ପାଖକୁ ଆସୁଥିବା ଗ୍ରାହକ ତା'ଠାରୁ ନୈରାଶ୍ୟଜନକ ବ୍ୟବହାର ପାଇ ତା'ର ବିକ୍ରୟ ଜିନିଷ ଓ ତାକୁ ଉପେକ୍ଷିତ କରି ଚାଲିଯାଉଥିଲେ । ଏଠାରେ କବି କହୁଛନ୍ତି, ''ଏପରିକି ମାଛିଟିଏ ମଧ ତା' ମହୁ ଉପରେ ବସୁ ନଥିଲା ।'' ଲୋକଟି ସନ୍ଧ୍ୟା ପର୍ଯ୍ୟନ୍ତ କିଛି ବି ରୋଜଗାର କରି ପାରି ନଥିଲା । ଜଣେ ଭଦ୍ର ମହିଳା ଏସବୁ କଥା ଦେଖି ତା'ର ସ୍ୱାମୀଙ୍କୁ କହିଲେ, ''ବ୍ୟକ୍ତିଟିର ତିକ୍ତ ଓ ରୁକ୍ଷ ଚେହେରା ମହୁକୁ ମଧ ତିକ୍ତ ସ୍ୱାଦରେ ପରିଣତ କରିଦେଇଛି ।''

ମହୁ ବିକ୍ରୟ କରୁଥିବା ଭଦ୍ର ମହିଳା କ'ଣ କେବଳ ସ୍ମିତହାସ୍ୟ ଦ୍ୱାରା ଗ୍ରାହକମାନଙ୍କୁ ଆକର୍ଷିତ କରୁଥିଲା ? ଅନ୍ୟଥା ଏପରି କୁହାଯାଇପାରେ ସ୍ତ୍ରୀଲୋକଟିର ମହତପଣିଆହିଁ ତା'ର ପ୍ରଫୁଲ୍ଲତାର କାରଣ । କିଣାବିକା ନିମନ୍ତେ କେବଳ ଆମେ ପୃଥିବୀରେ ନାହୁଁ, ଆମେ ପରସ୍ପରର ବନ୍ଧୁ ହୋଇ ଏଠାରେ ରହିବା ଉଚିତ । ସେହି ଉଦାରମନା ମହିଳାର ଗ୍ରାହକମାନେ ଉପଲବ୍ଧି କରୁଥିଲେ ମହୁ ବିକିବା ବ୍ୟତିରେକେ ମହିଳା ଜଣକ ଅଧିକ କିଛି ଅଟନ୍ତି : ଯଥାର୍ଥରେ ସେ ଭଦ୍ର ମହିଳା ପୃଥିବୀର ଜଣେ ପ୍ରସନ୍ନଚିତ୍ତା ନାଗରିକା ।

(CWM Vol 2, Page 185) – ଶ୍ରୀମା ❑

ଯୋଗସମନ୍ୱୟ (୬୭)

# ସମତାର କ୍ରିୟା ଓ ପରିଣାମ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ତ୍ରୟୋଦଶ ଅଧ୍ୟାୟ ''ସମତାର କ୍ରିୟା'' (**The Synthesis of Yoga, Part - IV, The Yoga of Self-Perfection, Chapter - XIII "The Action of Equality"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ସମତାର କ୍ରିୟା ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରଥମେ ସମତା କ'ଣ ଓ ସମତା କ'ଣ ନୁହେଁ ସେସମ୍ପର୍କରେ ସ୍ମରଣ କରାଇଦେବାର ଆବଶ୍ୟକତା ଅଛି । ସମତା କେବଳ ଉଦାସୀନତା ନୁହେଁ । ସମସ୍ତ କର୍ମର ଅନୁଭୂତିରୁ ଆପଣାକୁ ପ୍ରତ୍ୟାହୃତ କରିପାରିବା ବି ସମତା ନୁହେଁ । ସମତା ଏକ ଆଧ୍ୟାତ୍ମିକ ସ୍ଥିତି ଓ ମାର୍ଗ । ଏହା ମନ ଓ ପ୍ରାଣର ପ୍ରତିକ୍ରିୟାର ଊର୍ଦ୍ଧ୍ୱରେ । ଏହା ସେମାନଙ୍କଠାରୁ ଏକ ଉଚ୍ଚ ଆଧ୍ୟାତ୍ମିକ ସ୍ଥିତି । ଦିବ୍ୟପ୍ରକୃତି ଲାଭ କରିବା ପାଇଁ ଏହା ପ୍ରଥମ ପଦକ୍ଷେପ । ଏକ ଉଚ୍ଚଚେତନାର ସ୍ଥିତିରେ ରହି କାମନା-ବାସନାର ଚାପରୁ ସମ୍ପୂର୍ଣ୍ଣ ମୁକ୍ତ ଅବସ୍ଥାହିଁ ସମତା । ଏହା ଦିଏ ସ୍ୱରାଜ୍ୟ (Self empire) । ସମତା ହେଉଛି ଜୀବନ ଉପରେ ଆତ୍ମାର ପ୍ରଭୁତ୍ୱଲାଭ ।

ଶରୀରସ୍ଥ ମନୋମୟ ସତ୍ତା ପ୍ରାଣକୁ ବାଧକରେ ତା' ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ, ମାତ୍ର ପ୍ରାଣସତ୍ତା ମନକୁହିଁ ତା'ର ବାସନାଗୁଡ଼ିକ ନିକଟରେ ଅସହାୟ କରିପକାଏ । କିନ୍ତୁ ପ୍ରାଣ ଉପରେ ଅଧିକାର ଲାଭ ନକଲେ ସମତା ଆଣିବା ଅସମ୍ଭବ । ଏହାହିଁ ଆତ୍ମସାମ୍ରାଜ୍ୟର ମୂଳ ଭିତ୍ତି । ଆତ୍ମାର ସଂକଳ୍ପ ଓ କ୍ରିୟାକ୍ଷେତ୍ରରେ ସମତାହିଁ ସମସ୍ତ ବାସନାରୁ ମୁକ୍ତି ଦେଇପାରେ । କାରଣ ଆତ୍ମାର ଅଛି ସେପରି ଅସୀମ ଧୈର୍ଯ୍ୟ ଶକ୍ତି ଯାହା ସକଳ କ୍ଷିପ୍ର ଓ ଉଗ୍ରକର୍ମରେ ସମତା ରକ୍ଷା କରିପାରେ । ଏହା କି କ୍ଷୁଦ୍ର କି ବୃହତ୍ ସକଳ କର୍ମରେ ସମାନଭାବେ ଦୃଢ଼ ସ୍ଥିତିରେ ରହିପାରେ । ଏହା ସକଳ ଅବସ୍ଥାରେ ପ୍ରଶାନ୍ତି, ଜ୍ଞାନ, ସଂକଳ୍ପ ଓ ଶକ୍ତିମତ୍ତାକୁ ନିଜ ମଧ୍ୟରେ ରକ୍ଷା କରିପାରେ ବା ଧାରଣ କରିପାରେ । ଏହା ସକଳ ପାଶରୁ ମୁକ୍ତ ଏକ ଓ ଅଖଣ୍ଡ (ଏକମ୍ ଅନୁପଶ୍ୟତ) ଅବସ୍ଥା ମଧ୍ୟ ।

ବାହାରର ସବୁ କାର୍ଯ୍ୟକୁ ପ୍ରତ୍ୟାଖ୍ୟାନ କରି ଅନ୍ତରାବୃତ ହୋଇ ଭିତରେ ବୁଡ଼ିରହିବା, ବୃତ୍ତିର ସ୍ପନ୍ଦନକୁ ନିରୁଦ୍ଧ କରିପାରିବା ଦ୍ୱାରା ଏକ ପ୍ରକାର ସମତା ସମ୍ଭବ ହୁଏ । କିନ୍ତୁ ଏ ସମତା ସମାଧିର ସମତା, ଜୀବନର ନୁହେଁ । ସମାଧିରେ ଅନୁଭୂତ ଏ ସମତାକୁ ଜୀବନର ସକ୍ରିୟ କ୍ଷେତ୍ରକୁ, ଜାଗ୍ରତ୍ ଅବସ୍ଥାକୁ ବା ବ୍ୟୁତ୍ଥାନକୁ କ'ଣ ଅଣା ଯାଇପାରେ ? ଗୀତାରେ ଯେପରି କୁହାଯାଇଛି ଯୋଗସ୍ଥ କର୍ମ, ତା' କ'ଣ ସମ୍ଭବ ? କିନ୍ତୁ ତାହାହିଁ ତ ସ୍ଥିତପ୍ରଜ୍ଞତ୍ୱ, ଯାହା ଆମ ଜୀବନର ଆଦର୍ଶ । ଏଣୁ ଚିତ୍ତବୃତ୍ତିର କେବଳ ନିରୋଧ ସ୍ଥିତପ୍ରଜ୍ଞତ୍ୱ ନୁହେଁ । ଏହାର ସାଧନା ହେଲା ଇନ୍ଦ୍ରିୟ ସଂଯମ, କାମନା-ବାସନା ବର୍ଜନ, ଅନ୍ତରାବୃତ୍ତି, ସକଳ ଦ୍ୱନ୍ଦ୍ୱର ଊର୍ଦ୍ଧ୍ୱରେ ଏକ ଉଚ୍ଚ ଆଧ୍ୟାତ୍ମିକ ସ୍ଥିତିରେ ଉପନୀତ ହେବା । ସମୁଦ୍ର ପରି ଗଭୀର ଓ ପ୍ରଶାନ୍ତ ପରିବ୍ୟାପ୍ତ ଚେତନାରେ ବାସ କରିବାକୁ ହେବ, ଚିତ୍ତକୁ ପ୍ରଶାନ୍ତ କରିବାକୁ ହେବ । ଏପରି ଅବସ୍ଥାରେ ପ୍ରକାଶ ପାଇବ ସଦା ପ୍ରସନ୍ନତା ଓ ସଚେତନତା । ଏହି ସ୍ଥିତପ୍ରଜ୍ଞ ଯୋଗୀ ସକଳ କର୍ମ ପ୍ରଶାନ୍ତ ଚିତ୍ତରେ ସାଧନ କରିପାରେ, ଯେପରି କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ଭଗବାନ୍ ପ୍ରସ୍ତୁତ କରିଥିଲେ କର୍ମ କରିବାକୁ, ତାହା ଯୁଦ୍ଧ ହେଉ, ଗୃହକର୍ମ ବା ଅନ୍ୟ କିଛି ହେଉ । ଏହିପରି କର୍ମକୁ କର୍ମ କହିପାରିବା ଆଉ ଅକର୍ମ ବି କହିପାରିବା । ଯଦି ବ୍ୟକ୍ତି କାର୍ଯ୍ୟ କରିବ ସେ ଅକର୍ତ୍ତା ବୋଲି କିପରି କହିବା ? ଏହାକୁ ମନ ବୁଝିପାରିବ ନାହିଁ । ଏହା ବୋଧି ଓ ଅତିମାନସ ବିଜ୍ଞାନର ବିଷୟ । କାରଣ ବ୍ୟକ୍ତି ଏଠି ପରମଙ୍କ ସଂକଳ୍ପର ଯନ୍ତ୍ରମାତ୍ର । ସେ କର୍ତ୍ତା କିପରି ହୋଇପାରେ ?

ସମତ୍ୱରେ ପ୍ରତିଷ୍ଠିତ ସାଧକ ଯେଉଁ ଯେଉଁ ଦୈବୀସମ୍ପଦ ସହଜରେ ପ୍ରାପ୍ତକରେ ତାହାହେଲା – ଅନାସକ୍ତି, ଶାନ୍ତି, ସୁଖ ଏବଂ ହାସ୍ୟମୟତା ବା ଆନନ୍ଦ । ଏସବୁ ଅଧ୍ୟାତ୍ମ ପ୍ରସାଦ ।

କିନ୍ତୁ ଏ ସମତ୍ୱସିଦ୍ଧି ଦାବି କରେ ବ୍ୟକ୍ତିର ଆକାଶବତ୍ ପ୍ରସାରତା । ଏଥିପାଇଁ ସକଳ କ୍ଷୁଦ୍ର ସୁଖ ବର୍ଜନ, ସଂସ୍କାର ବର୍ଜନ କରିବାକୁ ହୁଏ, ଯାହା ଦିନେ ବା ଓଳିକରେ ସମ୍ଭବ ନୁହେଁ ।

ସାଧକର ପ୍ରଥମ କର୍ତ୍ତବ୍ୟ ହେବ, ତାକୁ ଜାଣିବାକୁ ହେବ ସମତା ତା'ଠାରେ ପରିପୂର୍ଣ୍ଣଭାବେ ରହିଛି କି ନାହିଁ । ଏଥିରେ କ'ଣ ସବୁ ତ୍ରୁଟି ରହିଛି । ଏଣୁ ତାକୁ ଅବିଚଳିତ ଭାବେ, ସାମାନ୍ୟ ବ୍ୟସ୍ତ ବିବ୍ରତ ନହୋଇ ନିଜ ତ୍ରୁଟି-ବିଚ୍ୟୁତି ଉପରେ ଆପଣାର ସଙ୍କଳ୍ପ ଶକ୍ତିକୁ ପ୍ରୟୋଗ କରି, ବିବ୍ରତ ଭାବକୁ ଦୂର କରି ଚାଲିବାକୁ ହେବ । ସମତାରୁ ଯେଉଁ ଦୈବୀସଂପଦ ସେ ପ୍ରାପ୍ତ କରିବ ତହିଁରୁ ପ୍ରଥମଟି ହେଲା ଅନନ୍ତତ୍ୱ ଓ ନିଜ ମଧ୍ୟରେ, ନିଜର ଚତୁର୍ଦ୍ଦିଗରେ ଯାହା ବିଦ୍ୟମାନ ତହିଁ ଉପରେ ଅନାସକ୍ତି ଓ ସାମ୍ୟଭାବ ସ୍ଥାପନ । ଦ୍ୱିତୀୟଟି ଶାନ୍ତି, ତାହା ସକଳ ବିକ୍ଷୁବ୍ଧ-ମୁକ୍ତ ଅବସ୍ଥା । ତୃତୀୟରେ ସୁଖ ହେଲା ଏକ ଆଧ୍ୟାତ୍ମିକ ସୁଖ, ଏକ ଆଧ୍ୟାତ୍ମିକ ସହଜଭାବ ସତ୍ତାରେ ଅନୁଭବ କରିବା । ଶେଷଟି ଆନନ୍ଦ, ଯାହା ସ୍ୱଚ୍ଛ ହର୍ଷଭାବ । ଏହା ପୂର୍ବେ ସୂଚିତ କରିଛୁ । ଅବିଚଳିତ ଶାନ୍ତିଲାଭ ଏହାର କଷଟି ।

ସାଧକ ସମତା ପ୍ରତିଷ୍ଠା ପାଇଁ କୌଣସି ପ୍ରାଣିକ ଆବେଗ, ସଂବେଗ ବା ଭାବନା ଓ ଅହଂପ୍ରେରିତ ଦାବି ଓ ଯୁକ୍ତିକୁ ବା ଏ ସମ୍ପର୍କୀୟ ବାହାନାକୁ ମୋଟେ ଗ୍ରହଣ ନକରି, ତହିଁରୁ ପୃଥକ୍ ରହି ବୁଦ୍ଧି ଦ୍ୱାରା ତାକୁ ନିରାକୃତ କରି ଉଚ୍ଚତର ପ୍ରକୃତି ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବ । ମାତ୍ର ଯଦି ବୁଦ୍ଧି ଓ ସଂକଳ୍ପ ଶକ୍ତି ଦୂଷିତ ବୋଲି ଜାଣି ହେବ, ତେବେ ଈଶ୍ୱରଙ୍କ ଶ୍ରୀଚରଣରେ ଆତ୍ମସମର୍ପଣହିଁ ଏଠାରେ ସମତା ଲାଭର ଶ୍ରେଷ୍ଠ ଉପାୟ ବୋଲି ଧରି ନେବାକୁ ହେବ । ଯାବତୀୟ ହୀନ ଆଗ୍ରହ, ଅଭିରୁଚିଗୁଡ଼ିକୁ ଏପରି ଅବସ୍ଥାରେ ନିରୁତ୍ସାହିତ କରିବାର ଉପାୟ ଉଦ୍ଭାବନ ମଧ୍ୟ କରିବାକୁ ହେବ । କାହିଁକି ନା ଏସବୁ ଅହଂର ସଂରଚନା ଓ ଏହା ପରମଙ୍କ ବିରୋଧରେ ଅହଂର ବିଦ୍ରୋହ । ଯେପରି ହେଉ ସାଧକ ସଦା ଅହଂମୁକ୍ତ, ଈଶ୍ୱରାର୍ପିତ ଏବଂ ଖୁସିମିଜାଜର ହେବା ସମତା ସାଧନା ପାଇଁ ଅପରିହାର୍ଯ୍ୟ । ଏଥିପାଇଁ ଅପଶକ୍ତି ବିରୋଧରେ ସାଧକର ସଂଗ୍ରାମ ଚାଲୁ ରଖିବାକୁ ହେବ । ସର୍ବଦା ସ୍ମରଣ ରଖିବାକୁ ହେବ ଆମେ ଅସୀମ ସଙ୍ଗେ ନିତ୍ୟଯୁକ୍ତ, ଆମର ଜୀବନର ରୂପ, ଆମର ସକଳ କ୍ରିୟା ପଶ୍ଚାତରେ ପରମଙ୍କ ଶୁଦ୍ଧ ସଂକଳ୍ପହିଁ ବିଦ୍ୟମାନ ।

ପରିପୂର୍ଣ୍ଣ ଆତ୍ମସମର୍ପଣହିଁ ସାଧକର ସର୍ବପ୍ରଧାନ ନିର୍ଭର ଭୂମି । ଏହା ସମତା ସାଧନାର ଶ୍ରେଷ୍ଠ ପନ୍ଥା, ନିଶ୍ଚଳତା ଓ ଶାନ୍ତି ଲାଭର ଏହା ନିଶ୍ଚିତ ଉପାୟ । ଯଦିଚ କର୍ମନିବୃତ୍ତି ମଧ୍ୟ ଏକ ପନ୍ଥା, ମାତ୍ର ପୂର୍ଣ୍ଣଯୋଗୀ ଜୀବନବାଦୀ । ସେ ଏହାକୁ ଗ୍ରହଣ କରିପାରିବ ନାହିଁ । ସାଧନା ପଥ ବଡ଼ ଜଟିଳ । ଅଶାନ୍ତି ବାରଂବାର ଆସିପାରେ, ମାତ୍ର ଏଥିରେ ହତୋତ୍ସାହିତ ନହୋଇ ଅଶାନ୍ତିର ନିରାକରଣ ପ୍ରକ୍ରିୟାରେ ଅଧ୍ୟାତ୍ମଭାବ ପ୍ରେରିତ ବୁଦ୍ଧିର ସାହାଯ୍ୟ ନେବାକୁ ହେବ । ଏହାଦ୍ୱାରା କ୍ରମଶଃ ଅଳ୍ପ ବା ଦୀର୍ଘକାଳ ପରେ ଶାନ୍ତି ଓ ସ୍ଥିରତା ଆସିଯିବ । ଏହା ହୋଇଯିବ ଶେଷରେ ସତ୍ତାର ବିଧାନ । ଏହି ଅଧ୍ୟାତ୍ମ ବୁଦ୍ଧିର ସାହାଯ୍ୟ ସେତେବେଳ ଯାଏ ନେବାକୁ ହେବ, ଯେତେଦିନ ଯାଏ ଅତିମାନସ ମନ ଓ ହୃଦୟକୁ ଅଧିକାର କରି ନଥାଏ । ଅତିମାନସର ଏପରି ପ୍ରତିଷ୍ଠା ପରେ ଅଶାନ୍ତିର ପୂର୍ଣ୍ଣ ସମାପ୍ତି ଘଟେ ।

ସମତ୍ୱର ପରିଣାମ କେବଳ ସ୍ଥିରତା ନୁହେଁ, ଶାନ୍ତି ମଧ୍ୟ । ଏହା ବିଶୁଦ୍ଧ ଅସ୍ତିତ୍ୱବୋଧ । ଗୀତାର ଭାଷାରେ ତାହା ଆପୂର୍ଯ୍ୟମାଣ ଅଚଳପ୍ରତିଷ୍ଠ ସମୁଦ୍ର ଭଳି । ଚେତନାର ନିବୃତ୍ତି ଧାରାର ଏହା ଶେଷ ପରିଣାମ ଓ ପ୍ରବୃତ୍ତିର ଉତ୍ସ । ଅବର୍ଣ୍ଣ ଆକାଶରେ ଆଲୋକର ପ୍ରକାଶ ପରି, ପୁରୁଷ ଦୃଷ୍ଟିରେ ଶାନ୍ତି ଓ ତା'ରି ପୃଷ୍ଠଭୂମିରେ ପ୍ରକୃତିର କ୍ରିୟାର ପରିଣାମ । ସେହି ଶାନ୍ତ ଅବସ୍ଥାରେ ଯାହାକିଛି ଘଟୁ ପଛେ, ଶାନ୍ତି ସର୍ବଦା ସମଗ୍ର ସତ୍ତାରେ ଅନୁଭୂତ ହେବ । ସୁସ୍ଥ ଅବସ୍ଥାରେ, ରୁଗ୍ଣ ଅବସ୍ଥାରେ, ସୁଖରେ, ଦୁଃଖରେ, ତୀବ୍ର ବେଦନାରେ, ସଫଳତା ଓ ବିଫଳତାରେ, ଆପଣାର ବା ଅନ୍ତରଙ୍ଗ ବନ୍ଧୁ ଓ ପ୍ରିୟଜନଙ୍କ ସୌଭାଗ୍ୟ ଓ ଦୁର୍ଭାଗ୍ୟରେ, ମାନ ଓ ଅପମାନରେ, ପ୍ରଶଂସା ଓ ନିନ୍ଦାରେ, ନିଜ ପ୍ରତି ମିଳୁଥିବା ନ୍ୟାୟ ଓ ଅନ୍ୟାୟରେ, ନିଜ ଉପରେ ପଡ଼ୁଥିବା ଚାପରେ ବିହ୍ୱଳ ବା ବିଚଳିତ ନହୋଇ ସେହି ଶାନ୍ତିକୁ ଅଖଣ୍ଡ, ପରିପୂର୍ଣ୍ଣ ଓ ଅଚଳ ରଖିବାକୁ ପଡ଼ିବ ।

ସାଧକ ସର୍ବତ୍ର ଅନୁଭବ କରିବ ସବୁକିଛି ସମ୍ଭବ ହେଉଛି ଏକ ଦିବ୍ୟଇଚ୍ଛା ଦ୍ୱାରା । ଆମକୁ ଅନୁଭବ କରିବାକୁ ହେବ ସର୍ବତ୍ର ପରମେଶ୍ୱରଙ୍କୁ ଓ ତାଙ୍କ ଶକ୍ତିକୁ, ସଂକଳ୍ପକୁ – ନିଜ ମଧ୍ୟରେ, ସକଳଙ୍କ ମଧ୍ୟରେ, ନିଜ ଶତ୍ରୁଙ୍କ ମଧ୍ୟରେ ମଧ୍ୟ । ଆମ ବିକାଶର ସହାୟକ ଓ ପ୍ରତିରୋଧକାରୀ ଶକ୍ତିମାନଙ୍କ ମଧ୍ୟରେ ସେହି ପରମେଶ୍ୱରଙ୍କୁ ଓ ତାଙ୍କ ଶକ୍ତିକୁ ଅନୁଭବ କରିବାକୁ ହେବ । ଏବେ ସମସ୍ତେ ହୋଇଯିବେ ଆମ ଆତ୍ମା ସହ ଅଖଣ୍ଡଭାବେ ଏକାକାର । ଏହି ପଥରେ ଅଳ୍ପ କିଛି ଅଗ୍ରଗତି

ମଧ୍ୟ ଶୁଭପ୍ରଦ, ''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍'' । କିଛି ଅଳ୍ପ ସାଧନାଦି ବହୁ ବିଘ୍ନନାଶନକାରୀ; ଏହା ପରିପୂର୍ଣ୍ଣତା ଦିଗରେ ଏକ ମହାନ୍ ପଦକ୍ଷେପ । ଏହାର ପ୍ରଭାବ ମଧ୍ୟ ପଡ଼ିବ ଦ୍ରୁତଭାବରେ ସିଦ୍ଧିର ଅନ୍ୟାନ୍ୟ କ୍ଷେତ୍ର ଉପରେ । ଏହି ଶାନ୍ତି ପ୍ରତିଷ୍ଠା ହେଲେ ବ୍ୟକ୍ତି ସ୍ୱତଃ ଈଶ୍ୱରଙ୍କ ପରମ ସଂକଳ୍ପର ଯନ୍ତ୍ର ହୋଇଯାଏ । ତା' ଉପରୁ ଅହଂପ୍ରେରିତ ଇଚ୍ଛା, ବାସନା, ଅସହିଷ୍ଣୁତା, ଅନମନୀୟ ଉଗ୍ର ରୁଚିମାନ କ୍ରମଶଃ ନିଷ୍ପ୍ରଭ ହୋଇ ଶେଷରେ ନିଜର ଅସ୍ତିତ୍ୱ ହରାଇ ବସନ୍ତି, କ୍ରମଶଃ ଅନୁଭବ ହୁଏ ଯେ ଜୀବନର ସମସ୍ତ କିଛିର କର୍ତ୍ତାହିଁ ପରମେଶ୍ୱର । ଆମେ ତାଙ୍କ ଇଚ୍ଛାରେ ପରିଚାଳିତ । ଗୀତାର ଭାଷାରେ ''ଯଥା ନିଯୁକ୍ତୋଽସ୍ମି ତଥା କରୋମି'' । ପ୍ରଭୁ ଯେପରି ଆଦେଶ ଦେବେ, ମୁଁ ସେପରି କରିବି ।

ଏବେ ଈଶ୍ୱର ଆମର ସକଳ କାର୍ଯ୍ୟର ନିୟାମକ, ତାଙ୍କ ସଂକଳ୍ପ, ତାଙ୍କ ଶକ୍ତିରେ ଆମ ମଧ୍ୟରେ ସବୁକିଛି ଘଟୁଛି – ଏ ଧାରଣା ବା କଳ୍ପନା ଆମ ମଧ୍ୟରେ ଯାହା ଗୌଣଭାବେ ପୂର୍ବେ ରହିଥିଲା, ଏବେ ତାହା ଏକ ଝଲକ ନୁହେଁ, ତାହା ସମ୍ପୂର୍ଣ୍ଣ ସକ୍ରିୟ, ଦୃଶ୍ୟମାନ ଓ ବାସ୍ତବ । ଏହା ଅନୁଭୂତ ହେବ ଜୀବନର ପ୍ରତି ପଦକ୍ଷେପରେ ନିଃସନ୍ଦେହ ଭାବେ । ମନକୁ ଈଶ୍ୱରଙ୍କର ଏକ ପ୍ରଶାନ୍ତ, ନୀରବ ଜ୍ୟୋତିର୍ମୟ ବାହନରେ ପରିଣତ କରିବାକୁ ଅତିମାନସର ଉନ୍ମୋଚନ ଅବଶ୍ୟ ଅବଶ୍ୟମ୍ଭାବୀ । ତେବେ ପରମସତ୍ତାଙ୍କ କର୍ମହିଁ ହୁଏ ଆମ ମଧ୍ୟରେ ପରମ ସତ୍ୟକର୍ମ । ସେତେବେଳେ କୌଣସି ସ୍ତରରେ ଅହଂ ଓ ମିଥ୍ୟାର ଛାୟା ପଡ଼ିପାରିବ ନାହିଁ ।

ସମତାର ପୂର୍ଣ୍ଣ ପ୍ରତିଷ୍ଠାର ପରିଣାମରୁ ଉପଲବ୍ଧି ହେବ ପ୍ରଥମେ ପ୍ରଗାଢ଼ ସ୍ଥିରତା, ''The first calm that comes is of the nature of peace, the absence of all unquiet, grief and disturbance.''(*The Synthesis of Yoga*, p. 726) । ତା'ର ସ୍ୱରୂପ ହେଲା ଶାନ୍ତି । ଏହି ଶାନ୍ତି ସକଳ ଚଞ୍ଚଳତା, ବ୍ୟସ୍ତତା ଓ ଦୁଃଖାଦିରୁ ମୁକ୍ତିଦେବ । ସେଇ ଅବସ୍ଥାରେ ବ୍ୟକ୍ତି ନିଜ ସତ୍ତାର ଆନନ୍ଦରେ ନିମଜ୍ଜିତ । ନିଜର ଦିବ୍ୟଅସ୍ତିତ୍ୱ ଉପଲବ୍ଧି କରି ସେତେବେଳେ ବ୍ୟକ୍ତି ଆତ୍ମନିର୍ଭରଶୀଳ । ଗୀତା ଏହାକୁ ଅନ୍ତଃସୁଖୋଽନ୍ତରାରାମଃ କହନ୍ତି । ଏପରି ଅବସ୍ଥାକୁ ''ବ୍ରହ୍ମସଂସ୍ପର୍ଶମ୍ ଅତ୍ୟନ୍ତଂ ସୁଖମ୍ ଅଶ୍ନୁତେ'' ବି କୁହାଯାଏ । ଏହା ବ୍ରହ୍ମସ୍ପର୍ଶଜନିତ ଅନନ୍ତ ସୁଖାବସ୍ଥା । ଅତିମାନସ ଜ୍ୟୋତିଃର ସମୃଦ୍ଧିଲାଭ ସହ ଏବେ ବୃହତ୍ତର ଆନନ୍ଦର ହୁଏ ଆବିର୍ଭାବ । ଏହି ଆନନ୍ଦ ପରମଶକ୍ତିର ହାସ୍ୟକୁ ପରିପୂର୍ଣ୍ଣରୂପେ ପ୍ରକାଶ କରେ ।

ସମତାର ପରିପୂର୍ଣ୍ଣ କ୍ରିୟା ସକଳ ବସ୍ତୁର ମୂଲ୍ୟବୋଧରେ ଏକ ଆନନ୍ଦମୟ ରୂପାନ୍ତର ଘଟାଇବ । ବାହ୍ୟକ୍ରିୟାଗୁଡ଼ିକ ଯେପରି ଚାଲୁଥିଲା ସେପରି ଥାଇପାରେ ବା ବଦଳି ଯାଇପାରେ । ମାତ୍ର ତା'ର ପରିଚାଳକ ହେବେ ଈଶ୍ୱର ବା ଅନ୍ତରାତ୍ମା । ପୃଥିବୀରେ ଯେଉଁ କର୍ମ ବ୍ୟକ୍ତି ପାଇଁ ଯେପରି କରିବାକୁ ହେବ ଈଶ୍ୱରଙ୍କ ନିର୍ଦ୍ଦେଶରେ ବ୍ୟକ୍ତି ସେପରି ତା'ର ସ୍ୱଭାବ ଅନୁସାରେ କରିଚାଲିବ । କିନ୍ତୁ ଅନ୍ତରରେ ଯେଉଁ କ୍ରିୟା ଚାଲିବ ତାହାହେବ ଭିନ୍ନ ପ୍ରକାରର । ଏବେ ଆଉ କୌଣସି ଅହଂଗତ ଲକ୍ଷ୍ୟ ପୂର୍ତ୍ତି ପାଇଁ ବା ବ୍ୟକ୍ତିଗତ ସଂସାର-ବିଚ୍ଛିନ୍ନ ସୁଖ ପାଇଁ ଅହଂର ଦାବି ନଥିବ । ଭଗବାନ୍ ଯେପରି ଚାହୁଁଛନ୍ତି, ତାଙ୍କଠାରୁ ଯେପରି ନିର୍ଦ୍ଦେଶ ମିଳୁଛି; ସେଥିରେ ମନ, ହୃଦୟ, ପ୍ରାଣସତ୍ତା ଓ ଦେହ ସମ୍ପୂର୍ଣ୍ଣଭାବେ ସନ୍ତୁଷ୍ଟ ରହିବେ । ଦିବ୍ୟଜ୍ଞାନ ଏବଂ ଇଚ୍ଛା ଅଧିକ ବିକାଶ ସାଧନ ପାଇଁ କ୍ରିୟା କରି ଚାଲିବେ । ସଫଳତା ଓ ବିଫଳତାର ସଂଜ୍ଞା ଯେପରି ପୂର୍ବେ ଥିଲା ସେପରି ରହିବ ନାହିଁ । ଅତିମାନସ ଦିବ୍ୟଦୃଷ୍ଟି ଦେଖାଇ ଦେବ ଈଶ୍ୱରଶକ୍ତିର କ୍ରିୟାର ପ୍ରକୃତ ରୂପ । ଯାହା ଏବେ ବାହାରକୁ ଲକ୍ଷ୍ୟର ବିରୋଧୀ ମନେ ହେଉଛି, ତାହା ପ୍ରକୃତରେ ଲକ୍ଷ୍ୟ ଉପଲବ୍ଧି ଦିଗରେ ଏକ ସାମୟିକ ପଦକ୍ଷେପ ବୋଲି ବୁଝିହେବ । ଅସଫଳତା ସମ୍ପର୍କରେ ଯଥାର୍ଥ ଧାରଣା ନଥିବାରୁ, ଭଗବତ୍ ନିର୍ଦ୍ଦେଶର ଭୁଲ୍ ଅର୍ଥ କରୁଥିବାରୁ ଆମେ ହତୋତ୍ସାହ ହୋଇଯାଉ । ଶେଷରେ ଜାଣୁ ବିଫଳତା ବୋଲି ବସ୍ତୁତଃ କୌଣସି ବିଷୟ ନାହିଁ । ''In the end it is found that there is no such thing as failure...''(*The Synthesis of Yoga*, p. 727) । ଯାବତୀୟ ଘଟଣା ଈଶ୍ୱର ଇଚ୍ଛାର ବିଭିନ୍ନ ପଦକ୍ଷେପ ଓ ରୂପାୟଣ । ଏହା ଆତ୍ମା ଜାଣି ଏକ ସମତାଯୁକ୍ତ ନିଷ୍କ୍ରିୟ ବା କ୍ରିୟାଶୀଳ ଆନନ୍ଦ ଲାଭ କରିଚାଲେ । ସୌଭାଗ୍ୟ ଓ ଦୁର୍ଭାଗ୍ୟ, ରୁଚିକର ଓ ଅରୁଚିକର, ମଙ୍ଗଳ ଓ ଅମଙ୍ଗଳ, ପ୍ରିୟ ଓ ଅପ୍ରିୟ ପ୍ରତ୍ୟେକ କ୍ଷେତ୍ରରେ ଗୋଟିଏ ବିବର୍ତ୍ତନର ଧାରା ସେତେବେଳେ ଅନୁଭୂତ ହୁଏ ।

''And as with happenings, so with persons, equality brings an entire change of the view and the attitude.'' (*The Synthesis of Yoga*, p. 727) ଘଟଣାମାନଙ୍କ ପରି ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମଧ୍ୟ

ଆମ ଦୃଷ୍ଟି ଓ ମନୋଭାବର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟାଏ ସମତା । ସମତା ପ୍ରାପ୍ତ ମନ ଓ ସମଭାବସମ୍ପନ୍ନ ବ୍ୟକ୍ତିମାନଙ୍କର ବିଚାର, ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟଧାରାର ଉତ୍ତରଣ ଘଟେ, ଆଉ ବି ଅନୁଭୂତ ହୁଏ ଉଦାର ମନୋଭାବ । ସେମାନେ ଅଧିକ ସହିଷ୍ଣୁ ହୋଇ ପଡ଼ନ୍ତି, ସମତାପ୍ରାପ୍ତ ବ୍ୟକ୍ତିର ଅନୁଭବ ହୁଏ ଈଶ୍ୱରଙ୍କ ସର୍ବତ୍ର ଉପସ୍ଥିତି; ସେ ମନୁଷ୍ୟ ହୁଅନ୍ତୁ, ଇତର ପ୍ରାଣୀ ହୁଅନ୍ତୁ, ଜଡ଼ବସ୍ତୁ ସକଳ ହୁଅନ୍ତୁ, ସର୍ବତ୍ର ଯେ ପରମେଶ୍ୱର ବିଦ୍ୟମାନ, ସେ ଯେ ପ୍ରତ୍ୟେକର ସ୍ୱଭାବ ଅନୁସାରେ କ୍ରିୟା କରୁଅଛନ୍ତି ଏହା ସ୍ପଷ୍ଟଭାବେ ଅନୁଭବ କରିହୁଏ । ଏହି ଅବସ୍ଥାରେ ଭଗବତ୍ ପ୍ରଣୋଦିତ କାର୍ଯ୍ୟର ଯାହା ବିରୋଧ କରେ ସେ ସବୁ ବିଚାର, ଦୃଷ୍ଟିଭଙ୍ଗୀ, ସର୍ବପ୍ରକାର ଚାପର ଦୃଢ଼ ପ୍ରତିରୋଧ ଓ ପ୍ରତ୍ୟାଖ୍ୟାନ ସମ୍ଭବ ହୁଏ । ଏପରିକି ପ୍ରୟୋଜନ ହେଲେ ସକଳ ମାନବୀୟ ଓ ଅନ୍ୟ ସକଳ ବିରୋଧୀ ଶକ୍ତି ବିରୋଧରେ ପ୍ରଚଣ୍ଡ ରୁଦ୍ରଶକ୍ତି ପ୍ରୟୋଗ କରାଯାଇ ସେ ସବୁକୁ ଛିନ୍ନ-ଭିନ୍ନ କରାଯାଇପାରେ । ତଥାପି ସକଳ ପରିସ୍ଥିତିରେ ଅନ୍ତରର ଶାନ୍ତି ଓ ସମତା ଅବ୍ୟାହତ ରଖାଯାଇପାରେ । ଏଇ ଅବସ୍ଥା ମନୋଭୂମିର ନୁହେଁ ଅନ୍ୟ ଏକ ଚେତନା ଭୂମିର ବିଷୟ ।

ପୂର୍ବେ କହିଛୁ, ସମତାର ଶାନ୍ତିରୁ ଆସେ ନିତ୍ୟସୁଖ । ଗୀତା କହନ୍ତି ତାହା ପ୍ରସାଦ ବା ପ୍ରସନ୍ନତା । ତା'ର ଅନ୍ୟ ନାମ ଅନ୍ତରାରାମ । ଏହା ପ୍ରାକୃତ ସୁଖ ନୁହେଁ, ଅପ୍ରାକୃତ । ଏହା ଖାଲି ପ୍ରସନ୍ନତା ନୁହେଁ, ତା'ର ପରିବ୍ୟାପ୍ତି ମଧ୍ୟ । ଏଥିଯୋଗୁଁ କର୍ମର ସମାପ୍ତି ଘଟେ ନାହିଁ । ମାତ୍ର କର୍ମର ମୂଳରେ ରହେ ଅନ୍ତରର ଗଭୀର ପ୍ରସନ୍ନତା । ଏହା ଅନ୍ତଃସୁଖ । ଏହାର ଘନୀଭୂତ ଅବସ୍ଥା ଆନନ୍ଦ । ଏହି ଆନନ୍ଦ ପରମପୁରୁଷଙ୍କର ସ୍ୱରୂପଶକ୍ତି ଯାହା ଆନନ୍ଦଘନ ବିଗ୍ରହ । ଏହି ଘନୀଭୂତ ଶକ୍ତିର ପ୍ରକାଶ ହୁଏ ତା'ର ତେଜସ୍କ୍ରିୟାରେ । ଶିବଙ୍କର ପ୍ରପଞ୍ଚୋପଶମ ପ୍ରଶାନ୍ତିର ଆନନ୍ଦମୟୀ ମହାଶକ୍ତିର ଏହା ପ୍ରପଞ୍ଚୋଲ୍ଲାସ । ଏଠାରେ ପ୍ରକଟିତ ଦିବ୍ୟନିୟତିର ଋତଛନ୍ଦ ଓ ଲୀଳାର ସ୍ୱାତନ୍ତ୍ର୍ୟ । ଏବେ ଯାହା ଘଟେ ସାଧକ ଅନୁଭବ କରେ ତାହା ମଙ୍ଗଳହିଁ ମଙ୍ଗଳ । ଅମଙ୍ଗଳ, ଅଶୁଭ ଏଠି ନିଶ୍ଚିହ୍ନ । ଏହି ଅବସ୍ଥାରେ ଅହଂ ଶୂନ୍ୟ । ଏଣୁ ଆନନ୍ଦ, ମଙ୍ଗଳ ସିଦ୍ଧି ସମତାର ଏଠାରେ ଚରମ ପରିଣାମ । ଏହି ଅନୁଭୂତି ମାନସଭୂମିର ମନୋବିଜ୍ଞାନ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ । କାରଣ ଏହା ଏକ ମନୋଽତୀତ ଭୂମିର ରହସ୍ୟ । ଯୋଗ ସମନ୍ୱୟ ଭାଷାରେ ''It belongs to another domain of consciousness, another plane of our being.'' (*The Synthesis of Yoga*, p. 728) । ଗୀତା କହିଲେ ଏହି ସମତ୍ୱହିଁ ଯୋଗ । ''ସମତ୍ୱଂ ଯୋଗ ଉଚ୍ୟତେ ।'' ❑

ଏକ ପୂର୍ଣ୍ଣ ତଥା ସମନ୍ୱୟମୂଳକ ଯୋଗ ବିଶେଷ କରି କୌଣସି ଲିଖିତ କିଂବା ପାରମ୍ପରିକ ଶାସ୍ତ୍ର ଦ୍ୱାରା ଆବଦ୍ଧ ହୋଇ ରହିବାର କୌଣସି ଆବଶ୍ୟକତା ନାହିଁ । ପୂର୍ଣ୍ଣଯୋଗ ଅତୀତରୁ ପ୍ରାପ୍ତ ଜ୍ଞାନକୁ ଗ୍ରହଣ କରି ନେଲେ ବି ତାକୁ ବର୍ତ୍ତମାନ ଓ ଭବିଷ୍ୟତ୍ ନିମନ୍ତେ ନୂଆ କରି ସଂଗଠିତ କରିବାର ଇଚ୍ଛା ପୋଷଣ କରିଥାଏ । ଅନୁଭୂତିରେ ତଥା ନୂତନ ଧାରା ଓ ନୂତନ ସଂଯୋଜନା ସହ ଜ୍ଞାନର ପୁନର୍ବିବୃତିରେ ପରିପୂର୍ଣ୍ଣ ସ୍ୱାଧୀନତା ହେଉଛି ଏହାର ନିଜ ସ୍ୱରୂପ ଗଠନର ସର୍ତ୍ତ ।

(*The Synthesis of Yoga*, p. 50) — ଶ୍ରୀଅରବିନ୍ଦ

# ମୁଣ୍ଡକ ଉପନିଷଦ୍

## ପ୍ରଥମ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

## (ମୂଳପାଠ)

୮. ଅବିଦ୍ୟାୟାମନ୍ତରେ ବର୍ତମାନାଃ ସ୍ୱୟଂ ଧୀରାଃ ପଣ୍ଡିତଂମନ୍ୟମାନାଃ ।
ଜଙ୍ଘନ୍ୟମାନାଃ ପରିୟନ୍ତି ମୂଢ଼ା ଅନ୍ଧେନୈବ ନୀୟମାନା ଯଥାନ୍ଧାଃ ॥୮॥

୯. ଅବିଦ୍ୟାୟାଂ ବହୁଧା ବର୍ତମାନା ବୟଂ କୃତାର୍ଥା ଇତ୍ୟଭିମନ୍ୟନ୍ତି ବାଲାଃ ।
ଯତ୍କର୍ମିଣୋ ନ ପ୍ରବେଦୟନ୍ତି ରାଗାତ୍ ତେନାତୁରାଃ କ୍ଷୀଣଲୋକାଶ୍ଚ୍ୟବନ୍ତେ ॥୯॥

୧୦. ଇଷ୍ଟାପୂର୍ତଂ ମନ୍ୟମାନା ବରିଷ୍ଠଂ ନାନ୍ୟଚ୍ଛ୍ରେୟୋ ବେଦୟନ୍ତେ ପ୍ରମୂଢ଼ାଃ ।
ନାକସ୍ୟ ପୃଷ୍ଠେ ତେ ସୁକୃତେଽନୁଭୂତ୍ୱେମଂ ଲୋକଂ ହୀନତରଂ ବା ବିଶନ୍ତି ॥୧୦॥

୧୧. ତପଃଶ୍ରଦ୍ଧେ ଯେ ହ୍ୟୁପବସନ୍ତ୍ୟରଣ୍ୟେ ଶାନ୍ତା ବିଦ୍ୱାଂସୋ ଭୈକ୍ଷଚର୍ଯାଂ ଚରନ୍ତଃ ।
ସୂର୍ଯଦ୍ୱାରେଣ ତେ ବିରଜାଃ ପ୍ରୟାନ୍ତି ଯତ୍ରାମୃତଃ ସ ପୁରୁଷୋ ହ୍ୟବ୍ୟୟାତ୍ମା ॥୧୧॥

୧୨. ପରୀକ୍ଷ ଲୋକାନ୍କର୍ମଚିତାନ୍ ବ୍ରାହ୍ମଣୋ ନିର୍ବେଦମାୟାନ୍ନାସ୍ତ୍ୟକୃତଃ କୃତେନ ।
ତଦ୍‌ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍ ସମିତ୍‌ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ॥୧୨॥

୧୩. ତସ୍ମୈ ସ ବିଦ୍ୱାନୁପସନ୍ନାୟ ସମ୍ୟକ୍ ପ୍ରଶାନ୍ତଚିତ୍ତାୟ ଶମାନ୍ୱିତାୟ ।
ଯେନାକ୍ଷରଂ ପୁରୁଷଂ ବେଦ ସତ୍ୟଂ ପ୍ରୋବାଚ ତାଂ ତତ୍ତ୍ୱତୋ ବ୍ରହ୍ମବିଦ୍ୟାମ୍ ॥୧୩॥

(କ୍ରମଶଃ)

(ଦ୍ରଷ୍ଟବ୍ୟ : The Complete Works of Sri Aurobindo,
Volume - 18, Kena and other Upanishads, P. 133 - 136)

❑❑❑

# ମୁଣ୍ଡକ ଉପନିଷଦ୍

## ପ୍ରଥମ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

## (ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବଙ୍ଗଳା ଅନୁବାଦ)

## ନଳିନୀକାନ୍ତ ଗୁପ୍ତ

### ଦ୍ୱିତୀୟ ଖଣ୍ଡ

୮. ଅବିଦ୍ୟା ବା ଅଜ୍ଞାନତା ମଧ୍ୟରେ ରହି ବି ଯେଉଁମାନେ ନିଜ ନିଜକୁ ଜ୍ଞାନୀ ବୋଲି ମନେକରନ୍ତି, କହନ୍ତି –''ଆମେ ଜ୍ଞାନୀ, ପଣ୍ଡିତ''– ସେମାନେ ମୂଢ଼, ମୂର୍ଖ । ପଦେ ପଦେ ସେମାନେ ଆଘାତ ପାଇ ସ୍ଖଳିତ, ପତିତ ହୁଅନ୍ତି, ଘୂରିବୁଲି ମରନ୍ତି, ଯେପରି ଅନ୍ଧଟିଏ ଅନ୍ଧମାନଙ୍କୁ ବାଟ କଢ଼ାଇ ନେଇଗଲେ ହୁଏ – (ଅନ୍ଧେନୈବ ନୀୟମାନା ଯଥାନ୍ଧାଃ) ।

୯. ଅବିଦ୍ୟା ବା ଅଜ୍ଞାନତା ମଧ୍ୟରେ ବହୁ ପ୍ରକାରେ ରହି ବି ଯେଉଁମାନେ ଗର୍ବବଶରେ ମନେ କରନ୍ତି ବା କହନ୍ତି – ''ଆମେହିଁ କୃତକୃତ୍ୟ, କୃତାର୍ଥ'', ''ଆମେ ଆମର ସ୍ୱର୍ଗ ପାଇଯାଇଛୁ''– ସେମାନେ ବାଳକପ୍ରାୟ । 'ଆସକ୍ତି' କର୍ମୀମାନଙ୍କୁ ଜ୍ଞାନୀ ହେବାକୁ ଦିଏ ନାହିଁ, ତେଣୁ ସେମାନେ ଆତୁର ବା ଦୁଃଖାତୁର ରହନ୍ତି ଏବଂ ସେମାନଙ୍କର ଭୋଗ ଦ୍ୱାରା ପୁଣ୍ୟଲୋକର କ୍ଷୟ ଘଟେ ଏବଂ ସେମାନେ ସ୍ୱର୍ଗରୁ ପତିତ ହୁଅନ୍ତି ।

୧୦. ଯଜ୍ଞରେ ଆହୁତି ଦେବା ଓ କୂପଖନନ ଇତ୍ୟାଦି କରିବା ଦ୍ୱାରା ଶ୍ରେଷ୍ଠକର୍ମ କରା ହେଲା ବୋଲି ଯେଉଁମାନେ ମନେ କରନ୍ତି ଏବଂ ଅନ୍ୟକୌଣସି ଶ୍ରେୟଃ ବା ଶ୍ରେଷ୍ଠକର୍ମର ଜ୍ଞାନ ଯେଉଁମାନଙ୍କର ନାହିଁ ସେମାନେ ସର୍ବତୋଭାବେ ମୂଢ଼ । ସ୍ୱର୍ଗର ପଷ୍ଠାତରେ ସେମାନେ ସେମାନଙ୍କ ପୁଣ୍ୟାର୍ଜିତ ଲୋକ ଉପଭୋଗ କରନ୍ତି ଏବଂ ତତ୍ପରେ ଏହି ଲୋକ ବା ଏହାଠାରୁ ହୀନତର ବା ନିମ୍ନତର ଲୋକରେ ପ୍ରବେଶ କରନ୍ତି ।

୧୧. କିନ୍ତୁ ଯେଉଁମାନେ ଅରଣ୍ୟବାସୀ ହୋଇ ତପସ୍ୟା ଓ ଶ୍ରଦ୍ଧାର ଅନୁଶୀଳନ ବା ଆଚରଣ କରନ୍ତି, ଯେଉଁମାନେ ଶାନ୍ତ ଓ ଜ୍ଞାନୀ, ଭିକ୍ଷା କରି ଜୀବନଯାପନ କରନ୍ତି, ସେମାନେ ବିରଜ ହୋଇ ଅର୍ଥାତ୍ ଆସକ୍ତି-ଧୂଳିରୁ ମୁକ୍ତ ହୋଇ ସୂର୍ଯ୍ୟଙ୍କ ଦ୍ୱାର ମଧ୍ୟଦେଇ ସେହି ଧାମକୁ ପ୍ରବେଶ କରନ୍ତି ଯେଉଁଠାରେ ବିରାଜିତ ଅଛନ୍ତି ଅମୃତମୟ ପୁରୁଷ, ଅବ୍ୟୟ, ଅକ୍ଷୟ ଆତ୍ମା ।

୧୨. ବ୍ରହ୍ମଜିଜ୍ଞାସୁ କର୍ମସବୁ ଦ୍ୱାରା ସଞ୍ଚିତ ଲୋକଗୁଡ଼ିକୁ ପର୍ଯ୍ୟବେକ୍ଷଣ କରି ନିର୍ବେଦ ଲାଭ କରନ୍ତି ଅର୍ଥାତ୍ ଜଗନ୍ମାୟାରୁ ମୁକ୍ତ ହୁଅନ୍ତି । କାରଣ କୃତକର୍ମ ଦ୍ୱାରା ଅକୃତ ବା ଅସୃଷ୍ଟ ଯିଏ, ସିଏ ଲବ୍ଧ ହୁଅନ୍ତି ନାହିଁ । ସେହି ତତ୍ ବା ତଦ୍‌ବସ୍ତୁର ଜ୍ଞାନଲାଭ କରିବାକୁ ହେଲେ ସମିତ୍-ପାଣି ହୋଇ (ଅର୍ଥାତ୍ ହାତରେ ଯଜ୍ଞ ପାଇଁ ସମିଧ ବା କାଷ୍ଠ ଧାରଣ କରି ବା ସମର୍ପଣପୂର୍ବକ) ବେଦଜ୍ଞ ଓ ବ୍ରହ୍ମନିଷ୍ଠ ଗୁରୁଙ୍କର ଦ୍ୱାରସ୍ଥ ବା ଆଶ୍ରିତ ହେବାକୁ ପଡ଼େ ।

୧୩. ଯିଏ ଶରଣାଗତ, ଯିଏ ସମ୍ପୂର୍ଣ୍ଣରୂପେ ଗୁରୁଙ୍କ ଆଶ୍ରିତ, ଯିଏ ପ୍ରଶାନ୍ତଚିତ୍ତ, ନିର୍ମଳହୃଦୟ ଓ ସମତାପୂର୍ଣ୍ଣ ତାକୁହିଁ ଜ୍ଞାନୀ ବ୍ରହ୍ମବିଦ୍ୟାର ତତ୍ତ୍ୱକଥା କହନ୍ତି ଯଦ୍ଦ୍ୱାରା ସେହି ଅକ୍ଷର ପରମାତ୍ମାଙ୍କୁ, ସେହି ପରମପୁରୁଷଙ୍କୁ ସେହି ସଦ୍‌ବସ୍ତୁକୁ ଜାଣିହୁଏ ।

(କ୍ରମଶଃ)

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

# ଅତିମାନବ

## ମାଧବ ପଣ୍ଡିତ

ଅତିମାନସ ଯୋଗର ସାଧକକୁ, କେବଳ ତାକୁ କାହିଁକି ପ୍ରତ୍ୟେକ ଯୋଗର ସାଧକକୁ ନିଜ ମାର୍ଗର ଆଦର୍ଶକୁ ଭଲରୂପେ ବୁଝିବା ଓ ସେ ସମ୍ବନ୍ଧେ ସୁପରିଚିତ ହେବା ଆବଶ୍ୟକ । ଯେତେଦୂର ସମ୍ଭବ ତାକୁ ନିଜ ଲକ୍ଷ୍ୟକୁ, ତା'ର ଅଭିପ୍ରାୟକୁ ଏବଂ ମାର୍ଗରେ ଆସୁଥିବା ବାଧାବିଘ୍ନଗୁଡ଼ିକୁ ସଚେତନଭାବେ ବୁଝିନେବା ଉଚିତ ଯାହା ଦ୍ୱାରା ସେ ଠିକ୍ ରାସ୍ତାରେ ଚାଲିପାରେ ଏବଂ ଏପଟ ସେପଟ ଘୂରି ନିଜର ଶକ୍ତିକ୍ଷୟ ନକରେ ।

ଏହି ଯୋଗର ଉଦ୍ଦେଶ୍ୟ ହେଲା, ମନୁଷ୍ୟ ତା'ର ସୀମିତ ମନର ସୀମାଗୁଡ଼ିକୁ ଡେଇଁ ଚାଲିଯିବା ଏବଂ ତା' ମଧ୍ୟରେ ଏପରି ଏକ ତତ୍ତ୍ୱକୁ ଜାଗ୍ରତ୍ କରାଇବା ଯାହା ମନର ଉପରେ ଓ ମନର ସୀମା-ବନ୍ଧନ ବାହାରେ ରହିଛି । ତାକୁହିଁ କହନ୍ତି 'ଅତିମାନସ' । ମାନବକୁ ଅତିମାନବରେ ପରିଣତ କରିବାହିଁ ଏହି ଯୋଗର ଉଦ୍ଦେଶ୍ୟ ।

କିନ୍ତୁ ବାସ୍ତବିକ ଅତିମାନବ କାହାକୁ କହନ୍ତି ?

ସାଧାରଣତଃ ଏହାକୁ ଭୁଲ୍ ଅର୍ଥ କରାଯାଏ ଯେ ଅତିମାନବ ମାନବର ପରିବର୍ଦ୍ଧିତ ଓ ସମ୍ମାନିତ ସଂସ୍କରଣ ମାତ୍ର । କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା । ନୀତ୍ସେଙ୍କ ଭଳି ଭାବୁକଙ୍କ ଧାରଣା ଯେ ଅତିମାନବ ଏପରି ଏକ ମାନବ ହେବ ଯାହାର ଶକ୍ତି ଏବଂ କ୍ଷମତା ସାଧାରଣ ମନୁଷ୍ୟଠାରୁ ଅଧିକ ଏବଂ ସେ ନିଜର ଅସାଧାରଣ ବଳ ହେତୁ ସାଧାରଣ ମାନବକୁ ନିଜର ଆୟତ୍ତାଧୀନ କରି ରଖିପାରିବ । କିନ୍ତୁ ଏହା ସ୍ମରଣ ରଖିବାକୁ ହେବ ଯେ ଏପରି ମାନବ ମାନବହିଁ ହୋଇରହିବ । ତା'ର କ୍ଷମତା ଯେତେ ଇଚ୍ଛା ସେତେ ବଢ଼ିପାରେ ପୁଣି ତା'ର ଅହଂକାର ତା' ମଧ୍ୟରେ କେନ୍ଦ୍ରିତ ହେବ ଯା'ଦ୍ୱାରା ବେଲୁନ୍ ପରି ବଢ଼ି ଚାଲିବ । ସେ ବାସ୍ତବିକ ଗୋଟିଏ ରାକ୍ଷସ ହେବ । କିନ୍ତୁ ସୌଭାଗ୍ୟ ବଶତଃ ସଂସାରର ବିକାଶରେ ଅସୁରମାନଙ୍କ ଯୁଗ ସମାପ୍ତ ହୋଇଗଲାଣି । ଅତିମାନବ ସମ୍ପର୍କରେ ଆମର ଧାରଣା ଯେ ତା'ଠାରେ ନିଜ ସତ୍ତାର ସବୁତତ୍ତ୍ୱ ଯାହାକି ମନ, ପ୍ରାଣ, ଶରୀରର ଅଧିକରୁ ଅଧିକତର ଏବଂ ଉଚ୍ଚରୁ ଉଚ୍ଚତର କ୍ଷମତାଗୁଡ଼ିକ ରହିବ କିନ୍ତୁ ତା' ମଧ୍ୟରେ ଅହଂ ଓ ଅବିଦ୍ୟା ଲେଶମାତ୍ର ବି ରହିବ ନାହିଁ । ସେ ପ୍ରକୃତି ଦ୍ୱାରା ଶାସିତ ନହୋଇ ଅନ୍ତରାତ୍ମାର ସ୍ୱାଧୀନତାରେ ରହିବ, ଏବଂ ସେଠାରୁ ସେ ତା'ର କ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରିବ, ସେ ନିଜର ସ୍ୱାମୀ 'ସ୍ୱରାଟ୍' ହେବ ।

ସେ ଅନ୍ୟମାନଙ୍କ ଜୀବନ ଉପରେ ବି ଶାସନ କରି ଚାଲିବ କିନ୍ତୁ ଅନ୍ୟ ଏକ ଅର୍ଥରେ । ସେ ତାଙ୍କ ସତ୍ତାର ଗୁପ୍ତ-ମର୍ମସ୍ଥଳରେ ମିଳିତ ହେବ । ସେ ତାଙ୍କର ହୃଦୟର ସ୍ପନ୍ଦନକୁ ନିଜର ସ୍ପନ୍ଦନ ପରି ଅନୁଭବ କରିବ ଏବଂ ତାଙ୍କର ବିକାଶ ପାଇଁ ନିଜର ସମସ୍ତ ଶକ୍ତି ଲଗାଇ ଦେବ । ଅହଂକାରର ବନ୍ଧନରୁ ଯାଇ ନିଜ ଚେତନାର ଏପରି ବିସ୍ତାର କରିବ ଯାହା ଦ୍ୱାରା ସମସ୍ତ ସୃଷ୍ଟି ସେଥିରେ ଏକ ହୋଇଯିବ । ସମସ୍ତେ ତା'ର ହାତମୁଠାରେ ରହିବେ, କିନ୍ତୁ ଏହା ବଳ ଦ୍ୱାରା ନୁହେଁ – ପ୍ରେମ ଦ୍ୱାରା । ସେ ନିଜର ପ୍ରକାଶମୟ ସତ୍ତାରେ ନିଜର ଚାରିପଟର ଗତିକୁ ସ୍ୱୀକାର କରିବ ଏବଂ ସେଗୁଡ଼ିକୁ ଉଚ୍ଚକୁ ଉଠାଇ, ପବିତ୍ର କରି ଏବଂ ସେଥିରେ ରୂପ ପରିବର୍ତ୍ତନର ସ୍ପନ୍ଦନ ଭରିଦେଇ ଫେରାଇ ଦେବ, ଯାହା ଦ୍ୱାରା ସେ ନିଜର ପରିବେଶ ଉପରେ ଚିରନ୍ତନ ପ୍ରଭାବ ପକାଇ ପାରିବ ଏବଂ ସତ୍ୟର ଢାଞ୍ଚାରେ ଢାଳିବାକୁ ଚେଷ୍ଟା କରିବ । ଏହିପରି ସେ ସଂସାରର ଶାସକ, 'ସମ୍ରାଟ' ହୋଇପାରିବ ।

ମନୋରାଜ୍ୟରେ ଭାଗ କରିବା ନିୟମ ଚଳେ କିନ୍ତୁ ଅତିମାନବ ଏହି ନିୟମର ଅଧୀନସ୍ଥ ନୁହେଁ । ସେଥିରେ ସତ୍ତାର ବିଭିନ୍ନ ତତ୍ତ୍ୱଜ୍ଞାନ, ପ୍ରେମ, ଶକ୍ତି, ଐକ୍ୟ ଆଦି ପରସ୍ପର ମଧ୍ୟରେ ଭିଡ଼ା-ଓଟରା କରେ ନାହିଁ ଏବଂ ନିଜକୁ ପ୍ରକଟ କରିବା ପାଇଁ ଅନ୍ୟକୁ ଦୂରେଇ ଦିଏ ନାହିଁ – ଯେପରି ମନ ଦ୍ୱାରା ଶାସିତ ସତ୍ତାମାନଙ୍କ ମଧ୍ୟରେ ହୁଏ । ସେ ସମସ୍ତେ ଫୁଟୁଥିବା ଗୋଲାପର ପାଖୁଡ଼ା ରୂପେ ରହନ୍ତି, ତାଙ୍କର ଭିନ୍ନ ଭିନ୍ନ ସ୍ୱର ଭଗବାନଙ୍କର ବିଶ୍ୱ-ବୀଣା ସହ ସ୍ୱର ମିଶାଇ ସାମଞ୍ଜସ୍ୟ ଭରା ସଙ୍ଗୀତ ସୃଷ୍ଟି କରନ୍ତି ।

ଅତିମାନବର ଅର୍ଥ ହେଲା ଏହି । ଏହି ଲକ୍ଷ୍ୟକୁ ଆଗରେ ରଖି ପୂର୍ଣ୍ଣ ଏକାଗ୍ରତା ସହ, ପଦେ ପଦେ ଅନ୍ତରାତ୍ମାର ଜ୍ୟୋତିଃରେ ପ୍ରକାଶିତ ନିଜର ସଂକଳ୍ପ ଶକ୍ତିର ବଳ ଖଟାଇ ନିଜ ଜୀବନରୁ ସବୁ ନୀଚତା, ସବୁ ତୁଚ୍ଛବସ୍ତୁ ତ୍ୟାଗ କରିବାର ଚେଷ୍ଟା

କରିବା ଏବଂ କଠିନତାଗୁଡ଼ିକର ସମ୍ମୁଖୀନ ହୋଇ ମଧ୍ୟ ଉଚ୍ଚତର ଦିଗକୁ ନେଇ ଯାଉଥିବା ରାସ୍ତାକୁ ନିଜର କରି ଚାଲିବା ହେଲା ମନୁଷ୍ୟର ନିତାନ୍ତ ଆବଶ୍ୟକ । କିନ୍ତୁ ମନୁଷ୍ୟ କ'ଣ ଉପଯୁକ୍ତ ମାର୍ଗ ବାଛିବା ପାଇଁ ସକ୍ଷମ ? ମନୁଷ୍ୟ କ'ଣ ଶୁଷ୍କ ପତ୍ର ତୁଲ୍ୟ ବିଶ୍ୱଶକ୍ତିର ଘୂର୍ଣ୍ଣିବାତ୍ୟାରେ ଉଡ଼ି ଯାଏନି ? ସେ କ'ଣ କର୍ମ ଫଳରେ ଆବଦ୍ଧ ନୁହେଁ ? ସ୍ୱୟଂ ସେ ଓ ଅନ୍ୟମାନେ ମିଶି କ'ଣ ତା'ର ଭାଗ୍ୟକୁ ନିର୍ମାଣ କରି ନାହାନ୍ତି ?

ଶ୍ରୀଅରବିନ୍ଦ କହନ୍ତି ଭାଗ୍ୟ ଓ ନିୟତିବାଦରେ କିଛିଟା ସତ୍ୟ ଅଛି । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେ କହନ୍ତି ଯେ ସ୍ୱାଧୀନ ସଂକଳ୍ପରେ ବି ସତ୍ୟ ଅଛି । ଉଭୟେ ପୃଥିବୀରେ କାର୍ଯ୍ୟ କରୁଥିବା ଦିବ୍ୟଶକ୍ତିର ବିଶ୍ୱଗତ ଗତି । ଏହି ସମସ୍ତ ବିଶ୍ୱ ଭଗବାନଙ୍କ ସଂକଳ୍ପରେ ସୃଷ୍ଟି ହୋଇଛି । ବିଶ୍ୱରେ ଯାହାକିଛି ଅଛି ତାହା ସେହି ସଂକଳ୍ପର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ କାର୍ଯ୍ୟ କରୁଛି । ଏହି ଦୃଷ୍ଟିରୁ ଦେଖାଯାଏ ନିୟତିବାଦ ଠିକ୍ । ସେ କିନ୍ତୁ ସଂକଳ୍ପରୁ ସୃଷ୍ଟ ହଜାର ହଜାର ଧାରାମାନଙ୍କ ଦ୍ୱାରା କାର୍ଯ୍ୟ କରୁଛି । ଶକ୍ତିର ବହୁ ସ୍ତର ଅଛି । ବ୍ୟକ୍ତି ମଧ୍ୟରେ ସ୍ୱତନ୍ତ୍ର ମନୋଭାବ, ନିର୍ବାଚନ ଓ କାର୍ଯ୍ୟକାରିଣୀ ଶକ୍ତିର ସ୍ୱାଧୀନତାର ଧାରାନୁଯାୟୀ ସେ କାର୍ଯ୍ୟ କରେ । ବ୍ୟକ୍ତିର ଏହି ସ୍ୱାଧୀନତା, ଭାଗବତ ସଂକଳ୍ପକୁ ସଫଳତାର ସହ କ୍ରିୟାତ୍ମକ ରୂପ ଦେବାର ଏକ ପ୍ରଣାଳୀ ମାତ୍ର । ବ୍ୟକ୍ତିର ସଂକଳ୍ପ ବିଶ୍ୱସଂକଳ୍ପର ଏକ ଅଂଶ ଏବଂ ସେ ଯାହାକରେ ତାହା ବାସ୍ତବିକ ସେ'ୟା ହୁଏ, ଯାହା ତାକୁ ଭାଗବତ ସଂକଳ୍ପ ନିଜର ମହାଯୋଜନାରେ ସମର୍ପି ଥାଏ ।

ପୁଣି କିଛିଟା ସୀମା ମଧ୍ୟରେ ବ୍ୟକ୍ତିକୁ ନିର୍ବାଚନ କରିବାର ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ଆଧୁନିକ ବିଜ୍ଞାନ ଭୌତିକ ଜଗତର ଅନିବାର୍ଯ୍ୟ ନିୟମକୁ ଗଣନା କରି ବଂଶାନୁକ୍ରମ ଓ ପରିବେଶ – ବଂଶ ପରମ୍ପରା ଓ ଚତୁର୍ଦ୍ଦିଗର ବାତାବରଣକୁ ବିଶେଷ ମହତ୍ତ୍ୱ ଦିଏ । କିନ୍ତୁ ଏଥିରେ ବି ସର୍ବଜ୍ଞଙ୍କ ଦ୍ୱାରା କରାଯାଇଥିବା ଅନ୍ତରାତ୍ମାର ନିର୍ବାଚନ କରିବା ପାଇଁ ବିଭିନ୍ନ କ୍ରମିକ ସ୍ଥିତି (ସ୍ତର) ଅଛି । ଅନ୍ୟ ଶବ୍ଦରେ କହିଲେ' – ବଂଶ, ବାତାବରଣ ଆଦି ଭେଦରେ ସମସ୍ତ ସମ୍ଭାବନା ଅନ୍ତରାତ୍ମାର ସମ୍ମୁଖରେ ରଖି ଦିଆଯାଏ ଏବଂ ସେ ସେମାନଙ୍କ ମଧ୍ୟରୁ ନିଜର ପସନ୍ଦ ଅନୁଯାୟୀ ଜୀବନ ବାଛିନିଏ । ଥରେ ନିର୍ବାଚିତ ହେବା ପରେ ଭୌତିକ ଓ ପ୍ରାଣିକ ନିୟମ ନିଜ ନିଜ କାର୍ଯ୍ୟ ଆରମ୍ଭ କରି ଦିଅନ୍ତି । କିନ୍ତୁ ସର୍ବଦା ଅନ୍ତରାତ୍ମା ପ୍ରଥମେ ନିର୍ବାଚନ କରେ ଏବଂ ଏହି ଭ୍ରାନ୍ତ ଧାରଣା ପ୍ରତିକ୍ଷଣରେ ନିଜ କାର୍ଯ୍ୟ ବାଛି ସେ ନିଜ କାର୍ଯ୍ୟ, ନିଜ କର୍ମ ଓ ଭାଗ୍ୟର ନିର୍ବାଚନ କରେ ।

ବ୍ୟକ୍ତି-ସଂକଳ୍ପ ବିଶ୍ୱ-ସଂକଳ୍ପର ଏକ ଅଂଶ ମାତ୍ର । ଯଦି ବାସ୍ତବିକ ପ୍ରଗତି କରିବାକୁ ଚାହୁଁ ତେବେ ଆମକୁ ଏହି ଦ୍ୱୟ ମଧ୍ୟରେ ସାମଞ୍ଜସ୍ୟ ଆଣିବାର ଗୁରୁତ୍ୱ ଜାଣିବା ଉଚିତ । ଯେତେଦିନଯାଏ ଆମେ ବିଶ୍ୱ-ସଂକଳ୍ପକୁ ଉପେକ୍ଷା କରି ନିଜ ଅହଂକାର ନିର୍ଦ୍ଦେଶିତ ମାର୍ଗରେ ଚାଲୁ, ସେତେଦିନଯାଏ ଗଣ୍ଡଗୋଳ, ସଂଘର୍ଷ ଏବଂ ମୃତ୍ୟୁର ଆଶଂକା ଲାଗି ରହିବ, କିନ୍ତୁ ଯେଉଁ ସମୟରେ ଆମେ ଭାଗବତ-ସଂକଳ୍ପକୁ ଜାଣୁ ଏବଂ ତା' ସହ ମିଶି ଏକ ହୋଇ – ତା'ର ଯନ୍ତ୍ର ହୋଇ କାର୍ଯ୍ୟ କରିବାର ରହସ୍ୟ ଜାଣୁ ସେସମୟରେ ସମସ୍ତ ସଂଘର୍ଷ ଲୁପ୍ତ ହୋଇଯାଏ ଏବଂ ନିଶ୍ଚିତ ରୂପେ ସାମଞ୍ଜସ୍ୟ ଆସେ । ଆମର ପ୍ରଥମ ଆବଶ୍ୟକତା ହେଲା ଏ ରହସ୍ୟକୁ ଜାଣିବା ।

ଯିଏ ଭଗବାନଙ୍କ ଅଭିବ୍ୟକ୍ତିର ସତ୍ୟକୁ ଜାଣିବାକୁ ଚାହେଁ ତା' ପାଇଁ ପ୍ରତ୍ୟେକ କର୍ମ ଭାଗବତ କର୍ମ ହୋଇଯାଏ । ସବୁ କାମ ଭଗବାନଙ୍କ ପାଇଁ ଏବଂ ତାଙ୍କ ଦ୍ୱାରାହିଁ କରାଯାଏ । ସେ ଦେଖେ ପ୍ରତ୍ୟେକ କର୍ମରେ ଜଣେହିଁ ପ୍ରଭୁ, ଜଣେ କର୍ତ୍ତା, ଏବଂ ଜଣେ ଯନ୍ତ୍ରୀ ରହିଛନ୍ତି । ସେ ନିଜକୁ ନା କାମର ପ୍ରଭୁ ବୋଲି ମାନି ନିଏ, ନା କର୍ତ୍ତା । ସେ କେବଳ ଯନ୍ତ୍ର ମାତ୍ର । ସେ ନିଜକୁ ଏପରି ଏକ ଯନ୍ତ୍ର କରିବାକୁ ସଚେଷ୍ଟ ହୁଏ, ଯିଏ ପ୍ରତି ମୁହୂର୍ତ୍ତରେ ଖୁସିରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ରହେ । ତା'ର ଆନନ୍ଦ ଓ ସନ୍ତୋଷ ଅନୁଭୂତ ହୁଏ, କାରଣ ସେ ଯନ୍ତ୍ର ରୂପେ ନିର୍ବାଚିତ ହୋଇଛି । ସେ ନିଜ ପ୍ରକୃତିର ଆନ୍ତରିକ ନିୟମକୁ ଜାଣିବା ଆରମ୍ଭ କରେ, ନିଜ ସତ୍ତାର ସବୁ ଅଂଶକୁ ନେଇ ନିଜ ଆତ୍ମାର ଝଙ୍କାର ସହ ସ୍ୱର ମିଶାଇ ଗତି କରେ ଏବଂ ପ୍ରକୃତ କର୍ତ୍ତାର ସଚେତନ ଯନ୍ତ୍ର ରୂପେ ସାନନ୍ଦେ ବିକଶିତ ହୋଇଉଠେ ।

ଏହି ପ୍ରକୃତକର୍ତ୍ତା ଭଗବାନଙ୍କ ପ୍ରକୃତି ଏବଂ ମାନବ ପ୍ରକୃତି ମଧ୍ୟରେ ତା'ର ଏକ ବିଶେଷ ଗତି ମାତ୍ର । ତା'ର ଶକ୍ତି ବ୍ୟକ୍ତି ଓ ବିଶ୍ୱରେ ଏକ ସଙ୍ଗେ କାର୍ଯ୍ୟ କରେ । ସାଧକ ଧୀରେ ଧୀରେ ଅନ୍ତଃସ୍ଥ, ବାହ୍ୟସ୍ଥ ସେହି ପ୍ରକୃତି ସହ ସଚେତନ ହୋଇଉଠେ ଓ ସେହି ଭାଗବତ ପ୍ରକୃତିର ଶକ୍ତି ସହ ନିଜର ଐକ୍ୟ ଅନୁଭବ କରେ । ଯେତେଯେତେ ତା'ର ଚେତନାର ବିସ୍ତାର ହୁଏ ଏବଂ ସେ ଜ୍ଞାନର ଗଭୀରକୁ ପ୍ରବେଶ କରେ ସେତେସେତେ ଏକଥା ସ୍ପଷ୍ଟ ହୋଇଯାଏ ଯେ ପ୍ରକୃତି ନିଜ

ପାଇଁ ନୁହେଁ ବରଂ ନିଜର ପ୍ରଭୁ ଭଗବାନଙ୍କ ପାଇଁ କାର୍ଯ୍ୟ କରୁଛି ।

ସାଧକ ନିଜ ମଧ୍ୟରେ ସକ୍ରିୟ ପ୍ରକୃତିର ଗତିବିଧି ସହ ସୁପରିଚିତ ହୁଏ ଏବଂ ନିଜ ସତ୍ତାର ଶିଖର ଦେଶରେ ଭଗବାନଙ୍କ ଉପସ୍ଥିତି ଲାଭ କରେ । ଯେବେ ମନୁଷ୍ୟ ନିଜ ମଧ୍ୟରେ ଯନ୍ତ୍ର, କର୍ତ୍ତା ଓ ପ୍ରଭୁଙ୍କର ରୂପ ଦେଖିପାରିବ, ଯେବେ ସେ ଏହି ସତ୍ୟକୁ ନିଜ ଜୀବନରେ ପ୍ରାପ୍ତ କରିବା ଆରମ୍ଭ କରିବ, ତେବେ ସେ କାର୍ଯ୍ୟର ପ୍ରକୃତ ଆନନ୍ଦ ଲାଭ କରିପାରିବ, ଭଗବାନଙ୍କ ଅଭିବ୍ୟକ୍ତିର ଲୀଳାରେ ନିଜର ଭୂମିକା ପୂର୍ଣ୍ଣ କରିପାରିବ ।

(ଅଗ୍ନିଶିଖା, ଅପ୍ରେଲ-ମେ, ୧୯୭୩ରୁ)

ଭାଷାନ୍ତର : ଆଶିଷ ପାଠୀ ❑

# ଶ୍ୱେତ ଗୋଲାପ

## ହୃଷୀକେଶ ପଣ୍ଡା

ବାର ବାର ଧରାବତରଣ
ତୁମ ସୃଷ୍ଟିର କାରଣ
ଯାହା ପାଇଁ ଏତେ ଶ୍ରଦ୍ଧା
ଏତେ ଆକର୍ଷଣ !

କିଏ ବା ନ ଚାହେଁ
ନେବା ପାଇଁ ପୁନର୍ଜନ୍ମ
ନିଜର ମାଟିରେ
ଶ୍ୱେତ ଗୋଲାପଟି ବୋଧେ
ସେଥିପାଇଁ ଏ ଧରାକୁ
ବାରବାର ଫେରେ ?

ପ୍ରଥମେ ଦେଖିଲି ଯେବେ
ଶ୍ୱେତ ଗୋଲାପର ହସ
ବାଲ୍‌କୋନୀ ଉପରେ
ଚାହାଣିରେ ଭରିଥିଲା
ସୁଦିବ୍ୟ-ଆଶ୍ୱାସ ।

ତା'ପରେ ଦେଖିଲି ସେ'ତ
ବିରାଜିତ ମନ ଉପବନେ
ଝରୁଥିଲା ଶୁଭ ଦୃଷ୍ଟି
ଗୋଟି ଗୋଟି ଫୁଲ ପାଖୁଡ଼ାରେ ।

ହେ ଶ୍ୱେତ ଗୋଲାପ
ଦିବ୍ୟତାର ପୂର୍ଣ୍ଣ ପ୍ରତିନିଧି !

ପୁଣି ଯେବେ ଆସିବ ଧରାକୁ
ନଶ୍ୱର ଏ ଦେହ ମୋର
ଥିବ କି ନ ଥିବ
ସ୍ମୃତି ତୁମ ରହିଥିବ
ଗୋଟି ଗୋଟି ହୋଇ
ସତ୍ୟ-ଶିବ-ସୁନ୍ଦର ଧରାରେ
ଯେବେ ମୋର ପୁନର୍ଜନ୍ମ ହେବ । ❑



(ଶ୍ରୀମାଙ୍କର ମହାପ୍ରୟାଣ ଦିବସ, ୧୭ ନଭେମ୍ବର ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ।)

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୭)

### ଚନ୍ଦ୍ରଶେଖର ଓ ଚିଦାନନ୍ଦଙ୍କର ଆଗମନ :

ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶାନୁଯାୟୀ ଅମୃତ ୧୯୧୫ ଫେବ୍ରୁଆରୀରେ ମାଟ୍ରିକୁଲେସନ୍ ପରୀକ୍ଷା ଦେଇ ଉଚ୍ଚତର ଶିକ୍ଷା ନିମିତ୍ତ ମାଡ୍ରାସରେ ୧୯୧୯ ଏପ୍ରିଲ ପର୍ଯ୍ୟନ୍ତ ରହିଥିଲେ; କିନ୍ତୁ ଛୁଟି ମିଳିବା ମାତ୍ରେ ସେ ସିଧା ପଣ୍ଡିଚେରୀକୁ ଚାଲି ଆସୁଥିଲେ ।

ଅମୃତଙ୍କର 'ଅତୀତ ସ୍ମୃତି'ରୁ ଉଦ୍ଧୃତି : ''ପଣ୍ଡିଚେରୀକୁ ଆସୁଥିବା ବେଳେ ଥରେ ଭି. ଚନ୍ଦ୍ରଶେଖର ଆୟା ନାମକ ଜଣେ ଆନ୍ଧ୍ର ଯୁବକଙ୍କୁ ଭେଟିଲି । ସେ ମୋତେ ପଚାରିଲେ, 'ମୁଁ କିପରି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିପାରିବି ?' ମୁଁ ତାଙ୍କୁ କହିଲି, 'ମୋ ସହିତ ଆପଣ ଆସି ପାରନ୍ତି, ତେଣିକି ଆପଣଙ୍କ ଭାଗ୍ୟ ।'

''ଶ୍ରୀଅରବିନ୍ଦଙ୍କ ନିକଟରେ ମୁଁ ଯେତେବେଳେ ଚନ୍ଦ୍ରଶେଖରଙ୍କ ବିଷୟ ଉତ୍ଥାପନ କଲି, ସେ ମୋତେ ତାଙ୍କ ସମ୍ବନ୍ଧରେ ବେଶ୍ କେତୋଟି ପ୍ରଶ୍ନ ପଚାରିଲେ – 'ସେ କେଉଁଠୁ ଆସିଛନ୍ତି ? ସେ ପଣ୍ଡିଚେରୀକୁ କ'ଣ ପାଇଁ ଆସିଛନ୍ତି ? କ'ଣ କିଛି ବ୍ୟବସାୟ ଉଦ୍ଦେଶ୍ୟରେ ଆସିଛନ୍ତି ?' – ଇତ୍ୟାଦି ନାନା ପ୍ରଶ୍ନ ପଚାରି ତା'ପରେ ଶେଷରେ ତାଙ୍କୁ ସାକ୍ଷାତ୍ ଦେବାକୁ ରାଜି ହେଲେ । ଶ୍ରୀଅରବିନ୍ଦଙ୍କ ସହିତ ଚନ୍ଦ୍ରଶେଖରଙ୍କର ଏହି ସାକ୍ଷାତ୍‌କାର ପାଞ୍ଚ ମିନିଟରୁ ଅଧିକ ସମୟ ଲାଗି ନଥିଲା ।

''ପରବର୍ତ୍ତୀ କାଳରେ, ମୁଁ ମାଡ୍ରାସରେ ଥିବାବେଳେ, ଚନ୍ଦ୍ରଶେଖରଙ୍କୁ ଥରେ କି ଦୁଇ ଥର ଭେଟିଥିବାର ମନେଅଛି । କିନ୍ତୁ ସେ ଯେତେବେଳେ ପଣ୍ଡିଚେରୀ ଆସୁଥିଲେ, ମୁଁ ତାଙ୍କ ସହିତ ପ୍ରାୟ ଆସୁଥିଲି । ସେ କେବେ ବି ଶ୍ରୀଅରବିନ୍ଦଙ୍କର ଦର୍ଶନଲାଭରୁ ବଞ୍ଚିତ ହୋଇ ନଥିଲେ ।...

''ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସିବା ପରେ ଚନ୍ଦ୍ରଶେଖର ପ୍ରକୃତରେ ଜଣେ ପ୍ରବୁଦ୍ଧ ବ୍ୟକ୍ତି ହୋଇଉଠିଥିଲେ । ତାଙ୍କର ସଂସ୍କୃତରେ ପାଣ୍ଡିତ୍ୟ ଥିଲା ଏବଂ ଇଂରାଜୀ ଭାଷାରେ ମଧ୍ୟ ବେଶ୍ ଦଖଲ ଥିଲା ।... ଶ୍ରୀଅରବିନ୍ଦହିଁ ତାଙ୍କ ଭିତରେ ଜ୍ଞାନାଗ୍ନି ପ୍ରଜ୍ୱଳିତ କରିଦେଇଥିଲେ ।

''ମୁଁ ଶେଷଥର ସକାଶେ ମାଡ୍ରାସ ଛାଡ଼ିବା ପରେ ଚନ୍ଦ୍ରଶେଖର ଦଶ, ବାର ଥର ପଣ୍ଡିଚେରୀକୁ ଆସି ଏକ ହୋଟେଲରେ ରହୁଥିଲେ; ଥରେ ଥରେ ସେ ଚାରି, ପାଞ୍ଚ ଦିନ ଧରି ରହିଯାଉଥିଲେ । ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଅପରିବର୍ତ୍ତିତ ଭାବରେ ଏକ ଦୃଢ଼ ଘନିଷ୍ଠତା ବଢ଼ିଉଠିଥିଲା । ଏହାର ଫଳସ୍ୱରୂପ, ସେ ଏଠାରେ ନିଜ ସକାଶେ ହୋଟେଲରେ ଏକ କୋଠରି ଭଡ଼ାରେ ସଂରକ୍ଷିତ କରି ରଖି ଦେଇଥିଲେ ।

''ସୁବ୍ରମଣ୍ୟ ଭାରତୀଙ୍କ ସଦୃଶ ଚନ୍ଦ୍ରଶେଖର ମଧ୍ୟ ଶ୍ରୀଅରବିନ୍ଦଙ୍କଠାରୁ ଋଗ୍‌ବେଦ ଅଧ୍ୟୟନ କରିଥିଲେ । ଦୁଇ, ତିନି ବର୍ଷ ଧରି ନିୟମିତ ଭାବରେ ଏକ ନିର୍ଦ୍ଦିଷ୍ଟ ସମୟରେ ଚନ୍ଦ୍ରଶେଖର ଶ୍ରୀଅରବିନ୍ଦଙ୍କଠାରୁ ଏହା ଅଧ୍ୟୟନ କରିଥିଲେ । ଏହି ଅଧ୍ୟୟନ ବେଦ ସମ୍ବନ୍ଧରେ ପୁରାତନ ପାରମ୍ପରିକ ଟୀକା-ଟିପ୍ପଣୀ ବା ପଦ୍ଧତିର ସାହାଯ୍ୟରେ ଚାଲୁ ନଥିଲା; ଏହା ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଜ୍ଞାନଲବ୍ଧ ବ୍ୟାଖ୍ୟାରେହିଁ ଆଧାରିତ ଥିଲା । ମୁଁ ଯେବେ ଏଥିରେ ଉପସ୍ଥିତ ରହିପାରୁଥିଲି, ଅତ୍ୟନ୍ତ ଆନନ୍ଦର ସହିତ ତାଙ୍କର ମୁଖନିଃସୃତ ସେହି ଅମୃତ ବ୍ୟାଖ୍ୟାସବୁକୁ ଗଭୀର ମନୋନିବେଶ ପୂର୍ବକ ଶ୍ରବଣ କରୁଥିଲି ।...''

ପରବର୍ତ୍ତି କାଳରେ ଚନ୍ଦ୍ରଶେଖର ନିଜ ମାତୃଭାଷା ତେଲୁଗୁରେ 'ଶ୍ରୀଅରବିନ୍ଦ' ଶିରୋନାମାରେ ଏକ ହୃଦୟଗ୍ରାହୀ କବିତା ରଚନା କରିଥିଲେ । ତାଙ୍କର ଅନ୍ୟାନ୍ୟ ଇଂରାଜୀ ରଚନା ମଧ୍ୟରେ "Sri Aurobindo's 'Life Divine' - A Brief study"; "Sri Aurobindo and the Veda"; "The Taittiriya Upanishad"; "The Sankhya System" ଓ "Sri Aurobindo and the Symbol of India." ଅନ୍ୟତମ ।

ଏବେ ଭି. ଚିଦାନନ୍ଦଙ୍କର ପଣ୍ଡିଚେରୀ ଆଗମନ ସମ୍ବନ୍ଧେ ତାଙ୍କ ନିଜସ୍ୱ ଉକ୍ତିରୁ ଉଦ୍ଧୃତି :

''୧୯୨୦ ମସିହା । ମୋତେ ସେତେବେଳେ ଅଠର ବର୍ଷ । ମାଡ୍ରାସରେ ବି. ଏ. ପଢୁଥାଏ । ମୋ ବଡ଼ ଭାଇ ଚନ୍ଦ୍ରଶେଖର ସେତେବେଳେ ପଣ୍ଡିଚେରୀରେ ଅବସ୍ଥାନ କରି ଶ୍ରୀଅରବିନ୍ଦଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ । ଠିକ୍

ଏଇ ପରିପ୍ରେକ୍ଷୀରେ ମୁଁ ଜାଣିବାକୁ ପାଇଥିଲି ଯେ ଶ୍ରୀଅରବିନ୍ଦ ଥିଲେ ପୂର୍ଣ୍ଣତଃ ଜଣେ ଅସାଧାରଣ ଦେଶପ୍ରେମୀ ଯିଏକି ସ୍ୱଦେଶକୁ ମାତୃରୂପେ ଜ୍ଞାନ କରୁଥିଲେ ଏବଂ ତା'ର ମୁକ୍ତି ନିମିତ୍ତ ସେ ନିଜର ସର୍ବସ୍ୱ ତ୍ୟାଗ କରିଥିଲେ । ପୁନଶ୍ଚ ସେ ଦେଶାତ୍ମବୋଧକୁ ଧର୍ମ ଓ ଆଧ୍ୟାତ୍ମିକତାର ସ୍ତରକୁ ଉନ୍ନୀତ କରି ତାଙ୍କର ଅଦମ୍ୟ ସାହସ, ଓଜସ୍ୱିନୀ ବକ୍ତୃତା ଓ ଲେଖା ମାଧ୍ୟମରେ ସମଗ୍ର ଦେଶରେ ଆତ୍ମଶକ୍ତିର ବହ୍ନି ପ୍ରଜ୍ଜ୍ୱଳିତ କରିଥିଲେ । ମୁଁ ମଧ୍ୟ ଶୁଣିବାକୁ ପାଇଥିଲି ଯେ ସେ ହେଉଛନ୍ତି ଏକାଧାରରେ ଜଣେ କବି, ବିଦ୍ୱାନ୍ ଏବଂ ମହାଯୋଗୀ । ଏହି ମହିମମୟ ଅପୂର୍ବ ବ୍ୟକ୍ତିତ୍ୱଙ୍କର ଦର୍ଶନ ନିମିତ୍ତ ମୁଁ ପ୍ରଣୋଦିତ ହୋଇ ମୋର ଗ୍ରୀଷ୍ମାବକାଶରେ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କଲି ।

''ମୁଁ ଯେଉଁଦିନ ପଣ୍ଡିଚେରୀରେ ପହଞ୍ଚିଲି, ଠିକ୍ ସେହିଦିନ ସାୟଂକାଳରେ ମୋ ଭାଇଙ୍କ ସହିତ ତାଙ୍କୁ ଦର୍ଶନ କଲି । ଶ୍ରୀଅରବିନ୍ଦ ସେତେବେଳେ ଫ୍ରାଁସୁଆ ମାର୍ତ୍ୟା ବାସଭବନରେ, 'ଗେଷ୍ଟ୍ ହାଉସ୍'ରେ ବାସ କରୁଥିଲେ । ମୋର ପ୍ରଥମ ଦୃଷ୍ଟିପାତରେ ମନେହେଲା ଯେ ସେ ହେଉଛନ୍ତି ଅସାଧାରଣ ଭାବରେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱସମ୍ପନ୍ନ ଜଣେ ଯଥାର୍ଥ ଋଷି । ତାଙ୍କର ଦେବୋପମ ମୁଖଶ୍ରୀରୁ ପ୍ରଗାଢ଼ ଶାନ୍ତି ଓ ସ୍ଥିରତା ବିକୀର୍ଣ୍ଣ ହେଉଥିଲା । ତାଙ୍କର ଅଭିନିବିଷ୍ଟ ଓ ଦିଗନ୍ତପ୍ରସାରୀ ଦୃଷ୍ଟି ମୋତେ ସୂଚାଇ ଦେଉଥିଲା ଯେ ସେ ଏଇ ପାର୍ଥିବ ଜଗତର ନୁହନ୍ତି । ସେ କୃଶତନୁ ଥିଲେ ସତ, କିନ୍ତୁ ତାଙ୍କୁ ଦର୍ଶନ କରିବା ମାତ୍ରେ ମୋ ମଧ୍ୟରେ ଏହି ଦୃଢ଼ଧାରଣା ଜନ୍ମିଲା ଯେ ସେ ଏକ ଅସାଧାରଣ, ଶକ୍ତିଶାଳୀ ଓ ପ୍ରଶାନ୍ତ ସାମର୍ଥ୍ୟର ପ୍ରତିଭୂ । କୃଷ୍ଣବର୍ଣ୍ଣ ଅଙ୍ଗରାଗରେ ତାଙ୍କର ବ୍ୟକ୍ତିତ୍ୱ ଥିଲା ତେଜୋମୟ, ଉଦ୍ଦୀପ୍ତ ।

''ଶ୍ରୀଅରବିନ୍ଦ ଦୟାପରବଶ ହୋଇ ମୋର ପଢ଼ାପଢ଼ି ତଥା ଆଗ୍ରହାନ୍ୱିତ ବିଷୟସବୁ ସମ୍ବନ୍ଧରେ ପ୍ରଶ୍ନ କଲେ । ମୁଁ ତାଙ୍କୁ ଯେତେବେଳେ ମୋର ପ୍ରଧାନ ପ୍ରଧାନ ବିଷୟ ହିସାବରେ ସାହିତ୍ୟ, ଲଳିତ-କଳା ଏବଂ ଦର୍ଶନଶାସ୍ତ୍ର କଥା ଉଲ୍ଲେଖ କଲି, ସେ ଉପରୋକ୍ତ ବିଷୟସବୁ ସମ୍ବନ୍ଧରେ ସମ୍ୟକ୍ ରୂପେ ଅଧ୍ୟୟନ କରିବା ସକାଶେ କେଉଁ ଲେଖକଙ୍କର କେଉଁ ଗ୍ରନ୍ଥ ପଠନୀୟ, ସେସମ୍ବନ୍ଧେ ବତାଇଦେଲେ ।...

''ପରେ ଗୋଟିଏ ସପ୍ତାହ ସକାଶେ ପ୍ରତିଦିନ ସାୟଂକାଳରେ ତାଙ୍କର ଦର୍ଶନ ପାଇବାର ଅନୁମତି ସେ ମୋତେ ପ୍ରଦାନ କରିଥିଲେ । ଏହି ସାକ୍ଷାତ୍କାରସବୁରେ ମୁଖ୍ୟତଃ ସାହିତ୍ୟ ଏବଂ ରାଜନୀତି ସମ୍ବନ୍ଧରେ ଆଲୋଚନା ହେଉଥିଲା । ତାଙ୍କ ମୁଖନିଃସୃତ ବାଣୀ ଶ୍ରବଣ କରୁଥିବା ମୁହୂର୍ତ୍ତରେ ଅନ୍ତରରେ ଏକ ଅହୈତୁକୀ ଆନନ୍ଦ ଭରି ଉଠୁଥିଲା । ଅଭିଜ୍ଞତା ଓ ବିଜ୍ଞତାକୁ ଯୁଗପତ୍ ସୁବ୍ୟବହାର କରିବାରେ ତାଙ୍କର ଅସୀମ ଶକ୍ତି ଥିଲା ଏବଂ ଏହା ସାଙ୍ଗକୁ ତାଙ୍କର ଥିଲା ଏକ ଉତ୍କୃଷ୍ଟ ଓ ବିଚକ୍ଷଣ ଆନନ୍ଦଦାୟକ ବା କୌତୁକ-ପ୍ରଦାନକାରୀ ଦିବ୍ୟଗୁଣ । ଏହି ସାକ୍ଷାତ୍କାର ଏବଂ ପରବର୍ତ୍ତୀ କାଳରେ ହୋଇଥିବା ସାକ୍ଷାତ୍କାରଗୁଡ଼ିକ ଏବେ ବି ମୋ ସ୍ମୃତିପଟରେ ଗଭୀର ଭାବରେ ଅଙ୍କିତ ହୋଇରହିଛି ।

''ବିଦାୟ ନେବା ମୁହୂର୍ତ୍ତରେ, ମୁଁ ତାଙ୍କଠାରେ ଏତିକି ବିନମ୍ର ପ୍ରାର୍ଥନା ଜଣାଇଲି ଯେ ପୁଣି ଯେବେ ଆସିବି, ସେ ଯେମିତି ମୋତେ ତାଙ୍କର ଦର୍ଶନଲାଭରୁ ବଞ୍ଚିତ ନକରନ୍ତି । ସେ ସହାସ୍ୟରେ ମୋର ପ୍ରାର୍ଥନା ପୂରଣ କଲେ ।

''ପଣ୍ଡିଚେରୀରୁ ବିଦାୟ ନେଇ ମାଡ୍ରାସରେ ପହଞ୍ଚି ମୁଁ ଆହୁରି ଆଗ୍ରହର ସହିତ 'ଆର୍ଯ୍ୟ' ପତ୍ରିକାରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ରଚନାବଳି ପାଠ କରିବାକୁ ଲାଗିଲି । ସେସବୁଥିରେ ମାନବର ସ୍ୱଭାବ ଏବଂ ଜଗତ୍ ଓ ଭଗବାନଙ୍କ ସମ୍ବନ୍ଧରେ ଜଟିଳ ସମସ୍ୟାସବୁର ସମାଧାନ-ସୂତ୍ର ପାଇଲି । ତାଙ୍କ ରଚନାବଳି ପାଠକରି ମୁଁ ଯେଉଁ ମାନସିକ ପରିତୃପ୍ତି ତଥା ଆଧ୍ୟାତ୍ମିକ ଆତ୍ମ-ସନ୍ତୋଷ ପାଇବାକୁ ଲାଗିଲି ତାହା ଅନ୍ୟ କୌଣସି ମନୀଷୀଙ୍କର ଚିନ୍ତାଧାରା ବା ଲେଖାରୁ ମୁଁ ପାଇ ନଥିଲି ।... ତାଙ୍କର ଜୀବନ-ଦର୍ଶନ ଏବଂ ତାଙ୍କର ଜୀବନଯାପନର ଧାରା ମୋ ସତ୍ତାର କିଛି ଗଭୀର, କିଛି ଅନ୍ତରତମ ଖିଅକୁ ସମ୍ବେଦନ ଜଣାଉଥିଲା ଏବଂ ମୋତେ ମୋର ଗଭୀରତମ ପ୍ରଦେଶରେ ଉପନୀତ କରି ଦେଉଥିଲା ।...

''୧୯୨୬ ମସିହାର ପ୍ରାରମ୍ଭରେ ମୁଁ ସିଦ୍ଧାନ୍ତ ନେଲି : 'ଶ୍ରୀଅରବିନ୍ଦ ହେଉଛନ୍ତି ମୋର ଗୁରୁ ।' କିନ୍ତୁ ମୁଁ ନିଜକୁ ପ୍ରଶ୍ନ କଲି, 'ସେ ମୋତେ ତାଙ୍କର ଶିଷ୍ୟରୂପେ ଗ୍ରହଣ କରିବେ ତ ?' ଶଙ୍କାକୁଳ ହୃଦୟରେ ପଣ୍ଡିଚେରୀରେ ପହଞ୍ଚି ଗୁରୁଙ୍କର ଦର୍ଶନ ପ୍ରାର୍ଥନା କଲି; ସେ ତତ୍‌କ୍ଷଣାତ୍ ସ୍ୱୀକୃତି ପ୍ରଦାନ କଲେ । ପ୍ରଥମ ଦର୍ଶନରେ ତାଙ୍କୁ ଯେମିତି ଦେଖିଥିଲି, ଏଥର କିନ୍ତୁ ତାଙ୍କ ପାର୍ଥିବ ଶରୀରର ବିପୁଳ ପରିବର୍ତ୍ତନ ଦେଖି ମୁଁ ଅବାକ୍ ହୋଇଉଠିଲି । ତାଙ୍କ ଅଙ୍ଗରାଗ ହୋଇଉଠିଥିଲା ଗୌରକାନ୍ତି ଏବଂ ସୌଷ୍ଠବ-ଯୁକ୍ତ ।... ମୁଁ ତାଙ୍କ ସମ୍ମୁଖରେ ମୋର ଆଗମନର ଅଭିପ୍ରାୟ ଜଣାଇଲି । ସେ ଯେତେବେଳେ ମୋତେ ତାଙ୍କର ଶିଷ୍ୟ ରୂପେ

ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କଲେ, ମୁଁ ତତ୍‌କ୍ଷଣାତ୍ ନିଜକୁ ଭାଗ୍ୟବାନ୍ ମନେକଲି ।

''ଏହି ସମୟରେ ଶ୍ରୀଅରବିନ୍ଦ ୯ନଂ, ରୁ୍ୟ ଦ ଲା ମାରିନ୍(ଲାଇବ୍ରେରି ହାଉସ୍)ରେ ବାସ କରୁଥିଲେ । ମୋର ବଡ଼ ଭାଇ ଓ ମୁଁ ଦୁହେଁ ଏହି କୋଠା ସଂଲଗ୍ନ ପରବର୍ତ୍ତୀ କୋଠା 'ରୋଜାରୀ ହାଉସ୍'ରେ ବାସ କରୁଥିଲୁ । ସେତେବେଳେ ଆମେ ପ୍ରାୟ ଦଶ, ବାର ଜଣ ଶିଷ୍ୟ ଶ୍ରୀଅରବିନ୍ଦଙ୍କର ପ୍ରକୋଷ୍ଠ ସଂଲଗ୍ନ କେତୋଟି ବଖରାରେ ବସବାସ କରୁଥିଲୁ । ଏହା 'ଗୁରୁକୁଳ' ସଦୃଶ ଥିଲା । ଏହି ସମୟରେ ପ୍ରତି ସନ୍ଧ୍ୟାରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିରେ ଅନୌପଚାରିକ ଭାବରେ 'ସାନ୍ଧ୍ୟ-ବୈଠକ' ବସୁଥିଲା; ଏହି ବୈଠକରେ ଆମେ ସମସ୍ତେ ବିଭିନ୍ନ ବିଷୟରେ ଆଳାପ-ଆଲୋଚନାରେ ଭାଗ ନେଉଥିଲୁ ।... କିନ୍ତୁ ଏସବୁର ପୃଷ୍ଠଭୂମିରେ ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିତ୍ୱ ଏବଂ ତାଙ୍କର ଅନନ୍ୟ ଅନ୍ତର୍ଦୃଷ୍ଟିର ସର୍ବାଚ୍ଛାଦନକାରୀ ଉପସ୍ଥିତି ରହୁଥିଲା ।...

''ଶ୍ରୀଅରବିନ୍ଦଙ୍କ କଣ୍ଠସ୍ୱର ଥିଲା କୋମଳ ଓ ମୃଦୁ... । ତାଙ୍କ ଶ୍ରୀମୁଖରୁ ଚିରସ୍ରୋତା ନିର୍ଝରର ଶୀତଳ ବାରିଧାରା ସଦୃଶ ଶବ୍ଦସ୍ରୋତ ପ୍ରବାହିତ ହେଉଥିଲା । ତାଙ୍କର ଥିଲା ବିଶ୍ୱବ୍ୟାପୀ ଧୀଶକ୍ତି; ଶତାଧିକ ଲୋକ-ଲୋକୋତ୍ତର ସ୍ଥିତିରୁ ଜ୍ଞାନାଞ୍ଜନ ଓ ଚିନ୍ତାରାଜି ତାଙ୍କ ମଧ୍ୟକୁ ଅବତରି ଆସୁଥିଲା । ଯୋଗ-ସାଧନା ତଥା ଅନ୍ୟାନ୍ୟ କ୍ଷେତ୍ରରେ ତାଙ୍କର ଅନୁଭୂତି ଥିଲା ଅସୀମ । ତଥାପି ସେ ତାଙ୍କର ଗରିମମୟ ଉପସ୍ଥିତିରେ ଆମକୁ ଅଫୁରନ୍ତ ଶାନ୍ତି ଓ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରୁଥିଲେ । ମୁଁ ତାଙ୍କୁ କେବେହେଲେ ଗମ୍ଭୀର ବା ଚିନ୍ତିତ ହେବାର ଦେଖି ନଥିଲି । ହସକୌତୁକ, ଏପରିକି ଲଘୁ ଚିତ୍ତର ହାସ୍ୟୋଦ୍ଦୀପକ ଥଟ୍ଟା-ପରିହାସ ଏହି ଆସରରେ ପ୍ରଚୁର ପରିମାଣରେ ଭରି ରହୁଥିଲା । ସମୟ ସମୟରେ ସେ ଖୁସିରେ ମୃଦୁ ମୃଦୁ ହସୁଥିଲେ । ବାସ୍ତବିକ ଆମେମାନେ ଆନନ୍ଦ ଓ ଉତ୍କଣ୍ଠାର ସହ 'ସାନ୍ଧ୍ୟ-ବୈଠକ'କୁ ଅପେକ୍ଷା କରୁଥିଲୁ ।

''ଏମିତି ଦିନ ଗଡ଼ି ଯାଉଥିବାବେଳେ ଆମମାନଙ୍କର ସ୍ପଷ୍ଟ ବୋଧହେଲା ଯେ ସେ ଦିନକୁ ଦିନ ଅଧିକରୁ ଅଧିକ ଅନ୍ତର୍ମୁଖୀ ହୋଇଉଠୁଛନ୍ତି ଏବଂ ୧୯୨୬ର ନଭେମ୍ବର ଆଡ଼କୁ 'ସାନ୍ଧ୍ୟ ବୈଠକ' ଅଧିକରୁ ଅଧିକ ବିଳମ୍ବରେ ବସିବାକୁ ଲାଗିଲା । ନିତି ସନ୍ଧ୍ୟା ହେଲେ ଆମେମାନେ ଉପରମହଲାର ବାରଣ୍ଡାରେ ଯାଇ ଏକତ୍ରିତ ହୋଇଯାଉଥିଲୁ ଏବଂ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୁରୁଙ୍କର ଆଗମନକୁ ଅପେକ୍ଷା କରୁଥିଲୁ । ନିଶ୍ଚିତରୂପେ ଶ୍ରୀଅରବିନ୍ଦ ତାଙ୍କ ସାଧନାରେ ସିଦ୍ଧାନ୍ତମୂଳକ ସ୍ତରରେ ଉପନୀତ ହେଉଥିଲେ ଏବଂ ଏକ ଗହନ ସତ୍ୟର ସନ୍ଧାନ ନିଶ୍ଚିତରୂପେ ପାଉଥିଲେ । ଆଜିକୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ବିତି ଯାଇଥିଲେ ମଧ୍ୟ (୧୯୬୯ରେ ଲିଖିତ) ଏବେ ବି ମୋର ବେଶ୍ ସ୍ମରଣରେ ଅଛି ଦିନେ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଆମେ ତାଙ୍କର ଦର୍ଶନ ପାଇବା ନିମିତ୍ତ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲୁ । ତା'ପରେ ସେ ନିଜ କକ୍ଷରୁ ବାହାରି ଆସି ବାରଣ୍ଡାରେ ତାଙ୍କର ଆସନ ଗ୍ରହଣ ପୂର୍ବକ କହିଲେ ଯେ ତାଙ୍କର ଏକ ଅସାଧାରଣ ଅନୁଭୂତି ହୋଇଛି । ଏବଂ ବେଦରେ 'କୂପ' ସମ୍ବନ୍ଧରେ ବର୍ଣ୍ଣିତ ଶ୍ଳୋକ* ତାଙ୍କର ଏହି ଅନୁଭୂତିକୁ ପ୍ରମାଣ-ସିଦ୍ଧ କରୁଛି । ତା'ପରେ ସେ ଏହି ମର୍ମରେ ବ୍ୟାଖ୍ୟା କଲେ, ''ବେଦ-ବର୍ଣ୍ଣିତ 'କୂପ' ହେଉଛି ସର୍ବଦା ଅବଚେତନ ଶାରୀର-ଚେତନାର ପ୍ରତୀକ । ଯଦି ତୁମେ ଶାରୀର-ଚେତନାର ଏକେବାରେ ନିମ୍ନତଳ ଦେଶରେ ଉପନୀତ ହୁଅ – ତୁମେ ଏହି ସ୍ଥିତିରେ ସମ୍ପୂର୍ଣ୍ଣରୂପେ ଉପନୀତ ହୋଇପାର – ତେବେ, କହିବାକୁ ଗଲେ, ତୁମେ ଏକ ମହାସମୁଦ୍ରରେ ଉପନୀତ ହେବ, 'ଅପ୍ରକେତମ୍ ସଲିଲମ୍', ଅଚେତନ ଅତିମାନସ ସ୍ତର – ଏହି ସ୍ତର ଆମମାନଙ୍କ ସକାଶେ ଅଚେତନ, କିନ୍ତୁ ସ୍ୱୟଂ-ସଚେତନ ସ୍ତର – ନିମ୍ନରେ ଥିବା ଅତିମାନସ । ଉର୍ଦ୍ଧ୍ୱର ଅତିମାନସ ସ୍ତର ସଦୃଶ ଏହା ନିମ୍ନର ଅତିମାନସ ସ୍ତର । ଏହି ନିମ୍ନ ଅତିମାନସରେ ଉପନୀତ ହେବାକୁ ହେଲେ, ଯଦି ତୁମର ଯଥେଷ୍ଟ ପରିମାଣରେ ଶକ୍ତି ନଥାଏ, ତେବେ ତୁମେ ବେଦ-ବର୍ଣ୍ଣିତ 'କୂପ' ମଧ୍ୟରେ ପତିତ ହେବ । ଉର୍ଦ୍ଧ୍ୱରୁ ଯଦି ଦିବ୍ୟଜ୍ୟୋତିଃ ଏବଂ ଦିବ୍ୟସତ୍ୟର ଅବତରଣ ଘଟେ ତା'ହେଲେ ଏହି କୂପ ମଧ୍ୟଦେଇ ତୁମେ ନିମ୍ନର ସେଇ ଅତିମାନସରେ ଉପନୀତ ହୋଇପାରିବ ଏବଂ

---

* ତ୍ରିତଃ କୂପେଽବହିତୋ ଦେବାନ୍ ହବତ ଉତୟେ ।
ତଚ୍ଛୁଶ୍ରାବ ବୃହସ୍ପତିଃ କୃଣ୍ୱନ୍ନଂହୂରଣାଦୁରୁ ବିତ୍ତଂ ମେ ଅସ୍ୟ ରୋଦସୀ ।। (ଋଗ୍‌ବେଦ ମଣ୍ଡଳ -୧, ସୂକ୍ତ - ୧୦୫, ମନ୍ତ୍ର - ୧୭)
କୂଅରେ ପଡ଼ିଥିବା ତ୍ରିତଃ (ଇନ୍ଦ୍ର, ଅଗ୍ନି, ତ୍ରିକାଳ) ନିଜର ସୁରକ୍ଷା ପାଇଁ ଦେବଗଣଙ୍କୁ ପ୍ରାର୍ଥନା କଲେ । ବୃହସ୍ପତି ତା' ଶୁଣି ବିପଦରୁ ଉଦ୍ଧାର କରିବା ପାଇଁ ବିସ୍ତୃତ ମାର୍ଗ ରଚନା କଲେ । ହେ ପୃଥିବୀ ଓ ସ୍ୱର୍ଗ, ମୋର ଏହି ପ୍ରାର୍ଥନା ପ୍ରତି ଧ୍ୟାନ ଦିଅ ।

ନିଜ ମଧ୍ୟରେ ସେଇ କୂପକୁ ବି ପ୍ରତିପାଳନ କରିପାରିବ; ତା'ହେଲେ ସେହି କୂପଟି ଆଉ କୂପ ହୋଇ ରହିବ ନାହିଁ। ଏବଂ ତା'ପରେ ବେଦବର୍ଣ୍ଣିତ 'ମଧୁ', 'ମଧୁର ରସ' ମସ୍ତିଷ୍କର ଊର୍ଦ୍ଧ୍ୱରେ ଥିବା 'ସହସ୍ରଦଳ ପଦ୍ମଚକ୍ର' ବା 'ସହସ୍ରାର'କୁ ଝରି ଆସିବ । ବେଦରେ ଏହି ସହସ୍ରାଚକ୍ର କଥା ବର୍ଣ୍ଣିତ ହୋଇଛି। ଏବଂ ଏହି ଚକ୍ର ମଧ୍ୟଦେଇ 'ମଧୁ' ତୁମର ପାର୍ଥିବ ଶରୀର-ସତ୍ତା ମଧ୍ୟକୁ ଝରି ଆସିବ ।'' ଗୁରୁଙ୍କର ଏହି ନିଗୂଢ଼ ଅନୁଭୂତିର ଆତ୍ମ-ପ୍ରତ୍ୟୟମୂଳକ ବ୍ୟାଖ୍ୟା ଶୁଣି ଆମେ ସମସ୍ତେ ଏକ ଦିବ୍ୟ-ପୁଲକରେ ଶିହରିତ ହୋଇଉଠିଲୁ ।... ପରିଶେଷରେ ନଭେମ୍ବରର ଶେଷ ସପ୍ତାହ ବେଳକୁ ଏହି 'ସାନ୍ଧ୍ୟ ବୈଠକ'ର ଯବନିକା ପତନ ହୋଇଥିଲା ।...

''ଶ୍ରୀଅରବିନ୍ଦଙ୍କର ଶିଷ୍ୟରୂପେ ଗୃହୀତ ହେବା ପରେ, ଆମେ ଯେତେବେଳେ ଆମ ସାଧନାମାର୍ଗରେ ଦିଗ୍‌ନିର୍ଦ୍ଦେଶ ତାଙ୍କଠାରୁ ଚାହୁଁଥିଲୁ, ସେ କୃପାପରବଶ ହୋଇ ଆମକୁ ପ୍ରାୟ ସକାଳ ୯ଟାରେ ବ୍ୟକ୍ତିଗତ ଭାବରେ ତାଙ୍କ ସହିତ ସାକ୍ଷାତ୍‌କାରର ଅନୁମତି ଦେଉଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଆମର ସମସ୍ତ କଥା ଶ୍ରବଣ କରୁଥିଲେ, ଆମର ପ୍ରଶ୍ନସବୁର ଉତ୍ତର ଦେଉଥିଲେ ଏବଂ ଆମକୁ ଯଥାର୍ଥ ମାର୍ଗରେ ଅଗ୍ରସର କରାଇ ନେଉଥିଲେ ।''

ପୁନଶ୍ଚ ଚିଦାନନ୍ଦଙ୍କର ଦିନଲିପିରୁ କିଛି ଅଂଶ :

''୨୦.୧୧.୧୯୨୬ : କେତେକ ପରିସ୍ଥିତି ଯୋଗୁଁ ମୋତେ ପଣ୍ଡିଚେରୀ ଛାଡ଼ି ଘରକୁ ଯିବାକୁ ପଡ଼ିଲା । ସେଥିପାଇଁ ମୁଁ ଗୁରୁଙ୍କ ଅନୁମତି ପ୍ରାର୍ଥନା କଲି । ସେ ଏତେ ଦରଦୀ, ଦୟାର୍ଦ୍ର, ପ୍ରେମପୂର୍ଣ୍ଣ ତଥା କରୁଣାମୟ ଥିଲେ ଯେ ମୋତେ ପଚାରିଲେ, ''ଘରକୁ ଯିବାକୁ କାହିଁକି ଚାହୁଁଛ ? ଏଠାରେ ରହିଯାଉ ନାହଁ କାହିଁକି ?'' ତାଙ୍କର ପରମ କରୁଣା ମୋତେ ଘେରି ରହିଥିବାର ମୁଁ ଅନୁଭବ କଲି ଏବଂ ଅଭିଭୂତ ହୋଇପଡ଼ିଲି । ମୋର ପରିସ୍ଥିତି ତାଙ୍କୁ ବିଶଦ ଭାବରେ ଜଣାଇବା ପରେ ସେ ଅନୁକମ୍ପାର ସହ ମୋତେ ଶୁଭାଶିଷ ଦେଲେ ।...''

*

''ସେହି ସମୟରେ ଶ୍ରୀମା ନିଜକୁ ପୃଷ୍ଠଭୂମିରେ ରଖୁଥିଲେ – ଭୌତିକଭାବେ । ତାଙ୍କର ପ୍ରଥମ ଦର୍ଶନରେ ତାଙ୍କର କ୍ଷୀଣତନୁ ମାତ୍ର ଅପାର୍ଥିବ ସମୁଜ୍ଜ୍ୱଳ ରୂପଶ୍ରୀରେ ମୁଁ ବିସ୍ମିତ ହୋଇଥିଲି । ତାଙ୍କର ଅଭିରାମ ନୟନଯୁଗଳ ସୀମାହୀନ ନୀଳ ସମୁଦ୍ରର ଅତଳ, ଅସୀମ ନୀଳ ଜଳରାଶି ସଦୃଶ ପ୍ରତିଭାତ ହେଉଥିଲା । ତାଙ୍କ ସମକ୍ଷରେ ମୁଁ ବିସ୍ମୟବିମୂଢ଼ ହୋଇ ଦଣ୍ଡାୟମାନ ହେଲି ଓ ଦୀର୍ଘ ସମୟ ଧରି ସେହି ବିସ୍ତୃତି, ସେଇ ମନୋହାରିଣୀ ଅସୀମଙ୍କର ସେଇ ଚମତ୍କାର ନୟନ-ଯୁଗଳକୁ ନିର୍ନିମେଷ ନୟନରେ ଚାହିଁ ରହିଲି । ସେହି ନୟନ-ଯୁଗଳ ମଧ୍ୟରେ ମୁଁ ସତକୁ ସତ ହଜିଗଲି । ଏହା କ'ଣ ସେହି ପରମ ରହସ୍ୟର ଏକ ରୂପ, ସୁଦୂର ଅମରଲୋକରୁ ଅବତରି ଆସିଥିବା ଏକ ଦିବ୍ୟପରୀ ନା ଏହା ମୋର ଏକ ସୂକ୍ଷ୍ମଦର୍ଶନ ? ମୁଁ ତାଙ୍କର ପରମ ପ୍ରେମ ଓ କରୁଣାର ଘେର ମଧ୍ୟରେ ରହିଥିବାର ଅନୁଭବ କଲି । ତା'ପରେ ନିଜକୁ ପ୍ରକୃତିସ୍ଥ କରି ତାଙ୍କର ଆଶୀର୍ବାଦ ପ୍ରାର୍ଥନା କଲି । ସେ ମୋର ଆଖିକୁ ଚାହିଁ ସ୍ମିତହାସ୍ୟରେ ଆଶୀର୍ବାଦ କଲେ । କି ଅମିୟ ମଧୁର ସେ ହସ ! ସେପରି ଆଖି, ସେପରି ହସ ମୁଁ ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ବ୍ୟକ୍ତିଠାରେ ଦେଖି ନାହିଁ । ଏହିସବୁ ବର୍ଷଗୁଡ଼ିକରେ ସେହି ଦୃଶ୍ୟ ମୋ ସ୍ମୃତିପଟରେ ଏବେ ବି ଖୋଦିତ ହୋଇ ରହିଛି ।...

''ମୁଁ ମା'ଙ୍କର ନିର୍ଦ୍ଦେଶ ଓ ତାଙ୍କଠାରୁ ବିଦାୟ ନେବା ଲାଗି ତାଙ୍କ ସନ୍ନିଧାନକୁ ଗଲି... ।

''ଶ୍ରୀମା କହିଲେ, ''ହୃଦୟରେ ସଂକେନ୍ଦ୍ରିତ ଓ ଏକାଗ୍ର ହୁଅ । ଶକ୍ତି ଆଉ ଶାନ୍ତି ପାଇଁ ଅଭୀପ୍ସା କର, ସେଇଠାରେ ଆମ ପ୍ରତି ନିଜକୁ ଉନ୍ମୀଳିତ କର... କିଛି ବାଧା ନାହିଁ । ବ୍ୟଗ୍ର ହୁଅନା । ଆଗକୁ ଆଗେଇ ଚାଲ । ଚରୈବେତି, ଚରୈବେତି । ସବୁ ଠିକ୍ ହୋଇଯିବ ।''

''ଏହିପରି ଭାବରେ ଅନିଚ୍ଛା ସତ୍ତ୍ୱେ ପରିସ୍ଥିତିର ଚାପରେ ପଡ଼ି ମୁଁ ଦିବ୍ୟପ୍ରେମର ସୁଧାଧାରା ଶ୍ରୀଅରବିନ୍ଦ ଓ ମା'ଙ୍କଠାରୁ ମେଲାଣି ନେଲି । ମାଶ୍ରୀଅରବିନ୍ଦ ମୋର ମାନସପଟରେ ଅଭିନ୍ନ ଭାବରେ ପୃଥିବୀର ଊର୍ଦ୍ଧ୍ୱରେ ସ୍ଥିର, ନିଶ୍ଚଳ, ପ୍ରଶାନ୍ତ, ଦିବ୍ୟାଲୋକସ୍ନାତ ଓ ସକଳଙ୍କ ପାଇଁ ଦିବ୍ୟଶାନ୍ତି, ଦିବ୍ୟକୃପା ଓ ଦିବ୍ୟପ୍ରେମ ବିଚ୍ଛୁରଣ କରୁଥିବା ହିମାଳୟର ଦିବ୍ୟଗୌରୀଶଙ୍କର ଶୃଙ୍ଗ ସଦୃଶ ଦଣ୍ଡାୟମାନ ହୋଇ ରହିଛନ୍ତି । ସେମାନେ ଆମ ଜୀବନଯାତ୍ରା-ପଥରେ ବତିଖୁଣ୍ଟ ସଦୃଶ ଏବଂ ମୋର ପ୍ରାର୍ଥନା ଓ ବିଶ୍ୱାସ ଯେ ସେମାନେ ସେମାନଙ୍କ କୃପା ଅନନ୍ତକାଳ ଧରି ଆମ ଉପରେ ବର୍ଷଣ କରି ଚାଲିଥିବେ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ଆରବ୍ୟ ରଜନୀର ଅଜଣା କାହାଣୀ :

# ବିଚିତ୍ର ଭବିଷ୍ୟଦ୍‌ବାଣୀ

## ମନୋଜ ଦାସ

ମୁଁ ରାଜକୁମାର ଆଜୀବ । ମୋ ଜୀବନ କାହାଣୀ ଅପୂର୍ବ । ମୋତେ ସେତେବେଳେ ଷୋହଳ, ସତର ବର୍ଷ ବୟସ । ଦିନେ ଜଣେ ଜ୍ୟୋତିଷ ମୋ ପିତାଙ୍କୁ କହିଲେ, ‘‘ମାସକ ଭିତରେ ଆପଣଙ୍କ ସୁପୁତ୍ରଟି କାହାରି ହେଲେ ମୃତ୍ୟୁର କାରଣ ହେବେ ।’’

ମୋ ବାପା ବଡ଼ ଦୁଃଖିତ କଣ୍ଠରେ ପ୍ରଶ୍ନ କଲେ, ‘‘ସେଭଳି ଦୁର୍ଭାଗ୍ୟରୁ ବର୍ତ୍ତିବାର ଉପାୟ କିଛି ଥିବ ନିଶ୍ଚୟ ! ତାହା କ’ଣ ?’’

‘‘ମହାରାଜ ! ଏସବୁ ଅଦୃଷ୍ଟର କଥା । ଭଗବାନଙ୍କ କୃପା ଛଡ଼ା କପାଳ ଲିଖନକୁ କିଏ ବା ଲିଭାଇ ପାରିବ ? ପୁଅ ପାଇଁ ଆପଣ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ନିଜେ ରାଜକୁମାର ମଧ୍ୟ ପ୍ରାର୍ଥନା କରନ୍ତୁ । ସୁଫଳ ଅବଶ୍ୟ ମିଳିବ ।’’ ଉତ୍ତରରେ ଜଣାଇଲେ ଜ୍ୟୋତିଷ ।

ବାପା ମୋତେ ଏକଥା ଜଣାଇଲେ ନାହିଁ । କିନ୍ତୁ ତେଣିକି ସେ ସକାଳେ, ଅପରାହ୍ନରେ, ସଂଧ୍ୟାରେ ମୋତେ ପାଖରେ ବସାଇ ପ୍ରାର୍ଥନା କରିବାକୁ ଲାଗିଲେ ଓ ମୋତେ ପ୍ରାର୍ଥନା କରିବାକୁ କହିଲେ । ମୁଁ ମୋ ମିତ୍ରମାନଙ୍କ ସହ ଖେଳିବାକୁ ଯିବାର ସୁଯୋଗ ପାଇଲି ନାହିଁ । ମୁଁ କାଳେ କାହା ମୃତ୍ୟୁର କାରଣ ହୋଇଯିବି, ସେଥିପାଇଁ ସେ ମୋତେ କାହା ସହ ମିଶିବାକୁ ଦେଲେ ନାହିଁ । ଗୋଟାଏ ସପ୍ତାହ ଭିତରେ ମୋ ଜୀବନ ଦୁର୍ବିଷହ ହେଲା । ମାତ୍ର ମାସକ ପାଇଁ ମୋତେ ଏମିତି କଡ଼ା ଶାସନରେ ରହିବାକୁ ପଡ଼ିବ ବୋଲି ଜାଣିଥିଲେ ମୁଁ ଅବଶ୍ୟ ବାପାଙ୍କ ନିର୍ଦ୍ଦେଶ ଅନୁସରଣ କରିଥା’ନ୍ତି । ହୁଏତ ଆଉ କେଇ ଦିନ ପରେ, ମୁଁ ଅଧୈର୍ଯ୍ୟ ହେଉଛି ବୋଲି ଅନୁଭବ କରିଥିଲେ ବାପା ମୋତେ ଏ ଶୃଙ୍ଖଳାର ରହସ୍ୟ କହି ଦେଇଥା’ନ୍ତେ । କିନ୍ତୁ ମୁଁ ନଅ, ଦଶ ଦିନ ଭିତରେ ମନେ ମନେ ବଡ଼ ବିଦ୍ରୋହୀ ହୋଇପଡ଼ିଲି । ଦିନେ ରାତିରେ ପ୍ରାସାଦରୁ ବାହାରି ଯାଇ ଘୋଡ଼ା ଚଢ଼ି ସମୁଦ୍ର ତୀରରେ ପହଞ୍ଚିଲି । ସେଠି ବନ୍ଦରରେ ଗୋଟାଏ ବିଦେଶୀ ଜାହାଜ ଲାଗିଥାଏ । କପ୍ତାନଙ୍କୁ ଭେଟି ମୁଁ ତାଙ୍କ ଜାହାଜରେ କାମଟିଏ ପାଇବା ନିମନ୍ତେ ଅନୁରୋଧ କଲି ।

କପ୍ତାନ ମୋତେ ପସନ୍ଦ କଲେ । ତାଙ୍କ ସହକାରୀଟି ସେହି ବନ୍ଦରରେ ଓହ୍ଲାଇ ଯାଇଥାଏ ଏବଂ ଆଉ ଜାହାଜକୁ ଫେରିବ ନାହିଁ ବୋଲି ଖବର ପଠାଇ ଥାଏ । ତେଣୁ କପ୍ତାନ ମୋତେ ସହକାରୀ ରୂପେ ଗ୍ରହଣ କଲେ ।

ଜାହାଜ ବନ୍ଦର ଛାଡ଼ିବାର ଦୁଇ, ତିନି ଦିନ ପରେ କପ୍ତାନ ମୋତେ କହିଲେ, ‘‘ତରୁଣ ! ତୁମେ ତ ସାଧାରଣ ଘରର ପିଲା ବୋଲି ମନେ ହୁଏନା । ତୁମ ମୁଦିରେ ଯେଉଁ ନକ୍‌ସାଟି ରହିଛି, ତାହା ତ ସେଠାକାର ରାଜାଙ୍କ ପ୍ରତୀକ ଭଳି ଦିଶୁଛି । କଥା କ’ଣ କହିଲ ?’’

ମୁଁ ସେଉଠୁ ତାଙ୍କୁ ସବୁ କଥା କହିଦେଲି । ତେଣିକି ମୁଁ ତାଙ୍କ ସହକାରୀ ହେବି କ’ଣ, ସେ ମୋ ସହକାରୀ ଭଳି ଆଚରଣ କଲେ । ମୋର ସମସ୍ତ ପ୍ରକାର ଯତ୍ନ ନେଲେ ।

ସମୁଦ୍ର ଭିତରେ, ପ୍ରାୟ ସପ୍ତାହକ ପରେ, ଆମେ ଭୀଷଣ ଝଡ଼ର ସାମନା କଲୁଁ । ଦିନେ ପ୍ରଭାତରେ ମୁଁ ମୋ କୋଠରି ଭିତରୁ ବାହାରି ଆସିଥାଏଁ, ଅଳ୍ପ ଦୂରରେ ଗୋଟିଏ ପର୍ବତ ଦେଖାଗଲା । ମୁଁ ଆନନ୍ଦିତ ହେଲି । ତାହା ନିଶ୍ଚେ ଛୋଟ ଦ୍ୱୀପଟିଏ । ଆମ ଜାହାଜର ଖାଦ୍ୟପଦାର୍ଥ ବହୁ ପରିମାଣରେ ନଷ୍ଟ ହୋଇଯାଇଥାଏ; ପିଇବା ପାଣି ସରି ଆସୁଥାଏ । ଏ ଦ୍ୱୀପରୁ ଆମେ ଖାଦ୍ୟ ଓ ପାଣି ସଂଗ୍ରହ କରିପାରିବୁ, ଏହି ଆଶାରେ କପ୍ତାନଙ୍କୁ ଡାକିଲି ।

ସେ ବାହାରି ଆସି ପାହାଡ଼ ଆଡ଼େ ଅନାଇ ପ୍ରଥମେ ଖୁସି ହେଲେ । କିନ୍ତୁ ପର ମୁହୂର୍ତ୍ତରେ ତାଙ୍କ ମୁହଁରେ ଆତଙ୍କ ଫୁଟି ଉଠିଲା । ସେ ମୋତେ ପଚାରିଲେ, ‘‘ତୁମେ କିଛି ଅନୁଭବ କରିପାରୁଛ ?’’ ମୁଁ ସଚେତ ହୋଇଉଠି ଜାହାଜ କେମିତି ଅସ୍ୱାଭାବିକ ଭାବେ ଟଳମଳ ହେଉଥିବାର ଲକ୍ଷ୍ୟ କଲି ।

କପ୍ତାନ ନିର୍ଦ୍ଦେଶ ଦେଲେ, ‘‘ଏହିକ୍ଷଣି ଜାହାଜକୁ ଏ ପର୍ବତଠାରୁ ଯେତେ ଦୂର ସମ୍ଭବ ଦୂରକୁ ନେଇଯାଅ ।’’

କିନ୍ତୁ ବିଳମ୍ବ ହୋଇ ଯାଇଥିଲା । ରହସ୍ୟ ହେଲା, ସେ ପର୍ବତ ମାରାତ୍ମକ ଚୁମ୍ବକ ପର୍ବତ । ଚାହୁଁ ଚାହୁଁ ଆମ ଜାହାଜର ଯାବତୀୟ ଲୁହା ଜିନିଷ, କଳକବ୍‌ଜାଠୁଁ ଆରମ୍ଭ କରି ଛୋଟ

ବଡ଼ କଣ୍ଟା ପର୍ଯ୍ୟନ୍ତ, ସବୁ ହୁଗୁଳିବାକୁ ଲାଗିଲେ । ଜାହାଜର ଯାବତୀୟ କାଠ ଅଲଗା ହୋଇ ଯାଉଥା'ନ୍ତି । ଅଳ୍ପ ସମୟ ଭିତରେ ଜାହାଜର ସବୁ ଅଙ୍ଗ ସମୁଦ୍ର ଗର୍ଭକୁ ଚାଲିଗଲେ ।

କିଏ କୁଆଡ଼େ ଗଲେ ଜାଣେନା, ଗୋଟାଏ ପଟା ଉପରେ ଭରା ଦେଇ ମୁଁ ସେ ପର୍ବତ ଆଡ଼େ ଭାସି ଯିବାକୁ ଚେଷ୍ଟା କଲି । ପବନ-ଚାଳିତ ଲହରି ମୋର ସହାୟକ ହେଲା ।

କୂଳରେ ପହଞ୍ଚି ଖଣ୍ଡିଏ ପଥର ଉପରେ ଅଳ୍ପ ସମୟ ବିଶ୍ରାମ ଅନ୍ତେ ମୁଁ ଇତସ୍ତତଃ ଅନାଇଲି । ଦ୍ୱୀପଟି ଛୋଟ; ବଡ଼ ପର୍ବତ ଚାରିକଡ଼େ ଛୋଟ ଛୋଟ ପାହାଡ଼ ଏବଂ ବଣଜଙ୍ଗଲ । କୌଣସି ପ୍ରାଣୀ ମଧ୍ୟ ଆଖିରେ ପଡ଼ିଲେ ନାହିଁ – ମଣିଷ ତ ଦୂରର କଥା ।

ଭୀଷଣ ଶୀତ ଲାଗୁଥାଏ । ଆଖିରେ ପଡ଼ିଲା ଗୋଟାଏ ଚମଡ଼ା ପରିଚ୍ଛଦ । କୌଣସି ଜାହାଜରୁ ଭାସିଆସି ଲାଗିଥିଲା ନିଶ୍ଚୟ । ମୁଁ ତାକୁ ପିନ୍ଧି ପକାଇଲି । ଟିକିଏ ଆରାମ ଲାଗିଲା; କିଛି ସମୟ ଭିତରେ ଗଭୀର ନିଦ ମୋତେ ଆଚ୍ଛନ୍ନ କଲା ।

ବିସ୍ମୟ ପରେ ବିସ୍ମୟ ! ପ୍ରଥମେ ଭାବିଲି, ସ୍ୱପ୍ନ ଦେଖୁଛି । ନା, ସ୍ୱପ୍ନ ନୁହେଁ । ମୁଁ ଶୂନ୍ୟରେ ଭାସୁଛି । କଥା ହେଲା, ମୋର ଚମଡ଼ା ଆବରଣ ପ୍ରତି ଲୋଭାତୁର ହୋଇ ଗୋଟାଏ ବିଶାଳକାୟ ରୁଖ୍ ଛଞ୍ଚାଣ ଆବରଣ ସହ ମୋତେ ଟେକି ନେଇଯାଉଛି ।

ପ୍ରଥମେ ଛାଟିପିଟି ହେବି ବୋଲି ଭାବିଥିଲି । ତା'ହେଲେ ଅତଳ ସମୁଦ୍ରରେ ପଡ଼ିବି । ମୃତ୍ୟୁ ଅନିବାର୍ଯ୍ୟ । ଯଦି ମୃତ୍ୟୁ ଅନିବାର୍ଯ୍ୟ, ତେବେ ତରବର ହେଲେ ଅଧିକା କ'ଣ ହେବ ? ଅପେକ୍ଷା କରିବାକୁ ସିଦ୍ଧାନ୍ତ ନେଲି ।

ଦୂରରୁ ଦେଖାଗଲା ଅନ୍ୟ ଗୋଟିଏ ଦ୍ୱୀପ । ଛଞ୍ଚାଣ ଯାଇ ସେ ଦ୍ୱୀପ ଅନ୍ତର୍ଗତ ପାହାଡ଼ଟିଏ ଉପରେ ବସି ପଡ଼ି ଉଠାଇ ଆଣିଥିବା ମାଲ୍ ତଳେ ଥୋଇଲା । ସଙ୍ଗେ ସଙ୍ଗେ ମୁଁ ଚମଡ଼ା ଆବରଣରୁ ଗଳିପଡ଼ି, ଗଡ଼ି ଗଡ଼ି ଆସି ପାହାଡ଼ର ପାଦ ଦେଶରେ ପହଞ୍ଚିଲି । ଛଞ୍ଚାଣ ମୋ ପ୍ରତି ଭ୍ରୂକ୍ଷେପ ନକରି ସେ ଚମଡ଼ାକୁ ଚଞ୍ଚୁ ଦ୍ୱାରା ଛିନ୍ନଭିନ୍ନ କରିବାରେ ମନ ଦେଲା । ମୁଁ ଅଳ୍ପ ଦୂରରେ ଦେଖିଲି ଗୋଟାଏ ପାଚିଲା ପଣସ ଭର୍ତ୍ତି ଗଛ । ସେଥିରୁ ଗୋଟାଏ ଚିରି ପେଟପୂରା ଖାଇଲି । ପାଖରେ ଝରଣା । ପାଣି ପିଇଲି । ତା'ପରେ ସେ ଦ୍ୱୀପର ଅବସ୍ଥା ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଗୋଟିଏ ବଡ଼ ଗଛ ଉପରକୁ ଉଠିଗଲି ।

ଦେଖିଲି, ଗୋଟାଏ ଛୋଟ ଜାହାଜ ଆସି ଲଙ୍ଗର ପକାଉଛି । ସେଠାକୁ ଦୌଡ଼ି ଯିବାକୁ ମନ ଉଚ୍ଛନ୍ନ ହେଲା । କିନ୍ତୁ ତାହା ଯଦି ଜଳଦସ୍ୟୁମାନଙ୍କ ଜାହାଜ ହୋଇଥିବ ? ମୋତେ ସେମାନେ କ୍ରୀତଦାସ ଭାବେ କେଉଁଠି ନେଇ ବିକ୍ରୟ କରିଦେବେ ।

ଅତଏବ ଗଛ ଉପରେ ଅପେକ୍ଷା କଲି । ଦେଖିଲି, ଜାହାଜରୁ ଦଶ, ବାର ଜଣ ଲୋକ ଓହ୍ଲାଇଲେ । ସେମାନେ ଅନେକ ଜିନିଷପତ୍ର ଧରିଥା'ନ୍ତି । ସେମାନଙ୍କ ଭିତରୁ ଛ'ଜଣ ମୁଁ ଚଢ଼ିଥିବା ଗଛ ଆଡ଼େ ଅଗ୍ରସର ହୋଇ ଆସିଲେ । ଆଗରେ ଯିଏ ଚାଲିଥା'ନ୍ତି, ସିଏ ଜଣେ ରାଜା ବୋଲି ମନେ ହେଲା । ତାଙ୍କ ପଛରେ ମୋହରି ବୟସର ଜଣେ ତରୁଣ । ସମ୍ଭବତଃ ରାଜପୁତ୍ର । ଅନ୍ୟ ଚାରିଜଣ କେତୋଟି ବଡ଼ ବଡ଼ ଥଳି ମୁଣ୍ଡାଇଥା'ନ୍ତି ।

ମୋ ଗଛଠୁଁ ଅଳ୍ପ ଦୂରରେ ଅନ୍ୟ ଏକ ଗଛ ତଳେ ସେମାନେ ଖଣ୍ଡିଏ ଶିଳା ଘୁଞ୍ଚାଇ ଦେଇ ଭିତରେ ପ୍ରବେଶ କଲେ । ପ୍ରାୟ ଘଣ୍ଟାଏ ପରେ ସଭିଏଁ ବାହାରି ଆସିଲେ – କେବଳ ତରୁଣଟି ଛଡ଼ା । ରାଜା ନିଜ ଆଖିରୁ ଲୁହ ପୋଛିବା ପରି ମନେ ହେଲା । ଧୀରେ ଧୀରେ ସେମାନେ ଯାଇ ଜାହାଜ ଆରୋହଣ କଲେ ।

ରାଜପୁତ୍ରକୁ ତେବେ ସେମାନେ ମରିବା ପାଇଁ ଭୂଗର୍ଭରେ ଛାଡ଼ି ଦେଇଗଲେ ? ମୁଁ ଗଭୀର କୌତୂହଳଭରେ ଗଛରୁ ଅବତରଣ କରି ପାଖ ଗଛଟି ପାଖକୁ ଗଲି ଓ ବହୁତ କଷ୍ଟ କରି ଶିଳାଟିକୁ ଘୁଞ୍ଚାଇ ଦେଲି । ପାହାଚମାନ ଖୋଳା ହୋଇଥାଏ ତଳକୁ ତଳକୁ । ମୁଁ ଓହ୍ଲାଇଲି । ତଳେ ଗୋଟାଏ ପ୍ରଶସ୍ତ କକ୍ଷ, ସୁସଜ୍ଜିତ । ପଲଙ୍କ, ଗଦି, ଚୌକି, ଗୁଡ଼ାଏ ମହମ ଆଲୁଅ । ଦେଖିଲି, ଖଣ୍ଡିଏ ଶତରଞ୍ଜି ଉପରେ ବସି, କାନ୍ଥକୁ ଆଉଜି ତରୁଣଟି ବହିଟିଏ ପଢୁଛି ।

ମୁଁ ତା' ଉଦ୍ଦେଶ୍ୟରେ ଅଭିବାଦନ ଜଣାଇବା ମାତ୍ରେ ସେ ଚମକି ପଡ଼ିଲା । ମୁଁ ଆଗକୁ ଯାଇ ସ୍ମିତହସ ସହକାରେ କହିଲି, ''ମୋ ପ୍ରତି ଭୟ କରିବାର କାରଣ ନାହିଁ ।''

''କିନ୍ତୁ ତୁମେ ଏଠି ଥିଲ କେଉଁଠାରେ ? ଗତକାଲି ସାରାଦିନ ଆମ ଲୋକେ ତନ୍ନ ତନ୍ନ କରି ଏ ଛୋଟ ଦ୍ୱୀପ ତଲାସ କରିଛନ୍ତି । ଅବଶ୍ୟ ଏଠାରେ ବାସିନ୍ଦା କେହି ନଥା'ନ୍ତି । ତଥାପି ସେମାନେ ଏହା ସମ୍ପୂର୍ଣ୍ଣ ଜନଶୂନ୍ୟ ବୋଲି ନିଶ୍ଚିତ ହେବାପରେ ମୋତେ ଏଠାକୁ ଅଣାଗଲା ।'' ତରୁଣଟି କହିଲା ।

ମୁଁ ମୋ କାହାଣୀ ଗପିଲି । ସେ ଚମତ୍କୃତ ହେଲା; ସେ ସତରେ ରାଜପୁତ୍ର !

ସେ କହିଲା, ''କୌଣସି ଗୋପନ କାରଣରୁ, ମୋହରି ମଙ୍ଗଳ ପାଇଁ, ତିନି ସପ୍ତାହ ସକାଶେ ମୋତେ ସଭିଙ୍କର ସମ୍ପୂର୍ଣ୍ଣ ଅଜ୍ଞାତରେ ରହିବାକୁ ପଡ଼ିବ ବୋଲି ଆମ ଜ୍ୟୋତିଷମାନେ ବାପାଙ୍କୁ କହିଲେ । ତେଣୁ ଏ ଗୋପନ ସ୍ଥାନକୁ ଆଜିକୁ ଛଅ ମାସ ହେବ ପ୍ରସ୍ତୁତ କରାଯାଇଛି । ପଛପଟ ଶିଳା ଘୁଞ୍ଚାଇ ଦେଲେ ଦେଖିବ ଗୋଟାଏ ଜଳାଶୟ । ତାକୁ ବାକି ତିନି ଦିଗରୁ ସିଧା ପ୍ରାଚୀର ଭଳି ଘେରିଛି ତିଖ ପାହାଡ଼ । କେହି ସେପଟରୁ ପଶି ପାରିବେ ନାହିଁ । ଜଳାଶୟ ଚାରିପଟେ ନାନାଦି ସୁସ୍ୱାଦୁ ଫଳ ଗଛ ମଧ୍ୟ ରହିଛି । ମୋର କେଡ଼େ ଭାଗ୍ୟ, ତୁମକୁ ସାଥୀ ପାଇଗଲି ।''

ଆମେ ଦୁହେଁ ଅତି ଘନିଷ୍ଠ ବନ୍ଧୁ ହୋଇଗଲୁ । ସେଠାରେ ଯେତେ ଖାଦ୍ୟ ପଦାର୍ଥ ରଖା ଯାଇଥିଲା, ତାହା ଚାରିଜଣ ଲୋକ ଯଥେଚ୍ଛା ଖାଇଲେ ମଧ୍ୟ ତିନି ସପ୍ତାହ କାହିଁକି, ତିନି ମାସରେ ଶେଷ କରି ପାରନ୍ତେ କି ନା ସନ୍ଦେହ ! ଆମେ ଦୁହେଁ ସରୋବରରେ ସନ୍ତରଣ କରୁଁ, ଖେଳୁଁ, ବହି ପଢ଼ୁଁ ଏବଂ ଗପସପ ହେଉଁ ।

ତିନି ସପ୍ତାହ ବିତିଗଲା । ଆଜି ବା କାଲି ରାଜପୁତ୍ରକୁ ନେଇଯିବା ପାଇଁ ତା' ବାପା ଆସିବେ ।

ରାଜପୁତ୍ର ମୋତେ କହିଲା, ''ବାପା ମଉଜିଆ ଲୋକ । ଥଟ୍ଟା ତାମସା ବେଶ୍ ଉପଭୋଗ କରନ୍ତି । ଗୋଟାଏ କାମ କରିବା । ତୁମେ ତଳ ପାହାଚ ପାଖରେ ଗୋଟାଏ ତରବାରି ଧରି ଠିଆ ହୋଇଥିବ । ବାପା ଭାବିବେ ତୁମେ ଗୋଟାଏ ଡାକୁ; ମୋତେ ମାରି ପକାଇଛ । କିନ୍ତୁ ମୁହୂର୍ତ୍ତକ ପରେ ମୁଁ ହସି ହସି ତାଙ୍କ ଆଗକୁ ଆସିଯିବି । ବଡ଼ ମଜା ହେବ ।''

ମୋର ଆପତ୍ତି ନଥିଲା । ଶିଳା ଅପସାରଣ ଶବ୍ଦ ଶୁଣାଯିବା ମାତ୍ରେ ମୁଁ ତରବାରି ଉଞ୍ଚାଇ ଠିଆ ହେଲି । ରାଜା ଭିତରକୁ ପଶୁ ପଶୁ ମୋତେ ଦେଖି ''ହାୟ !'' ବୋଲି କହି ତଳେ ପଡ଼ିଗଲେ । ମନ୍ତ୍ରୀ ଓ ଦେହରକ୍ଷୀମାନେ ତାଙ୍କୁ ବାହାରକୁ ନେଇ ଆସିଲେ । ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା ।

ରାଜପୁତ୍ର କାନ୍ଦ କାନ୍ଦ ହୁଅନ୍ତେ ମନ୍ତ୍ରୀ ଜଣାଇଲେ, ''ଭବିଷ୍ୟଦ୍‌ବାଣୀ ହୋଇଥିଲା, ତିନି ସପ୍ତାହ ମଧ୍ୟରେ ହୁଏତ ରାଜପୁତ୍ର କାହାରି ଦ୍ୱାରା ନିହତ ହେବେ ନହେଲେ ତାଙ୍କ ପିତାଙ୍କ ମୃତ୍ୟୁର ହେତୁ ହେବେ । ରାଜା ନିଜ ଜୀବନ ଅପେକ୍ଷା ପୁତ୍ରର ଜୀବନ ରକ୍ଷା ପାଇଁ ଉତ୍କଣ୍ଠିତ ଥିଲେ । ତେଣୁ ସେ ରାଜପୁତ୍ରଙ୍କୁ ନିରାପଦରେ ରଖିବାର ଏ ବ୍ୟବସ୍ଥା କରିଥିଲେ । ମୁଁ ରାଜାଙ୍କୁ କହୁଥିଲି, ଜ୍ୟୋତିଷ ଗଣନା ଅନୁସାରେ ତିନି ସପ୍ତାହ ସମ୍ପୂର୍ଣ୍ଣ ହେବାକୁ ଅଧାଦିନ ବାକି ଅଛି । କିନ୍ତୁ ସେ ପୁଅକୁ ଦେଖିବା ପାଇଁ ଅତ୍ୟନ୍ତ ଉଚ୍ଛନ୍ନ ହେଉଥିଲେ । ମୋ କଥା ପ୍ରତି ଧ୍ୟାନ ଦେଲେ ନାହିଁ । ଭବିଷ୍ୟଦ୍‌ବାଣୀ ଫଳିଗଲା ।''

ପ୍ରଧାନ ଅମାତ୍ୟ କହିଲେ, ''ଯଦି ରାଜପୁତ୍ର ମରିଥା'ନ୍ତେ, ତେବେ ରାଜା ମଧ୍ୟ ସେ ଧକ୍କା ସହି ନପାରି ମରିଥା'ନ୍ତେ । ଆମର ସୌଭାଗ୍ୟ, ରାଜପୁତ୍ର ନିରାପଦ ରହିଲେ ।''

ରାଜପୁତ୍ର ଅବଶ୍ୟ ଜାଣୁଥିଲେ, ମୋ ସମ୍ପର୍କୀୟ ଭବିଷ୍ୟଦ୍‌ବାଣୀ ମଧ୍ୟ ଫଳିଗଲା । ମୁଁ ଜଣଙ୍କର ମୃତ୍ୟୁର କାରଣ ହେଲି ।

ସଭିଏଁ ଜାହାଜ ଯୋଗେ, ରାଜାଙ୍କ ପ୍ରାଣହୀନ ଦେହ ସମେତ, ସେମାନଙ୍କ ରାଜ୍ୟକୁ ଆସିଲୁଁ । ରାଜାଙ୍କ ଶ୍ରାଦ୍ଧ ସମାପନ ହେଲା, ରାଜପୁତ୍ରର ଯଥାବିଧି ଅଭିଷେକ ହେଲା ଏବଂ ତତ୍ପରେ ମୋର ମିତ୍ର, ତରୁଣ ରାଜା, ଜାହାଜ ଯୋଗେ ମୋତେ ଆମ ରାଜ୍ୟକୁ ପଠାଇଦେଲେ ।

ପିତୃଦେବ ଦୁଃଖରେ ଶଯ୍ୟାଶାୟୀ ହୋଇ ରହିଥା'ନ୍ତି । ମୋତେ ଦେଖି ସୁସ୍ଥ ହେଲେ । ମୋଠୁଁ ମୋ ଅଭିଯାନ ବୃତ୍ତାନ୍ତ ଶୁଣି ଆନନ୍ଦ ଓ ବିସ୍ମୟରେ ଆତ୍ମହରା ହେଲେ ।

''ବାପା ! ଆପଣଙ୍କ ପ୍ରାର୍ଥନା ଯୋଗୁଁ ମୁଁ ସଚେତନ ଭାବରେ କାହାରି ମୃତ୍ୟୁର ହେତୁ ହେଲି ନାହିଁ । ମୁଁ ନିଜେ ଯଦି ପ୍ରାର୍ଥନା କରିଥା'ନ୍ତି, ତେବେ ଅଚେତନ ଭାବରେ ମଧ୍ୟ ମୋ ବନ୍ଧୁ-ପିତାଙ୍କ ମୃତ୍ୟୁର କାରଣ ହୋଇ ନ ଥା'ନ୍ତି ।''

ବାପା କହିଲେ, ''ଠିକ୍ !''

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୨)

## ସାହାନା ଦେବୀ

**ସାହାନା :** ମାଗୋ, ଶ୍ରୀଅରବିନ୍ଦଙ୍କ ପତ୍ର ପଢ଼ି ମୋର କ'ଣ ଯେ ହେଲା ଅତ୍ୟନ୍ତ ବିଚଳିତ ହୋଇ ପଡ଼ିଲି, ମନେ ହେଲା ସାଧନା ମୁଁ କରିପାରିବି ନାହିଁ । ମୁଁ ଆଉ କିଛିହିଁ ବୁଝିପାରୁ ନାହିଁ । ସବୁ ଛାଡ଼ି ତୁମକୁ ଚାହିଁଛି, ତେବେ ତୁମ ମନ ମୁତାବକ କରି ନପାରିଲେ ଯଦି ଦୁଃଖ ଆସେ ତେବେ କହିବ – 'ପ୍ରାଣର ଦାବି', 'ବାସନା' – ତା'ହେଲେ କେଉଁ ଉପାୟରେ ଯେ ଚାହିଁବି ତା' ବି ବୁଝି ପାରୁନି । ତୁମକୁ ଚାହେଁ, ସେଥିପାଇଁ ଯାହା କରିବାକୁ କହୁଛ ବୋଲି ମୁଁ ବୁଝୁଛି ତାହା କରିବାକୁ ତ ଚେଷ୍ଟା ମଧ୍ୟ କରୁଛି, କିନ୍ତୁ ଯଦି ଦେଖେ ମୋ ଅନ୍ତରରେ ତୁମ ସଙ୍ଗେ ସଂଯୋଗ ନିବିଡ଼ତର, ଘନିଷ୍ଠତର ହୋଇ ଉଠି ପାରୁନି, ସେତେବେଳେ ନିଜକୁ ହତାଶ ମନେ କରିବା, ଦୁଃଖବୋଧ କରିବା ତ ସ୍ୱାଭାବିକ । ଏହା ତ ବୁଝିପାରୁଛି ଯାହା କରିବାର କଥା ତାହା କରିପାରୁନି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଦେଇଥିବା ପ୍ରତିକ୍ରିୟା ଜନିତ ବିବରଣୀରୁ ମୁଁ କହିଥିଲି ହୁଏତ ସେଥିରେ ପ୍ରାଣର ଦାବି ଥିଲା । ଶୁଦ୍ଧ ଚୈତ୍ୟିକ ବା ଆଧ୍ୟାତ୍ମିକ ଆତ୍ମ-ନିବେଦନ ମଧ୍ୟରେ ଏଇ ପ୍ରକାର କୌଣସି ପ୍ରତିକ୍ରିୟା ହୁଏ ନାହିଁ, ନିରାଶା ବା ବିଷଣ୍ଣତା ହୁଏ ନାହିଁ; ଏହା କୁହେ ନାହିଁ ଯେ 'ଭଗବାନଙ୍କୁ ଚାହିଁ ମୁଁ ତେବେ କ'ଣ ପାଇଲି', କୌଣସି ପ୍ରକାର ରାଗ, ବିଦ୍ରୋହ, ଅଭିମାନ, ଏଠାରୁ ଛାଡ଼ି ଚାଲିଯିବାର ଇଚ୍ଛା – ଯେମିତି ତୁମେ ଏଠାରେ ବ୍ୟକ୍ତ କରିଛ । ବରଂ ତା'ର ଭଗବାନଙ୍କ ଉପରେ ଥାଏ ପୂର୍ଣ୍ଣ ଆସ୍ଥା ଏବଂ ସମସ୍ତ ଅବସ୍ଥାରେ ସେ ଭଗବାନଙ୍କୁ ଜାବୁଡ଼ି ଧରି ରଖିବାକୁ ଚାହେଁ । ଏହି ଅବସ୍ଥାଟି ତୁମର ହେଉ ବୋଲି ମୁଁ ଚାହିଁଥିଲି; ଏହାହିଁ ଏକମାତ୍ର ଭିତ୍ତି ଯେଉଁଥିରେ ସବୁପ୍ରକାର ଯନ୍ତ୍ରଣା ଓ ପ୍ରତିକ୍ରିୟାଠାରୁ ମୁକ୍ତି ମିଳେ ଏବଂ ସ୍ଥିର ପଦକ୍ଷେପ ସହ ଆଗେଇଯିବା ସମ୍ଭବ ହୁଏ ।

୨୧. ୬. ୩୩

**ସାହାନା :** ତୁମକୁ ପାଇବା ମୋର ଇଚ୍ଛା, ତାହା ଯଦି ବାସନା ହୁଏ ତେବେ ଆତ୍ମାର ଆସ୍ପୃହାଟା କ'ଣ ? ତୁମକୁ ଯେ ମୁଁ ଠିକ୍‌ଭାବେ ଚାହିଁ ପାରୁନି, ଏଇ ଯେଉଁ ଅତୃପ୍ତି, ମୁଁ ତ ଭାବୁଥିଲି ଏହାହିଁ ହେଉଛି ମୋ ଆତ୍ମାର ଅତୃପ୍ତି ଓ ଅଭୀପ୍ସା । ମୁଁ ଜାଣିଥିଲି ମୋ ମଧ୍ୟରେ ଏହାହିଁ ପବିତ୍ରଭାବ । ହେ ମା ! ଦେଖିଲି – ତାହା ନୁହେଁ ତ, ତାହା ଅପବିତ୍ର, ବାସନା – ଏମିତି ମନେ ହେଲା ! ମୋର ନିମ୍ନ ପ୍ରବୃତ୍ତି ପାଖରେ ବର୍ତ୍ତମାନ ସୁଦ୍ଧା ମୁଁ କେତେ ଅସହାୟ – ତେଣୁ ଯେତେବେଳେ ଏହା ଦେଖିବାକୁ ପାଏ ଆହୁରି ନିରାଶା ଭାବ ଆସେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** କିନ୍ତୁ ଏହିସବୁ ଅନୁଭବ କ'ଣ ଆତ୍ମାର ଆତ୍ମ-ନିବେଦନର ଲକ୍ଷଣ ? ମୁଁ ତୁମକୁ ଯେତେବେଳେ ଲେଖୁଛି, ଏବଂ ମୋ ଲେଖାର ଫଳସ୍ୱରୂପ ଏବଂ ଚେଷ୍ଟା ମଧ୍ୟ ଦେଇ ତୁମକୁ ପଥ ଦେଖାଇବାକୁ ଚାହୁଁଛି, ସେତେବେଳେ ଏହିସବୁ ଜିନିଷ ଆସେ କେଉଁ ଉପାୟରେ, ଯଦି ଏହା ମଧ୍ୟରେ ପ୍ରାଣିକ ମିଶ୍ରଣ ନଥାଏ ?

୨୧. ୬. ୩୩

**ସାହାନା :** ବର୍ତ୍ତମାନ ମନ ଅନେକଟା ଭଲ ଲାଗୁଛି । ସେସବୁ ମନୋଭାବ ଆଉ ନାହିଁ କିନ୍ତୁ ଅନ୍ତର ଭିତରେ ବର୍ତ୍ତମାନ ସୁଦ୍ଧା କିଛି ଜମାଟବାନ୍ଧି ଅଛି । ଶ୍ରୀଅରବିନ୍ଦଙ୍କର ପତ୍ରଟି ପାଇ ସେତେବେଳେ କିପରି ଏକ ବିଦ୍ରୋହ ଭାବର ଆକ୍ରମଣ ପରି ଆସିଲା, କାହିଁକି ଯେ ଆସିଲା ବୁଝି ପାରିଲିନି । ଅଥଚ ପରେ ପତ୍ରଟିକୁ ପୁଣିଥରେ ପଢ଼ି ଦେଖିଲି ବିଦ୍ରୋହ କରିବା ପରି ସେ ତ କିଛି ଏମିତି ଲେଖି ନାହାନ୍ତି । ତେବେ ସେତେବେଳେ ମୋର ମୁଣ୍ଡ ଯେପରି ଗରମ ହୋଇଗଲା ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହି ଅଂଶର ପ୍ରଥମ କାର୍ଯ୍ୟ ହେଲା ବିଦ୍ରୋହ କରିବା, ଯେତେବେଳେ ତାକୁ ତା'ର ନିଜ ପ୍ରକୃତିକୁ ଦେଖାଇ ଦିଆଯାଏ ଏବଂ ପରିବର୍ତ୍ତନ କରିବାକୁ କୁହାଯାଏ ।

୨୧. ୬. ୩୩

**ସାହାନା :** ଦୟାକରି ପ୍ରଥମରୁହିଁ 'ବରଖାସ୍ତ' କର ଇତ୍ୟାଦି କହି ଗୋଟେ ଦୁଇଟା କଥାରେ ଶେଷ ଯେପରି କରି ନଦିଅ । ଯାହା ଠିକ୍‌ଭାବେ କରିପାରିବି ତାହାହିଁ କୁହ । ମୁଁ ତ ପରିଶ୍ରମ କରିବା ପାଇଁ ଇଚ୍ଛୁକ – କିନ୍ତୁ ତୁମେମାନେ

*(ଅବଶିଷ୍ଟାଂଶ ପୃଷ୍ଠା ୩୧ରେ ଦେଖନ୍ତୁ)*

# ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ

## ପ୍ରପତ୍ତି

ଯେକୌଣସି ମହାନ୍ ସଂସ୍କୃତିର ସାଧାରଣତଃ ଆମେମାନେ ତିନୋଟି ଦିଗ ଦେଖିବାକୁ ପାଉଁ । ପ୍ରଥମତଃ ତାହାର ଜୀବନଚର୍ଯ୍ୟା ଏବଂ ଜୀବନ-ଚେତନା ମଧ୍ୟରେ ଏକ ଆଦର୍ଶ, ଚିନ୍ତନ, ଦର୍ଶନ, ଊର୍ଦ୍ଧ୍ୱଗାମୀ ସଙ୍କଳ୍ପ ଏବଂ ଆତ୍ମାର ଅଭୀପ୍ସା; ଦ୍ୱିତୀୟତଃ ଏକ ସୃଜନୀ ପ୍ରତିଭା, ସୃଷ୍ଟିଶୀଳ ଆତ୍ମ-ପ୍ରକାଶ, ସୌନ୍ଦର୍ଯ୍ୟବୋଧ, ଶିଳ୍ପ, ସାହିତ୍ୟ, ସଙ୍ଗୀତ ଓ କଳା; ତୃତୀୟତଃ ତାହାର ବ୍ୟାବହାରିକ ଜୀବନର ଏକ ସଙ୍ଗଠନ ପ୍ରଣାଳୀ, ସାମାଜିକ ରୀତିନୀତି, ରାଷ୍ଟ୍ରୀୟ-ବିଚାର, ଯୋଜନା ଓ ଆଚାରଗତ ପଦ୍ଧତି । ଏହିସବୁ ବସ୍ତୁକୁ ଧରି ଯେକୌଣସି ମହାନ୍ ଜାତି ବା ରାଷ୍ଟ୍ରର ସଂସ୍କୃତିକୁ ବିଚାର କରିବାକୁ ହୋଇଥାଏ । ମନୁଷ୍ୟର ଯେଉଁ ତିନୋଟି ପ୍ରଧାନ ବୃତ୍ତି ରହିଛି ଚିନ୍ତା, ଭାବ ଓ ସଙ୍କଳ୍ପ – ଏହାହିଁ ବିଶାଳ, ବିରାଟ ଧାରାରେ ସମଗ୍ର ଜାତୀୟ ଜୀବନରେ ସହସ୍ର ସହସ୍ର ବର୍ଷ ମଧ୍ୟରେ ସଞ୍ଚିତ ହୋଇ ଏକ ଜୀବନ୍ତ ରୂପ ଧାରଣ କରେ । ଏହା ଛଡ଼ା ପ୍ରତ୍ୟେକ ସଂସ୍କୃତିର ପଶ୍ଚାତରେ ଏକ ସୂକ୍ଷ୍ମ ତତ୍ତ୍ୱ, ଆଲୋକ ଓ ଶକ୍ତି ସ୍ୱକୀୟ ମହିମାରେ ବିଦ୍ୟମାନ ଥାଏ । ଜାତି ବା ରାଷ୍ଟ୍ର କେଉଁ ଦିଗରେ ଗତି କରିଛି, କେଉଁ ମହାନ୍ ତତ୍ତ୍ୱକୁ ରୂପାୟିତ କରିଛି, ତାହା ତାହାର ସଂସ୍କୃତିରୁ ଉପଲବ୍ଧି କରିହୁଏ ।

ତେବେ ଏକଥା ଏଠାରେ କହିବା ଅନାବଶ୍ୟକ । ଯେକୌଣସି ମହାନ୍ ସଂସ୍କୃତିର ଲକ୍ଷ୍ୟ ହେଲା ମନୁଷ୍ୟକୁ ନିମ୍ନ, ସଙ୍କୀର୍ଣ୍ଣ, ସୀମାବଦ୍ଧ, ଅର୍ଦ୍ଧପଶୁ ଜୀବନରୁ ପୂର୍ଣ୍ଣ ମାନବତ୍ୱ ଆଡ଼କୁ ନେଇଯିବା; ଅଜ୍ଞାନ, ମୃତ୍ୟୁ ଓ ମିଥ୍ୟା ମଧ୍ୟରୁ ଜ୍ଞାନ, ଅମୃତ ଓ ସତ୍ୟ ଆଡ଼କୁ ନେଇଯିବା । ଅସତ୍‌ରୁ ସତ୍, ଅନ୍ଧକାରରୁ ଜ୍ୟୋତିଃ, ମୃତ୍ୟୁରୁ ଅମୃତ ଆଡ଼କୁ ଯାହା ଆମକୁ ତୋଳି ନିଏ ତାହାହିଁ ଯଥାର୍ଥରେ ଉଚ୍ଚତର ସଂସ୍କୃତି । ପୃଥିବୀର ପ୍ରତ୍ୟେକ ମହାନ୍ ଜାତିର ଏକ ଏକ ଗୌରବମୟ ସଂସ୍କୃତିର ବିକାଶ ଘଟିଥିଲା, ତାହାର ଜାତୀୟତା ଓ ରାଷ୍ଟ୍ରୀୟତାରେ ମଧ୍ୟ ଏହି ସଂସ୍କୃତିର ଛାପ ଥିଲା । ଗ୍ରୀକ୍, ରୋମ, ବାବିଲୋନ, କାଲେଡ଼ିଆ, ଇଜିପ୍ଟ, ଚୀନ, ଭାରତ ପ୍ରଭୃତି ପ୍ରାଚୀନ ଦେଶମାନଙ୍କର ସଂସ୍କୃତିର ସର୍ବ ପ୍ରଧାନ ସୂତ୍ର ଥିଲା ଏକ ଅପୂର୍ବ ସୁଷମା, ମନୀଷାର ବିକାଶ ସଙ୍ଗେ ସଙ୍ଗେ ଏକ ଅଭୂତପୂର୍ବ ସୌନ୍ଦର୍ଯ୍ୟବୋଧର ସମନ୍ୱୟ । ଗ୍ରୀକ୍ ଦର୍ଶନ, କଳା, ସାହିତ୍ୟ, ରାଷ୍ଟ୍ରଦର୍ଶନ, ସମାଜ ଦର୍ଶନର କ୍ଷେତ୍ରରେ ଏହି ସୁଷମ ମନୀଷାର ଜୟଯାତ୍ରା ଏବଂ ସେହି ହେଲେନୀୟ (Hellenic) ସୌନ୍ଦର୍ଯ୍ୟ ବୋଧର ଛାପ ଦେଖାଯାଏ । ଗ୍ରୀକ୍‌ବାସୀମାନେ ଅତ୍ୟନ୍ତ ସୌନ୍ଦର୍ଯ୍ୟ ପିପାସୁ ଏବଂ ମନୀଷା ପ୍ରଧାନ ଥିଲେ । କିନ୍ତୁ ରୋମାନ୍ ସଭ୍ୟତା ଓ ସଂସ୍କୃତିରେ ଆମେମାନେ ରାଷ୍ଟ୍ର ପ୍ରତି ଆନୁଗତ୍ୟ, ଦେଶ ପ୍ରତି ଅନୁରକ୍ତ ଏବଂ ଏକ କଠୋର ରାଷ୍ଟ୍ରୀୟ ଶୃଙ୍ଖଳା ଉପରେ ପ୍ରାଧାନ୍ୟ ଲକ୍ଷ୍ୟ କରୁ । ରୋମାନ୍ ସଂସ୍କୃତିର ଏହାହିଁ ବୈଶିଷ୍ଟ୍ୟ ଥିଲା । ଇଜିପ୍ଟ୍, ବାବିଲୋନ, କାଲେଡ଼ିଆ ପ୍ରଭୃତିର ସଂସ୍କୃତିରେ ଏକ ସୁଗଭୀର ଅତୀନ୍ଦ୍ରିୟତା, ସୂକ୍ଷ୍ମ ରହସ୍ୟ ବିଦ୍ୟାର ଚର୍ଚ୍ଚା ପ୍ରାଧାନ୍ୟ ଲାଭ କରିଛି । ସେହିପରି ଭାରତୀୟ ସଂସ୍କୃତି ଏବଂ ବିଚାରଧାରାରେ ଏକ ଆଧାତ୍ମିକ ଦୃଷ୍ଟିକୋଣ ଓ ରହସ୍ୟମୟତାହିଁ ପ୍ରାଧାନ୍ୟ ଲାଭ କରିଛି । ଏକଥା ମଧ୍ୟ ସତ୍ୟ ଯେ ଆଜି ଅଧିକାଂଶ ପୁରାତନ ସଂସ୍କୃତିଗୁଡ଼ିକର ବିଲୟ ଘଟିଛି । ଅନନ୍ତ କାଳର ଗର୍ଭରେ ଗ୍ରୀକ୍, ରୋମ୍, ବାବିଲୋନ, ଇଜିପ୍ଟର ସଂସ୍କୃତି ଲୋପ ପାଇ ଯାଇଛି । ଆଜି ସେସବୁ ଦେଶରେ କେବଳ ତାହା ଇତିହାସର ବିଷୟ-ବସ୍ତୁ ହୋଇରହିଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଭାରତହିଁ ଏକମାତ୍ର ଦେଶ ଯାହାର ସଂସ୍କୃତି, ସୂକ୍ଷ୍ମ ବିଚାରଧାରା ମଧ୍ୟରେ ଏବେ ବି ତାହାର ନିଜସ୍ୱ ପ୍ରତିଭା ଓ ସାଂସ୍କୃତିକ ଆଲୋକ ଓ ଦୀପ୍ତି ପ୍ରଚୁର ଭାବରେ ବିଦ୍ୟମାନ । ଅନ୍ୟ କଥାରେ କହିବାକୁ ଗଲେ ପୃଥିବୀର ବହୁ ବିଭିନ୍ନ ପ୍ରାଚୀନ ସଂସ୍କୃତିଗୁଡ଼ିକର ଧ୍ୱଂସ ଘଟିଥିଲେ ମଧ୍ୟ ଭାରତୀୟ ସଂସ୍କୃତି ଏପର୍ଯ୍ୟନ୍ତ ବଞ୍ଚି ରହିଛି ।

ତେବେ ଏହି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ କ'ଣ ଏବଂ କେଉଁ ମହାନ୍ ସତ୍ୟ ଓ ଜୀବନଧାରାକୁ ଏହା ପ୍ରତିଭାତ କରୁଛି ? ଭାରତୀୟ ସଂସ୍କୃତି ମୂଳତଃ ଓ ପ୍ରଧାନତଃ ଏକ ଆଧାତ୍ମିକ ଜ୍ଞାନ, ଶକ୍ତି, ସାମର୍ଥ୍ୟ ଓ କଳାକୁ ତାହାର ପ୍ରଧାନ ଉପଜୀବ୍ୟ ବୋଲି ଗ୍ରହଣ କରିଛି । ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ ଏକ ଆଧାତ୍ମିକ ଜ୍ୟୋତିଃ ଓ ପ୍ରତିଭା ଏବଂ ଏହାହିଁ ଭାରତୀୟ ଜୀବନକୁ ସମଗ୍ର ଭାବରେ ପ୍ରଭାବିତ କରି ଆସୁଛି । ବିଶିଷ୍ଟ ମନୀଷୀ ମାକ୍ସମ୍ୟୁଲାର ଭାରତର ଏହି ଜାତୀୟ

ପ୍ରତିଭାକୁ ରାଷ୍ଟ୍ରର ଆତ୍ମ-ନିୟନ୍ତ୍ରଣକାରୀ ତତ୍ତ୍ୱ (Self regulative principle) ବୋଲି ଅଭିହିତ କରିଛନ୍ତି । ପୁନଶ୍ଚ ପ୍ରଶ୍ନ ଉଠେ ଭାରତର ଏହି ଆଧ୍ୟାତ୍ମିକ ତତ୍ତ୍ୱଟି କ'ଣ ? ଆଧ୍ୟାତ୍ମିକତା କହିଲେ ଆମେମାନେ ଏହି କେତେକ ବିଷୟକୁ ବୁଝୁ । ଏହାହିଁ ଭାରତୀୟ ଷଡ଼ଦର୍ଶନରେ ବିଶେଷତଃ ବେଦାନ୍ତ ଦର୍ଶନରେ ପ୍ରତିପାଦିତ ହୋଇଛି । ଆଧ୍ୟାତ୍ମିକତାର ଅର୍ଥ ହେଲା –

ପ୍ରଥମତଃ : ଏହି ଦୃଶ୍ୟମାନ, ଇନ୍ଦ୍ରିୟବୋଧ ଜଗତର ପଶ୍ଚାତରେ ଏକ ଅକ୍ଷୟ, ଅବ୍ୟୟ ସଦ୍‌ବସ୍ତୁ ବିଦ୍ୟମାନ ଯାହା ଶାଶ୍ୱତ ଏବଂ ସତ୍ ।

ଦ୍ୱିତୀୟତଃ: ଏହି ପରମ ଶାଶ୍ୱତ ସଦ୍‌ବସ୍ତୁହିଁ ସର୍ବଶକ୍ତି ଯୁକ୍ତ, ସର୍ବ-ସାମର୍ଥ୍ୟ ଯୁକ୍ତ, ବଳ, ତେଜ ଓ ଗତି । ଏହାହିଁ ଚିତ୍-ତମସ୍, ସାକ୍ଷାତ୍ ଚିତ୍‌ଶକ୍ତି । ଏହି ଚିତ୍-ତପସ୍ ମଧ୍ୟରୁ ବିଶ୍ୱର ଉତ୍ପନ୍ନ । ଏହାହିଁ ସୃଷ୍ଟିକାରିଣୀ, ସର୍ବମୟୀ ଶକ୍ତି ।

ତୃତୀୟତଃ : ଏହି ସଦ୍‌ବସ୍ତୁ ପରମାଶକ୍ତି ଏକ ଅପୂର୍ବ ଆନନ୍ଦ, ଲୀଳା, ସୌନ୍ଦର୍ଯ୍ୟ, ରସ ଓ କଳା ମଧ୍ୟରେ ସମଗ୍ର ସୃଷ୍ଟିକୁ ଧାରଣ କରିଛନ୍ତି । ସେ କେବଳ ସତ୍ ନୁହନ୍ତି, କେବଳ ସତ୍ ଓ ଚିତ୍ ନୁହନ୍ତି, ସେ ହେଲେ ଏକ ସଙ୍ଗେ, ଏକାଧାରରେ ସତ୍-ଚିତ୍-ଆନନ୍ଦ, ସଚ୍ଚିଦାନନ୍ଦ ପରାତ୍ପର ବ୍ରହ୍ମ ।

ଚତୁର୍ଥତଃ : ଏହି ସଚ୍ଚିଦାନନ୍ଦ ତ୍ରିଧାରାରେ ପ୍ରକାଶିତ – ସେ ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟଷ୍ଟିଗତ । ସେ ସକଳ ବସ୍ତୁର ଅତୀତ, ଅଖଣ୍ଡ ପରମ ବ୍ରହ୍ମ 'ଏକମେବ ବିପ୍ରାଃ ବହୁଧା ବଦନ୍ତି'– ଅଖିଳ ବ୍ରହ୍ମାଣ୍ଡର ପରମ ରହସ୍ୟ । ସେ ମଧ୍ୟ 'ସର୍ବମିଦଂ ଖଳୁବିଶ୍ୱଂ' – ସେ ଏହି ବିଶ୍ୱରେ ରୂପାୟିତ ସବୁକିଛି, ସକଳବସ୍ତୁ – ପଶୁ, ପକ୍ଷୀ, ବୃକ୍ଷ, ଗୁଳ୍ମ, ଲତା ଓ ମନୁଷ୍ୟ । ପୁନଶ୍ଚ ସେ ମଧ୍ୟ ବ୍ୟଷ୍ଟି ମଧ୍ୟରେ ପ୍ରକାଶିତ 'ସୋଽହଂ', 'ଅହଂ-ବ୍ରହ୍ମାସ୍ମି', 'ତତ୍ତ୍ୱମସି' ଇତ୍ୟାଦି ଇତ୍ୟାଦି ।

ପଞ୍ଚମତଃ : ଏହି ପରମ ସଦ୍‌ବସ୍ତୁ, ପରମାଶକ୍ତି, ସର୍ବବ୍ୟାପକ ଆନନ୍ଦ ଯାହା ବିଶ୍ୱରେ ତ୍ରିଧାରାରେ ପ୍ରକାଶିତ ହୋଇଛି, ତାହାକୁ ବ୍ୟଷ୍ଟି ଜୀବନରେ ଧରିପାରିବା ଏବଂ ପ୍ରାପ୍ତ ହେବାହିଁ ବ୍ୟକ୍ତିଗତ ଜୀବନର ଚରମ ଲକ୍ଷ୍ୟ ଓ ସାର୍ଥକତା । ଏହାହିଁ ମୁକ୍ତି, ମୋକ୍ଷ ବା ନିର୍ବାଣ ଓ ପରମପଦ ଲାଭ । ଜ୍ଞାନୀ ଓ ତପସ୍ୱୀର ସେହିଁ ହେଲେ ଜ୍ଞାନଘନବିଗ୍ରହ, ଭକ୍ତ ଓ ପ୍ରେମିକର ସେ ହେଲେ ରସଘନ ରୂପ । ସେ – ବ୍ରହ୍ମହିଁ ବିଭିନ୍ନ ବିଭାଗରେ ନିଜକୁ ବିଭିନ୍ନ ଧାରା ମାଧ୍ୟମରେ ରୂପାୟିତ କରିଛନ୍ତି । ତାଙ୍କୁ ସକଳ ଜ୍ଞାନ, ପ୍ରେମ, ଭକ୍ତି ଓ କଳା ମଧ୍ୟରେ ଲାଭ କରିବାହିଁ ଚରମ ସାର୍ଥକତା । ଏଥି ସଙ୍ଗେ ସଙ୍ଗେ କେବଳ ସେହି ବ୍ରହ୍ମଙ୍କୁ ପ୍ରାପ୍ତ ହେବା ନୁହେଁ, ଯଦି ତାଙ୍କ ମଧ୍ୟରେ ବାସକରି ତାଙ୍କୁ ଜୀବନର ସକଳ କ୍ଷେତ୍ରରେ ରୂପାୟିତ କରାଯାଇ ପାରେ ଅର୍ଥାତ୍ ଜୀବନକୁ ସେହି ତତ୍ତ୍ୱରେ ରୂପାନ୍ତର କରାଯାଇ ପାରେ, ତେବେ ମାନବୋତ୍ତର ଅନ୍ୟ ଏକ ଜୀବନଧାରାର ପ୍ରକାଶ ମଧ୍ୟ ସମ୍ଭବ ହେବ ।

ଆଧ୍ୟାତ୍ମିକତାର ଏହି ଅର୍ଥ ଭାରତୀୟ ଦର୍ଶନ, ଧର୍ମ, କାବ୍ୟ, କଳା, ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ ଓ ରାଷ୍ଟ୍ର, ସମାଜର ସକଳ କ୍ଷେତ୍ରରେ ପ୍ରକାଶିତ ହୋଇଥିଲା । ଶ୍ରୀଅରବିନ୍ଦ ଏହି ବିଷୟ ଗଭୀର ଭାବରେ 'ଭାରତୀୟ ସଂସ୍କୃତିର ଆଧାର' ନାମକ ପୁସ୍ତକରେ ସ୍ପଷ୍ଟ ଭାବରେ ଆଲୋଚନା କରିଛନ୍ତି । ଭାରତୀୟ ସଂସ୍କୃତିର ଏହି ଅଧ୍ୟାତ୍ମଧାରା ପୃଥିବୀର ରକ୍ଷା ନିମିତ୍ତ ବିଶେଷତଃ ତାହାର ମଙ୍ଗଳ, କଲ୍ୟାଣ ଓ ଅଗ୍ରଗତି ନିମିତ୍ତ ଏକାନ୍ତ ଆବଶ୍ୟକ । ଆଜି ପାଶ୍ଚାତ୍ୟ ସଂସ୍କୃତି, ବିଜ୍ଞାନ, ଶିଳ୍ପତନ୍ତ୍ର, ଜୀବନର ଉପଭୋଗ, କର୍ମଦକ୍ଷତା, ବୁଦ୍ଧି, ବିଚାର ଉପରେ ପ୍ରତିଷ୍ଠିତ । ଏହି ସଭ୍ୟତାରେ ଏକ ଦୁର୍ବାର ପ୍ରାଣର ଅତିମାତ୍ରାରେ ସ୍ଫୀତି ଘଟିଛି ଏବଂ ଜୀବନକୁ ଉପଭୋଗ ନିମିତ୍ତ ଏକ ଦୁର୍ଦ୍ଦମନୀୟ ଆସୁରିକ ପିପାସା ସୃଷ୍ଟି ହୋଇଛି । ସକଳ ବିକ୍ଷୋଭ, ବିପର୍ଯ୍ୟୟ, ଅସାମଞ୍ଜସ୍ୟର ମୂଳରେ ଏହି ଅତିମାତ୍ରାରେ ଜାଗତିକ, ଅଗଭୀର ଭୋଗବାଦହିଁ ରହିଛି ।

ପୃଥିବୀ ଆଜି 'ଏକ' ହୋଇ ଯାଇଛି । ଦେଶ ଦେଶ ଭିତରେ ଫାଙ୍କ ଓ ଦୂରତ୍ୱ କମିଯାଇଛି । ଏକ ଦେଶ ଅନ୍ୟ ଦେଶକୁ ପ୍ରଭାବିତ କରୁଛି । ଏକ ବିଚାର ଓ ସଂସ୍କୃତି ଅନ୍ୟ ଏକ ବିଚାର ଓ ସଂସ୍କୃତିକୁ ଆଘାତ ଦେଉଛି, ତାକୁ ଆକ୍ରମଣ କରୁଛି, ଏକପ୍ରକାର ଆତ୍ମସାତ୍ କରୁଛି । ପାଶ୍ଚାତ୍ୟର ଯନ୍ତ୍ରବାଦ, ବିଜ୍ଞାନ, ଶିଳ୍ପତନ୍ତ୍ର, ଭୋଗବାଦ ଭାରତକୁ ଗ୍ରାସ କରିବାକୁ ବସିଛି । ଭାରତୀୟ ସଂସ୍କୃତିର କ'ଣ ଏ ସାମର୍ଥ୍ୟ ଅଛି ଯେ ସେ ନିଜେ ବଞ୍ଚି ରହିବ ଏବଂ ପାଶ୍ଚାତ୍ୟର ଏହି ଜାଗତିକ ଭୋଗବାଦ, ଶିଳ୍ପତନ୍ତ୍ର, ବିଜ୍ଞାନ ଆଦିକୁ ନିଜ ସାମର୍ଥ୍ୟରେ ବଶୀଭୂତ କରିପାରିବ ? ଏହା ଏକ ଗୁରୁତର ପ୍ରଶ୍ନ । ଏହି ପ୍ରଶ୍ନର ମୀମାଂସା ଉପରେ ମନୁଷ୍ୟଜାତିର ଭାଗ୍ୟ ନିର୍ଭର କରୁଛି । ପୃଥିବୀରେ ଯେଉଁ ନୂତନ ସଂସ୍କୃତିର ବିକାଶ ଘଟିବ ତାହାହିଁ ମାନବଜାତିର ଭାଗ୍ୟ ନିର୍ଦ୍ଧାରଣ କରିବ । ତେବେ ଏହି ନୂତନ ସାଂସ୍କୃତିକ ଅଭ୍ୟୁତ୍‌ଥାନରେ ଭାରତର ଭୂମିକା ଅତି ସ୍ପଷ୍ଟ ବୋଲି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି । କାରଣ ଭାରତର ଅଧ୍ୟାତ୍ମଶକ୍ତି ମାନବଜୀବନର ଏକ ଗଭୀରତର ତଥା ଆମୂଳଚୂଳ ରୂପାନ୍ତର

ଘଟାଇବ ଯାହା ଫଳରେ ପୁନର୍ବାର ବିଶ୍ୱରେ ଭ୍ରାତୃତ୍ୱ, ସାମ୍ୟ ଓ ସ୍ୱାଧୀନତାର ଅଖଣ୍ଡ ଧାରା ପ୍ରବାହିତ ହେବ । ଯେଉଁ ଶକ୍ତି ବଳରେ ଏହି ରୂପାନ୍ତର ସଂଘଟିତ ହେବ ତାହାହିଁ ଏକ ଅଧ୍ୟାତ୍ମଶକ୍ତି, ଯୋଗଶକ୍ତି ଏବଂ ଏହାହିଁ ଭାରତର ଅନ୍ତର୍ନିହିତ ପ୍ରତିଭା, ସାମର୍ଥ୍ୟ ଓ ବଳ । ଅଭ୍ରାନ୍ତ ଭାଷାରେ ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ କହୁଛନ୍ତି –

"It is only India that can discover the harmony, because it is only by a change – not a mere readjustment – of man's present nature that it can be developed, and such a change is not possible except by yoga. The nature of man and of things is at present a discord, a harmony that has got out of tune. The whole heart and action and mind of man must be changed, but from within, not from without, not by political and social institutions, not even by creeds and philosophies, but by realisation of God in ourselves and the world and a remoulding of life by that realisation."

(*Essays in Philosophy and Yoga*, p. 73)

ଅର୍ଥାତ୍, ''ଏକମାତ୍ର ଭାରତହିଁ ଏହି ସାମଞ୍ଜସ୍ୟକୁ ଆବିଷ୍କାର କରିପାରେ, କାରଣ ମାନବ ପ୍ରକୃତିର ରୂପାନ୍ତର ଦ୍ୱାରା, କେବଳ ଏପାଖ, ସେପାଖ ଯୋଡ଼ାତାଳି ଦ୍ୱାରା ନୁହେଁ, ମନୁଷ୍ୟର ବର୍ତ୍ତମାନ ପ୍ରକୃତିକୁ ବିକାଶ କରାଯାଇପାରେ, ଏହି ପରିବର୍ତ୍ତନ ଯୋଗ ବ୍ୟତୀତ ଅନ୍ୟ କେଉଁ ଉପାୟରେ ସାଧିତ ହୋଇପାରିବା ସମ୍ଭବ ନୁହେଁ । ବର୍ତ୍ତମାନ ମାନବ ପ୍ରକୃତି ଓ ବସ୍ତୁସକଳ ଅସାମଞ୍ଜସ୍ୟ ଓ ବେସୁରା ହୋଇଉଠିଛି । ମନୁଷ୍ୟର ହୃଦୟ, କର୍ମ ଓ ମନକୁ ଅଭ୍ୟନ୍ତରରୁ ପରିବର୍ତ୍ତନ କରିବାକୁ ହେବ, ବାହାରରୁ ନୁହେଁ, ବ୍ୟାବହାରିକ ଓ ସାମାଜିକ ଅନୁଷ୍ଠାନ, ସଂସ୍ଥା, ମତବାଦ ବା ଦର୍ଶନ ଦ୍ୱାରା ନୁହେଁ, ବରଂ ଆମ ମଧ୍ୟରେ ଓ ବିଶ୍ୱ ମଧ୍ୟରେ ଭଗବାନଙ୍କ ଉପଲବ୍ଧି ଦ୍ୱାରା ଏବଂ ସେହି ଉପଲବ୍ଧି ସାହାଯ୍ୟରେ ଜୀବନର ପୁନର୍ଗଠନ ଦ୍ୱାରା ।'' ❑

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇଉଠିବ ଦିବ୍ୟଜୀବନର ବାର୍ତ୍ତାବହ ।

– ଶ୍ରୀମା

*(ପୃଷ୍ଠା ୨୮ ର ଅବଶିଷ୍ଟାଂଶ)*

ଏତେ କଷ୍ଟକର କଥା ସବୁ କୁହ ଯେ ଥଳକୂଳ ନଥିବା ଭଳି ମନେହୁଏ । ଏକେବାରେ ଯାହାକୁ ଅସମ୍ଭବ କୁହାଯାଏ ତାହାହିଁ ମନେହୁଏ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** କଠିନ ? ଏଇଟା ତ ଆମମାନଙ୍କର ସାଧନାର ମୂଳକଥା ଯେ ସମର୍ପଣ ହେଉଛି ସାଫଲ୍ୟର ଉପାୟ ଏବଂ ଯେତେଦିନ ପର୍ଯ୍ୟନ୍ତ ଅହଙ୍କାର ବା ପ୍ରାଣର ଦାବି ଓ କାମନା-ବାସନାକୁ ସଯତ୍ନେ ପାଳନ କରାଯାଏ, ପୂର୍ଣ୍ଣ ସମର୍ପଣ ଅସମ୍ଭବ – ଆତ୍ମଦାନ ହୁଏ ଅସମ୍ପୂର୍ଣ୍ଣ । ଆମେମାନେ କେତେବେଳେ ତ ଏଇକଥା ଗୋପନ କରି ନାହୁଁ । କଠିନ ହୋଇପାରେ ଏବଂ କଠିନହିଁ, କିନ୍ତୁ ଏହା ହେଉଛି ସାଧନାର ମୂଳନୀତି । ଯେହେତୁ କଠିନ ସେଥିପାଇଁ ତାହା କରିବାକୁ ହେବ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟ ସହକାରେ ଯେପର୍ଯ୍ୟନ୍ତ ସେ କାର୍ଯ୍ୟ ସହଜ ବୋଧ ନହୋଇଛି ।

୨୧. ୬. ୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଆମ ମାଆ
## (୩)
## ସୁନନ୍ଦା ବେନ୍

ସୂରଯଙ୍କ ପ୍ରଦତ୍ତ ପାଞ୍ଚ ଟଙ୍କା ଗ୍ରହଣ କରି ଚଞ୍ଚଳ ବେନ୍ ଘରୁ ବିଦାୟ ନେଇ ସିଧା ଚାଲିଲେ ତାରାପୁରର ରେଳ ଷ୍ଟେସନ । ଟିକଟ ମାଷ୍ଟରଙ୍କୁ ପାଞ୍ଚଟଙ୍କା ବଢ଼ାଇ ଦେଇ ସେ କହିଲେ, ''ପଣ୍ଡିଚେରୀ ଯିବା ସକାଶେ ମୋତେ ଖଣ୍ଡିଏ ଟିକେଟ ଦିଅନ୍ତୁ ।''

ଜଣେ ସରଳ ଓ ନିର୍ଭୀକ ଗାଉଁଲି ଝିଅ ଓ ବୋହୂ ହିସାବରେ ଏବଂ ଉତ୍ତମ କର୍ମୀ ହିସାବରେ ଚଞ୍ଚଳ ବେନ୍‌ଙ୍କର ସୁଖ୍ୟାତି ଟିକେଟ ମାଷ୍ଟରଙ୍କୁ ବେଶ୍ ଜଣାଥିଲା ସତ କିନ୍ତୁ ତାଙ୍କ ସମ୍ବନ୍ଧରେ ସେ ଏକଥା ବି ଜାଣିଥିଲେ ଯେ ଏହି ନାରୀ କେବେହେଲେ କୌଣସି କଥାରେ 'ନା' ଉତ୍ତର ଗ୍ରହଣ କରନ୍ତି ନାହିଁ ।

ହାତରେ ପାଞ୍ଚଟଙ୍କା ଧରି ଟିକେଟ ମାଷ୍ଟର ମୁହୂର୍ତ୍ତକ ସକାଶେ ଭାବିଲେ ଯେ ଏତିକିରେ ତ ଚଞ୍ଚଳ ବେନ୍ ଗୁଜୁରାଟର ସୀମା ପର୍ଯ୍ୟନ୍ତ ବି ଟ୍ରେନ୍‌ରେ ଯାଇ ପାରିବେ ନାହିଁ । ତେଣୁ ସେ ଖୁବ୍ ସରଳଭାବରେ ତାଙ୍କୁ କହିଲେ, ''ପାଞ୍ଚ ଟଙ୍କାରେ ତୁମେ ପଣ୍ଡିଚେରୀ ପର୍ଯ୍ୟନ୍ତ ଟିକେଟ କିଣି ପାରିବ ନାହିଁ । ତୁମେ ବେଶୀ ଟଙ୍କା ନେଇଆସ, ନଚେତ୍ ଭଲ ହେବ, ପଣ୍ଡିଚେରୀ ଯିବା କଥା ଭୁଲିଯାଅ ।''

ପଣ୍ଡିଚେରୀ ଯେ କେତେ ଦୂର ବା କେଉଁଠି ଏକଥା ଚଞ୍ଚଳ ବେନ୍ ଆଗରୁ କେବେ ବି ଭାବି ନଥିଲେ ଏବଂ ତାଙ୍କର ବି ଧାରଣା ନଥିଲା । ସେ ମୁହୂର୍ତ୍ତମାତ୍ର ନୀରବ ରହି ଷ୍ଟେସନ୍ ମାଷ୍ଟରଙ୍କୁ କହିଲେ, ''ଆପଣ ଗୋଟିଏ କାମ କରନ୍ତୁ, ସେହି ପାଞ୍ଚ ଟଙ୍କାରେ ଯେତେ ପର୍ଯ୍ୟନ୍ତ ମୁଁ ଯାଇ ପାରିବି, ସେଥି-ସକାଶେ ଟିକେଟଟିଏ କାଟି ଦିଅନ୍ତୁ ।'' ନଛୋଡ଼ବନ୍ଦା ହୋଇ ମାଷ୍ଟର ତାହାହିଁ କଲେ ଏବଂ ତାଙ୍କୁ ବୁଝାଇ ଦେଲେ ଯେ ସେ କେଉଁ ଷ୍ଟେସନରେ ଯାଇ ପହଞ୍ଚିବେ ।

ଚଞ୍ଚଳ ବେନ୍ ଏହି ଷ୍ଟେସନଟିର ନାମ ଏଥି ପୂର୍ବରୁ କେବେ ବି ଶୁଣି ନଥିଲେ । ଟ୍ରେନ୍‌ରେ ବସୁ ବସୁ ଠିକ୍ ପରମୁହୂର୍ତ୍ତରେହିଁ ଭୁଲିଗଲେ ଷ୍ଟେସନଟିର ନାମ । ପିଲାବେଳୁ ନିଜର ଜନ୍ମସ୍ଥାନ ଝଲୁନ୍ଦରୁ ଆଉ କୌଣସି ଆଡ଼କୁ ସେ ଯାଇ ନଥିଲେ; ବିବାହ ପରେ ଅନ୍ଦାଜ ୧୫ ମାଇଲ ଦୂର ରାସ୍ତାହିଁ ତାଙ୍କର ପ୍ରଥମ କରି ଦୂର ସ୍ଥାନକୁ ଯାତ୍ରା, ତା' ବି ଥିଲା ସ୍ୱାମୀଙ୍କ ସହିତ ଶଗଡ଼ରେ ବସି । ହଁ, ପରବର୍ତ୍ତୀ କାଳରେ ଗ୍ରାମମଙ୍ଗଳ ଯୋଜନାରେ ଅଂଶଗ୍ରହଣ କରି ସେ ଗୁଜରାଟର ବିଭିନ୍ନ ସ୍ଥାନକୁ ସ୍ୱାମୀଙ୍କ ସହିତ ଯାଇଛନ୍ତି, କିନ୍ତୁ ପଦବ୍ରଜରେ । ପଣ୍ଡିଚେରୀ ଯିବାଟା ହେଉଛି ତାଙ୍କର ପ୍ରଥମ ଟ୍ରେନ୍‌ଯାତ୍ରା ।

ପୁନଶ୍ଚ ଗୁଜରାଟୀ ଭାଷାରେ ତାଙ୍କର ଯାହା ବି ଦଖଲ ଥିଲା; କିନ୍ତୁ ରାସ୍ତାର ସାଇନ୍‌ବୋର୍ଡ ପଢ଼ିବାରେ ସେ ସେତେ ଅଭ୍ୟସ୍ତ ନଥିଲେ । ହିନ୍ଦୀ, ଇଂରାଜୀ ତ କାନରେ କଦବା କେବେ ଶୁଣିଥିଲେ ଯାହା । କିନ୍ତୁ ଟିକେଟ ମାଷ୍ଟରଙ୍କ ସହିତ କଥାବାର୍ତ୍ତା ହେଉଥିବା ବେଳେ ସେ ମାତ୍ର ଗୋଟିଏ ଶବ୍ଦ ମନେ ରଖିନେଇଥିଲେ, 'ଜଙ୍କସନ୍' । ତା'ର କାରଣ ଯଥାର୍ଥ ମନୋଭାବ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଷ୍ଟେସନ୍ ମାଷ୍ଟର ତାଙ୍କୁ ଭଲ ଭାବରେ ବୁଝାଇ ଦେଇଥିଲେ ଯେ ପଣ୍ଡିଚେରୀରେ ପହଞ୍ଚିବାକୁ ହେଲେ ତାଙ୍କୁ ବିଭିନ୍ନ ଜଙ୍କସନରେ ଟ୍ରେନ୍ ବଦଳାଇବାକୁ ହେବ ।

ପୂର୍ଣ୍ଣ ବିଶ୍ୱାସ ଓ ଭରସା ଏବଂ ଦୃଢ଼ ନିଷ୍ପତ୍ତି ସହ ଚଞ୍ଚଳ ବେନ୍ ପଣ୍ଡିଚେରୀ ଅଭିମୁଖେ ତାରାପୁରରୁ ଟ୍ରେନ୍‌ରେ ଯାତ୍ରାରମ୍ଭ କଲେ । ଟ୍ରେନ୍‌ରେ ବସିବାର ଠିକ୍ ପରମୁହୂର୍ତ୍ତରୁହିଁ ସେ ଅବିରତ ଶ୍ରୀଅରବିନ୍ଦଙ୍କୁ ପ୍ରାର୍ଥନା ଜଣାଉଥିଲେ – ''କୃପା କର, ମୁଁ ଯେମିତି ତୁମର ଦର୍ଶନ ପାଏ ।'' ଆଉ ସୁବିଧା ପାଇଲେ ପାଖରେ ଥିବା ପଣ୍ଡିଚେରୀ ଖାମଟିକୁ ବାହାର କରି ମଥାରେ ଲଗାଉଥିଲେ ।

ପରବର୍ତ୍ତୀ ଷ୍ଟେସନ ହେଉଛି ପେଟ୍‌ଲାଡ୍ । ଗ୍ରାମମଙ୍ଗଳ ଯୋଜନାରେ ସ୍ୱେଚ୍ଛାସେବିକା ହିସାବରେ କାମ କରୁଥିବା ବେଳେ ସେ ଏହି ସହରକୁ ଆସିଥିଲେ । ତେଣୁ କୌତୁକବଶତଃ ସେ ଟ୍ରେନ୍‌ରେ ବସି ଝରକା ଦେଇ ବାହାରକୁ ଅନାଇ ରହିଥିଲେ । ଠିକ୍ ଏହି ସମୟରେ ଜଣେ ସ୍ଥାନୀୟ ବ୍ୟବସାୟୀ ତାଙ୍କୁ ଚିହ୍ନି ପକାଇଲେ । ସେ ସିଧା ଝରକା ପାଖକୁ ଆସି ତାଙ୍କୁ ଏକୁଟିଆ ଟ୍ରେନରେ ଯାଉଥିବାର ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ଚଞ୍ଚଳ ବେନ୍, ତୁମେ ! ଏକୁଟିଆ, ପୁଣି

ଟ୍ରେନ୍‌ରେ !! କୁଆଡ଼ ଯାଉଛ ? ମୁଁ ଶୁଣିଥିଲି ଶିବଭାଇ ଆଫ୍ରିକାକୁ ଯାଇଛନ୍ତି ! ଆଉ ଏବେ ତୁମେ ଟ୍ରେନ୍‌ରେ ଏକୁଟିଆ କୁଆଡ଼େ ଯାଉଛ ? ମୁଁ ତୁମର କୌଣସି ସାହାଯ୍ୟରେ ଆସିପାରେ କି ?'' ମନ୍ଦହାସ୍ୟରେ ଚଞ୍ଚଳବେନ୍ କହିଲେ, ''ଆପଣ ଠିକ୍ ଅନୁମାନ କରିଛନ୍ତି, ମୁଁ ଏକୁଟିଆ । ମୁଁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ସକାଶେ ପଣ୍ଡିଚେରୀ ଯାଉଛି । ମୋ ପାଖରେ କେବଳ ପାଞ୍ଚ ଟଙ୍କାର ଟିକେଟ ଅଛି । ଏହାପରେ ପ୍ରଭୁଙ୍କ ଉପରେ ମୋର ବିଶ୍ୱାସହିଁ ଭରସା । ତେଣିକି ସେ ହିଁ ମୋତେ ବାଟ କଢ଼ାଇନେବେ, ମୋ କଥା ବୁଝିବେ ।''

ଚଞ୍ଚଳ ବେନ୍‌ଙ୍କ କଥାଶୁଣି ଭଦ୍ରଲୋକଙ୍କ ଆଖି ଛଳଛଳ ହୋଇଉଠିଲା । କିନ୍ତୁ ଷ୍ଟେସନ୍‌ରେ ଟ୍ରେନ୍‌ଟି ମାତ୍ର ଅଳ୍ପ ସମୟ ପାଇଁ ରହିବ । ସେ ମୁହୂର୍ତ୍ତମାତ୍ର କାଳବିଳମ୍ବ ନକରି ଚଞ୍ଚଳଙ୍କୁ କହିଲେ, ''ମୁଁ ଏକ୍ଷଣି ଆସୁଛି ।'' ଛୁଟିଗଲେ ପାଖ ଦୋକାନକୁ; ଭିତରେ ପଶି ବାହାରି ଆସିବା ବେଳକୁ ଟ୍ରେନ୍ ମନ୍ଥରଗତିରେ ଚାଲିବାକୁ ଆରମ୍ଭ କରି ଦେଇଛି । ଦୌଡ଼ିଆସି କୌଣସି ପ୍ରକାରେ ଚଞ୍ଚଳ ବେନ୍‌ଙ୍କ ହାତରେ ଶହେ ଟଙ୍କାର ନୋଟ୍‌ଟି ଗୁଞ୍ଜିଦେଇ ସ୍ୱସ୍ତିରେ ନିଃଶ୍ୱାସ ମାରିଲେ । ଚଞ୍ଚଳ ବେନ୍ କୃତଜ୍ଞତାଭରା ହୃଦୟରେ ତାଙ୍କୁ ପ୍ରଣତି ଜଣାଉଥିବା ବେଳେ ଟ୍ରେନଟି ତା'ର ବେଗ ବଢ଼ାଇ ଦେଇଥାଏ । ଭଦ୍ରବ୍ୟକ୍ତିଙ୍କର ଏହି ଅପ୍ରତ୍ୟାଶିତ ଏବଂ ସମାଦରପୂର୍ଣ୍ଣ ସର୍ବାଧିକ ଅଧିକ ସାହାଯ୍ୟ-ଅଭ୍ୟର୍ଥନାରେ ଚଞ୍ଚଳ ବେନ୍ ଗୁରୁଙ୍କ ଅପାର ମହିମା ଉଦ୍ଦେଶ୍ୟରେ ମଥାନତ କରି ପ୍ରଣତି ଜଣାଉଥିବା ବେଳେ ଶରୀର ତାଙ୍କର ରୋମାଞ୍ଚିତ ଓ ପୁଲକିତ ହୋଇଉଠୁଥିଲା ।

ବର୍ତ୍ତମାନ ଗୋଟିଏ କଥା ଉପରେ ଚଞ୍ଚଳ ବେନ୍ ସଜାଗ ରହିଲେ, 'ଜଙ୍କ୍‌ସନ୍' । କେତେବେଳେ ପାଖ ଯାତ୍ରୀମାନଙ୍କ ମୁହଁରୁ ବା ଫେରିବାଲାମାନଙ୍କ ମୁହଁରୁ 'ଜଙ୍କ୍‌ସନ୍' ଶବ୍ଦଟି ଶୁଣିବେ । କାନରେ ଶବ୍ଦଟି ବାଜିବା ମାତ୍ରେ ସେ ନିଜ ବ୍ୟାଗ୍ ଧରି ଟ୍ରେନ୍‌ରୁ ଓହ୍ଲାଇ ପଡୁଥିଲେ ଏବଂ ଯାତ୍ରୀମାନଙ୍କୁ ପଚାରୁଥିଲେ, ପଣ୍ଡିଚେରୀ ଯିବାକୁ ହେଲେ କେଉଁ ଟ୍ରେନରେ ବସିବାକୁ ହେବ । ସେତେବେଳେ ପ୍ରାୟ ଅଧିକାଂଶ ଯାତ୍ରୀ ପଣ୍ଡିଚେରୀ ନାମ ତ ଶୁଣି ନଥିଲେ, ପଣ୍ଡିଚେରୀ ଯେ କେଉଁଠି ସେକଥା ତ ଜାଣିବା ଦୂରର କଥା । ଏହା ବ୍ରିଟିଶ୍-ଭାରତର ଅଂଶ ନଥିଲା, ଥିଲା ଫରାସୀ ଅଧିକୃତ । ତେଣୁ ଅନ୍ୟମାନଙ୍କଠାରୁ ଏବିଷୟରେ ଯଥାର୍ଥ ନିର୍ଦ୍ଦେଶ ବା ପରାମର୍ଶ ପାଇବା ଏତେଟା ସହଜ ବ୍ୟାପାର ନଥିଲା । ପୁନଶ୍ଚ ବମ୍ବେ ପରେ ଭାଷା ବି ବଦଳି ଯାଇଛି, ଗୁଜରାଟୀରୁ ହିନ୍ଦୀ । ତେଣୁ ଅନ୍ୟମାନଙ୍କ ସହିତ ଯୋଗାଯୋଗ କରିବା ସକାଶେ କେବଳ ଗୋଟିଏ ଶବ୍ଦ, 'ପଣ୍ଡିଚେରୀ' ବା 'ପଣ୍ଡିଚେରୀ ଟ୍ରେନ୍' । ଏମିତି ବି କେତେକ ଥର ଘଟିଛି ସେ ଅନ୍ୟମାନଙ୍କ ପରାମର୍ଶରେ ଜଙ୍କ୍‌ସନ୍‌ରେ ଟ୍ରେନ୍ ବଦଳାଇଛନ୍ତି ଏବଂ ଟ୍ରେନ୍ ଛାଡ଼ିବାର ଠିକ୍ ପୂର୍ବମୁହୂର୍ତ୍ତରେ ତାଙ୍କୁ ଜଣାଇ ଦିଆଯାଇଛି ଯେ ଏଇଟା ଭୁଲ୍ ଟ୍ରେନ୍ ।...

ଗୋଟିଏ ପରେ ଗୋଟିଏ କେତେଗୁଡ଼ିଏ ଜଙ୍କ୍‌ସନ୍ ପାର ହୋଇ ବେଶ୍ କିଛିଦିନ ପରେ ଚଞ୍ଚଳବେନ୍ ତାଙ୍କର ଈପ୍‌ସିତ ପଣ୍ଡିଚେରୀ ଷ୍ଟେସନରେ ଓହ୍ଲାଇଲେ । ୧୯୩୦ ମସିହା ୧୭ ଫେବ୍ରୁଆରୀର ସକାଳ ଛ'ଟା । ପ୍ଲାଟ୍‌ଫର୍ମରେ ପାଦ ରଖୁ ରଖୁ ଅନତିଦୂରରୁ କେହି ଜଣେ ତାଙ୍କ ନାମ ଧରି ଡାକୁଥିବାର ଶୁଣିବାକୁ ପାଇଲେ : ''ଚଞ୍ଚଳ ! ଚଞ୍ଚଳ !''

ନିକଟକୁ ଆସି ପୁରାଣୀଜି ତାଙ୍କୁ ଅଭ୍ୟର୍ଥନା ଜଣାଇଲେ ଏବଂ ମନ୍ଦହାସ୍ୟରେ କହିଲେ ଯେ ଶ୍ରୀଅରବିନ୍ଦ ତାଙ୍କୁ ସକାଳୁ ସକାଳୁ ଡାକି କହିଲେ, ''ତାରାପୁରରୁ ଚଞ୍ଚଳ ଆଜି ପଣ୍ଡିଚେରୀରେ ଆସି ପହଞ୍ଚୁଛି; ତୁମେ ଷ୍ଟେସନକୁ ଯାଇ ତାଙ୍କୁ ପାଛୋଟି ଆଣ ।'' ଅମାନିଆ ଆନନ୍ଦାଶ୍ରୁ ପୋଛୁ ପୋଛୁ କୃତଜ୍ଞତାପୁଟରେ ପୁରାଣୀଜିଙ୍କୁ ପ୍ରଣତି ଜଣାଇଲେ ଚଞ୍ଚଳ ବେନ୍ ।

ଏଥିପୂର୍ବରୁ ଚଞ୍ଚଳ ବେନ୍ ପୁରାଣୀଜିଙ୍କୁ କେବେହେଲେ ଭେଟି ନଥିଲେ, କେବଳ ତାଙ୍କ ସମ୍ବନ୍ଧରେ ଶୁଣିଥିଲେ ଯାହା । ପୁନଶ୍ଚ ଚଞ୍ଚଳ ବେନ୍‌ଙ୍କ ସକାଶେ କୌଣସି ସୁଯୋଗ ନଥିଲା ଯଦ୍ୱାରା ପଣ୍ଡିଚେରୀରେ ପହଞ୍ଚିବାର ଦିନ ଓ ସମୟ ଶ୍ରୀଅରବିନ୍ଦଙ୍କୁ ପୂର୍ବରୁ ଜଣାଇ ପାରିବେ । ତଥାପି ଶ୍ରୀଅରବିନ୍ଦ ତାଙ୍କ ପାଇଁ ଏମିତି ବନ୍ଦୋବସ୍ତ କରିଛନ୍ତି !!!

ପୁନଶ୍ଚ ପୁରାଣୀଜି ତାଙ୍କୁ ଏ ଖବର ବି ଦେଲେ ଯେ ଆଶ୍ରମରେ ତୁମ ରହିବା ସକାଶେ ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି । ଏସବୁ ଶୁଣି ଚଞ୍ଚଳ ବେନ୍ ନିର୍ବାକ୍ ।

ଆଶ୍ରମରେ ପହଞ୍ଚି ପୁରାଣୀଜି ତାଙ୍କର ରହିବା ଘର ଓ ଆନୁଷଙ୍ଗିକ ସୁବିଧା-ସୁଯୋଗସବୁ ଦେଖାଇ ଦେଇ ଯିବାବେଳେ ତାଙ୍କୁ କହିଗଲେ, ''ମୁଁ ପରେ ଆସି ତୁମକୁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯିବି ।''

ଚଞ୍ଚଳ ବେନ୍‌ଙ୍କର ସମଗ୍ର ସତ୍ତାରେ ଆନନ୍ଦ ଓ ବରାଭୟର ବିଦ୍ୟୁତ୍ ଖେଳିଗଲା । ସେ ଅନେକ ଥର ଶ୍ରେଣୀବଦ୍ଧ ହୋଇ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଛନ୍ତି; ଗାଁ-ଗଣ୍ଡାମାନଙ୍କରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଉନ୍ନତି ଯୋଜନାର ପ୍ରସାର

ନିମନ୍ତେ ମାସ ମାସ ଧରି ବିଭିନ୍ନ ଜାଗାରେ ବୁଲିଛନ୍ତି । ଏହିସବୁ ପରିଭ୍ରମଣରେ ପ୍ରତ୍ୟେକ ସ୍ୱେଚ୍ଛାଚାରୀକୁ ନିଜର ଖିଆପିଆ, ନିତ୍ୟକର୍ମ ସମାପନାଦି କ୍ରିୟା ସକାଶେ ଓ ବିଶ୍ରାମ ନେବା ସକାଶେ ବନ୍ଦୋବସ୍ତସବୁ ନିଜକୁହିଁ କରିବାକୁ ହେଉଥିଲା । କିନ୍ତୁ ଏଠାରେ, ଗୁରୁଙ୍କ ଆଶ୍ରମରେ ପହଞ୍ଚିବା ପୂର୍ବରୁହିଁ ସବୁକିଛିର ଯତ୍ନ ନିଖୁଣ ଭାବରେ ନିଆଯାଇଛି ! ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାକୁ ଯିବା ନିମିତ୍ତ ପ୍ରସ୍ତୁତ ହେଉଥିବା ବେଳେ ସେ ମର୍ମେ ମର୍ମେ ଅନୁଭବ କରୁଥିଲେ ଯେ ସେ ସ୍ୱର୍ଗରାଜ୍ୟରେ ପହଞ୍ଚିଛନ୍ତି ।

ପୁରାଣୀଜି ଆସି ଚଞ୍ଚଳ ବେନ୍‌ଙ୍କୁ ଶ୍ରୀଅରବିନ୍ଦଙ୍କ ନିକଟକୁ ନେଇଗଲେ । ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ମାତ୍ରେ ସେ ତାଙ୍କ ସାମନାରେ ନତଜାନୁ ହୋଇ ତାଙ୍କ ଶ୍ରୀପାଦପଦ୍ମରେ ନିଜ ମଥା ଲଗାଇ ପ୍ରଣାମ ଜଣାଇଲେ, ଆଖିରୁ ଅବିରତ ଲୁହ ଝରି ପଡୁଥାଏ । ମୁହଁ ଖୋଲି ଗୁରୁଙ୍କୁ କିଛି କହିବାର ତାଙ୍କର ନଥିଲା । ଶ୍ରୀଅରବିନ୍ଦ ଆନତ ମୁଖରେ ଚଞ୍ଚଳଙ୍କ ମସ୍ତକ ଉପରେ ତାଙ୍କର କୋମଳ ବରଦହସ୍ତ ସ୍ଥାପନାନ୍ତେ ସେ ବିଗଳିତ ହୃଦୟରେ ଗୁରୁଙ୍କୁ ଚାହିଁ ତାଙ୍କ କୋଳରେ ମଥା ରଖିଦେଲେ ।...

ଦୁଇଦିନ ପରେ ଚଞ୍ଚଳ ବେନ୍ ମାତାଜୀଙ୍କର ଦର୍ଶନ ଲାଭ କଲେ । ମା' ତାଙ୍କ ସକାଶେ ଇଂରାଜୀ ଶିଖିବାର ବନ୍ଦୋବସ୍ତ କରିଦେଲେ ଏବଂ ସୁପ୍ ପ୍ରସ୍ତୁତ ହେଉଥିବା ରନ୍ଧନଶାଳାରେ କାମ ଦେଲେ । ତାରାପୁର ଶିବ ମନ୍ଦିରରେ ଧାରଣା ଦେଇଥିବା ଅବସ୍ଥାରେ ସେ ଉଣାଧିକେ ଶିଖି ଯାଇଥିଲେ କିପରି ଐକାନ୍ତିକ ଭାବରେ ପ୍ରଭୁଙ୍କୁ ପ୍ରାର୍ଥନା ଜଣାଇବାକୁ ହୁଏ; ଏବେ ମା'ଙ୍କ ସାନ୍ନିଧ୍ୟରେ ଆସି ଯଥାର୍ଥ ରୂପେ କିପରି ଧ୍ୟାନ କରିବାକୁ ହୁଏ ଶିଖିଲେ । ଧୀରେ ଧୀରେ ସେ ହୋଇଉଠିଲେ ଆଶ୍ରମର ଅନ୍ୟତମ ଅନ୍ତେବାସୀ; ସମ୍ପୂର୍ଣ୍ଣ ରୂପେ ନୂତନ ଜୀବନଧାରା, ପୁରାତନ କୁଆଡ଼େ ଅନ୍ତର୍ହିତ ହୋଇଗଲା ।

ମାସେ ବିତିଗଲା । ତାରାପୁର ଘରେ ଭଉଣୀ ଓ ଦାଦାଙ୍କର ଭାଳେଣି ପଡ଼ିଲା – ଚଞ୍ଚଳ ବେନ୍ କ'ଣ ଠିକ୍ ଠିକ୍ ଯାଇ ତୀର୍ଥଭୂମି ପଣ୍ଡିଚେରୀରେ ପହଞ୍ଚିଛି ? ନିଶ୍ଚୟ ପହଞ୍ଚିଥିବ । ପହଞ୍ଚିଥିଲେ ତ ତୀର୍ଥ-ଦର୍ଶନ ସାରି ଘରକୁ ଫେରିବା କଥା ! ସେ କ'ଣ ଅନ୍ୟ କୁଆଡ଼େ ବାଟବଣା ହୋଇଗଲା ? ତେବେ ଥରେ ପଣ୍ଡିଚେରୀକୁ ଚିଠି ଲେଖି ଜାଣିନେବା ଭଲ । ପଣ୍ଡିଚେରୀରୁ କିଛି ଉତ୍ତର ନାହିଁ; ପୁଣି ଲେଖା ହେଲା ଚିଠି ଉତ୍ତର ନାହିଁ; ଶେଷକୁ ପୁରାଣୀଜିଙ୍କ ନାମରେ ଚିଠି ଲେଖି ଜାଣିବାକୁ ପାଇଲେ ଯେ ଚଞ୍ଚଳ ପଣ୍ଡିଚେରୀ ଆଶ୍ରମରେ ରହିଛନ୍ତି । ପରିଶେଷରେ ଚଞ୍ଚଳ ବେନ୍‌ଙ୍କୁ ଘରକୁ ପଠାଇ ଦେବାକୁ ଦାବି କରି ପୁରାଣୀଜିଙ୍କ ନିକଟକୁ ପୁଣି ଚିଠି ଆସିଲା : ''ଆମ ଚଞ୍ଚଳକୁ ଶୀଘ୍ର ଘରକୁ ପଠାଇ ଦିଅନ୍ତୁ ।'' ମା' ଶ୍ରୀଅରବିନ୍ଦଙ୍କୁ ଏ ଖବର ଜଣାଇ ଦିଆଗଲା ।

ସେଇଠୁ ମା' ଚଞ୍ଚଳ ବେନ୍‌ଙ୍କୁ ଡାକି କହିଲେ, ''ତୁମେ ଏବେ ଘରକୁ ଫେରିଯାଅ, ଏହା ତୁମ ପାଇଁ ଏବଂ ତୁମ ପରିବାର ପାଇଁ ମଙ୍ଗଳ ହେବ । କିନ୍ତୁ ତୁମକୁ ମୁଁ ଏହି ପ୍ରତିଶ୍ରୁତି ଦେଉଛି ଯେ ଭବିଷ୍ୟତରେ ତୁମେ ଆଶ୍ରମକୁ ଆସିବାକୁ ଚାହିଁବାମାତ୍ରେ ଆସିପାରିବ; ତୁମକୁ କେହି ବାଧା ଦେଇପାରିବେ ନାହିଁ । ଏବେ ସନ୍ତୋଷ ମନରେ ଘରକୁ ଯାଅ ।''

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ମାଆଙ୍କର ନିରବଚ୍ଛିନ୍ନ ଉପସ୍ଥିତିର ଅନୁଭୂତି ଅଭ୍ୟାସ ବଳରେ ଆସିଥାଏ; ସାଧନାରେ ସଫଳତା ନିମନ୍ତେ ଦିବ୍ୟକୃପା ଏକାନ୍ତ ଆବଶ୍ୟକ, କିନ୍ତୁ ଅଭ୍ୟାସହିଁ ଦିବ୍ୟକୃପାର ଅବତରଣ ଲାଗି ଅବସ୍ଥାକୁ ପ୍ରସ୍ତୁତ କରିଥାଏ ।

ତୁମକୁ କେବଳ ବାହ୍ୟବସ୍ତୁ ସକଳ ମଧ୍ୟରେ ଆବଦ୍ଧ ନ ହୋଇ ଅନ୍ତରକୁ ଯିବାକୁ ଶିକ୍ଷା କରିବାକୁ ହେବ, ମନକୁ ନିଶ୍ଚଳ କରିବାକୁ ହେବ ଏବଂ ତୁମ ମଧ୍ୟରେ ମା'ଙ୍କ କ୍ରିୟା ସମ୍ବନ୍ଧେ ସଚେତନ ହେବା ଲାଗି ଅଭୀପ୍ସା କରିବାକୁ ହେବ ।

– ଶ୍ରୀଅରବିନ୍ଦ

# ଗଧ 'ବୋଦେ'

## ଉଦାର

ବହୁ ବର୍ଷ ପୂର୍ବେ ମା' ଉପର ମହଲାରେ ବାସ କରିବା ଆଗରୁ ସେ ପ୍ରଥମ ମହଲା(First floor)ରେ ବାଲ୍‌କନି ଦର୍ଶନ ଦେଉଥିଲେ । ଏକଦା ମା 'ଦର୍ଶନ' ଦେଉଥିବା ସମୟରେ ଏକ ଗଧଛୁଆ ତା'ର ଜନ୍ମିତ ମାଆ-ଗଧକୁ ଛାଡ଼ିଆସି ବାଲ୍‌କନି ଦର୍ଶନ ଅଭିଳାଷୀ ଲୋକମାନଙ୍କ ଗହଣରେ ଛିଡ଼ା ହେଲା । ସେତେବେଳେ ମୁଁ ନିଜେ ଦର୍ଶନାର୍ଥୀଙ୍କ ମେଳରେ ଛିଡ଼ା ହୋଇ ବାଲ୍‌କନି ଦର୍ଶନ କରିବାକୁ ଯାଉ ନଥିଲି, କାରଣ ସେତେବେଳେ ମାଆ ପ୍ରତିଦିନ ସକାଳେ ମୋତେ ଗୋଟିଏ ଗୋଲାପ ଫୁଲ ଦେଉଥିଲେ । (ସୁତରାଂ ଦର୍ଶନ ସେଇଭାବେ ପ୍ରତ୍ୟହ ହେଉଥିଲା ।) ମାତ୍ର ସେହିଦିନ ସକାଳେ ମାଆଙ୍କୁ ମୁଁ ଯେତେବେଳେ ଭେଟିଲି, ସେ କହିଲେ, ''ଉଦାର ! ମୁଁ ତୁମକୁ କିଛି ଗୋଟିଏ ଦେଖାଇବାକୁ ଚାହୁଁଛି । ହେଇ ଦେଖ, ସେଠାରେ ଗୋଟିଏ ଗଧଛୁଆ ଛିଡ଼ା ହୋଇଛି, ସେ ତା'ର ମାଆକୁ ଛାଡ଼ି ଆସି ମୋର ଦର୍ଶନ ପାଇଁ ଜନଗହଳି ମଧ୍ୟରେ ଛିଡ଼ା ହୋଇଛି । ସେ ମୋ ପାଖରେ ଆସି ରହିବାକୁ ଚାହେଁ; ତେଣୁ ତୁମେ ଯାଇ ସେହି ଗଧଛୁଆଟିକୁ ମୋ ପାଖକୁ ଆଣ ।''

ଏହା ଶୁଣି ନିର୍ବିବାଦରେ ମୁଁ ଗଲି । ହଁ, ଏଠାରେ ମୁଁ କହି ରଖୁଛି ଯେ ମାଆ ପରିସ୍ଥିତିଟିକୁ ଏଭଳି ଭାବରେ ସମ୍ଭାଳି ନେଲେ ଯେ ସବୁକଥା ସହଜରେ ବ୍ୟବସ୍ଥିତ ହୋଇଗଲା । ମୁଁ ସେଠାକୁ ଗଲି, ଗଧଟିକୁ ନିରୀକ୍ଷଣ କଲି; ଗଧଛୁଆଟି ମୋତେ ତା' ମାଆ ପାଖକୁ ବାଟ କଢ଼ାଇ ନେଲା, ସେଠି ପହଞ୍ଚନ୍ତେ ତା'ର ମାଲିକ ହାତରେ ବାଡ଼ିଟିଏ ଧରି ଆସିଲା । ମୁଁ ପଚାରିଲି, ''ଏହା ଆପଣଙ୍କର ଗଧ ତ ?''

ସେ ଉତ୍ତର ଦେଲା – ''ଆଜ୍ଞା, ହଁ'' । ମୁଁ କହିଲି, ''ମୁଁ ଏହି ଗଧଛୁଆଟି କିଣିନେବାକୁ ଚାହେଁ ।'' ସେ କହିଲା, ''ହଁ, ନେଇପାରନ୍ତି ।'' ଗଧଛୁଆଟି ବହୁତ ପୋଷା ଥିଲା, ସେ ମୋ ପଛେ ପଛେ ଆସିଲା, ମୁଁ ଏହାକୁ ଆଶ୍ରମ ସମ୍ମୁଖ ଫାଟକ ଦେଇ ଆଣିଲି ଓ ଦ୍ୟୁମନ ଭାଇଙ୍କ ପ୍ରକୋଷ୍ଠ ସାମନାରେ ବାନ୍ଧି ଦେଲି । ତା'ପରେ ଉପର ମହଲାକୁ ଯାଇ ମାଆଙ୍କୁ ସବୁକଥା ଜଣାଇଲି । ତତ୍ପରେ ମାଆ ତଳକୁ ଆସିଲେ, ସେଇ ଗଧଛୁଆଟିକୁ ବହୁତ ଗେଲ କଲେ ।

ସେତେବେଳେ ଆମେ 'ରେଡ୍ ହାଉସ୍'(The red house)ରେ ରହୁଥିଲୁ । ଆମର ଗୋଟିଏ ଛୋଟିଆ ବଗିଚା ଥିଲା । ଗୋଟିଏ ସୁନ୍ଦର କୁକୁର ମଧ୍ୟ ଆମର ଥିଲା, ଯାହାର ନାମ ମାଆ ଦେଇଥିଲେ 'ବିଉଟି'(Beauty) । ଏହି ଗଧ ଓ କୁକୁର ଦୁଇଜଣଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଲା । କୁକୁରଟି ଗଧକୁ ତଳ ବଗିଚାରୁ ଉପର ମହଲାକୁ ତଳଉପର କରି ଦୌଡ଼ାଏ । ଗଧଟି ମଧ୍ୟ ଏ ଦୌଡ଼ିବାକୁ ବେଶ୍ ଉପଭୋଗ କରୁଥିଲା । ତା'ପରେ ଦିନେ ମା'ଙ୍କୁ ମୁଁ ପଚାରିଲି, ''ଏ ଗଧ ଛୁଆଟିକୁ କ'ଣ କରିବାକୁ ହେବ ?''

– ମା' ଉତ୍ତର ଦେଲେ, ''କାମରେ ଲଗାଅ'' । ତେବେ ମନରେ ପ୍ରଶ୍ନ ଉଠିଲା – ଗାଡ଼ି ଟାଣିବା ଛଡ଼ା ଏ ଗଧ ଦ୍ୱାରା ଆଉ କ'ଣ ହୋଇପାରିବ ? ସୁତରାଂ ତାହା ନିମିତ୍ତ ମୁଁ ସ୍ୱତନ୍ତ୍ର ଭାବରେ ନିର୍ମିତ ଏକ କ୍ଷୁଦ୍ର ଗାଡ଼ି କଲି । ବାପ୍ରେ ବାପ୍, ଆପଣମାନେ କହି ପାରନ୍ତି ଗଧମାନେ ସୁଦ୍ଧୁ ବୋକା, ମାତ୍ର ଏହି ଗଧଟି ଏତେ ନିର୍ବୋଧ ନଥିଲା । ସେ ଖେଳ ଆଉ କାମ ବିଷୟରେ ଥିବା ପାର୍ଥକ୍ୟଟାକୁ ଭଲ ଭାବରେ ଜାଣି ପାରିଥିଲା । ସେ କାମ କରିବାକୁ ପୂରାପୂରି ରୋକ୍‌ଠୋକ୍ ମନା କରିଦେଲା । ଟିକିଏ ବି ଘୁଞ୍ଚିଲା ନାହିଁ । ଏବିଷୟ ମୁଁ ମାଆଙ୍କୁ ଜଣାଇଲି । ମା' କହିଲେ – ମୁଁ ଏ ବିଷୟରେ ଶ୍ରୀଅରବିନ୍ଦଙ୍କୁ ପଚାରିବି । ସେ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ପଚାରି ଫେରିଲେ, ସେ ମୋତେ କହିଲେ – ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଲେ, ''ଏକ ବିଚିତ୍ର ସାଧକ (typical sadhak)'' ।

ମାଆ ତା' ନାମ ଦେଇଥିଲେ 'ବୋଦେ' (Baudet)– ରିଚାର୍ଡ୍ ପିଅରସନ୍ ଏହି ଗଧ ଉପରେ ଚଢ଼ି ଯିବା ଆସିବା କରୁଥିଲେ । ଏଠାରେ ପଣ୍ଡିଚେରୀରେ ସେତେବେଳେ ପ୍ରତିବର୍ଷ ଗଧମାନଙ୍କର ଏକ ଦୌଡ଼ ପ୍ରତିଯୋଗିତା ହେଉଥିଲା । ତେଣୁ ଆମେ ସେହି ଦୌଡ଼ ପ୍ରତିଯୋଗିତାରେ ଏହି ଗଧଟିର ନାମ ତାଲିକାଭୁକ୍ତ କଲୁ । ଆରେ ବାବା, ଏହି ଗଧ ସେହି ପ୍ରତିଯୋଗିତାରେ ପ୍ରଥମ ହେଲା, ଏହା ଏକ ଦୌଡ଼କୁଦ ପ୍ରତିଯୋଗୀ ଅଶ୍ୱ ଭଳି ସେହିଦିନ ଧାବନ କଲା । ଏହି ପ୍ରକାର କାର୍ଯ୍ୟ କରିବାକୁ ତାକୁ ଭଲ ଲାଗୁଥିଲା । କିନ୍ତୁ କାମ କରିବାକୁ କହିଲେ – ବିଲ୍‌କୁଲ୍ ନାହିଁ ।

(Sri Aurobindo Action, July 2007, ପୃ. ୩ ରୁ ଗୃହୀତ)

ଭାଷାନ୍ତର : ଚୈତନ୍ୟ ମହାପାତ୍ର ❑

ପୂର୍ଣ୍ଣାଙ୍ଗ ଜୀବନରେ ପୂର୍ଣ୍ଣାଙ୍ଗ ଶିକ୍ଷା :

# ଯୁଗପତ୍ ଓ ଆନୁକ୍ରମିକ ଶିକ୍ଷାଦାନ

[Simultaneous and Successive Teaching]

(୪)

## ଶ୍ରୀଅରବିନ୍ଦ

ପ୍ରକୃତିକୁ ତା'ର ସ୍ୱାଭାବିକ ପନ୍ଥାରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଗଲେ ପ୍ରକୃତି ଆମମାନଙ୍କୁ ଯେଉଁସବୁ ଶକ୍ତି ପ୍ରଦାନ କରିଛି ସେସବୁର ଯଥାର୍ଥ ଉପକାର ଆମେମାନେ ପାଇପାରିବା । ମାନବ-ସମାଜ ଶିଶୁଗଣଙ୍କୁ ଶିକ୍ଷାଦାନ କରିବାରେ ପ୍ରକୃତିର ପଦ୍ଧତିକୁ ବ୍ୟର୍ଥ ଏବଂ ବାଧାଦାନ କରୁଛି ଏବଂ ଏହା କରିବା ଦ୍ୱାରା ନିଜ ଅଗ୍ରଗତିର ଦ୍ରୁତତାରେ ବ୍ୟାଘାତ ସୃଷ୍ଟି କରୁଛି । ସୁଖର କଥା, ବର୍ତ୍ତମାନ ସୁସ୍ଥତର ଧାରଣାସବୁ ପ୍ରଭାବଶାଳୀ ହେବାକୁ ଯାଉଛି । କିନ୍ତୁ ଏପର୍ଯ୍ୟନ୍ତ ସେସବୁକୁ କାର୍ଯ୍ୟକାରୀ କରିବାର ଉପାୟ ଖୋଜି ବାହାର କରାଯାଇ ନାହିଁ । ଅତୀତ ତା'ର ସମସ୍ତ ପୂର୍ବ ସଂସ୍କାର ଓ ଭ୍ରାନ୍ତି ସହ ଆମର ବେକରେ ଝୁଲୁଛି ଏବଂ ଆମମାନଙ୍କୁ ଛାଡ଼ି ଯାଉ ନାହିଁ; ଆମର ସର୍ବଜ୍ଞାନଧାରିଣୀ ଜଗନ୍ମାତାଙ୍କର ପରିଚାଳନା ମଧ୍ୟକୁ ଫେରିଯିବାର ମୌଳିକ ପ୍ରୟାସ ମଧ୍ୟରେ ଏହା ପ୍ରବେଶ କରୁଛି । ସ୍ୱଚ୍ଛତର ଜ୍ଞାନଗ୍ରହଣ କରି ତାହାକୁ ନିର୍ଭୟରେ ଭାବୀ ବଂଶଧରଙ୍କ ଉପକାର ଦିଗରେ ପ୍ରୟୋଗ କରିବା ନିମିତ୍ତ ଆମମାନଙ୍କର ସାହସ ଆବଶ୍ୟକ । ବିଭିନ୍ନ ବିଷୟର କିଛି ଅଂଶ ଶିକ୍ଷା ଦେବା (teaching by snippets)ର ପଦ୍ଧତିକୁ ଉତ୍ସାହ-ଉଦ୍ଦୀପନାହୀନ ଆଳିମାଳିକା ଗୃହ ମଧ୍ୟକୁ ନିକ୍ଷିପ୍ତ କରିବାକୁ ହେବ । ସର୍ବପ୍ରଥମ କାର୍ଯ୍ୟ ହେବ ଶିଶୁକୁ ଜୀବନ, କର୍ମ ଓ ଜ୍ଞାନ ଦିଗରେ ଆଗ୍ରହୀ କରାଇବା, ଅତ୍ୟନ୍ତ ପୁଙ୍ଖାନୁପୁଙ୍ଖ ଭାବେ ତାହାର ଜ୍ଞାନାର୍ଜନର ଉପକରଣଗୁଡ଼ିକୁ ବିକଶିତ କରାଇବା, ସେ ଯେଉଁ ଭାଷା ବ୍ୟବହାର କରେ ସେଥିରେ ତାହାକୁ ଦକ୍ଷତା ପ୍ରଦାନ କରିବା । ଏହା ଫଳରେ ପରବର୍ତ୍ତୀ କାଳରେ ସେ ଯେଉଁ ଦ୍ରୁତତା ସହିତ ଶିକ୍ଷାଲାଭ କରିବ ତାହା ନିୟମିତ ଅଧ୍ୟୟନର ଯେକୌଣସି ପ୍ରକାର ବିଳମ୍ବକୁ ପରିପୂରଣ କରିବ ଏବଂ ଦେଖାଯିବ ଯେ ସେ ବର୍ତ୍ତମାନ ଯେଉଁଠି ଅଳ୍ପ କେତେକ ବିଷୟକୁ ଖରାପ ଭାବରେ ଶିକ୍ଷା କରୁଛି ସେତେବେଳେ ସେଠାରେ ଅନେକ ବିଷୟକୁ ପୁଙ୍ଖାନୁପୁଙ୍ଖତାର ସହ ଭଲ ଭାବରେ ଶିକ୍ଷା କରିପାରିବ ।

(ସମାପ୍ତ)

[A System of National Education ପୁସ୍ତିକାରୁ ସଂଗୃହୀତ]

❑❑❑

# ଆଦର୍ଶ ମାତାପିତା

## ଶ୍ରୀମା

**କିଛି ସମ୍ପୂର୍ଣ୍ଣ ନୂତନ**

ପୁଣିଥରେ ପ୍ରକୃତି ଅନୁଭବ କରୁଛି ତା' ମଧ୍ୟରେ ଏକ ବିପୁଳ ପ୍ରବେଗ, କିଛି ସଂପୂର୍ଣ୍ଣ ନୂତନ, କିଛି ଅପ୍ରତ୍ୟାଶିତର ସୃଷ୍ଟି ଲାଗି । ଆଉ ଏହି ପ୍ରବେଗର ଉତ୍ତର ଆମକୁ ଦେବାକୁ ହେବ ଓ ଏହାକୁ ମାନିବାକୁ ହେବ ।

— ଶ୍ରୀମା

ପ୍ରଶ୍ନ :ସ୍ନେହମୟି ମା', ମାତାପିତାଙ୍କ ପକ୍ଷରେ ଏହା କ'ଣ ସମ୍ଭବ ଜନ୍ମ ଦେବା ଲାଗି ... ଇଚ୍ଛା କରିବା ଲାଗି ଯେଉଁଭଳି ଆତ୍ମା ସେମାନେ ସନ୍ତାନ ରୂପେ ଚାହାନ୍ତି ?

ଉତ୍ତର : ଇଚ୍ଛା କରିବା ? ସେଥିଲାଗି ସେମାନଙ୍କର ଏକ ଗୁହ୍ୟଜ୍ଞାନ ଥିବା ଦରକାର, ଯାହାକି ସାଧାରଣତଃ ସେମାନଙ୍କର ନଥାଏ । କିନ୍ତୁ ଯାହା ବି ହେଉ, ଏକ୍ଷେତ୍ରରେ ଯାହା କରାଯାଇ ପାରିବ ତା' ହେଉଛି ପଶୁଟିଏ ଭଳି ପ୍ରବୃତ୍ତି ଅଥବା କାମନା-ବାସନା ଦ୍ୱାରା ପରିଚାଳିତ ହୋଇ ଓ ଅନେକ ସମୟରେ ସନ୍ତାନ ଇଚ୍ଛା ନକରି ବି ଏ କଥାଟି କରିବା ପରିବର୍ତ୍ତେ ସେମାନେ ଏହାକୁ ଏକ ଅଭୀପ୍ସାର ସହ, ନିଜକୁ ଏକ ଅଭୀପ୍ସା ତଥା ପୂରାପୂରି ପ୍ରାର୍ଥନାର ଅବସ୍ଥାରେ ରଖି ଇଚ୍ଛାକୃତ ଭାବେ କରିବେ । ଯାହାଫଳରେ ସେମାନେ ଯେଉଁ ସତ୍ତାଟିକୁ ଗଠନ କରିବାକୁ ଯାଉଛନ୍ତି, ସେହି ସତ୍ତାରେ ପ୍ରକାଶ ହେବା ନିମନ୍ତେ ସେମାନେ ଆବାହନ କରିପାରୁଥିବେ ଆତ୍ମାଟିକୁ ମୂର୍ତ୍ତ କରିବା ପାଇଁ, ଯାହା ଏକ ଉପଯୁକ୍ତ ଆଧାର ହୋଇପାରିବ । ମୁଁ ଏପରି ଲୋକଙ୍କୁ ଜାଣେ — ସଂଖ୍ୟାରେ ସେମାନେ ବେଶୀ ନୁହନ୍ତି, ଏହା ମଧ୍ୟ ଅଧିକାଂଶ ସମୟରେ ଘଟି ନଥାଏ, କିନ୍ତୁ ତଥାପି ମୁଁ କେତେକ ଲୋକଙ୍କୁ ଜାଣେ — ଯେଉଁମାନେ ଏକ ସ୍ୱତନ୍ତ୍ର ପରିବେଶ ବାଛି ନିଅନ୍ତି, ନିଜକୁ ସ୍ୱତନ୍ତ୍ର ଏକାଗ୍ରତା, ଧ୍ୟାନ ଓ ଅଭୀପ୍ସା ମାଧ୍ୟମରେ ପ୍ରସ୍ତୁତ କରନ୍ତି ଏବଂ ସେମାନେ ଗଠନ କରିବାକୁ ଯାଉଥିବା ଶରୀରଟି ମଧ୍ୟରେ ଏକ ଅସାଧାରଣ ସତ୍ତାକୁ ଅବତରଣ କରାଇବା ନିମନ୍ତେ ଇଚ୍ଛା କରନ୍ତି ।

ବହୁ ଆଗେ ଅନେକ ଦେଶରେ — ଏପରିକି ଏବେ ମଧ୍ୟ କେତେକ ଦେଶରେ — ଯେଉଁ ନାରୀ ସନ୍ତାନ ଜନ୍ମ ଦେବାକୁ ଯାଉଥିଲା ତାକୁ ସୌନ୍ଦର୍ଯ୍ୟ, ସଙ୍ଗତି, ଶାନ୍ତି ତଥା ଶୁଭେଚ୍ଛାର ଏକ ସ୍ୱତନ୍ତ୍ର ପରିବେଶ, ବହୁତ ସୁସମଞ୍ଜସ ଏକ ବାହ୍ୟ ପରିବେଶ ମଧ୍ୟରେ ରଖାଯାଉଥିଲା, ଯାହାଫଳରେ ଶିଶୁଟି ଯଥାସମ୍ଭବ ସର୍ବୋତ୍ତମ ଅବସ୍ଥା ମଧ୍ୟରେ ଗଠିତ ହୋଇ ପାରିବ । ଏଇ କଥାଟି ନିଶ୍ଚିତ ରୂପେ କରାଯିବା ଉଚିତ, କାରଣ ମଣିଷ ପକ୍ଷରେ ଏହା କରିପାରିବା ସମ୍ଭବ । ଏତକ କରିପାରିବା ଲାଗି ମଣିଷ ଯଥେଷ୍ଟ ଉନ୍ନତ ହୋଇଛି, ଏହା ତା' ପକ୍ଷରେ ଏକ ସମ୍ପୂର୍ଣ୍ଣ ଅସାଧାରଣ କଥା ନୁହେଁ । ତଥାପି ଏହା ସମ୍ପୂର୍ଣ୍ଣ ଅସାଧାରଣ, କାରଣ ଖୁବ୍ କମ୍ ଲୋକ ଏହା ଚିନ୍ତା କରନ୍ତି, ଯେତେବେଳେକି ଅସଂଖ୍ୟ ଲୋକ ବିନା ଇଚ୍ଛାରେ ସନ୍ତାନ ଲାଭ କରିଥା'ନ୍ତି ।

ଏଇ କଥା ମୁଁ କହିବାକୁ ଚାହୁଁଥିଲି ।

(Collected Works of the Mother, Vol. 8, p - 201)

*

### ଯଥାର୍ଥ ମାତୃତ୍ୱ

ମାତୃତ୍ୱକୁ ନାରୀର ପ୍ରଧାନ ଭୂମିକା ରୂପେ ବିବେଚନା କରାଯାଏ । କିନ୍ତୁ ମାତୃତ୍ୱ ଶବ୍ଦଟିର ଯଥାର୍ଥ ଅର୍ଥ ବୁଝିବା ପର୍ଯ୍ୟନ୍ତ ଏହା ସତ୍ୟ ହୋଇ ରହିଥାଏ । କାରଣ ପ୍ରବୃତ୍ତି ତଥା ଅଜ୍ଞାନତାର ବଶବର୍ତ୍ତୀ ହୋଇ ଯନ୍ତ୍ର ସଦୃଶ ଠେକୁଆ ଛୁଆ କଲା ଭଳି ଗୁଡ଼ାଏ

ଛୁଆ ପୃଥିବୀପୃଷ୍ଠକୁ ଆଣିବା ଯଥାର୍ଥରେ ମାତୃତ୍ୱ ନୁହେଁ । ଯଥାର୍ଥ ମାତୃତ୍ୱ ଏକ ସତ୍ତାକୁ ସଚେତନ ଭାବେ ସୃଷ୍ଟି କରିବା ଓ ଏକ ନୂତନ ଶରୀରକୁ ବ୍ୟବହାର କରି ବିକାଶ ନିମନ୍ତେ ଆସୁଥିବା ଏକ ଆତ୍ମାକୁ ଇଚ୍ଛାକୃତ ଭାବେ ରୂପ ଦେବାକୁ ଆରମ୍ଭ କରିଥାଏ । ନାରୀର ଯଥାର୍ଥ କ୍ଷେତ୍ର ହେଉଛି ଆଧ୍ୟାତ୍ମିକତା । କିନ୍ତୁ ଆମେ ଅନେକ ସମୟରେ ଏକଥା ଭୁଲିଯାଉ ।

ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା ଓ ପୂରାପୂରି ଅବଚେତନ ଭାବେ ତା'ର ଶରୀରକୁ ଗଠନ କରିବା ଯଥେଷ୍ଟ ନୁହେଁ । କାମଟି ଯଥାର୍ଥରେ ଆରମ୍ଭ ହୁଏ ଯେତେବେଳେ ଆମେ ଆମ ଚିନ୍ତା, ସଂକଳ୍ପ ବଳରେ ଏକ ଆଦର୍ଶକୁ ଅଭିବ୍ୟକ୍ତ କଲାଭଳି ସାମର୍ଥ୍ୟ ଥିବା ଏକ ଚରିତ୍ରକୁ ଧାରଣ ତଥା ସୃଷ୍ଟି କରିପାରୁ ।

କୁହନା ଯେ ଏପରି କଥା କରିପାରିବା ଲାଗି ଆମର ସାମର୍ଥ୍ୟ ନାହିଁ । କାରଣ ଏହି ସଫଳ ସାମର୍ଥ୍ୟର ପ୍ରମାଣ ସ୍ୱରୂପ ଅସୁମାରି ଉଦାହରଣ ରହିଛି ।

ମୁଁ ନିଜେ ଏପରି ଅନେକ ଘଟଣା ପ୍ରତ୍ୟକ୍ଷ କରିଛି । ସେମାନଙ୍କ ମଧ୍ୟରୁ ଦୁଇଟି ଝିଅଙ୍କ କଥା ଖୁବ୍ ସ୍ପଷ୍ଟଭାବେ ମୋର ମନେ ପଡୁଛି : ସେ ଦୁହେଁ ଥିଲେ ଯାଆଁଳା ଓ ନିଖୁଣ ଭାବରେ ସୁନ୍ଦର । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ ସେମାନେ ସେମାନଙ୍କ ମାତାପିତାଙ୍କ ପରି ଆଦୌ ହୋଇ ନଥିଲେ । ସେମାନଙ୍କୁ ଦେଖି ଇଂରେଜ କଳାକାର ରେନୋଲ୍ଡ୍‌ଙ୍କ ଦ୍ୱାରା ଅଙ୍କିତ ଏକ ଖୁବ୍ ପ୍ରସିଦ୍ଧ ଛବିର କଥା ମୋର ମନେ ପଡ଼ିଲା । ଦିନେ ମୁଁ ଏହିକଥା ସେମାନଙ୍କ ମାଆକୁ କହିଲି । ସେ ସଙ୍ଗେ ସଙ୍ଗେ ଉତ୍‌ଫୁଲ୍ଲିତା ହୋଇ କହିଲା : ''ବାସ୍ତବରେ ସେମାନେ କ'ଣ ସେହିପରି ଦେଖାଯାଉ ନାହାନ୍ତି ? ତୁମକୁ ଏକଥା ଜାଣିବା ଲାଗି ବହୁତ ଆଗ୍ରହଦାୟକ ବୋଧ ହେବ ଯେ ଯେତେବେଳେ ମୁଁ ଏହି ପିଲା ଦୁଇଟିକୁ ଜନ୍ମଦେବାକୁ ଆଶା କରୁଥିଲି ସେତେବେଳେ ମୁଁ ମୋର ବିଛଣା ଉପରେ ରେନୋଲ୍ଡ୍‌ଙ୍କ ଛବିର ଏକ ଖୁବ୍ ସୁନ୍ଦର ଅନୁଲିପି ଟଙ୍ଗାଇ ଥିଲି । ଶୋଇବାକୁ ଯିବା ପୂର୍ବରୁ ଓ ଶୋଇସାରି ଉଠିବା ପରେ ମୋର ଶେଷ ତଥା ପ୍ରଥମ ଦୃଷ୍ଟି ସେହି ଛବି ଉପରେ ପଡୁଥିଲା । ଏବଂ ମୋର ଅନ୍ତରରେ ମୁଁ ଆଶା କରୁଥିଲି : ମୋର ପିଲାମାନଙ୍କ ମୁହଁ ଏହି ଛବିରେ ଥିବା ମୁହଁ ପରି ହୋଇଉଠୁ । ଆଉ ତୁମେ ଦେଖ, ଏଥିରେ ମୁଁ ସମ୍ପୂର୍ଣ୍ଣରୂପେ ସଫଳ ହୋଇଛି !'' ବାସ୍ତବରେ ସେ ମାଆଟି ତା'ର ସଫଳତା ନେଇ ଗର୍ବ କରିପାରେ ଏବଂ ତା'ର ଉଦାହରଣଟିରେ ଅନ୍ୟ ନାରୀମାନଙ୍କ ଲାଗି ରହିଛି ଏକ ବିରାଟ ଉପଯୋଗିତା ।

(C.W.M., Vol. 2, p. 153 - 154)

*

## ଗୌରବମୟ କର୍ମ

ଏହି ଉଦ୍ୟମଟି ଦ୍ୱାରା ମାତୃତ୍ୱ ହୋଇଉଠେ ଯଥାର୍ଥରେ ମୂଲ୍ୟବାନ୍ ଓ ପବିତ୍ର । ବାସ୍ତବରେ ଏଇ କାର୍ଯ୍ୟଟି ଫଳରେ ଆମେ ଆତ୍ମସତ୍ତାର ଏକ ଗୌରବମୟ କର୍ମ ମଧ୍ୟରେ ପ୍ରବେଶ କରୁ ଏବଂ ପଶୁତ୍ୱ ତଥା ସାଧାରଣ ସହଜାତ ପ୍ରବୃତ୍ତିକୁ ଅତିକ୍ରମ କରି ନାରୀତ୍ୱ ଯଥାର୍ଥ ମାନବତ୍ୱ ତଥା ଏହାର ଶକ୍ତିରାଜି ଦିଗରେ ଗତି କରେ ।

ଏହି ଉଦ୍ୟମ, ଏହି ଚେଷ୍ଟା ମଧ୍ୟରେ ରହିଛି ଆମର ଯଥାର୍ଥ କର୍ତ୍ତବ୍ୟ । ଯଦି ଏହି କର୍ତ୍ତବ୍ୟ ସବୁବେଳେ ସର୍ବପ୍ରଧାନ ଗୁରୁତ୍ୱ ଲାଭ କରୁଥିଲା, ତେବେ ପୃଥିବୀ-ବିବର୍ତ୍ତନର ସାଂପ୍ରତିକ ମୋଡ଼ କ୍ଷେତ୍ରରେ ଏହା ନିଶ୍ଚିତ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି ।

## ଦିବ୍ୟ ଉଷାର ଆଗମନୀ

ଯେଉଁମାନେ ଅନୁଭବ କରନ୍ତି ଯେ ସେମାନଙ୍କ ହୃଦୟ ନିଜର ତଥା ପରିବାରର ସୀମାକୁ ଅତିକ୍ରମ କରି ଅଧିକ ପ୍ରସାରିତ ହୋଇଯାଏ, ସେମାନଙ୍କ ଚିନ୍ତା କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥ ଓ ସ୍ଥାନୀୟ ପରମ୍ପରାଠାରୁ ଅଧିକ କିଛିକୁ ନିଜର ଅନ୍ତର୍ଭୁକ୍ତ କରିନିଏ; ସଂକ୍ଷେପରେ କହିବାକୁ ଗଲେ, ଯେଉଁମାନେ ଅନୁଭବ କରନ୍ତି ଯେ ସେମାନେ ନିଜର କିଂବା ପରିବାରର ଅଥବା ଏପରିକି ଦେଶର ନୁହନ୍ତି, କିନ୍ତୁ ସେମାନେ ହେଉଛନ୍ତି ସକଳ ଦେଶ, ସମଗ୍ର ମଣିଷସମାଜ ମଧ୍ୟରେ ନିଜକୁ ଅଭିବ୍ୟକ୍ତ କରିଥିବା ଭଗବାନଙ୍କର । ଏଇମାନେ ବାସ୍ତବରେ ଜାଣନ୍ତି ଯେ ମଣିଷସମାଜ ଦିବ୍ୟଉଷାର ଆଗମନୀ ନିମନ୍ତେ ସେମାନଙ୍କୁ ଜାଗ୍ରତ୍ ହୋଇ କର୍ମ କରିବାକୁ ପଡ଼ିବ ।

ଏହି ଗୁରୁତ୍ୱପୂର୍ଣ୍ଣ, ସୀମାହୀନ, ବହୁମୁଖୀ କାର୍ଯ୍ୟରେ ନାରୀତ୍ୱର ଭୂମିକା କ'ଣ ହୋଇପାରେ ? ଏକଥା ସତ ଯେ ଯେତେବେଳେ କୌଣସି ବଡ଼ କଥା କିଂବା କାର୍ଯ୍ୟର ପ୍ରଶ୍ନ ଉଠେ ସେତେବେଳେ ସାଧାରଣ ପରମ୍ପରା ହେଲା ନାରୀମାନଙ୍କୁ ଏକ

ଅନୁଗ୍ରହପୂର୍ଣ୍ଣ ତାଚ୍ଛଲ୍ୟର ସ୍ମିତହାସ୍ୟ ସହ ଗୋଟିଏ କୋଣକୁ ପଠାଇ ଦେବା । ଯାହାର ଅର୍ଥ ହେଉଛି – ହେ ନିରୀହ, ଦୁର୍ବଳ, ବ୍ୟର୍ଥ ଜୀବ ! ଏସବୁ ତୁମର କାମ ନୁହେଁ ।... ଆଉ ନାରୀମାନେ ବୋଧହୁଏ ସେମାନଙ୍କ ବିନମ୍ର, ଶିଶୁ ସୁଲଭ, ଆଳସ୍ୟପରାୟଣ ପ୍ରକୃତି ଯୋଗୁଁ ଅନ୍ତତଃପକ୍ଷେ ଅନେକ ଦେଶରେ ଏହି ଶୋଚନୀୟ ପରିସ୍ଥିତିକୁ ଗ୍ରହଣ କରି ନେଇଛନ୍ତି । ମୁଁ ସାହସର ସହ କହିବି ଯେ ସେମାନେ ଏପରି କରି ଭୁଲ୍ କରୁଛନ୍ତି । ଭବିଷ୍ୟତ୍ ଜୀବନରେ ପୁରୁଷ ଓ ନାରୀ ମଧ୍ୟରେ ଏପରି ବିଭେଦ, ଏପରି ଅସମତା ପାଇଁ ଆଉ କୌଣସି ସ୍ଥାନ ରହିବ ନାହିଁ । ଦୁଇ ଲିଙ୍ଗ ମଧ୍ୟରେ ଯଥାର୍ଥ ସମ୍ପର୍କ ହେଉଛି ପାରସ୍ପରିକ ସାହାଯ୍ୟ ଓ ନିବିଡ଼ ସହଯୋଗିତାର ଏକ ସମାନ ସ୍ଥିତି ।

**ପରମ ସମ୍ଭାବନା**

ଏଠାରେ ଆମେ ଆମର ସେହି ମୂଳ କଥା, ଯଥାର୍ଥ ମାତୃତ୍ୱର କର୍ତ୍ତବ୍ୟ ଉପରକୁ ଫେରି ଆସିବା । କାରଣ ଏଇ ସ୍ୱରୂପ ଯାହାକି ପୃଥିବୀର ବର୍ତ୍ତମାନ ପରିସ୍ଥିତିକୁ ରୂପାନ୍ତର କରିବା ପାଇଁ ସକ୍ଷମ, ଏଇ ନୂତନ ସ୍ୱରୂପ, ତାକୁ ନାରୀମାନଙ୍କ ଛଡ଼ା ଆଉ କିଏ ଗଠନ କରିବ ?

ଆମେ ଶୁଣିଥିବା ଅଥବା ଜାଣିଥିବା ମହାନତମ ବ୍ୟକ୍ତି କିଂବା ତାଙ୍କଠାରୁ ବି ଆହୁରି ମହାନ୍, ଆହୁରି ଗୁଣସମ୍ପନ୍ନ ଓ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଭଳି ଏକ ବ୍ୟକ୍ତିଙ୍କୁ ରୂପ ଦେବା ଆଉ ଯଥେଷ୍ଟ ହୋଇରହି ନାହିଁ । ଆମ ଚିନ୍ତା ଓ ସଂକଳ୍ପର ନିରନ୍ତର ଅଭୀପ୍ସା ବଳରେ ଆମକୁ ଚେଷ୍ଟା କରିବାକୁ ହେବ ସକଳ ମାନବିକ ସୀମା ତଥା ଗୁଣ ସକଳକୁ ଅତିକ୍ରମ କରି ରହିଥିବା ପରମ ସମ୍ଭାବନା ସହ ମାନସିକ ଭାବେ ଯୁକ୍ତ ହେବାକୁ ଯାହାକି ଅତିମାନବକୁ ଜନ୍ମଦେବ ।

(C.W.M., Vol. 2, pp. -155-156)

(କ୍ରମଶଃ) ❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା । | ୧୫୦ ଟଙ୍କା । | ୧୫୦୦ ଟଙ୍କା । |
| **ନବଜ୍ୟୋତି** | ୨୦ ଟଙ୍କା । | ୮୦ ଟଙ୍କା । | ୮୦୦ ଟଙ୍କା । |

# ଶ୍ରୀମାଙ୍କ ସହ ପ୍ରଥମ ସାକ୍ଷାତ୍
## ଏକ ଅବିସ୍ମରଣୀୟ ଅନୁଭୂତି
### ନୀରଦବରଣ

### (୧୯୩୦)

୧୯୩୦ ମସିହା ଜାନୁଆରୀ ପ୍ରଥମ ସପ୍ତାହରେ ନୀରଦବରଣ ଲଣ୍ଡନରେ ତାଙ୍କର ଡାକ୍ତରୀ ପାଠ ଶେଷ କରି ଭାରତକୁ ଫେରି ଆସିଲେ । ସେତେବେଳେ ସେ କଲମ୍ବୋ ବାଟ ଦେଇ ପଣ୍ଡିଚେରୀ ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କର ଝିଆରୀ ଜ୍ୟୋତିର୍ମୟୀ ସେତେବେଳେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହୁଥିଲେ । ପ୍ରକୃତରେ ସେ ତାଙ୍କର ଅନୁରୋଧ ରକ୍ଷା କରି ପଣ୍ଡିଚେରୀ ଆସିଥିଲେ । ବହୁତ ଦିନ ପୂର୍ବରୁ ନୀରଦବରଣଙ୍କର ପ୍ୟାରିସଠାରେ ଶ୍ରୀ ଦିଲୀପ ରାୟଙ୍କ ସହିତ ଦେଖା ହୋଇଥିଲା । ସେହି ସମୟରେ ଦିଲୀପ ରାୟଙ୍କଠାରୁ ସେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ବିଷୟରେ ବହୁତ କିଛି ଶୁଣିଥିଲେ । ସେଥିପାଇଁ ତାଙ୍କର ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା । ନୀରଦବରଣ ପଣ୍ଡିଚେରୀରେ ପହଞ୍ଚିବା ପରଦିନ ଶ୍ରୀ ଦିଲୀପ କୁମାର ରାୟଙ୍କୁ ଦେଖା କରିବାକୁ ଦିନ ତିନିଟା ସମୟରେ ଯାଇଥିଲେ । ଦିଲୀପ କୁମାର ହଠାତ୍ ସେଥିପାଇଁ ନୀରଦବରଣଙ୍କୁ ଦେଖି ଆଶ୍ଚର୍ଯ୍ୟ ଓ ଉଲ୍ଲସିତ ହୋଇଯାଇ ପଚାରିଲେ ''ଓଃ ତୁମେ କେତେବେଳେ ଆସିଲ ? କେମିତି ଓ କେଉଁଠାରୁ ଆସିଲ ?'' ନୀରଦବରଣଙ୍କଠାରୁ ତାଙ୍କ ପ୍ରଶ୍ନର ଉତ୍ତର ଶୁଣି ସାରି ଭାରି ଆଗ୍ରହ ଓ ଉତ୍କଣ୍ଠାରେ କହିଥିଲେ, ''ତୁମେ ଶ୍ରୀମାଙ୍କୁ ଦର୍ଶନ କରିବାକୁ ଚାହଁ ?'' ନୀରଦବରଣ ବହୁତ ଖୁସି ହୋଇ ନିଜର ସମ୍ମତି ଜଣାଇଲେ ।

ତା' ପରଦିନ ଶ୍ରୀମାଙ୍କ ସହିତ ନୀରଦବରଣଙ୍କର ସାକ୍ଷାତ୍ ହେବା ପାଇଁ ଦିନ ତିନିଟା ସମୟ ସ୍ଥିର ହେଲା । ନୀରଦବରଣ ସେଦିନ ଦିଲୀପ ରାୟଙ୍କ ଘରେ ସେହି ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପହଞ୍ଚିଥିଲେ । ତାଙ୍କର ଭାରତୀୟ ପୋଷାକ ନଥିବାରୁ ଦିଲୀପଦା ତାଙ୍କୁ ଧୋତି ଓ ପଞ୍ଜାବି ପିନ୍ଧିବାକୁ ଦେଲେ । ଦିଲୀପଦା ତାଙ୍କ ବଗିଚାରୁ ଗୋଟିଏ ସୁନ୍ଦର ଗୋଲାପୀ ରଙ୍ଗର ଗୋଲାପ ଫୁଲ ନୀରଦବରଣଙ୍କ ହାତରେ ଦେଇ କହିଲେ, ''ନିଅ ! ଶ୍ରୀମାଙ୍କୁ ଅର୍ପଣ କରିବ'' । ତା'ପରେ ସେ ଦୁହେଁ ଆଶ୍ରମକୁ ଗଲେ । ଆଶ୍ରମରେ ପହଞ୍ଚିଲା ପରେ ଦିଲୀପଦା ଏବେ ହେଉଥିବା ରିଡ଼ିଂ ରୁମରେ ନୀରଦବରଣଙ୍କୁ ଛାଡ଼ି କହିଲେ, ''ତୁମେ ଏଠାରେ ଅପେକ୍ଷା କର ।''

ନୀରଦବରଣ କହନ୍ତି, ''ସେତେବେଳେ ମୋର ହୃତ୍‌ପିଣ୍ଡ ଧଡ଼ପଡ଼ ହେବାକୁ ଲାଗିଲା । ମୁଁ ଧୈର୍ଯ୍ୟହୀନ ହୋଇ ଅନୁଭବ କଲି ଯେ ସତେଯେପରି ମୁଁ ଗୋଟାଏ ବଡ଼ ପରୀକ୍ଷା ଦେବାକୁ ଯାଉଛି । ମୁଁ ଯଦିଓ ଜଣେ ଡାକ୍ତର ମୋତେ କିନ୍ତୁ କାହିଁକି କେଜାଣି ଭାରି ଡର ଲାଗୁଥିଲା । ମୁଁ ଟିକିଏ ଧ୍ୟାନ କରିବାକୁ ଚେଷ୍ଟା କଲି । ହଠାତ୍ ମୋର ଏକ ଆଶ୍ଚର୍ଯ୍ୟଜନକ ଅନୁଭୂତି ହେଲା । ମୋତେ ଲାଗିଲା ଶ୍ରୀମା ନିଶ୍ଚୟ କିଛି ଶକ୍ତି ମୋ ନିକଟକୁ ପ୍ରେରଣ କରିଛନ୍ତି । କିଛି ସମୟ ପରେ ଐଶ୍ୱର୍ଯ୍ୟମୟୀ ଶ୍ରୀମା ଖୁବ୍ ସୁନ୍ଦର ନୀଳ ରଙ୍ଗର ଶାଢ଼ି ପିନ୍ଧି ଆସି ପହଞ୍ଚିଗଲେ । ତାଙ୍କର କି ରାଜକୀୟ ଚାଲି ! ଶ୍ରୀମାଙ୍କୁ ଦର୍ଶନ କରି ମୁଁ ବିମୋହିତ ହୋଇଗଲି । ମୋର ଆଖି ଝଲସି ଉଠିଲା । ମୋତେ ଲାଗିଲା ମୁଁ ଦିବାସ୍ୱପ୍ନ ଦେଖୁଛି ନା ଏହା ଏକ ବାସ୍ତବ ଦୃଶ୍ୟ ! ମୁଁ ଏପରି ସୌନ୍ଦର୍ଯ୍ୟ ଓ ଦୀପ୍ତି ଆଗରୁ କେଉଁଠି କେବେ ଦେଖି ନଥିଲି । ଶ୍ରୀମାଙ୍କର ଅତୀବ ସୁନ୍ଦର ମୁଖମଣ୍ଡଳରୁ ଜ୍ୟୋତିଃ ନିର୍ଗତ ହେଉଥାଏ । ତାଙ୍କର ଚମତ୍କାର ରଙ୍ଗିନ ଶାଢ଼ି ଓ ମୁଣ୍ଡରେ ଲଗାଇଥିବା ହେଡ୍‌ବ୍ୟାଣ୍ଡ ଆହୁରି ସୌନ୍ଦର୍ଯ୍ୟ ବଢ଼ାଉଥାଏ, ମୁଁ ଭାବୁଥାଏ 'ଏ ଜଣେ ଦେବୀ, ନା ମାନବୀ !' ପିଲାଦିନେ ଦୁର୍ଗାପୂଜା ଉତ୍ସବରେ ମା' ଦୁର୍ଗାଙ୍କର ମୂର୍ତ୍ତି ଦେଖିଲା ପରି ମୋତେ ଲାଗିଲା । ମୁଁ ଅନୁଭବ କଲି ସତେଯେପରି ମା' ଦୁର୍ଗା ମୁକୁଟ ପିନ୍ଧି ମୋ ସାମନାରେ ଆବିର୍ଭୂତା ହୋଇଛନ୍ତି । ଶ୍ରୀମା ତାଙ୍କର ମୃଦୁହାସ୍ୟରେ ମୋତେ ପୂରାପୂରି ସ୍ନାତ କରାଇଦେଲେ । ତାଙ୍କର ଅନ୍ତରଭରା ଚାହାଣିରେ ମୁଁ ସ୍ତମ୍ଭିତ ହୋଇ କାଠ ପରି ଛିଡ଼ା ହୋଇଥାଏ ।

''ଶ୍ରୀମାଙ୍କ ସାଙ୍ଗରେ ନଳିନୀଦା, ଅମୃତ, ଦିଲୀପଦା ମଧ୍ୟ ଆସିଥିଲେ । ସେମାନେ ନୀରବରେ ଏ ଦୃଶ୍ୟ ଦେଖି ଉପଭୋଗ କରୁଥା'ନ୍ତି ବୋଧହୁଏ । ଏହିପରି କେତେ ମିନିଟ

*(ଅବଶିଷ୍ଟାଂଶ ପୃଷ୍ଠା ୪୩ରେ ଦେଖନ୍ତୁ)*

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨)

## ମହେନ୍ଦ୍ର ନାଥ ସ୍ୱାଇଁ

''ଧ୍ୟାନ ଓ ପ୍ରାର୍ଥନା''ରେ ଥିବା ପ୍ରାର୍ଥନାଗୁଡ଼ିକ ପାଠକମାନଙ୍କୁ ସେମାନଙ୍କର ଅଜ୍ଞାତ ଅଭ୍ୟନ୍ତରକୁ ନେଇଯାଏ । ପ୍ରକୃତରେ କହିବାକୁ ଗଲେ ଆମ ସମସ୍ତଙ୍କ ଭିତରେ ଗୋଟିଏ ଗୋଟିଏ 'କବି' ସୁପ୍ତ ଅବସ୍ଥାରେ ରହିଛନ୍ତି । ଅପେକ୍ଷା କରିଛନ୍ତି କେତେବେଳେ ନିଦ ଭାଙ୍ଗିବ । ଯେଉଁ ଜାଗ୍ରତ୍ ଅବସ୍ଥା ହେଉଛି ଏକ ପ୍ରକାର ସାମଗ୍ରିକ ସୁଷୁପ୍ତି ବା ମୃତ୍ୟୁ ସଦୃଶ । ସାମଗ୍ରିକ ସୁଷୁପ୍ତିକୁ ଏକ ପରିପୂର୍ଣ୍ଣ ଓ ଅଖଣ୍ଡ ''ପ୍ରେମ'' ଦ୍ୱାରାହିଁ କ୍ଷିପ୍ରତର କରାଯାଇ ପାରେ । ପ୍ରେମହିଁ ସବୁକିଛିର ଆଧାର । ଆମେ ପ୍ରେମ କଲାବେଳେ, ସବୁକିଛି ସମର୍ପଣ କରିଦେଇଥାଉ ପ୍ରେମାସ୍ପଦଙ୍କ ବାହୁବନ୍ଧନରେ । ଅର୍ଥାତ୍ ପ୍ରତ୍ୟେକ ପ୍ରତ୍ୟେକଙ୍କ ଭିତରେ ବିଲୀନ ହୋଇଯାଇଥା'ନ୍ତି । ମହାସୁଷୁପ୍ତି ଭିତରୁ ବାହାରକୁ ଆସିବାକୁ ହେଲେ ପୁନଶ୍ଚ ପ୍ରେମର ଆଶ୍ରୟ ନେବାକୁ ହୋଇଥାଏ । ଏକ କ୍ଷୁଦ୍ର ଉଦାହରଣରେ ଏହା ବୁଝିବାକୁ ଯଥେଷ୍ଟ ହେବ ବୋଲି ମନେ କରାଯାଇପାରେ –

ଜେଜେମା' ବସିଛନ୍ତି । ସାତ ବା ଆଠ ବର୍ଷର ଛୋଟ ନାତିଟି ଦୌଡ଼ି ଦୌଡ଼ି ଆସିଲା । ହାତମୁଠା ଭିତରେ କିଛି ଗୋଟିଏ ଜିନିଷ ଧରିଛି । କହିଲା, ''ଜେଜେମା... ଜେଜେମା... ପାଟି ଆଁ କଲ'' । ଜେଜେମା ଆଁ କଲେ । ନାତି ହାତମୁଠା ଖୋଲି ଧରିଥିବା ରସଗୋଲାଟିକୁ ଜେଜେମାଙ୍କ ପାଟିରେ ଭର୍ତ୍ତିକରି ଦେଲା । ହଠାତ୍ ଜେଜେମାଙ୍କ ପାଟିରୁ ବାହାରି ଆସିଲା, ''ମୋତେ ମରଣ ହୋଇଯାଉ ଲୋ ! ମୋ ପୁଅର କେତେ ବୁଦ୍ଧି !'' ପ୍ରେମ ନିଃଶେଷରେ ସମର୍ପିତ ହେବା ପାଇଁ ପ୍ରସ୍ତୁତ ହୋଇ ରହିଥାଏ ।

ସେପ୍‌ଟେମ୍ବର ୧୯୪୧ରେ ''ଧ୍ୟାନ ଓ ପ୍ରାର୍ଥନା''ର ମୁଖବନ୍ଧରେ ମା' ଯାହା କହିବାକୁ ଇଚ୍ଛା କରିଛନ୍ତି, ତା'ର ଗୋଟିଏ ମାତ୍ର ଉଦ୍ଦେଶ୍ୟ ହେଲା, ''ଆମକୁ ଭଗବାନଙ୍କ ପାଖରେ ସବୁକିଛି ସମର୍ପି ଦେବାକୁ ହେବ ।'' ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ମହାନ୍ ସାହିତ୍ୟର ପ୍ରବାହ ସଦୃଶ, ''ଧ୍ୟାନ ଓ ପ୍ରାର୍ଥନା''ର ଅନ୍ତଃସ୍ରୋତ ମଧ୍ୟରେ ବହୁବିଧ କଥାବସ୍ତୁ ପ୍ରବାହିତ ହେଉଅଛି । ଯଥା : ପ୍ରେମ, ମୃତ୍ୟୁ, ସାମାଜିକ ବ୍ୟବସ୍ଥା, ଛୋଟ ପିଲାମାନଙ୍କର ନିର୍ଭରଶୀଳତା, ଅଦେଖା ସ୍ୱପ୍ନ, ସ୍ୱପ୍ନ ଭିତରେ ସ୍ୱପ୍ନ, ଗୌରବମୟ ଅତୀତ, ମାନବ ଏବଂ ନୂତନ ଦିବ୍ୟମାନବ, ନାସ୍ତି ଏବଂ ଅସ୍ତି, ସ୍ୱର୍ଣର ମୁହୂର୍ତ୍ତ, ପ୍ରଥମ ବିଶ୍ୱଯୁଦ୍ଧର ଛାୟା, ଲାଲବର୍ଣ୍ଣ ଚେରୀ ପୁଷ୍ପ ମୁକୁଳ ସଦୃଶ ପ୍ରାଣଶକ୍ତିର ସ୍ୱରୂପ, ପୃଥିବୀରେ ଅନୁଷ୍ଠିତ ହେଉଥିବା ବିବାହ, ବିଚ୍ଛେଦ, ଅସଙ୍ଗତି, ବିଶୃଙ୍ଖଳା ଇତ୍ୟାଦି ଇତ୍ୟାଦି... । ପୁନଶ୍ଚ ଜୀବନ ସମସ୍ୟାମାନଙ୍କର ସମାଧାନର ସୂତ୍ର ମଧ୍ୟ ଏହି ପ୍ରାର୍ଥନାଗୁଡ଼ିକରେ ନିହିତ ଅଛି ।

ମା' ସାଧାରଣ ଲୋକଟିଏ ହୋଇ ସାଧାରଣ ଲୋକଙ୍କ ପାଇଁ ପରମ ପ୍ରଭୁଙ୍କ ନିକଟରେ ପ୍ରାର୍ଥନାଗୁଡ଼ିକୁ ନିବେଦନ କରିଛନ୍ତି । ସେ ଶିଡ଼ିରେ ତଳକୁ ଓହ୍ଲାଇ ଆସୁଛନ୍ତି, ପୁଣି କେତେବେଳେ ପାହାଚ ପରେ ପାହାଚ ଚଢ଼ି ଉପରକୁ ଉଠୁଛନ୍ତି । ସେଥିପାଇଁ ପ୍ରାର୍ଥନାଗୁଡ଼ିକୁ ପ୍ରକୃତ ଆତ୍ମଜୀବନୀର ରୂପ ଦେଇ ଏକ ଐତିହାସିକ ବିଷୟବସ୍ତୁ ରୂପେ ମଧ୍ୟ ଗ୍ରହଣ କରି ହେବ ନାହିଁ । ପ୍ରଶ୍ନ ଉଠେ, ''ତେବେ ଏହାକୁ କ'ଣ କୁହାଯିବ ?'' ଉତ୍ତର : ଏତାଦୃଶ ପ୍ରାର୍ଥନା ସକଳ ବିଶ୍ୱଗତା ଦିବ୍ୟଜନନୀ ମା' ଭଗବତୀଙ୍କର ଏକ ଲୀଳାଖେଳା,– ପ୍ରେମପାଇଁ ଏକ ଉନ୍ମୁଖ ଆତ୍ମାର ଆତ୍ମଲିପି ।

ଏପ୍ରିଲ ୭, ୧୯୧୭ର ପ୍ରାର୍ଥନାଟି ଚେରୀଫୁଲ ସମ୍ପର୍କରେ । ମା' ଗଭୀର ଧ୍ୟାନମଗ୍ନ – ଗୋଟିଏ ଚେରୀଫୁଲ ଭିତରେ ମା' ନିଜକୁ ହଜାଇ ଦେଲେ । ତତ୍ପରେ ଏକମାତ୍ର ଚେରୀଫୁଲ ସାହାଯ୍ୟରେ ବୃକ୍ଷରେ ଥିବା ସମସ୍ତ ଚେରୀଫୁଲ ସହିତ ଏକୀଭୂତ ହୋଇଗଲେ । ଚେତନାର ଗଭୀର ସ୍ତରକୁ ଚାଲିଯାଇ ଏବଂ ସେଠାରେ ଏକ ନୀଳ ବର୍ଣ୍ଣର ଶକ୍ତି-ସ୍ରୋତକୁ ଅନୁସରଣ କରି ସମଗ୍ର ଚେରୀବୃକ୍ଷଟିର ଦେହରେ, ତା'ର ଶାଖା ପ୍ରଶାଖାରେ, ପତ୍ରପୁଷ୍ପରେ ଏବଂ ଫୁଲକଢ଼ ଦେହରେ ବିଚରଣ କରିବାକୁ ଲାଗିଲେ । ମା'ଙ୍କ ଅପୂର୍ବ ଭାଷାରେ :

''... I became suddenly the cherry-tree itself, stretching towards the sky like so many arms its innumerable branches laden with their sacrifice of flowers.''

ଅର୍ଥାତ୍, ''ହଠାତ୍ ମୁଁ ଚେରୀ ବୃକ୍ଷଟିଏ ହୋଇଗଲି, ଆକାଶ ଆଡ଼କୁ ଅନେକ ହସ୍ତ ପ୍ରସାରଣ କରି ଠିଆ ହେଲା ପରି ମୋର ଅସଂଖ୍ୟ ଶାଖା ପ୍ରଶାଖାମାନେ ଉପରକୁ ମେଲି ଉଠିଲେ, ପ୍ରଚୁର ଚେରୀ ଫୁଲର ଭାରାରେ ଭାରାକ୍ରାନ୍ତ ହୋଇ ଠିଆ ହୋଇ ରହିଲି ।''

ତା'ପରେ ମା' କହନ୍ତି, ''ମୁଁ ସ୍ପଷ୍ଟ ଭାବରେ ଏହି ବାକ୍ୟଗୁଡ଼ିକୁ ଶୁଣିପାରିଲି, ''ତୁମେ ନିଜକୁ ଚେରୀ ବୃକ୍ଷର ଆତ୍ମା ସହିତ ଏକାକାର କରି ନେଇଛ ଏବଂ ଆବିଷ୍କାର କରିପାରିଛ ଯେ ସ୍ୱୟଂ ଭଗବାନ୍ ତାଙ୍କ ଆଞ୍ଜୁଳାରେ ଏହି ଚେରୀଫୁଲ ଭର୍ତ୍ତିକରି ସ୍ୱର୍ଗକୁ ନୈବେଦ୍ୟ ପ୍ରଦାନ କରୁଛନ୍ତି ।''

ପୁନଶ୍ଚ ମା' କହନ୍ତି, ସେ ଯେତେବେଳେ ଏହି କଥାଗୁଡ଼ିକୁ ଲେଖି ପକାଇଥିଲେ, ସବୁ କୁଆଡ଼େ ଉଭେଇଗଲା, କିନ୍ତୁ ବର୍ତ୍ତମାନ ମଧ୍ୟ ଚେରୀବୃକ୍ଷର ରକ୍ତ ତାଙ୍କ ଧମନୀରେ ପ୍ରବାହିତ ହେଉଛି ଏବଂ ଏହା ସହିତ ଅତୁଳନୀୟ ଶାନ୍ତି ଓ ଶକ୍ତିର ପ୍ରବାହ ମଧ୍ୟ ଛୁଟି ଚାଲିଛି ।

ମା' କହିଚାଲିଛନ୍ତି, ମଣିଷ ଶରୀର ଓ ବୃକ୍ଷର ଶରୀର ଭିତରେ କ'ଣ କିଛି ତଫାତ ଅଛି ? ସତ କହିବାକୁ ଗଲେ କିଛି ତଫାତ ନାହିଁ, ଯେଉଁ ଚେତନା ମଣିଷକୁ ରୂପ ଦେଇଛନ୍ତି ସିଏ ତ ଗଛକୁ ମଧ୍ୟ ରୂପ ଦେଇଛନ୍ତି ।

ଶେଷରେ ମା' ତାଙ୍କର ଅପୂର୍ବ ଅନୁଭବର କଥା ପ୍ରକାଶ କରିଛନ୍ତି ପ୍ରାର୍ଥନାଟିରେ । ମା' କହୁଛନ୍ତି, ''ଚେରୀବୃକ୍ଷ ମୋ କାନରେ ଫିସ୍‌ଫିସ୍ କରି କହିଲା, ବସନ୍ତ ଋତୁରେ ଯେତେ ସବୁ ବିଶୃଙ୍ଖଳିତ ଘଟଣା ଘଟେ ସେସବୁର ପ୍ରତିକାରର ବ୍ୟବସ୍ଥା ଚେରୀଫୁଲ ଭିତରେ ନିହିତ ଅଛି ।''

ପ୍ରକୃତି ସହିତ ଏକାକାର ହୋଇ ବିଭିନ୍ନ ଋତୁରେ ଘଟୁଥିବା ଅଘଟଣ, ରୋଗ-ବୈରାଗ୍ୟ, ଯନ୍ତ୍ରଣା, ଉଦ୍ଦୀପନାର ପ୍ରତିକାର ବ୍ୟବସ୍ଥା ନିରୂପଣ କରିବା ମା'ଙ୍କର ବିଶ୍ୱଗତ ଚେତନାର ଅଭିବ୍ୟକ୍ତି ନୁହେଁ କି !

ଫେବ୍ରୁଆରୀ ୨୨, ୧୯୧୪ର ପ୍ରାର୍ଥନାଟିକୁ ପାଠ କଲେ ପୃଥିବୀପୃଷ୍ଠରେ ମା'ଙ୍କ କାର୍ଯ୍ୟଧାରାର ଏକ ସ୍ପଷ୍ଟ ଧାରଣା ପାଠକ ହୃଦୟରେ ଖୋଲିଯାଏ । ଉକ୍ତ ପ୍ରାର୍ଥନାଟିରେ ମା' ସ୍ୱୟଂ ଉଭୟ 'ସମୀକ୍ଷା' ଓ 'ସମୀକ୍ଷକ' ଭୂମିକାରେ ଅବତୀର୍ଣ୍ଣ । ମା' ସ୍ମରଣ କରୁଛନ୍ତି ତାଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅନୁଭୂତିକୁ । ଯେଉଁଥିରେ ସେ ସେହି ଅନୁଭୂତିର ମଧ୍ୟ ଦେଇ ସବୁକିଛିକୁ ଅଭୟଦାତ୍ରୀଭାବେ ଧାରଣ କରିଛନ୍ତି । ସ୍ୱୟଂ ଉଭା ହୋଇଛନ୍ତି ଏକ ସମୀକ୍ଷକ ଭାବରେ । ମା' କହନ୍ତି, ''ମୁଁ ଯେତେବେଳେ ୧୩ ବର୍ଷର ବାଳିକାଟିଏ ପ୍ରାୟ ଏକ ବର୍ଷ ଧରି ପ୍ରତ୍ୟେକ ରାତ୍ରିରେ ଶୋଇବାକୁ ବିଛଣା ଧରିବା ସଙ୍ଗେ ସଙ୍ଗେ ମୋର ମନେ ହେଉଥିଲା ମୁଁ ଶରୀରରୁ ବାହାରି ଆସି ସିଧା ସିଧା ଉପରକୁ ଉଠିଯାଉଛି । ତା'ପରେ ବହୁତ ଉପରକୁ ଉଠି ଯାଇ ଘର ଓ ସହରର ଊର୍ଦ୍ଧ୍ୱକୁ ଚାଲି ଯାଉଛି । ଦେଖିଲି ଗୋଟାଏ ଅତି ସୁନ୍ଦର ଚମତ୍କାର ସୁନେଲି ରଙ୍ଗର ପୋଷାକ ପିନ୍ଧିଛି । ମୁଁ ଯେତେ ଉପରକୁ ଉଠି ଉଠି ଯାଉଛି ପୋଷାକ ସେତେ ସେତେ ଲମ୍ୱି ଯାଉଥିଲା । ଗୋଲାକାର ଭାବେ ମୋ ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇ ସମଗ୍ର ସହର ଉପରେ ଛାତଟିଏ ପରି ହୋଇ ତାକୁ ଆବୃତ କରି ରଖୁଥିଲା ।'' (ଫେବ୍ରୁଆରୀ ୨୨, ୧୯୧୪)

ଉକ୍ତ ପ୍ରାର୍ଥନାରେ ସମୟର ସୂଚନା ରାତ୍ରିକାଳ ବୋଲି କୁହାଯାଇଛି । ମା' ପୁନଶ୍ଚ ବର୍ଣ୍ଣନା କରିଛନ୍ତି ତାଙ୍କ ଦିବ୍ୟଦୃଷ୍ଟିରେ ଏପରି ଏକ ଘଟଣା ଯାହା ଉଲ୍ଲେଖନୀୟ । ଘଟଣାଟି ଏହିପରି –

''ଅଧିକାଂଶ ରାତ୍ରିରେ ଯେତେବେଳେ ମୁଁ ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଉଠି ଯାଉଥିଲି ମୁଁ ଦେଖୁଥିଲି ମୋ ବାମ ପାର୍ଶ୍ୱରେ ଏକ ବୃଦ୍ଧ ବ୍ୟକ୍ତିଙ୍କୁ – ଯେ ନୀରବ, ନିଶ୍ଚଳଭାବେ ମୋତେ ଦେଖୁଛନ୍ତି – ଦୟାର୍ଦ୍ର ତାଙ୍କର ଦୃଷ୍ଟି ଏବଂ ତାଙ୍କ ଉପସ୍ଥିତି ଦ୍ୱାରା ମୋତେ ଉତ୍ସାହିତ କରୁଛନ୍ତି । ସେ ପିନ୍ଧିଛନ୍ତି ଏକ ଗାଢ଼ ବାଇଗଣୀ ରଙ୍ଗର ଲମ୍ୱା ପୋଷାକ । ଏହି ମୂର୍ତ୍ତିମନ୍ତ ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ମୁଁ ଜାଣିବାକୁ ପାଇଥିଲି ଯାହାଙ୍କୁ କୁହାଯାଏ ''ଦୁଃଖର ମୂର୍ତ୍ତିମନ୍ତ ମଣିଷ'' ବା Man of Sorrow ।''

ପୁନଶ୍ଚ ଉକ୍ତ ପ୍ରାର୍ଥନାର ମଧ୍ୟଭାଗରେ ମା' ଲେଖିଛନ୍ତି ଏକ ଅପୂର୍ବ ବିଚାର ଧାରାର କଥା । ମା' ଦେଖୁଛନ୍ତି, ଚତୁର୍ଦ୍ଦିଗରୁ ଆବାଳବୃଦ୍ଧବନିତା – ରୋଗୀ, ଦୁଃଖୀ ଓ ହତଭାଗ୍ୟମାନେ ଆସୁଛନ୍ତି । ସେମାନେ ସମସ୍ତେ ବୃତ୍ତାକାରରେ ଲମ୍ୱି ଆସିଥିବା ମା'ଙ୍କ ପୋଷାକର ନିମ୍ନଭାଗରେ ଏକତ୍ରିତ ହେଉଛନ୍ତି; ହାତଯୋଡ଼ି ସାହାଯ୍ୟ ନିମନ୍ତେ ପ୍ରାର୍ଥନା କରୁଛନ୍ତି । ସେମାନଙ୍କର ଦୁଃଖ-କଷ୍ଟ, ଅଭାବ, ଅସୁବିଧା, ଯନ୍ତ୍ରଣାର କଥା ଜଣାଉଛନ୍ତି । ପ୍ରାର୍ଥନାର ଉତ୍ତରରେ ମା'ଙ୍କର ସେହି ସୂକ୍ଷ୍ମ, ନମନୀୟ, ପ୍ରାଣବନ୍ତ ପରିଚ୍ଛଦଟି ଜଣ ଜଣ କରି ପ୍ରତ୍ୟେକଙ୍କ ପାଖକୁ ଲମ୍ୱିଯାଉଛି ଏବଂ ସେମାନଙ୍କୁ ସ୍ପର୍ଶ କରୁଛି । ଏହି ଅପୂର୍ବ ସ୍ପର୍ଶ ପ୍ରାପ୍ତହେଲା ମାତ୍ରକେ ସେମାନେ ଆରାମ ଅନୁଭବ କରୁଛନ୍ତି – ରୋଗମୁକ୍ତ ହୋଇଯାଉଛନ୍ତି ଓ ନିଜ ନିଜ ଶରୀର ଭିତରକୁ ଫେରି ଯାଉଛନ୍ତି ଅଧିକ ଆନନ୍ଦ ଏବଂ ଶକ୍ତି ସହ ।

ଉକ୍ତ ଘଟଣାଗୁଡ଼ିକ ଘଟୁଥିଲା ରାତ୍ରିକାଳରେ । ମା' ଲକ୍ଷ୍ୟ କରିଛନ୍ତି ରାତ୍ରିର ଘଟଣାବଳୀ ତାଙ୍କ ପାଇଁ ପ୍ରକୃତ ଜୀବନ ଥିଲା । ସେହି ରାତ୍ରିଗୁଡ଼ିକ ତୁଳନାରେ ଦିବସର କାର୍ଯ୍ୟାବଳୀ ନୀରସ ଓ ରଙ୍ଗହୀନ ଲାଗୁଥିଲା । ଆଉକିଛି ତାଙ୍କୁ ସୁନ୍ଦର ଦେଖାଯାଉ ନଥିଲା ବା ଆନନ୍ଦଦାୟକ ମନେ ହେଉ ନଥିଲା ।

ମା'ଙ୍କର ଉକ୍ତ ପ୍ରାର୍ଥନାର ଉପର ବର୍ଣ୍ଣିତ ଅଂଶଟିକୁ ଅନୁଶୀଳନ କଲେ ପାଠକ ଏହି ନିର୍ଯାସରେ ପହଞ୍ଚିବେ ଯେ ସବୁ ଘଟଣା ସୂକ୍ଷ୍ମଭାବରେ ଘଟୁଥିଲା । ମା' ନିଜ ସ୍ଥୂଳ ଶରୀରରୁ ବାହାରି ସୂକ୍ଷ୍ମ ଶରୀରରେ ଉପରକୁ ଉଠି ଯାଉଥିଲେ । ପୋଷାକଟି ମଧ୍ୟ ସୂକ୍ଷ୍ମ ଥିଲା – ସୂକ୍ଷ୍ମଭାବରେ ଲମ୍ବି ଆସୁଥିଲା – ଯେଉଁମାନେ ସେଠାକୁ ଆସୁଥିଲେ ସେମାନେ ମଧ୍ୟ ସମସ୍ତେ ନିଜ ନିଜ ସ୍ଥୂଳ ଶରୀରରୁ ବାହାରି ସୂକ୍ଷ୍ମ ପରିଚ୍ଛଦଟିର ନିମ୍ନଭାଗରେ ଦିବ୍ୟ-ଜନନୀଙ୍କ ସୂକ୍ଷ୍ମ ପାଦତଳେ ଦଣ୍ଡାୟମାନ ହେଉଥିଲେ । ତା'ପରେ ହେଉଥିଲା ଚମତ୍କାର – ଅଦ୍ଭୁତ ଘଟଣା । ପୋଷାକ ପାଖକୁ ଲୋକେ ଦୌଡ଼ୁ ନଥିଲେ – ପୋଷାକ ଲମ୍ବି ଆସୁଥିଲା ପ୍ରତ୍ୟେକଙ୍କ ପାଖକୁ ।

ଏହି ଘଟଣାଟି ସୂକ୍ଷ୍ମଭାବରେ ଘଟି ସାରିଲା ପରେ ତା'ର ପ୍ରଭାବ ପଡ଼ିଛି ସ୍ଥୂଳଦେହ ଉପରେ । ଯେଉଁ ଶରୀରମାନଙ୍କୁ ଛାଡ଼ି ଲୋକମାନେ ସୂକ୍ଷ୍ମଦେହରେ ମା'ଙ୍କ ପାଖକୁ ଆସିଥିଲେ ଫେରିଲା ପରେ ଅନୁଭବ କଲେ ଯେ ସେମାନେ ପୂର୍ବଠାରୁ ଅଧିକ ଆନନ୍ଦ ଓ ଶକ୍ତିପ୍ରାପ୍ତ ହେଉଛନ୍ତି ।

ଏହିପରି ଦିବ୍ୟଜନନୀ ସୂକ୍ଷ୍ମ ଜଗତରେ କାର୍ଯ୍ୟ କରିଚାଲିଛନ୍ତି ଏବଂ ତା'ର ପ୍ରଭାବ ସ୍ଥୂଳ ଜଗତରେ ପ୍ରତିଫଳିତ ହେଉଅଛି । ଏହାହିଁ ମା'ଙ୍କର ଲୀଳାଖେଳା ।

(କ୍ରମଶଃ)

❑❑❑

**ଭ୍ରମ ସଂଶୋଧନ**

ଚଳିତ ବର୍ଷ ଅକ୍ଟୋବର, ୨୦୧୬ ନବପ୍ରକାଶ ସଂଖ୍ୟାର 'ଧାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା' ଶୀର୍ଷକ ପ୍ରବନ୍ଧରେ ପୃଷ୍ଠା ୩୯ ର ପ୍ରଥମ ସ୍ତମ୍ଭ, ଦ୍ୱିତୀୟ ପାରା, ସପ୍ତମ ଧାଡ଼ିରେ "Other give something" ପରିବର୍ତ୍ତେ "Others give nothing" ହେବ । ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ ।

---

*(ପୃଷ୍ଠା ୪୦ ର ଅବଶିଷ୍ଟାଂଶ)*

ଯିବା ପରେ ମୁଁ ଧରିଥିବା ଗୋଲାପ ଫୁଲଟିକୁ ଶ୍ରୀମାଙ୍କୁ ବିନମ୍ରତାର ସହ ଅର୍ପଣ କରି ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କଲି । ଶ୍ରୀମା ନଇଁ ପଡ଼ି ମୋତେ ଆଶୀର୍ବାଦ କଲେ । ମୁଁ ତା'ପରେ ଠିଆ ହୋଇ ପୁଣି ତାଙ୍କର ସେହି ମନୋମୁଗ୍ଧକର ରୂପ ଓ ହସକୁ ଦେଖୁଥାଏ । ମୋତେ ଲାଗିଲା ଯେପରି ଏକ ଐନ୍ଦ୍ରଜାଲିକ ଆକାଶରୁ ଚନ୍ଦ୍ର ତାଙ୍କର କରୁଣାର କିରଣ ମୋ ଉପରେ ଢାଳି ଦେଉଛନ୍ତି ।

''ଆଗରୁ ବୋଧହୁଏ ଶ୍ରୀମାଙ୍କୁ ଜଣାଇ ଦିଆଯାଇଥିଲା ଯେ ମୁଁ ଡାକ୍ତରୀ ପାସ୍ କରି ଆସିଛି । ଶ୍ରୀମା କିଛି ସମୟ ମୋତେ ଚାହିଁ ସ୍ମିତହାସ୍ୟ ସହ ପଚାରିଲେ, 'ତୁମେ କେଉଁଠାରେ ଡାକ୍ତରୀ ଅଭ୍ୟାସ କରିବ ?' ମୁଁ ଟିକିଏ ଥମ୍‌ଥମ୍ ହୋଇ କହିଲି, 'ମୋ ଜନ୍ମସ୍ଥାନରେ ।' ଶ୍ରୀମା ହସି ହସି କହିଲେ, 'ହଁ ! ତାହାହିଁ ତୁମ ପାଇଁ ଭଲ ହେବ ।'

''କିଛି ସମୟ ପରେ ମୁଁ ଶ୍ରୀମାଙ୍କ ପାଦପଦ୍ମରେ ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କର ଆଶୀର୍ବାଦ ନେଇ ଘରକୁ ଫେରି ଆସିଲି । ଫେରିବା ବାଟରେ ମୁଁ ପୂରାପୂରି ମୋହାଚ୍ଛନ୍ନ ହୋଇ ରହିଥିଲି । ମୋ ଆଖି ଆଗରେ ଖାଲି ଶ୍ରୀମାଙ୍କର ସେହି ସୌନ୍ଦର୍ଯ୍ୟଭରା ମୁଖକାନ୍ତି ଉଦ୍ଭାସିତ ହେଉଥିଲା । ଶ୍ରୀମାଙ୍କ ମୁଖର ଔଜ୍ଜ୍ୱଲ୍ୟ ଓ ସ୍ମିତହାସ୍ୟ ମୋତେ ନୈର୍ବ୍ୟକ୍ତିକ ଆନନ୍ଦ ଦେଉଥିଲା । ଶ୍ରୀମାଙ୍କଠାରୁ ସ୍ୱର୍ଗୀୟ ପ୍ରେମ ଓ ଅନୁକମ୍ପା ପାଇ ମୁଁ ନିଜକୁ ଧନ୍ୟ ମନେ କଲି ।

''ଆଜି ମୁଁ ବୁଝିପାରୁଛି ଓ ମନେ ପକାଉଛି ସେହି ଅଭୂତପୂର୍ବ ଅନୁଭୂତିକୁ । ନିଶ୍ଚୟ ଶ୍ରୀମା ତାଙ୍କର କିଛି ସ୍ୱର୍ଗୀୟ କରୁଣା ମୋ ଉପରେ ଢାଳି ଦେଇଛନ୍ତି । ସେ ଦୃଶ୍ୟ ମନେ ପଡ଼ିଲେ ମୋର ସମଗ୍ର ଶରୀର ପୁଲକିତ ହୋଇଯାଉଛି । ଏହା ପ୍ରକୃତରେ ଏକ ଅବିସ୍ମରଣୀୟ ଘଟଣା ।''

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

# ଶାଶ୍ୱତ ସମୟ

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ମାନବ ଇତିହାସର ବହୁପୂର୍ବରୁ ଏ ପୃଥିବୀର ଭୌତିକ ଗଠନ ଓ ବିକାଶ ହୋଇଛି । ଏହା ନିମନ୍ତେ ନିଆଯାଇଥିବା ସମୟକୁ ଭୂତାତ୍ତ୍ୱିକ ସମୟ (Geological Time) କୁହାଯାଏ । ପ୍ରସ୍ତରଗୁଡ଼ିକର ଗଠନରୁ ଏହି ସମୟ ନିର୍ଦ୍ଧାରଣ କରାଯାଏ । ଏହା ଅନ୍ତର୍ଭୁକ୍ତ କରେ ପର୍ବତ ଗଠନ ଓ କ୍ରମଶଃ ଏହାର କ୍ଷୟ, ଜୀବାଶ୍ମ ଏବଂ ଅନ୍ୟ ଭୂତାତ୍ତ୍ୱିକ ଘଟଣାବଳୀ । ଏସବୁ ବିବର୍ତ୍ତନର ଛବି ପ୍ରଦାନ କରିଥାଏ । ଭୂତାତ୍ତ୍ୱିକ ସମୟର ସବୁଠାରୁ ବଡ଼ ଏକକ ହେଉଛି ଇଅନ୍ (Eon), ଇଅନ୍‌କୁ ଭାଗ କରାଯାଇଥାଏ ଏରା (Era)ରେ, ଏହାକୁ ପିରିଅଡ୍ (Period)ରେ, ପିରିଅଡ୍‌କୁ ଇପୋକ୍ (epoch)ରେ, ଏବଂ ଇପୋକ୍‌କୁ ଏଜ୍ (Age)ରେ ।

ପ୍ରାକୃତିକ ଘଟଣାବଳୀରେ ଦେଖାଯାଏ, ସମୟ ଅନୁଯାୟୀ ପରିବେଶରେ ବିଭିନ୍ନ ପ୍ରକାର ପରିବର୍ତ୍ତନ । ଯେପରି ବିଭିନ୍ନ ଋତୁରେ ପବନର ଭିନ୍ନ ଭିନ୍ନ ପ୍ରକାର ଗତି, ବର୍ଷା ଓ ନଦୀରେ ବନ୍ୟା, ଉଦ୍ଭିଦରେ ପୁଷ୍ପର ପ୍ରସ୍ଫୁଟନ, ନିର୍ଦ୍ଦିଷ୍ଟ ଋତୁରେ ପଶୁ ଓ ପକ୍ଷୀମାନଙ୍କର ସ୍ଥାନାନ୍ତର ଗମନ (migration) ଇତ୍ୟାଦି । ଏସବୁ ବର୍ଷର ବିଭିନ୍ନ ସମୟରେ ଘଟିଥାଏ ।

ତେବେ ଏକ ବର୍ଷର ସମୟ ମାପିବା ପାଇଁ ପୁରାତନ ଯୁଗର ଜ୍ୟୋତିର୍ବିଜ୍ଞାନୀମାନେ ସୂର୍ଯ୍ୟଙ୍କର ଗତି ଓ ଛାୟାର ଦିଗ ପରିବର୍ତ୍ତନ ଦେଖି ହିସାବ କରୁଥିଲେ । ମାତ୍ର ଆଧୁନିକ ଯୁଗର ଗଣିତ ଜ୍ୟୋତିଷୀମାନେ ଯେତେବେଳେ ଆବିଷ୍କାର କଲେ ଯେ ପୃଥିବୀ ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ଅଣ୍ଡାକୃତି ପଥରେ ପରିକ୍ରମଣ କରୁଛି ଏବଂ ଏହା ନିଜ ଅକ୍ଷ ସହିତ ପ୍ରାୟ ୨୩ ୧/୨° କୋଣରେ ଢଳି ରହିଛି, ସେତେବେଳେ ଜଣାଗଲା ଯେ ବର୍ଷର ବିଭିନ୍ନ ସମୟରେ ଦିବସର ଅବଧି ଅଧିକ ବା କମ୍ କାହିଁକି ହେଉଛି ।

ପୁନଶ୍ଚ ସମୟକୁ ମାପିବା ପାଇଁ ମଣିଷ ବିଭିନ୍ନ ପ୍ରକାର ଉପାୟ ବାହାର କଲା । ପ୍ରଥମ ଅବସ୍ଥାରେ କେତେକ ସରଳଯନ୍ତ୍ର ଏବଂ ପରବର୍ତ୍ତୀ ସମୟରେ ଯାନ୍ତ୍ରିକ ଘଡ଼ି ଉଦ୍ଭାବନ କଲା । ଘଡ଼ି ବିଭିନ୍ନ ପ୍ରକାରର, ଯଥା : ସୂର୍ଯ୍ୟଘଡ଼ି, ଜଳ ଘଡ଼ି, ମହମବତି ଘଡ଼ି, ତୈଳ ଘଡ଼ି ଆଦି ସରଳ ଯନ୍ତ୍ର ଏବଂ ସ୍ପ୍ରିଙ୍ଗ୍ ଓ ପେଣ୍ଡୁଲମ୍ ଘଡ଼ି, ଆଣବିକ ଘଡ଼ି ଇତ୍ୟାଦି ଜଟିଳ ଯନ୍ତ୍ର ।

**ସୂର୍ଯ୍ୟଘଡ଼ି :** ଏହାକୁ ଛାୟା ଘଡ଼ି ମଧ୍ୟ କୁହାଯାଏ । ସୂର୍ଯ୍ୟଙ୍କର ଗତିପାଇଁ ଛାୟାର ଦିଗ ପରିବର୍ତ୍ତନ ହୋଇଥାଏ । ଏହି ଚଳନଶୀଳ ଛାୟାରୁ ସମୟ ହିସାବ କରାଯାଏ ।

ଖ୍ରୀ:ପୂ: ୧୫୦୦ରେ ଇଜିପ୍ଟରେ ଏହି ପ୍ରକାର ଘଡ଼ିର ପ୍ରଚଳନ ଖୁବ୍ ଲୋକପ୍ରିୟ ଥିଲା ।

**ଜଳଘଡ଼ି :** ଗୋଟିଏ ପାତ୍ରରେ ଜଳପୂର୍ଣ୍ଣ ହୋଇଥାଏ । ଏହାର ନିମ୍ନଦେଶରେ ଥିବା ଏକ ଛିଦ୍ରରୁ ଧୀରେ ଧୀରେ ଓ ସମପରିମାଣରେ ଜଳ ବାହାରକୁ ପ୍ରବାହିତ ହେବାରେ ଲାଗେ । ପାତ୍ରରେ ଦାଗ କରାଯାଇଥାଏ । ଏଣୁ ଜଳ କେତେ ଦାଗ ପର୍ଯ୍ୟନ୍ତ ଖସି ଆସିଲା, ଏହା ଦେଖି ସମୟ ହିସାବ କରାଯାଏ । ସାଧାରଣତଃ ସୂର୍ଯ୍ୟଘଡ଼ି ରାତିରେ କାମ କରୁ ନଥିବାରୁ ଜଳଘଡ଼ି ବ୍ୟବହାର କରାଯାଏ । ଏହି ପ୍ରକାର ଘଡ଼ି ଭାରତ, ଚୀନ ଓ ବେବିଲୋନ୍‌ରେ ପ୍ରଚଳିତ ଥିଲା । ସାଧାରଣତଃ ଏହା ମନ୍ଦିରମାନଙ୍କରେ ଧର୍ମଯାଜକଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା ।

ଏହିପରି ମହମବତି ଘଡ଼ି, ତୈଳ ଘଡ଼ି, ଅଗରବତି ଘଡ଼ିର ମଧ୍ୟ ବ୍ୟବହାର ଥିଲା ।

ପ୍ରକାର ପ୍ରକାରର ଏହିସବୁ ଘଡ଼ି ଭାରତରେ ଉଦ୍ଭାବିତ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ପ୍ରାୟ ୧୪୫୦ ମସିହାରେ ୟୁରୋପରେ ସ୍ପ୍ରିଙ୍ଗ୍ ବ୍ୟବହୃତ ଘଡ଼ିର ବ୍ୟବହାର ହୋଇଥିଲା । ଏହା ହାଲୁକା ଓ ଛୋଟ ଥିଲା । ଏଥିରେ କେବଳ ଏକ ଘଣ୍ଟା କଣ୍ଟା ଥିଲା । ଏଥିରେ ପେଣ୍ଡୁଲମ୍ ସଂଯୁକ୍ତ ଥିବାରୁ ଏହି ଯନ୍ତ୍ର ଠିକ୍ ଭାବରେ ସମୟ ରଖି ପାରୁଥିଲା । ଏହି ଘଡ଼ି ଡଚ୍ ବୈଜ୍ଞାନିକ ଖ୍ରୀଷ୍ଟିଆନ୍ ହୁଏଜେନ୍‌ସ (Christian Huygens) ୧୬୫୬ ମସିହାରେ ଉଦ୍ଭାବନ କରିଥିଲେ । ଏହି ପ୍ରକାର ଘଡ଼ି ପ୍ରାୟ ୩୦୦ ବର୍ଷ ଧରି ଚାଲିଥିଲା ।

ଘଡ଼ିମାନଙ୍କ ମଧ୍ୟରେ ଆଣବିକ ଘଡ଼ି (Atomic Clock) ସମ୍ପୂର୍ଣ୍ଣ ଠିକ୍ ସମୟ ରଖିଥାଏ । ଏହା ଟିକ୍ (tick) ଶବ୍ଦକୁ ନେଇ ସମୟ ମାପେ, ଯାହା ଏକ ସେକେଣ୍ଡକୁ ସୂଚିତ କରିଥାଏ ।

ପୁନଶ୍ଚ ସମୟର ହିସାବ ରଖିବା ପାଇଁ କ୍ୟାଲେଣ୍ଡରର ବ୍ୟବହାର ହୋଇଥାଏ । ଆଜି ଆମେ ଯେଉଁ କ୍ୟାଲେଣ୍ଡର ବ୍ୟବହାର କରୁ, ତାହା ସୌର କ୍ୟାଲେଣ୍ଡର ବା ଗ୍ରେଗୋରିଆନ୍ (Gregorian) କ୍ୟାଲେଣ୍ଡର । ଏହାକୁ ୧୫୮୨ ମସିହାରେ 'ତ୍ରୟୋଦଶ ଗ୍ରେଗୋରି' ପ୍ରବର୍ତ୍ତିତ କରିଥିଲେ । ଏଥିରେ ବର୍ଷରେ ୧୨ ମାସ ବା ୩୬୫ ଦିନ ଏବଂ ପ୍ରତି ଚାରି ବର୍ଷରେ ୩୬୬ ଦିନ ବା ଅଧିବର୍ଷ ହୋଇଥାଏ । ବର୍ତ୍ତମାନର ବର୍ଷ ଗଣନାକୁ ଖ୍ରୀଷ୍ଟାବ୍ଦ କୁହାଯାଏ । ଖ୍ରୀଷ୍ଟଙ୍କର ଜନ୍ମଠାରୁ ଏହାକୁ ଗଣନା କରାଯାଉଛି । ଲାଟିନ୍ ଭାଷାରେ ଏହାକୁ କୁହାଯାଏ Anno Domini ବା AD । କେଉଁଠି କେଉଁଠି ବି AD ବଦଳରେ Common Era ବା CE ବୋଲି ଲେଖାଯାଏ ।

ତେବେ ସମୟ ମାପିବା ପାଇଁ ବିଭିନ୍ନ ପ୍ରକାର ଘଡ଼ି ଏବଂ ଏହାର ହିସାବ ରଖିବା ପାଇଁ କ୍ୟାଲେଣ୍ଡରର ବ୍ୟବସ୍ଥା ବ୍ୟତୀତ ପୃଥିବୀରେ ଆଉ ଏକ ପ୍ରକାର ସମୟ ଗଣନାର ବ୍ୟବସ୍ଥା ଅଛି । ତାହା ହେଉଛି ଗ୍ରୀନ୍‌ଉଇଚ୍ ମିନ୍ ଟାଇମ୍ (Greenwich Mean Time), ୧୮୭୯ ମସିହାରେ କାନାଡ଼ାର ଜଣେ ଇଞ୍ଜିନିଅର୍ ସାର୍ ସାଣ୍ଡଫୋର୍ଡ଼ ଫ୍ଲେମିଙ୍ଗ (Sandford Fleming) ପ୍ରସ୍ତାବ ଦେଲେ ଯେ ସମଗ୍ର ପୃଥିବୀକୁ କେତେକ ସମୟ ମଣ୍ଡଳ (Time zone)ରେ ଭାଗ କରାଯାଉ ଯେପରିକି ମୁଖ୍ୟତଃ ଗୋଟିଏ ମଧ୍ୟାହ୍ନଠାରୁ ଏହା ଗଣନା କରାଯାଇପାରିବ । ଏ ସଂକ୍ରାନ୍ତରେ ୧୮୮୪ ମସିହା ଅକ୍ଟୋବରରେ ୱାଶିଂଟନ୍ ଡି. ସି.ଠାରେ ଇଣ୍ଟରନ୍ୟାସ୍‌ନାଲ୍ ମେରିଡ଼ିଆନ୍ କନ୍‌ଫରେନ୍‌ସ (International Meridian Conference) ହୋଇଥିଲା । ଲଣ୍ଡନର ବାହାରେ ଥିବା ଗ୍ରୀନ୍‌ୱିଚ୍ ନାମକ ଏକ ଗ୍ରାମକୁ, ମୁଖ୍ୟ ମଧ୍ୟାହ୍ନ (Meridian) ରୂପେ ମନୋନୀତ କରାଗଲା । କାରଣ, ଏହି ସ୍ଥାନ ମଧ୍ୟ ଦେଇ ଯାଇଥିବା ଦ୍ରାଘିମାକୁ $0^0$ (Zero degree) ଭାବେ ଗ୍ରହଣ କରାଗଲା । ଏହାପରଠାରୁ ଇଂଲଣ୍ଡରେ Greenwich Mean Time ବା GMTକୁ ସ୍ଥାନୀୟ ବା ଆଞ୍ଚଳିକ ସମୟ ବୋଲି ଧରାଗଲା ।

ପୃଥିବୀ ନିଜ ଅକ୍ଷ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରିବା ପାଇଁ ୨୪ ଘଣ୍ଟା ବା (୨୪ x ୬୦) ୧୪୪୦ ମିନିଟ୍ ସମୟ ନିଏ । ପୃଥିବୀକୁ ୩୬୦° ଦ୍ରାଘିମାରେ ଭାଗ କରାଯାଉଥିବାରୁ ଦୁଇଟି କ୍ରମିକ ଦ୍ରାଘିମା ମଧ୍ୟରେ ସମୟର ପାର୍ଥକ୍ୟ ହେଉଛି (୧୪୪୦ ÷ ୩୬୦) ୪ ମିନିଟ୍ । ଏଥିରୁ ଜଣାଗଲା ଯେ ଗ୍ରୀନ୍‌ଉଇଚର ପଶ୍ଚିମକୁ ଗଲେ ପ୍ରତି ଡିଗ୍ରୀ ଦ୍ରାଘିମା ପାଇଁ ୪ ମିନିଟ୍ ଲେଖାଏଁ କମି କମି ଯାଏ ଏବଂ ପୂର୍ବକୁ ଗଲେ ସେହିପରି ୪ ମିନିଟ୍ ଲେଖାଏଁ ସମୟ ବଢ଼ି ବଢ଼ି ଯାଏ ।

ଭାରତର ଉତ୍ତର ପ୍ରଦେଶର ଆଲ୍ଲାହାବାଦ ଜିଲ୍ଲାରେ ଶଙ୍କରଗଡ଼ ନାମକ ସ୍ଥାନ ମଧ୍ୟ ଦେଇ ୮୨.୫° ପୂର୍ବ ଦ୍ରାଘିମା ଅତିକ୍ରମ କରୁଥିବାରୁ ଏହି ସ୍ଥାନର ସମୟ ବା IST ଓ ଇଂଲଣ୍ଡର ଗ୍ରୀନ୍‌ଉଇଚଠାରେ ଥିବା Royal Observatoryର ସମୟ ବା GMTର ପାର୍ଥକ୍ୟ ହେଉଛି (୮୨.୫ x ୪) ୫ ଘଣ୍ଟା ୩୦ ମିନିଟ୍ । ଅର୍ଥାତ୍ ଭାରତ, ଇଂଲଣ୍ଡର ପୂର୍ବ ଦ୍ରାଘିମାରେ ଥିବାରୁ GMT ଠାରୁ IST ଠିକ୍ ୫ ଘଣ୍ଟା ୩୦ ମିନିଟ୍ ଅଧିକ ହୋଇଥାଏ ।

'ସୂର୍ଯ୍ୟୋଦୟର ଦ୍ୱୀପ' ଭାବରେ ପରିଚିତ 'କଟଚଲ୍' ହେଉଛି ଭାରତ ଉପମହାଦେଶର ନିକୋବର ଦ୍ୱୀପପୁଞ୍ଜରେ ୮° ଅକ୍ଷାଂଶ ଏବଂ ୯୩° – ୯୪° ଦ୍ରାଘିମା ମଧ୍ୟରେ ଅବସ୍ଥିତ ୧୭୪ ବର୍ଗ କିଲୋମିଟର କ୍ଷେତ୍ର ବିଶିଷ୍ଟ ଏକ କ୍ଷୁଦ୍ର ଦ୍ୱୀପ । ସହସ୍ରାବ୍ଦୀର ପ୍ରଥମ ସୂର୍ଯ୍ୟୋଦୟର ପ୍ରଥମ କିରଣ ଜାନୁଆରୀ ୧ ତାରିଖ, ୨୦୦୦ ମସିହା (୧.୧.୨୦୦୧) ଦିନ ଗ୍ରୀନ୍‌ଉଇଚରେ (GMT) ୦.୦୦ ଘଣ୍ଟା ସମୟରେ ଏହି ଦ୍ୱୀପକୁ ସ୍ପର୍ଶ କରିଥିଲା । ଏ ସଂକ୍ରାନ୍ତରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ କାର୍ଯ୍ୟାଳୟ (The Geological Survey of India) ଏବଂ ଜଳ ବିଜ୍ଞାନ କାର୍ଯ୍ୟାଳୟ (The Hydrographic Office) ବିଶେଷ ଭାବରେ ଏହି ସୂର୍ଯ୍ୟୋଦୟର ସମୟ ଓ ସ୍ଥାନର ପୂର୍ବ ସୂଚନା ପ୍ରଦାନ କରିଥିଲେ ।

ଏହି GMT ମଧ୍ୟ ନାବିକମାନଙ୍କର ନିଜର ଅବସ୍ଥିତି ଜାଣିବା ପାଇଁ ଖୁବ୍ ସହାୟକ ହେଲା । GMT ଓ ଆଞ୍ଚଳିକ ସମୟର ପାର୍ଥକ୍ୟରୁ ସେମାନେ ନିର୍ଣ୍ଣୟ କଲେ ଗ୍ରୀନ୍‌ଉଇଚର କେତେ ପୂର୍ବରେ ବା ପଶ୍ଚିମରେ ଅଛନ୍ତି । ଏହା ସେମାନଙ୍କର ଦ୍ରାଘିମା ପ୍ରଦାନ କଲା । ପୁନଶ୍ଚ ଦିନ ମଧ୍ୟରେ ସୂର୍ଯ୍ୟଙ୍କର କୌଣିକ ଅବସ୍ଥିତିକୁ ମାପ କରି ସେମାନେ ଅକ୍ଷାଂଶ ନିରୂପଣ କରନ୍ତି ଯାହା ବିଷୁବ ରେଖା (୦° ଅକ୍ଷାଂଶ)ଠାରୁ କେତେ ଉତ୍ତର ବା ଦକ୍ଷିଣରେ ଅଛନ୍ତି । ତା'ପରେ ଗୋଟିଏ ମାନଚିତ୍ରରେ ସେମାନେ ଅକ୍ଷାଂଶ ଓ ଦ୍ରାଘିମା ରେଖାଦ୍ୱୟକୁ ଅଙ୍କନ କରନ୍ତି । ଏହି ରେଖା ଦୁଇଟି ଯେଉଁ ବିନ୍ଦୁରେ ପରସ୍ପରକୁ ଛେଦନ କରନ୍ତି, ତାହାହିଁ ହୋଇଥାଏ ସମୁଦ୍ର ମଧ୍ୟରେ ନାବିକମାନଙ୍କର ସଂପୂର୍ଣ୍ଣ ଠିକ୍ ଅବସ୍ଥିତି ।

ଘଡ଼ି, କ୍ୟାଲେଣ୍ଡର, ଗ୍ରୀନ୍‌ଉଇଚ ମିନ୍ ଟାଇମ୍, ଆଞ୍ଚଳିକ ସମୟ ଆଦି ବ୍ୟବସ୍ଥା ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱ ପୂର୍ଣ୍ଣ ଘଡ଼ି ମଧ୍ୟ ଅଛି । ଏହାକୁ 'ଜୈବ ଘଡ଼ି' (Biological Clock) କୁହାଯାଏ । ମଣିଷର ଶରୀର ଏକ ଘଡ଼ି ରୂପେ ପ୍ରାକୃତିକ ଭାବରେ କାର୍ଯ୍ୟ କରେ । ଅବଶ୍ୟ ଶରୀର ମାତ୍ର ଗୋଟିଏ ଘଡ଼ି ନୁହେଁ, ବରଂ ବହୁ ସଂଖ୍ୟକ ଘଡ଼ି ଦ୍ୱାରା ପରିଚାଳିତ । ଏହି ଶରୀର ଏକ ଛନ୍ଦକୁ ଅନୁସରଣ କରେ । ଯେଉଁ ଛନ୍ଦ ଦୈନିକ କାର୍ଯ୍ୟାବଳୀକୁ ସୂଚିତ କରେ, ତାହାକୁ ସିର୍‌କାଡ଼ିଆନ୍ ରିଦମ୍ (Circadian Rhythm) ବା CR କୁହାଯାଏ । ବାସ୍ତବରେ ମନୁଷ୍ୟ, ପଶୁ, ପକ୍ଷୀ, ଉଦ୍ଭିଦ, ବୀଜାଣୁ ଆଦି ସମସ୍ତଙ୍କର ବିଭିନ୍ନ ପ୍ରକାର CR ଅଛି । ଏହି CR ସୂର୍ଯ୍ୟ କିରଣ ଓ ଉତ୍ତାପ ଦ୍ୱାରା ପ୍ରଭାବିତ ହୁଏ । ଯଦି CRରେ ବିଶୃଙ୍ଖଳା ଦେଖାଦିଏ, ତା'ହେଲେ ଶରୀରର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ ।

ପୁନଶ୍ଚ ପୃଥିବୀକୁ ଚବିଶଟି ବିଭିନ୍ନ ସମୟ ମଣ୍ଡଳ (Time Zone)ରେ ଭାଗ କରାଯାଇଥିବାରୁ କୌଣସି ବ୍ୟକ୍ତି ଏକ ସମୟ ମଣ୍ଡଳରୁ ଅନ୍ୟଟିରେ ପ୍ରବେଶ କଲେ, ତା'ର ଅନ୍ତର୍ନିହିତ ଘଡ଼ିରେ ଏବଂ CRରେ ବ୍ୟାଘାତ ସୃଷ୍ଟି ହୁଏ । କାରଣ, ଜଣକ ଶରୀରର ଘଡ଼ି ତା' ନିଜ ପରିବେଶର ଆଞ୍ଚଳିକ ସମୟ (Local Time) ସହିତ ସଂଯୋଜିତ ହୋଇଥିବାରୁ ନୂତନ ସମୟ ମଣ୍ଡଳର ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା କରିପାରେ ନାହିଁ । ଏଥିପାଇଁ ତା' ଶରୀର କିଛି ସମୟ ଆବଶ୍ୟକ କରେ ।

ପଶୁ ଓ ଉଦ୍ଭିଦର ମଧ୍ୟ ଜୈବ ଘଡ଼ି ଅଛି । ଉଦ୍ଭିଦରେ ଦିନରେ ଫୁଲ ଫୁଟେ । ଏପରିକି ସୂର୍ଯ୍ୟମୁଖୀ ଫୁଲ ସୂର୍ଯ୍ୟଙ୍କ ଗତିପଥକୁ ମଧ୍ୟ ଅନୁସରଣ କରିଥାଏ । ଶୀତ ଦେଶରେ ଶରତ ଋତୁରେ ଗଛ ପତ୍ର ଝଡ଼ା ଦେବା ଏବଂ ବସନ୍ତ ଋତୁରେ ନୂଆ ପତ୍ର କଅଁଳିବା ଆଦି ଘଟଣା CR ପାଇଁ ହୋଇଥାଏ । ଥଣ୍ଡା ଦେଶମାନଙ୍କରେ କିଛି ପଶୁ ପୂରା ଶୀତ ଋତୁରେହିଁ ଶୋଇବାରେ କଟାନ୍ତି । ଏହାକୁ Hybernation କୁହାଯାଏ । ପଶୁମାନେ CR ପାଇଁ ଜାଣି ପାରନ୍ତି କେବେ ଶୀତଋତୁ ବା ବସନ୍ତ ଋତୁ ଆସିବାକୁ ଯାଉଛି ।

ଖାଦ୍ୟ ସନ୍ଧାନରେ କିଂବା ନିଜର ସୁରକ୍ଷା ନିମିତ୍ତ ଶୀତ ଋତୁରେ ପକ୍ଷୀମାନେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରାୟ ହଜାର ହଜାର କି:ମି: ଯାତ୍ରା (Migrate) କରନ୍ତି । ଏଥିପାଇଁ ସେମାନଙ୍କର ଅନ୍ତର୍ନିହିତ ଘଡ଼ି ଓ CR ସେମାନଙ୍କୁ ପରିଚାଳନା କରିଥାଏ ।

ଶ୍ରୀଅରବିନ୍ଦ କହୁଛନ୍ତି, "All Life is Yoga" ଅର୍ଥାତ୍, ସମଗ୍ର ଜୀବନହିଁ ଯୋଗ । ଜୀବନ ସମୟରୁ ଗୋଟିଏ ବି ଦିନ ବାଦ୍ ନଦେଇ ପ୍ରତ୍ୟେକ ମୁହୂର୍ତ୍ତକୁ ଯୋଗରେ ବିନିଯୋଗ କରିବା ଆବଶ୍ୟକ । ଏହିପରି ଭାବରେ ଅତ୍ୟନ୍ତ ମୂଲ୍ୟବାନ୍ ଓ ଶାଶ୍ୱତ ସମୟକୁ ମଣିଷ କିପରି ସୁଚାରୁ ରୂପେ ତା' ଜୀବନ କ୍ଷେତ୍ରରେ ବିନିଯୋଗ କରିବ ?

କୁହାଯାଏ ଯେ ସମୟ ହେଉଛି ଅର୍ଥ । କଳ୍ପନା କରନ୍ତୁ – ଏମିତି ଏକ ବ୍ୟାଙ୍କ୍ ଅଛି ଯେଉଁଠାରେ ଆପଣଙ୍କର ଏକ ଆକାଉଣ୍ଟ ଅଛି ଏବଂ ଏଥିରେ ପ୍ରତି ସକାଳେ ୮୬,୪୦୦ ଟଙ୍କା ଜମା ହୁଏ ଏବଂ ସେହି ସନ୍ଧ୍ୟାରେ ଖର୍ଚ୍ଚ ହୋଇ ପାରି ନଥିବା ବଳକା ଟଙ୍କା ଖାତାରୁ ଲିଭିଯାଏ । ଅର୍ଥାତ୍, ପରଦିନ ପାଇଁ ଏଥିରେ କିଛି ଜମା ରହେ ନାହିଁ । ତା'ହେଲେ କ'ଣ କରିବାକୁ ହେବ ? ପ୍ରତିଦିନ ପ୍ରତିଟି ଟଙ୍କା ଉଠାଇ ନେବାକୁ ହେବ ନିଶ୍ଚୟ !

ସେହିପରି ପ୍ରତ୍ୟେକ ମଣିଷର ଅନ୍ୟ ଗୋଟିଏ ବ୍ୟାଙ୍କ୍ ଅଛି । ତା'ର ନାମ ହେଉଛି 'ସମୟ ବ୍ୟାଙ୍କ୍' । ଏଥିରେ ପ୍ରତି ସକାଳେ ୮୬,୪୦୦ ସେକେଣ୍ଡ (୨୪ x ୬୦ x ୬୦) ଜମା ହୁଏ । ଦିନ ମଧ୍ୟରେ କାମରେ ଲଗାଯାଇ ପାରି ନଥିବା ପ୍ରତିଟି ସେକେଣ୍ଡ ସେହି ରାତ୍ରୀରେ ଲିଭିଯାଏ । ଏପରିକି ସେ ଦିନର 'ଜମା'ରୁ ତା' ପରଦିନ ପାଇଁ 'ଉଠାଣ'ର କିଛି ବି ବ୍ୟବସ୍ଥା ନଥାଏ । ଏହିଭଳି ପରିସ୍ଥିତିରେ ଯଦି ନିଜର ଜମାକୁ ଆପଣ ଠିକ୍ ଭାବରେ ବ୍ୟବହାର କରିପାରିବେ ନାହିଁ, କ୍ଷତି ତ ଆପଣଙ୍କର ![୧] ଅତଏବ, ହେ ମନୁଷ୍ୟ ! ଆଜିର ଜମାରୁ ଆପଣ ବର୍ତ୍ତମାନ-ସମୟର ଉପଯୁକ୍ତ ବିନିଯୋଗ କରି ଏଥିରୁ ସର୍ବୋତ୍ତମ ଭାବରେ ସ୍ୱାସ୍ଥ୍ୟ, ସମୃଦ୍ଧି ଓ ଆନନ୍ଦ ଲାଭ କରନ୍ତୁ । ସମୟ କାହାକୁ ଅପେକ୍ଷା କରେ ନାହିଁ । ଗତକାଲି ହୋଇଯାଏ ଇତିହାସ, ଆସନ୍ତାକାଲି ସର୍ବଦା ରହସ୍ୟମୟ । ଆଜି ହେଉଛି ଉପହାର ।

(କ୍ରମଶଃ) ❑

---

୧. Internet

# ଆମ ସ୍ୱାସ୍ଥ୍ୟ

## (୧୫)

## ଭୋଳେଶ୍ୱର ଭୂୟାଁ

### ଗୋଡ଼ର ବ୍ୟାୟାମ

ପେଟର ବ୍ୟାୟାମ ପରେ ଆମେ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଗୋଡ଼ର ବ୍ୟାୟାମ ବିଷୟରେ ଆଲୋଚନା କରିବା । ଆମ ସ୍ୱାସ୍ଥ୍ୟ ପାଇଁ ଗୋଡ଼ର ବ୍ୟାୟାମ ଏକାନ୍ତ ଆବଶ୍ୟକ । ଗୋଡ଼ ଦୁଇଟିହିଁ ଆମକୁ ସଚଳ ଓ କ୍ରିୟାଶୀଳ କରି ରଖେ । ଗୋଡ଼ ଦୁଇଟି ଦୁର୍ବଳ ହୋଇ ପଡ଼ିଲେ ଆମକୁ ଶଯ୍ୟାଶାୟୀ ହେବାକୁ ବାଧ କରାଇ ଥାଏ । କେବେ ପୁଣି ସ୍ଥାଣୁ ହୋଇ ମୃତ୍ୟୁର ପ୍ରତୀକ୍ଷା କରିବାକୁ ପଡ଼ିଥାଏ । ଗୋଡ଼ ଅଚଳ ହେବା ଦ୍ୱାରା ଶରୀରରେ ରକ୍ତଚାପ, ନାନା ପ୍ରକାରର ପେଟ ଓ ସ୍ନାୟବିକ ରୋଗ ହୋଇଥାଏ । ଗୋଡ଼ର ବ୍ୟାୟାମ ନକଲେ ଗୋଡ଼ରେ ମଧ ଅନେକ ପ୍ରକାର ରୋଗର ସମ୍ଭାବନା ଉପୁଜି ଥାଏ । ଆଜି ଅଧିକାଂଶ ଭାରତୀୟଙ୍କ ଆଣ୍ଠୁ-ଗଣ୍ଠି ଦରଜ ରୋଗ ରହିଛି । ଏହି ରୋଗରେ ପୀଡ଼ିତ ବ୍ୟକ୍ତି ଚକା ପକାଇ ବସି ପାରନ୍ତି ନାହିଁ । ମଳତ୍ୟାଗ ସମୟରେ ସେମାନେ ଭାରତୀୟ ପାଇଖାନାରେ ବସି ନପାରି ବିଦେଶୀ ପାଇଖାନା କମୋଡ଼ର ବ୍ୟବହାର କରି ଥାଆନ୍ତି । ଗୋଡ଼ର ବ୍ୟାୟାମ ନକଲେ ପାଦର ସମସ୍ତ ଖଞ୍ଜା ଟାଣ ହୋଇଯାଏ ଏବଂ ଅଣ୍ଠା ପାଖରେ ସ୍ଥିତ ଗୋଡ଼ର ଖଞ୍ଜା ମଧ ଟାଣ ହୋଇଯାଏ । ଏଥିପାଇଁ ସେମାନେ ସାଧାରଣ ଲୋକ ଭଳି ଠିକ୍ ଭାବରେ ଚାଲି ପାରନ୍ତି ନାହିଁ । ଲମ୍ବା ପାଦ ପକାଇ ଚାଲିବା ତାଙ୍କ ଭାଗ୍ୟରେ ଆଉ ଜୁଟେ ନାହିଁ । ପାଦ ଗୋଇଠିର ବ୍ୟାୟାମ ନକଲେ ଆମ ଗୋଡ଼ର ସ୍ଥିତିସ୍ଥାପକ ଗୁଣ ଚାଲିଯାଏ । ତେଣୁ ସେମାନେ ଲମ୍ଫ ଦେବାରେ ଅକ୍ଷମ ହୁଅନ୍ତି । ବ୍ୟାୟାମ ନକରିବାର ସବୁଠାରୁ କ୍ଷତିକାରକ କାରଣ ହେଲା ଆମ ମାଂସପେଶୀ ଦୁର୍ବଳ ହେବା ଦ୍ୱାରା ଶରୀରର ହାଡ଼କୁ ମାଂସପେଶୀ ଯଥା ସ୍ଥାନରେ ଜାବୁଡ଼ି ଧରି ରଖିପାରେ ନାହିଁ । ତେଣୁ ଟିକିଏ ଧକ୍କା ଖାଇ ପଡ଼ିଗଲେ ହାତ-ଗୋଡ଼ ଭାଙ୍ଗିଯାଏ । ବୃଦ୍ଧ ବୟସରେ ହାଡ଼ ଭାଙ୍ଗିଲେ ତାହା ଯୋଡ଼ି ହେବାକୁ ବହୁଦିନ ଲାଗିଥାଏ । ବ୍ୟାୟାମ ନକଲେ ଆମର ହଜମ ଶକ୍ତି କମିଯାଏ । ତେଣୁ ଖାଦ୍ୟରୁ ମିଳୁଥିବା କାଲ୍‌ସିୟମ୍‌କୁ ଶରୀର ନିଜ ଭିତରେ ଦ୍ରବୀଭୂତ କରିପାରେ ନାହିଁ । ଫଳରେ ଶରୀରରେ କାଲ୍‌ସିୟମର ଅଭାବ ଦେଖାଯାଏ । ଏ ଅବସ୍ଥା ସୃଷ୍ଟିହେଲେ ଶରୀର ହାଡ଼ରେ ଥିବା କାଲ୍‌ସିୟମକୁ ଟାଣି ଶରୀରର ପ୍ରତିରକ୍ଷା କାମରେ ବ୍ୟବହାର କରିଥାଏ । ଏହାଦ୍ୱାରା ହାଡ଼ ଅତୀବ ନରମ ଓ ଦୁର୍ବଳ ହୋଇଯାଏ ଓ ଏହା ସହଜରେ ଭାଙ୍ଗିବାର ସମ୍ଭାବନା ଦେଖାଯାଏ । ଏହି ସବୁ ଶାରୀରିକ ସମସ୍ୟାର ଏକମାତ୍ର ପ୍ରତିକାର ହେଲା ଗୋଡ଼ର ବ୍ୟାୟାମ ।

**ଚାଲିବା (Walking) :** ଗୋଡ଼ର ସର୍ବୋତ୍କୃଷ୍ଟ ବ୍ୟାୟାମ ହେଲା ଚାଲିବା । ଯୁବକ ଅବସ୍ଥାରେ ଚାଲିବା ବଦଳରେ ଦୌଡ଼ିବା ବ୍ୟାୟାମ କରିବାକୁ ହେବ । ଆଜିକାଲି ଅଧିକାଂଶ ଲୋକ ଚାଲିବା ବିଷୟରେ ସଚେତନ ହେଲେଣି । ତେଣୁ ସକାଳେ, ସନ୍ଧ୍ୟାରେ ଆବାଳବୃଦ୍ଧ-ବନିତା ରାସ୍ତାରେ ଓ ପାର୍କରେ ଚାଲିବାର ଦେଖାଯାଏ । ଚାଲିବା ପାଇଁ କୌଣସି ପ୍ରାଥମିକ ପ୍ରସ୍ତୁତିର ଆବଶ୍ୟକତା ନଥାଏ । କିନ୍ତୁ ଚାଲିବା ପରେ ଅବଶ୍ୟ କିଛି ଶୀତଳୀକରଣ ବ୍ୟାୟାମ କରିବାକୁ ହେବ । ମନେ ରଖିବାକୁ ହେବ ଯେ ଚାଲିବା ଯେପରି ଏକ ଆରାମଦାୟକ ଚାଲି ନହୁଏ । ଯେତେ ପାର ସେତେ ଶୀଘ୍ର ଶୀଘ୍ର ଲମ୍ବା ପାଦ ପକାଇ ଚାଲିବାକୁ ହେବ । ଗୋଡ଼ରେ ଜୋତା ସହ ଆରାମଦାୟକ ହାଲକା ପୋଷାକ ପିନ୍ଧି ଚାଲିବା ଆବଶ୍ୟକ । ଅବଶ୍ୟ ଶୀତ ଦିନରେ ଦରକାର ହେଲେ ଗରମ ପୋଷାକ ପିନ୍ଧି ଚଲା ଯାଇପାରେ । ଚାଲିବାର ଅଧଘଣ୍ଟା ଆଗରୁ ଲେମ୍ବୁପାଣି, ଚା' ଆଦି ପାନୀୟ ପାନ କରିବା ଭଲ । ଚାଲିବା ସମୟରେ ଶରୀରରୁ ଝାଳ ବାହାରିବା ଦରକାର । ହାତ ଦୁଇଟିକୁ କହୁଣିରୁ ମୋଡ଼ି ଛାତି ପାଖରେ ରଖି କହୁଣିକୁ ଗୋଡ଼ର ତାଳ ମୁତାବକ ଆଗକୁ ପଛକୁ କରାଯିବ । ସାଧାରଣତଃ ଏକ କିଲୋମିଟର ବାଟକୁ ୧୦ ମିନିଟ, ୧୨ ମିନିଟ ବା ୧୫ ମିନିଟରେ ଚାଲିଲେ ତାହା ଶରୀର ପାଇଁ ଉତ୍ତମ ଫଳ ଦେଇଥାଏ ।

**ଉପକାରିତା :** ଚାଲିବା ଦ୍ୱାରା ଗୋଡ଼ର ବିଶେଷ ବ୍ୟାୟାମ ହେବା ସଙ୍ଗେ ସଙ୍ଗେ ଶରୀରର ସମସ୍ତ

ଅଙ୍ଗପ୍ରତ୍ୟଙ୍ଗର ମଧ୍ୟ ବ୍ୟାୟାମ ହୋଇଥାଏ । ବିଶେଷ କରି ଏହା ହୃଦ୍‌ଯନ୍ତ୍ର ଓ ମୂତ୍ରାଶୟକୁ ସୁସ୍ଥ ଓ ସବଳ ରଖେ । ପ୍ରତିଦିନ ଚାଲୁଥିବା ଲୋକଙ୍କୁ ସାଧାରଣତଃ ହୃଦ୍‌ରୋଗ, ରକ୍ତଚାପ, ମଧୁମେହ ଆଦି ରୋଗର ସମ୍ଭାବନା ନଥାଏ । ଆଜିକାଲିର କେତେକ ଡାକ୍ତର ରକ୍ତଚାପ ଥିବା ରୋଗୀକୁ ଚାଲିବାକୁ ମନା କରି ଥାଆନ୍ତି । ଏହାର ମଧ୍ୟ ବ୍ୟତିକ୍ରମ ଅଛି । ଯାହାର ପ୍ରତ୍ୟକ୍ଷ ପ୍ରମାଣ ହେଲା ଏହି ଲେଖକ । ମୋର ଯେତେବେଳେ ଉଚ୍ଚ ରକ୍ତଚାପ ହେଲା ଜଣେ ଡାକ୍ତର ବନ୍ଧୁ ମତ ଦେଲେ ତୁମକୁ ନର୍ସିଂ ହୋମରେ କିଛିଦିନ ପାଇଁ ବିଶ୍ରାମ ନେବାକୁ ପଡ଼ିବ । ସେ ଆମ ଆଶ୍ରମ ଡାକ୍ତରଙ୍କୁ ଚିଠି ଲେଖି ମୋ ହାତରେ ଦେଲେ । ଚିଠିଟି ନେଇ ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଦେଲି ଓ କହିଲି ମୁଁ ତ ଔଷଧ ଖାଏନି, ବିନା ଔଷଧରେ କିପରି ଏହା ଭଲ ହେବ ତା'ର ଉପାୟ ବତାନ୍ତୁ । ସେ କହିଲେ ତୁମେ ଦିନକୁ ୫ କି. ମି. ଚାଲି ପାରିଲେ ଏହା ଭଲ ହୋଇଯିବ – କିନ୍ତୁ ପ୍ରଥମେ ତୁମକୁ ରକ୍ତଚାପ କମାଇବା ପାଇଁ ୭ଦିନ ଔଷଧ ସେବନ କରିବାକୁ ହେବ । ତାଙ୍କ କଥା ରକ୍ଷା କରିବା ପାଇଁ ମୁଁ କେବଳ ଗୋଟିଏ ଦିନ ଔଷଧ ସେବନ କରି ଚାଲିବାକୁ ଆରମ୍ଭ କଲି । ପ୍ରଥମେ ପ୍ରଥମେ କିଛି ଦୂର ଚାଲିବା ପରେ ମୋତେ ବିଶ୍ରାମ ନେବାକୁ ପଡୁଥିଲା । ପ୍ରତିଦିନ ଭୋର ଚାରିଟାରେ ମୁଁ ମୋର ଚାଲିବା ଆରମ୍ଭ କରେ । ଏହିପରି ଭାବରେ ବିନା ଔଷଧରେ ମୋର ରକ୍ତଚାପ କମି ସାଧାରଣ ଅବସ୍ଥାକୁ ଫେରି ଆସିଥିଲା ।

ବହୁ ଲୋକ ତାଙ୍କର ରକ୍ତଚାପ ରୋଗ ବିଷୟରେ ମୋ ସହିତ ଆଲୋଚନା କରିଛନ୍ତି । ଔଷଧ ନଖାଇ ୨ କି: ମି: ରୁ ୫ କି: ମି: ଚାଲିବା ଅଭ୍ୟାସ କଲେ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।* ବର୍ଷା ଦିନେ ରାସ୍ତାରେ ନଚାଲି ଘର ଭିତରେ ଚଲା ଯାଇପାରେ । ଶ୍ରୀଅରବିନ୍ଦ ସାରା ଜୀବନକାଳ ଘର ଭିତରେହିଁ ଚାଲୁଥିଲେ ।

ଚାଲିବା ଦ୍ୱାରା ଶରୀରରୁ ଝାଳ ବୋହିବା ସଙ୍ଗେ ସଙ୍ଗେ ଶରୀରରେ ଥିବା ନାନା ବିଷାକ୍ତ ଉପାଦାନ ଝାଳ ସହିତ ବାହାରି ଯାଏ । ଏହା ଦ୍ୱାରା ଆମ ଶରୀର ସୁସ୍ଥସବଳ ଓ ନୀରୋଗ ରହେ ।

**ମନ୍ଥର ଗତିରେ ଦୌଡ଼ିବା** (Jogging) : ଯୁବକ ଅବସ୍ଥାରେ ଚାଲିବା ବଦଳରେ ମନ୍ଥର ଗତିରେ ଦୌଡ଼ିବା ଅଧିକ ପରିମାଣରେ ଉପାଦେୟ । ଏହାଦ୍ୱାରା ଶରୀରର ରାସାୟନିକ ପ୍ରକ୍ରିୟା (Metabolism) ସବଳ ହୁଏ । ଶରୀରରେ ଚର୍ବି ଜମିବାକୁ ଦିଏ ନାହିଁ । ତେଣୁ ଅନ୍ୟ ସବୁପ୍ରକାର ଖେଳକୁଦ ପାଇଁ ଶରୀର ସକ୍ଷମ ରହେ । ଶୀତଦିନରେ ଅଳସପଣ ଯୋଗୁଁ ନିଦ୍ରାଭଙ୍ଗ ସଙ୍ଗେ ସଙ୍ଗେ ଶରୀର ବିଛଣା ଛାଡ଼ିବାକୁ କୁଣ୍ଠାବୋଧ କରେ । ଥଣ୍ଡାରେ କମ୍ବଳ ଘୋଡ଼ାଇ ଶୋଇବାକୁ ଇଚ୍ଛା ହୁଏ । ତେଣୁ ସକାଳେ ଉଠି ୫ ମିନିଟ ଏକ ସ୍ଥାନରେ ଦୌଡ଼ ଅଭ୍ୟାସ କଲେ ଏ ଅଳସୁଆମି କଟିଯାଏ । ବ୍ୟକ୍ତି ଯଦି କେବଳ ଆଗ ପାଦରେ ପ୍ରତିଦିନ ୫ ମିନିଟ ଜଗିଙ୍ଗ୍ କରେ ତେବେ ହୃଦ୍‌ରୋଗର ସମ୍ଭାବନାକୁ ଅନେକ ପରିମାଣରେ କମାଇ ଦିଆଯାଇ ପାରିବ ।

**ବୈଠକ :** ପାଦର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟାୟାମ ହେଲା ବୈଠକ । ପାଦକୁ ଅଳ୍ପ(ଛଅ ଇଞ୍ଚ)ଫାଙ୍କ କରି ଛିଡ଼ା ହୁଅ । ନିଃଶ୍ୱାସ ନେଇ ନେଇ, ହାତ ସାମନାକୁ କରି ବସ ଓ ନିଃଶ୍ୱାସ ଛାଡ଼ି ଛାଡ଼ି ପୁଣି ପୂର୍ବ ଅବସ୍ଥାକୁ ଫେରି ଛିଡ଼ା ହୁଅ । ପୂରା ବସି ନପଡ଼ି ଅର୍ଥାତ୍ ଗୋଡ଼ର ଗୋଇଠିରେ ନିତମ୍ବ ନଲଗାଇ ପୁଣି ଛିଡ଼ା ହୁଅ । ଯୁବକମାନେ ୫୦ ରୁ ୧୦୦ ଥର ଓ ବୃଦ୍ଧ ଅବସ୍ଥାରେ ୩୦ ଥର ବୈଠକ କଲେ ଚଳିବ ।

**ଉପକାରିତା :** ବୈଠକ କରିବା ଦ୍ୱାରା ବ୍ୟକ୍ତିର ସମସ୍ତ ଆଣ୍ଠୁ ଗଣ୍ଠି ରୋଗ ଭଲ ହୋଇଥାଏ । ଦଣ୍ଡ ଭଳି ବୈଠକ ଏକ କଠିନ ବ୍ୟାୟାମ । ବୈଠକ କରିବା ଦ୍ୱାରା ଗୋଡ଼ର କାର୍ଯ୍ୟ କରିବାର ଶକ୍ତି ବଢ଼େ । ଏହି ବ୍ୟାୟାମ କରିବା ଦ୍ୱାରା ଜଂଘର ମାଂସପେଶୀ ଓ ସ୍ନାୟୁ ଶକ୍ତିଶାଳୀ ହୁଏ । ଆଣ୍ଠୁର ହାଡ଼କୁ ଧରି ରଖିଥିବା ତନ୍ତୁ ଶକ୍ତିଶାଳୀ ହୁଏ । ତେଣୁ ଆଣ୍ଠୁ ବ୍ୟଥା ବା ଆଣ୍ଠୁର ଅନ୍ୟ ବିକୃତି ଦୂର ହୋଇ ଏହା ନମନୀୟ ରହେ ।

**ଆଣ୍ଠୁର ବିଶେଷ ବ୍ୟାୟାମ :** ଗୋଡ଼ ଦୁଇଟିକୁ ବେଶୀ ଫାଙ୍କ କରି (ପ୍ରାୟ ୨ ଫୁଟ) ଛିଡ଼ା ହୁଅ । ହାତ ଦୁଇଟିକୁ ସାମନାକୁ ସିଧା କରି ରଖ । ଏଥର ବାମ ଗୋଡ଼କୁ ସିଧା ରଖି ଡାହାଣ ଗୋଡ଼ ଉପରେ ଭାର ରଖି ଡାହାଣ ଗୋଡ଼ ଉପରେ ବୈଠକ କର । ମନେରଖ ବାମ ଗୋଡ଼ ସିଧା ରହିବ, ଡାହାଣ ଗୋଡ଼ ଆଣ୍ଠୁକୁ ମୋଡ଼ି ବସିବାକୁ ହେବ । ଏଥର ବିପରୀତ ଭାବରେ କର । ଅର୍ଥାତ୍ ଡାହାଣ ଗୋଡ଼ ସିଧା ରଖି ବାମ

---

* ଏହି ପଦ୍ଧତିରେ ନୀରୋଗ ହେବାକୁ ଚାହୁଁଥିଲେ ଆପଣ ନିଜର ଚିକିତ୍ସକ କିଂବା କୌଣସି ଚିକିତ୍ସା ବିଶାରଦଙ୍କ ସହ ପରାମର୍ଶ କରିବା ଆବଶ୍ୟକ । – ସମ୍ପାଦନା

ଗୋଡ଼ର ଆଣ୍ଠୁରୁ ଭାଙ୍ଗି ଏହି ଗୋଡ଼ ଉପରେ ବୈଠକ କର । ଏହିପରି ୧୦ରୁ ୧୬ ଥର କର ।

**ଉପକାରିତା :** ଏହି ବ୍ୟାୟାମ କରିବା ଦ୍ୱାରା ଆଣ୍ଠୁ ଉପରେ ବିଶେଷ ପ୍ରଭାବ ପଡ଼ିଥାଏ । ଏହି ବ୍ୟାୟାମ ପ୍ରତିଦିନ କରିବା ଦ୍ୱାରା ଆଣ୍ଠୁ ବ୍ୟଥା ଦୂର କରାଯାଇପାରେ । ଆଣ୍ଠୁବ୍ୟଥା ଥିଲେ ଏହି ବ୍ୟାୟାମକୁ ୨ ରୁ ୪ ଥର କରି ଆସ୍ତେ ଆସ୍ତେ ଏହାର ସଂଖ୍ୟା ବଢ଼ାଇବାକୁ ଚେଷ୍ଟା କର । ଯଦି ଏହି ବ୍ୟଥା ଇୟୁରିକ୍ ଏସିଡ଼୍ ଜମିବା ଯୋଗୁଁ ହୋଇଥାଏ ତେବେ ଏହା ଭଲ ହୋଇ ଯାଇଥାଏ । ଆଣ୍ଠୁର ବ୍ୟାୟାମ କରିବା ଦ୍ୱାରା ଏଠାରେ ଇୟୁରିକ୍ ଏସିଡ଼୍ ଜମି ରହିପାରେ ନାହିଁ । ତେଣୁ ଆମେ ଆଣ୍ଠୁ ଗଣ୍ଠିର ବାତ ରୋଗ(Rheumatism)ରୁ ରକ୍ଷା ପାଇଥାଉ ।

(କ୍ରମଶଃ)

❑❑❑

# ଆକାଂକ୍ଷା

## ଝରଣା ଘୋଷାଲ



ଅଭିମାନୀ ରାତି ପରି ସବୁ ଶାନ୍ତ ସବୁ ଚୁପ୍‌ଚାପ୍
ଏ ଆଖିର ପରିଧିକୁ ଛୁଇଁ ଖୋଜି ବୁଲେ ସ୍ୱପ୍ନଭରା
ଉଦାରତାର ଏକ ଅନନ୍ତ ପାରାବାର
ପରିଚିତ ପୃଥିବୀର ସୀମା ଲଂଘି ତୁମ ସ୍ନେହ
ସୋହାଗର ଅବାରିତ ଉର୍ବର ଭୂମି ଉପରେ –

ବିବର୍ଣ୍ଣ ଅତୀତର ବିଚାରହୀନ, ବିବେକହୀନ
ସମୟର ବାଡ଼ ଡେଇଁ
ବିପୁଳ ବିଶ୍ୱାସର ସଞ୍ଜବତିଟିକୁ ଚେତନାର
ଆବରଣ ତଳେ ତେଜି ରଖିଛି ଉଜାଗର ରହି
ଚିରାଚରିତ ଜୀବନ ସହିତ ସାଲିସ ନକରି
ବେପରୁଆ ଭାବେ ଆଗେଇ ଚାଲିଛି ସ୍ୱର୍ଣ୍ଣିମ
ସକାଳର ଏକ ଜ୍ୟୋତିର୍ମୟ ଲକ୍ଷ୍ୟ ଅଭିମୁଖେ –

ଯାବତୀୟ କର୍ମ ମୋର ସତ୍ୟକୁ ସମୃଦ୍ଧ କରି
ସ୍ୱ-ମହିମାର ପ୍ଳାବନରେ ହଜିଯାଉ
ବର୍ତ୍ତମାନର ନିରବଚ୍ଛିନ୍ନ ବହମାନତାରେ –

ନିଃସର୍ତ୍ତ ନୀରବତାର ନିଃଶବ୍ଦ ସମର୍ପଣର
ଆବେଗହୀନ ଆନନ୍ଦର ଆହ୍ଲାଦ
ସ୍ପର୍ଶ କରୁ ପ୍ରତିଟି
ଆସ୍ପୃହାବନ୍ତ କୋମଳ ହୃଦୟକୁ । ❑

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଆଧୁନିକ ଦାର୍ଶନିକଗଣ

## (୧)

ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । — ଲେଖକ ।]

### ରେନେ ଦେକାର୍ତେ
RENE' DESCARTES (1596 -1650)

### ଆଧୁନିକ ଦର୍ଶନର ସ୍ରଷ୍ଟା

ରେନେ ଦେକାର୍ତେ ହେଉଛନ୍ତି ମାନବ ଇତିହାସରେ ଏକ ମହାନ୍ ଚିନ୍ତାଶୀଳ ବ୍ୟକ୍ତି । ସେ ଏକାଧାରରେ ଥିଲେ ଜଣେ ଫରାସୀ ଦାର୍ଶନିକ, ବୈଜ୍ଞାନିକ ଓ ଗାଣିତିକ । ତେଣୁ ତାଙ୍କୁ ଆଧୁନିକ ଦର୍ଶନର ସ୍ରଷ୍ଟା ବୋଲି କୁହାଯାଏ । ସେ ଫ୍ରାନ୍ସର ଏକ ଗୌଣ ଭଦ୍ର ପରିବାରରେ ମାର୍ଚ୍ଚ ୩୧, ୧୫୯୬ ଖ୍ରୀଷ୍ଟାବ୍ଦରେ ତୁରେନ୍ (Tourain)ର ଲା ହାୟେ(La Haye) ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜୋଚିମ୍ ଦେକାର୍ତେ (Joachim Descartes) ବ୍ରିଟାନି (Brittany)ରେ ସ୍ଥାନୀୟ ପରିଷଦର ଜଣେ ସଭ୍ୟ ଥିଲେ । ପରିବାରର ଚତୁର୍ଥ ସନ୍ତାନ ରେନେ ଦେକାର୍ତେ ଯେତେବେଳେ ଏକ ବର୍ଷ ବୟସର ହୋଇଥିଲେ ସେତେବେଳେ ତାଙ୍କର ମାତା ସନ୍ତାନ-ପ୍ରସୂତି ସମୟରେ ମୃତ୍ୟୁପ୍ରାପ୍ତ ହୋଇଥିଲେ ।

ଏହାପରେ ରେନେ ଦେକାର୍ତେ ଙ୍କ ପିତା ପୁନର୍ବିବାହ କରିଥିଲେ ଏବଂ ତାଙ୍କ ଲାଳନ-ପାଳନର ଦାୟିତ୍ୱ ତାଙ୍କ ମାତାମହୀଙ୍କ ଉପରେ ପଡ଼ିଥିଲା । ରେନେ ଦେକାର୍ତେ ଯେତେବେଳେ ଛୋଟ ପିଲା ଥିଲେ ସେତେବେଳେ ସେ ସକଳ ବସ୍ତୁର ମୂଳ ଉତ୍ପତ୍ତି ଓ କାରଣ ସମ୍ବନ୍ଧେ ଜାଣିବାକୁ ଚାହୁଁଥିଲେ । ଏହା ଦେଖି ତାଙ୍କ ପିତା ରେନେ ଦେକାର୍ତେଙ୍କୁ ''ଛୋଟ ଦାର୍ଶନିକ'' ବୋଲି କହୁଥିଲେ ।

ରେନେ ଦେକାର୍ତେଙ୍କ ବୟସ ଯେତେବେଳେ ମାତ୍ର ଆଠବର୍ଷ ହୋଇଥିଲା ସେତେବେଳେ ସେ 'ଅଞ୍ଜୁ' ନାମକ ସ୍ଥାନରେ Jesuit School of La Fliche ବିଦ୍ୟାଳୟରେ ନାମ ଲେଖାଇ ଥିଲେ ଏବଂ ସେଠାରେ ପ୍ରାୟ ଦଶବର୍ଷ ଅଧ୍ୟୟନ କରିଥିଲେ । ତାହା ଥିଲା ସେଯୁଗର ଏକ ପ୍ରସିଦ୍ଧ ବିଦ୍ୟାଳୟ । ସେଠାରେ ସେ ପାଣ୍ଡିତ୍ୟପୂର୍ଣ୍ଣ ଦର୍ଶନଶାସ୍ତ୍ର, ଗଣିତଶାସ୍ତ୍ର ଓ ଚିରାଚରିତ ଶାସ୍ତ୍ରୀୟ ସାହିତ୍ୟର ଅଧ୍ୟୟନ କରିଥିଲେ । ତାଙ୍କର ଏହି ପ୍ରାଥମିକ ଅଧ୍ୟୟନରୁ ଜଣାଯାଏ ଯେ ତାଙ୍କ ଜୀବନର ଅବଶିଷ୍ଟାଂଶ ଏହାଦ୍ୱାରା ନିଶ୍ଚିତଭାବେ ପ୍ରଭାବିତ ହେବ ।

### ସ୍ୱପ୍ନ ଓ ପୂର୍ବ ନିର୍ଦ୍ଧାରିତ ଭବିଷ୍ୟତ୍ :

ବିଦ୍ୟାଳୟର ଶିକ୍ଷା ସମାପ୍ତ କରି ରେନେ ଦେକାର୍ତେ ପୋଇଟିଅରସ୍ (Poetiers) ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ ଏବଂ ୧୬୧୬ ଖ୍ରୀଷ୍ଟାବ୍ଦରେ ଆଇନ ବିଦ୍ୟାରେ ସ୍ନାତକ ଉପାଧି ପ୍ରାପ୍ତହେଲେ । ତେବେ ସେ କେବେ ବି ଆଇନ ବିଦ୍ୟା ଅଭ୍ୟାସ କରି ନଥିଲେ । ତାଙ୍କ ଭାଗ୍ୟର ବିଧାନ ଭିନ୍ନ ପ୍ରକାରର ଥିଲା । ସେ ସାମୟିକଭାବେ ଆଗ୍ରହୀ ହୋଇ ନେଦରଲାଣ୍ଡର ପ୍ରିନ୍ସ୍ ମରିଶ୍‌ଙ୍କ ସୈନ୍ୟ ବିଭାଗରେ ୧୬୧୮ ଖ୍ରୀଷ୍ଟାବ୍ଦରେ ଯୋଗ ଦେଲେ । ଏହା ପରେ ଅନ୍ୟ କେତେକ ସୈନ୍ୟ ବିଭାଗରେ ଯୋଗ ଦେଇଥିଲେ ମଧ୍ୟ ଜଣେ ସୈନିକ ହେବା ତାଙ୍କ ଜୀବନର ଲକ୍ଷ୍ୟ ନଥିଲା । ସେ ଗଣିତଶାସ୍ତ୍ର ଓ ଦର୍ଶନଶାସ୍ତ୍ର ସମ୍ବନ୍ଧେ ଆଗ୍ରହୀ ହୋଇ ଜୀବନର ଅବଶିଷ୍ଟାଂଶ ତହିଁରେ ଉତ୍ସର୍ଗ କରିଥିଲେ ।

ଏହାପରେ ୧୦ ନଭେମ୍ବର ୧୬୧୯ ଖ୍ରୀଷ୍ଟାବ୍ଦରେ ମନୁଷ୍ୟ ଜୀବନ ସମ୍ବନ୍ଧେ ଅଧ୍ୟୟନର ପୁନରୁଦ୍ଧାର ସକାଶେ ସେ ନିଜକୁ ନିୟୋଜିତ କଲେ । ଏହା ଏପରି ଏକ ସ୍ୱପ୍ନ ଥିଲା ଯାହା ତାଙ୍କ ଜୀବନର ଗତିପଥକୁ ପରିବର୍ତ୍ତିତ କରିଥିଲା । ଏହି

ସ୍ୱପ୍ନକୁ ଈଶ୍ୱରପ୍ରଦତ୍ତ ଦାନ ବୋଲି ମନେକରି ସେ ଦୃଢ଼ନିଶ୍ଚିତ ହେଲେ ଯେ ଜ୍ଞାନର ସକଳ ସମ୍ପଦ ତାଙ୍କ ସକାଶେ ଉନ୍ମୁକ୍ତ ହୋଇଛି ।

୧୬୨୩ ଓ ୧୬୨୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ରେନେ ଦେକାର୍ତେ ବ୍ରିଟାନୀ, ପୋଇଟୁ, ସ୍ୱିଜରଲାଣ୍ଡ ଏବଂ ଇଟାଲୀକୁ ପର୍ଯ୍ୟଟନ କରିବାକୁ ଯାଇଥିଲେ । ୧୬୨୫ ଖ୍ରୀଷ୍ଟାବ୍ଦରେ ସେ ପ୍ୟାରିସକୁ ଫେରି ଆସିଲେ । ୧୬୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଫ୍ରାନ୍ସରେ ରହି ଦର୍ଶନ ତଥା ଆଂଶିକଭାବେ ଚକ୍ଷୁ-ବିଜ୍ଞାନ ଅଧ୍ୟୟନରେ ସମୟ ଅତିବାହିତ କରିଥିଲେ । ଚକ୍ଷୁ-ବିଜ୍ଞାନର ଅଧ୍ୟୟନ ସମୟରେ ସେ ଆଲୋକରଶ୍ମିର ମୌଳିକ ବିଧାନ ଆବିଷ୍କାର କରିଥିଲେ ଏବଂ ଏ ସମ୍ବନ୍ଧୀୟ ସର୍ବପ୍ରଥମ ପ୍ରବନ୍ଧ ଲେଖିଥିଲେ । ରେନେ ଦେକାର୍ତେ ଚକ୍ଷୁ-ବିଜ୍ଞାନର ପ୍ରଥମ ପ୍ରତିଷ୍ଠାତା ବୋଲି ବିବେଚିତ ହୁଅନ୍ତି ।

କିନ୍ତୁ ପ୍ୟାରିସ୍ ସହରରେ ସେ ଚାହୁଁଥିବା ଶାନ୍ତି, ନୀରବତା ଓ ସ୍ୱାଧୀନତା ପାଇ ପାରି ନଥିଲେ । ସହରର କୋଳାହଳ ଓ କାର୍ଯ୍ୟବ୍ୟସ୍ତତାରେ ସେ ସନ୍ତୁଷ୍ଟ ନଥିଲେ ଏବଂ ନୀରବତା ତଥା ନିଷ୍କପଟତା ଚାହିଁଥିଲେ । ତେଣୁ ଫ୍ରାନ୍ସରେ ଥିବା ତାଙ୍କର ସମ୍ପତ୍ତିକୁ ସେ ବିକ୍ରୟ କରି ୧୬୨୯ ଖ୍ରୀଷ୍ଟାବ୍ଦରେ ନେଦରଲାଣ୍ଡ (ହଲାଣ୍ଡ)କୁ ଚାଲି ଯାଇଥିଲେ । ଏହିଠାରେହିଁ ବିଭିନ୍ନ ସହରକୁ ଯିବା ଆସିବା କରି ସେ ତାଙ୍କ ଜୀବନର ଅବଶିଷ୍ଟାଂଶ ଅତିବାହିତ କରିଥିଲେ ।

ଏହିଠାରେହିଁ ରେନେ ଦେକାର୍ତେ ତାଙ୍କର କେତେକ ବିଖ୍ୟାତ ପୁସ୍ତକ ଲେଖିଥିଲେ । ଏହି ସମୟରେ ବୋହେମିଆର ରାଜକୁମାରୀ, ଯେ ନେଦରଲାଣ୍ଡରେ ବିତାଡ଼ିତ ଜୀବନଯାପନ କରୁଥିଲେ, ତାଙ୍କ ସହିତ ରେନେ ଦେକାର୍ତେଙ୍କର ୧୬୪୩ ଖ୍ରୀଷ୍ଟାବ୍ଦରେ ଗଭୀର ବନ୍ଧୁତା ସୃଷ୍ଟି ହୋଇଥିଲା । ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ଜ୍ୟାମିତି, ଚକ୍ଷୁ-ବିଜ୍ଞାନ ଓ ଦାର୍ଶନିକ ଅନୁଧ୍ୟାନ ସମ୍ବନ୍ଧେ ଲିଖିତ ହୋଇଥିଲା ଏବଂ ତାଙ୍କ ଲିଖିତ ସମସ୍ତ ପୁସ୍ତକ ମଧ୍ୟରେ Discours de la Methode (Discourse on Method) ବିଶିଷ୍ଟ ସ୍ଥାନ ଲାଭ କରିଥିଲା ।

### ରେନେ ଦେକାର୍ତେଙ୍କ ଦର୍ଶନ :

ରେନେ ଦେକାର୍ତେ ୧୬୩୩ ଖ୍ରୀଷ୍ଟାବ୍ଦରେ ତାଙ୍କର ଅନ୍ୟ ଏକ ବିଶିଷ୍ଟ ପୁସ୍ତକ ବିଶ୍ୱ Le Monde (The World) ଲେଖିଥିଲେ । କିନ୍ତୁ ଧର୍ମମତର ବିରୁଦ୍ଧାଚରଣ କରିଥିବାରୁ ଗାଲିଲିଓଙ୍କୁ ମୃତ୍ୟୁଦଣ୍ଡ ଦେବା ପରେ ସେ ଏହି ଲେଖା ବନ୍ଦ କରି ଦେଇଥିଲେ । ଗାଲିଲିଓଙ୍କ ପୁସ୍ତକସବୁ ପାଠ କରିବା ପରେ ରେନେ ଦେକାର୍ତେ ଉପଲବ୍ଧି କଲେ ଯେ ଗାଲିଲିଓଙ୍କ ମତାନୁଯାୟୀ ସୂର୍ଯ୍ୟର ଚତୁଃପାର୍ଶ୍ୱରେ ପୃଥିବୀ ଘୂରିବୁଲେ ଓ ସେ ସେଥିରେ ଏକମତ ଥିଲେ । ଜଣେ ଏକନିଷ୍ଠ ଖ୍ରୀଷ୍ଟିଆନ ମତବାଦୀ ଓ ଶାନ୍ତିପ୍ରିୟ ମନୁଷ୍ୟ ହୋଇଥିବାରୁ ସେ ଏହି ପୁସ୍ତକ ପ୍ରକାଶ କରିବାରୁ ବିରତ ହୋଇଥିଲେ କାରଣ ଏହା ଗିର୍ଜାର ମତକୁ ବିରୋଧ କରୁଥିଲା ।

ବିଜ୍ଞାନ ସମ୍ବନ୍ଧେ ତାଙ୍କର ବିସ୍ତାରିତ ବ୍ୟାଖ୍ୟା ଦୃଶ୍ୟମାନ ପ୍ରାକୃତିକ ଘଟଣା ଉପରେ ନିର୍ଭରଶୀଳ ଥିଲା । (ଗଣିତଶାସ୍ତ୍ର ପାଇଁ ବିଧିବଦ୍ଧ ବିଶ୍ଳେଷିତ ଜ୍ୟାମିତି ତାଙ୍କର ଏକ ଉଲ୍ଲେଖଯୋଗ୍ୟ ଅବଦାନ ଥିଲା ।) ଦର୍ଶନଶାସ୍ତ୍ରରେ ସେ ବିଜ୍ଞାନ ଓ ଗଣିତଶାସ୍ତ୍ରର ଯୁକ୍ତିଯୁକ୍ତ ଦୃଷ୍ଟାନ୍ତ ପ୍ରୟୋଗ କରିଥିଲେ ଏବଂ ପାଣ୍ଡିତ୍ୟପୂର୍ଣ୍ଣ ପଦ୍ଧତି ତ୍ୟାଗ କରିଥିଲେ ।

ନିଜର ଏହି କାର୍ଯ୍ୟ-ସମ୍ପାଦନ ସମ୍ବନ୍ଧେ ସମାଲୋଚନା କରି ରେନେ ଦେକାର୍ତେ କହିଥିଲେ, ''ସତ୍ୟର ପ୍ରତ୍ୟକ୍ଷ ଅନୁସନ୍ଧାନ ନିମିତ୍ତ ଆମେ ସେପର୍ଯ୍ୟନ୍ତ ନିଜକୁ ବ୍ୟସ୍ତ ରଖିବା ଯେପର୍ଯ୍ୟନ୍ତ ଆମେ କୌଣସି ସିଦ୍ଧାନ୍ତରେ ଉପନୀତ ନହୋଇଛୁ ।'' ପ୍ରତ୍ୟକ୍ଷ ପ୍ରମାଣ ନପାଇବା ପର୍ଯ୍ୟନ୍ତ ସେ କୌଣସି କିଛିକୁ ସତ୍ୟ ବୋଲି ସ୍ୱୀକାର କରୁ ନଥିଲେ ।

ରେନେ ଦେକାର୍ତେଙ୍କର ବିଖ୍ୟାତ ଉକ୍ତି ହେଲା, ''ମୋର ଅସ୍ତିତ୍ୱ ଅଛି, ତେଣୁ ମୁଁ ଚିନ୍ତାକରେ ।'' ଏହି ବିବୃତିକୁ ଭିତ୍ତି କରି ସେ କହୁଥିଲେ ଯେ : ତାଙ୍କ ନିଜ ଅସ୍ତିତ୍ୱର ପ୍ରମାଣ ଥିଲା ତାଙ୍କ ଚେତନାର ଚିନ୍ତାଧାରା । ଏହି ଯୁକ୍ତିକୁ ଗ୍ରହଣ କରି ସେ ଈଶ୍ୱରଙ୍କର ଅସ୍ତିତ୍ୱକୁ ଗ୍ରହଣ କରିଥିଲେ । ତାଙ୍କର ମତ ଥିଲା ଯେ ଯଦି ମନୁଷ୍ୟ ମଧ୍ୟରେ ଏକ ଅନ୍ତର୍ନିହିତ ଶକ୍ତି ନଥା'ନ୍ତା, ତେବେ ସେ ଅସୀମ ଓ ସମ୍ପୂର୍ଣ୍ଣ ଈଶ୍ୱରଙ୍କ ଅସ୍ତିତ୍ୱକୁ ଗ୍ରହଣ କରିପାରି ନଥା'ନ୍ତା । ଯଦି ଈଶ୍ୱର ନିଜକୁ ମନୁଷ୍ୟ ସମ୍ମୁଖରେ ପ୍ରକାଶ କରି ନଥା'ନ୍ତେ ତେବେ ମନୁଷ୍ୟ ତାଙ୍କୁ କଦାପି ଗ୍ରହଣ କରିପାରି ନଥା'ନ୍ତା ।

### ରେନେ ଦେକାର୍ତେଙ୍କ ଦ୍ୱୈତବାଦ :

ଯୁକ୍ତିଯୁକ୍ତ ଓ ଯାନ୍ତ୍ରିକ ଉପାୟ ଥିବା ସତ୍ତ୍ୱେ ସେ ଆତ୍ମାର ଅମରତ୍ୱ ସମ୍ବନ୍ଧେ ଧର୍ମତାତ୍ତ୍ୱିକ ମତବାଦକୁ ଗ୍ରହଣ କରିଥିଲେ

ଏବଂ ତାଙ୍କର ସିଦ୍ଧାନ୍ତ ଥିଲା ଯେ ମନ ଓ ଶରୀର ଦୁଇଟି ସ୍ୱତନ୍ତ୍ର ଉପାଦାନ । ଏହି ମତବାଦ ପ୍ରକୃତିର ଯାନ୍ତ୍ରିକ ବିଧାନରୁ ସଂକଳ୍ପର ସ୍ୱାଧୀନତାକୁ ମୁକ୍ତ କରେ । ସେ ମତ ଦେଇଥିଲେ ଯେ ଈଶ୍ୱର ଦୁଇ ପ୍ରକାର ଉପାଦାନକୁ ସୃଷ୍ଟି କରିଛନ୍ତି ଯାହାକୁ ନେଇ ସମଗ୍ର ବିଶ୍ୱ ଗଠିତ । ଗୋଟିଏ ହେଉଛି ଚିନ୍ତାଶୀଳ ମନ, ଅନ୍ୟଟି ହେଉଛି ଶରୀର । ମନ ଓ ଶରୀରର ଏହି ଭିନ୍ନତାକୁହିଁ ରେନେ ଦେକାର୍ତେଙ୍କ ଦ୍ୱୈତବାଦ ବୋଲି କୁହାଯାଏ । ଏହି ମତବାଦ ତାଙ୍କୁ ତତ୍କାଳୀନ ଗିର୍ଜାର ବିଧାନର ସମ୍ମୁଖୀନ ହେବା ସକାଶେ ସହାୟତା କରିଥିଲା । ତେବେ ସମାଲୋଚକମାନେ ଅନୁସନ୍ଧାନ କଲେ ଯେ ମନ ଓ ଶରୀର ଦୁଇଟି ସ୍ୱତନ୍ତ୍ର ଉପାଦାନ ହୋଇ ମଧ୍ୟ କିପରି ପରସ୍ପରକୁ ପ୍ରଭାବିତ କରିପାରେ; ଏହି ପ୍ରହେଳିକା ତଥାପି ଅସମାଧିତ ହୋଇ ରହିଗଲା ।

ରେନେ ଦେକାର୍ତେଙ୍କର ବିଶ୍ୱାସ ଥିଲା ଯେ ଈଶ୍ୱରହିଁ ଏହି ବିଶ୍ୱକୁ ସୃଷ୍ଟି କରିଛନ୍ତି ଏବଂ ତହିଁରେ ଥିବା ସକଳ ବସ୍ତୁ ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ । ତାଙ୍କ ମତରେ ଈଶ୍ୱର ହେଉଛନ୍ତି ମାନୁଷୀ ମନତୁଲ୍ୟ – ଯାହା ଚିନ୍ତାକରେ ଓ ବଞ୍ଚିରହେ, କିନ୍ତୁ କୌଣସି ଭୌତିକ ବୈଶିଷ୍ଟ୍ୟ ବ୍ୟତୀତ ଏହା ଘଟେ । ଈଶ୍ୱର ହେଉଛନ୍ତି ଅସୀମ ଏବଂ ତାଙ୍କର କୌଣସି ସ୍ରଷ୍ଟା ନାହାନ୍ତି, ସେ ହେଉଛନ୍ତି ସକଳ ବସ୍ତୁର ସ୍ରଷ୍ଟା ।

ତାଙ୍କ ଲିଖିତ ମେଡିଟାସିଓଁ(Meditations) ନାମକ ଏକ ପୁସ୍ତକରେ ସେ ଯାହା ଲେଖିଛନ୍ତି, ତାହା ବିଶେଷ ଆକର୍ଷଣୀୟ । ହଲାଣ୍ଡର ଏକ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କୁ ନାସ୍ତିକବାଦୀ ବୋଲି ଦୋଷାରୋପ କରିଥିଲେ । ଏହାପରେ ତାଙ୍କର ପୁସ୍ତକଗୁଡ଼ିକ ଉଦାରବାଦୀ ଗିର୍ଜାଗୁଡ଼ିକ ଦ୍ୱାରା ନିଷେଧ କରାଯାଇଥିଲା ।

ଯେତେବେଳେ ୧୬୪୯ ଖ୍ରୀଷ୍ଟାବ୍ଦରେ ରେନେ ଦେକାର୍ତେଙ୍କର ଏକ ପୁସ୍ତକ ‘Passions’ ପ୍ରକାଶିତ ହୋଇଥିଲା, ସେତେବେଳେ ସ୍ୱିଡେନର ରାଣୀ କ୍ରିଷ୍ଟିନା, ଫ୍ରେଞ୍ଚ ରାଜଦୂତଙ୍କ ମାଧ୍ୟମରେ ତାହା ପ୍ରାପ୍ତ ହୋଇଥିଲେ । ବାସ୍ତବରେ ୧୬୪୭ ଖ୍ରୀଷ୍ଟାବ୍ଦରୁହିଁ ସେ ତାଙ୍କର ବିଭିନ୍ନ ପୁସ୍ତକ ପାଇଥିଲେ ଏବଂ ଦାର୍ଶନିକ ରେନେ ଦେକାର୍ତେଙ୍କୁ ସାକ୍ଷାତ୍ କରିବାକୁ ଚାହିଁଥିଲେ । ରାଣୀଙ୍କ ନିମନ୍ତ୍ରଣ କ୍ରମେ ସେ ୧୬୪୯ ଖ୍ରୀଷ୍ଟାବ୍ଦ ଅକ୍‌ଟୋବର ମାସରେ ତାଙ୍କୁ ସାକ୍ଷାତ୍ କରିଥିଲେ । ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା ୨୩ ବର୍ଷ ବୟସ୍କା ରାଣୀଙ୍କୁ ଦର୍ଶନଶାସ୍ତ୍ର ସମ୍ବନ୍ଧେ ଶିକ୍ଷା ଦେବା ।

ରେନେ ଡେକାର୍ତେ ରାଣୀ କ୍ରିଷ୍ଟିନାଙ୍କୁ ପ୍ରତ୍ୟହ ସକାଳ ୫ଟାରେ ଶିକ୍ଷା ଦେଉଥିଲେ । ଦୁର୍ଭାଗ୍ୟବଶତଃ ସେସମୟର ଅତ୍ୟଧିକ ଶୈତ୍ୟ ହେତୁ ସେ ନିମୋନିଆ ରୋଗରେ ଆକ୍ରାନ୍ତ ହୋଇଥିଲେ । ଏହାହିଁ ତାଙ୍କ ମୃତ୍ୟୁର କାରଣ ହୋଇଥିଲା ।

ଖ୍ରୀଷ୍ଟିଆନ ଧର୍ମର ଅନ୍ତିମ ପ୍ରତୀକାତ୍ମକ ପବିତ୍ର ଉତ୍ସବରେ ଯୋଗଦାନ ପରେ ୧୬୫୦ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୧୧ ତାରିଖରେ ସେ ମରଶରୀର ତ୍ୟାଗ କରିଥିଲେ । ❑

ଯଦି କେବେ ଏକ ଗଭୀର ଦୁଃଖ, ଏକ ଜ୍ୱଳନକାରୀ ସନ୍ଦେହ ଅଥବା ଏକ ତୀବ୍ର ଯନ୍ତ୍ରଣା ତୁମକୁ ଅଭିଭୂତ କରେ, ତୁମକୁ ନୈରାଶ୍ୟ ମଧ୍ୟକୁ ଠେଲିଦିଏ ତେବେ ତୁମର ସ୍ଥିରତା ଓ ଶାନ୍ତି ଫେରି ପାଇବାର ରହିଛି ଏକ ଅବ୍ୟର୍ଥ ଉପାୟ ।

ଆମ ସତ୍ତାର ଗଭୀରରେ କିରଣ ପ୍ରଦାନ କରୁଛନ୍ତି ଏକ ଆଲୋକ ଯାହାଙ୍କର ଉଜ୍ଜ୍ୱଳତା କେବଳ ତାଙ୍କରି ପବିତ୍ରତା ସହ ସମାନ; ତାହା ଏକ ଆଲୋକ, ବିଶ୍ୱଗତ ଦିବ୍ୟତାର ଏକ ଜୀବନ୍ତ ଓ ସଚେତନ ଅଂଶ ଯିଏକି ଜଡ଼କୁ ଜୀବନ୍ତ, ପାଳିତ ଓ ଆଲୋକିତ କରିଥା'ନ୍ତି, ଯେଉଁମାନେ ତାଙ୍କ ବିଧାନକୁ ଗୁରୁତ୍ୱ ଦିଅନ୍ତି ସେମାନଙ୍କ ପାଇଁ ସେ ଏକ ଶକ୍ତିଶାଳୀ ଓ ଅବ୍ୟର୍ଥ ପଥପ୍ରଦର୍ଶକ, ଯେଉଁମାନେ ତାଙ୍କୁ ଦେଖିବାକୁ, ଶୁଣିବାକୁ ଓ ମାନିବାକୁ ଅଭୀପ୍ସା କରନ୍ତି ସେମାନଙ୍କ ପ୍ରତି ସେ ହୋଇଥା'ନ୍ତି ସାନ୍ତ୍ୱନା ଓ ପ୍ରେମପୂର୍ଣ୍ଣ ସହିଷ୍ଣୁତାରେ ଭରା ଏକ ସହାୟକାରୀ । ତାଙ୍କ ପ୍ରତି ଏକ ଆନ୍ତରିକ ତଥା ସ୍ଥାୟୀ ଅଭୀପ୍ସା କେବେ ବି ବ୍ୟର୍ଥ ହୋଇ ନ ପାରେ; ତାଙ୍କ ପ୍ରତି କୌଣସି ଶକ୍ତିଶାଳୀ ସମ୍ମାନଜନକ ଆସ୍ଥା କେବେ ବି ନିରାଶାରେ ପରିଣତ ହୋଇ ନ ପାରେ, ତାଙ୍କଠାରୁ କୌଣସି ପ୍ରତ୍ୟାଶା କେବେ ବି ପ୍ରତାରିତ ହୋଇ ନାହିଁ ।

– ଶ୍ରୀମା

# ସୁହୃଦ୍ ସଂଖ୍ୟା – କେତେ କୌତୁକିଆ

## ଧର୍ମ କୁମାର ଶତପଥୀ

ଗ୍ରୀସ ଦେଶର ମହାନ ଗଣିତଜ୍ଞ ପିଥାଗୋରସ ତାଙ୍କ ଗବେଷଣାଗାରରେ ବସି ଅତ୍ୟନ୍ତ ମନୋଯୋଗ ସହିତ ସଂଖ୍ୟାମାନଙ୍କ ସମ୍ପର୍କରେ କ'ଣସବୁ ଲେଖାଲେଖିରେ ମଗ୍ନଥିଲେ । ତାଙ୍କର ଜଣେ ବନ୍ଧୁ କେତେବେଳୁ ଆସି ତାଙ୍କ ଆଗରେ ହାଜର ହୋଇ ସାରିଥିଲେ, ତାହା ସେ ଜାଣି ପାରୁ ନଥିଲେ । ବନ୍ଧୁ ଜଣକ ପିଥାଗୋରସଙ୍କ ଗଭୀର ମନୋଯୋଗକୁ ଅନୁଧ୍ୟାନ କରି ଚୁପି ଚୁପି ହସୁଥା'ନ୍ତି । ଏହିପରି କିଛି ସମୟ ଅତିବାହିତ ହୁଅନ୍ତେ ବନ୍ଧୁ ଜଣକ ଖଣ୍ଡିକାଶ କରି ଜଣାଇଦେଲେ ଯେ, ସେ କେତେବେଳୁ ଆସି ପିଥାଗୋରାସଙ୍କ ନିକଟରେ ଉପସ୍ଥିତ ଅଛନ୍ତି, ଅଥଚ ପିଥାଗୋରାସ ତାଙ୍କ ଉପସ୍ଥିତିର ଟେର୍ ପାଇନାହାନ୍ତି । ଈଷତ୍ ଚମକି ଉଠି ପିଥାଗୋରାସ କୈଫିୟତ୍ ଦେଲେ, ''ଏବେ ମୁଁ ଏଇ ସଂଖ୍ୟାମାନଙ୍କର ଗୁଣନୀୟକଗୁଡ଼ିକର ଗୁଣଧର୍ମକୁ ନେଇ ଚିନ୍ତାମଗ୍ନ ଥିଲି । ସେଥିପାଇଁ ତୁମ ଆସିବା ମୋର ଗୋଚର ହେଲା ନାହିଁ ।'' ବନ୍ଧୁ ପଚାରିଲେ – ''ଗୁଣନୀୟକର କି ଗୁଣ ସମ୍ପର୍କରେ ଏତେ ଗାଢ଼ ଚିନ୍ତା କରୁଥିଲେ ଗାଣିତିକ ମହାଶୟ ?'' ପିଥାଗୋରାସ ଉତ୍ତର ଦେଲେ – ''ଏଇ ୨୨୦ର ଗୁଣନୀୟକ ଓ ୨୮୪ର ଗୁଣନୀୟକ ମଧ୍ୟରେ ଏକ ନିବିଡ଼ ସଂପର୍କ ରହିଛି । ଠିକ୍ ତୁମ ଆମ ଭଳି । ଏଣୁ ଏ ଦୁଇ ସଂଖ୍ୟାକୁ ମୁଁ ସୁହୃଦ୍ ସଂଖ୍ୟା କହିବି । ଆଉ ଏପରି ସଂଖ୍ୟାର ଆବିଷ୍କାର କରିବି ।''

ବନ୍ଧୁ ପୁଣି ଦୋହରାଇ ପ୍ରଶ୍ନ କଲେ – ''କ'ଣ ସେଇ ନିବିଡ଼ ସମ୍ପର୍କଟି ?''

ପିଥାଗୋରାସ ଉତ୍ତର ଦେଲେ – ''୨୨୦ର ସମସ୍ତ ଗୁଣନୀୟକ (୨୨୦ ସଂଖ୍ୟା ବ୍ୟତୀତ) ଗୁଡ଼ିକ ୧,୨,୪,୫,୧୦,୧୧,୨୦,୨୨,୪୪,୫୫ ଓ ୧୧୦ । ଏମାନଙ୍କର ମିଶାଣଫଳ ୨୮୪ ଏବଂ ୨୮୪ର ଗୁଣନୀୟକ ଗୁଡ଼ିକ ୧,୨,୪,୭୧,୧୪୨ । ଏମାନଙ୍କର ଯୋଗଫଳ ହେଉଛି ୨୨୦ । ଏଣୁ ଏ ଦୁଇ ସଂଖ୍ୟା ମଧ୍ୟରେ ନିବିଡ଼ ସଂପର୍କ ରହିଛି, ନୁହେଁ କି ? ଏମାନେ ପରସ୍ପର ସୁହୃଦ୍ ସଂଖ୍ୟା ଅଟନ୍ତି ।''

ବନ୍ଧୁ ଜଣଙ୍କ ତାଜୁବ ହୋଇ ରହିଲେ ପିଥାଗୋରାସଙ୍କ ଏଇ ଗଭୀର ଜ୍ଞାନର ଆବିଷ୍କାରରେ । କିଛି ସମୟ ପରେ ସେ ବିଦାୟ ନେଲେ, ବନ୍ଧୁଙ୍କୁ ଅଶେଷ ବାହା ବାହା ଦେଇ ।

ପିଥାଗୋରାସଙ୍କ ଆବିଷ୍କୃତ ଏ ହେଉଛି ସଂଖ୍ୟା ଜଗତର ସବୁଠାରୁ ଛୋଟ ସୁହୃଦ୍ ସଂଖ୍ୟା ।

ସେଦିନଠାରୁ ଗାଣିତିକମାନଙ୍କ ମନରେ ଏଇ ସୁହୃଦ୍ ସଂଖ୍ୟା କଥା ଅଙ୍କୁରିତ ହେଲା । ଏହାର ପରବର୍ତ୍ତୀ ସୁହୃଦ୍ ସଂଖ୍ୟା ଯୋଡ଼ି ହେଉଛି ୧୧୮୪ ଓ ୧୨୧୦ । ଏହା ଇଟାଲୀର ଜଣେ ଗାଣିତିକ ଆବିଷ୍କାର କରିଥିଲେ । ଏହାପରେ ଫରାସୀ ଗାଣିତିକ ପିଏରି ଅନ୍ୟ ଏକ ସୁହୃଦ୍ ସଂଖ୍ୟାକୁ ଲୋକଲୋଚନକୁ ଆଣିଥିଲେ । ସେହି ଯୋଡ଼ି ହେଉଛି ୧୭୨୯୬ ଓ ୧୮୪୧୬ । ପରେ ପରେ Rene Descarte ନାମକ ଅନ୍ୟ ଏକ ଗାଣିତିକ ଏକ ଯୋଡ଼ି ସୁହୃଦ୍ ସଂଖ୍ୟାକୁ ସନ୍ଧାନ କରିଥିଲେ । ଉଭୟ ସାତଅଙ୍କ ବିଶିଷ୍ଟ ଏବଂ ତାହା ହେଉଛି ୯୩୬୩୫୮୪ ଓ ୯୪୩୭୦୫୬ ।

ବିଶ୍ୱାସ କରାଯାଏ ଏଇ ସୁହୃଦ୍ ସଂଖ୍ୟାର ଜ୍ଞାନ ଆରବୀୟ ଗାଣିତିକମାନଙ୍କ ଧାରଣାରେ ଥିଲା । ମାତ୍ର ସେମାନେ ଏ ଦିଗରେ କିଛି ଲିଖିତ ପ୍ରମାଣ ରଖିପାରି ନଥିଲେ କିଂବା ବିଶେଷ ଅଗ୍ରଗତି କରି ନଥିଲେ । ପିଥାଗୋରାସଙ୍କ ଆବିଷ୍କାର ଏ ଦିଗରେ ପ୍ରଥମ ମାଇଲଖୁଣ୍ଟ ସାଜିଲା ।

ଅଷ୍ଟାଦଶ ଶତାବ୍ଦୀରେ ଲିଓନାର୍ଡ୍ ଅଏଲର (୧୭୦୭-୧୭୮୩) ୬୪ଟି ସୁହୃଦ୍ ସଂଖ୍ୟାର ଏକ ତାଲିକା ପ୍ରସ୍ତୁତ କରିଥିଲେ ।

ଏବେ ଆମେ ସୁହୃଦ୍ ଆୟତକ୍ଷେତ୍ର ବିଷୟକୁ ଆସିବା । ଆମେ ଜାଣିଛୁ ଆୟତକ୍ଷେତ୍ରର ଦୁଇଟି ମାତ୍ରା ଥାଏ – ଦୈର୍ଘ୍ୟ ଓ ପ୍ରସ୍ଥ । ଭିନ୍ନ ଭିନ୍ନ ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ଦୁଇଟି ଆୟତକ୍ଷେତ୍ର ମଧ୍ୟରୁ ଯଦି ଗୋଟିକର ପରିସୀମା, ଅନ୍ୟ ଏକ ଆୟତକ୍ଷେତ୍ରର କ୍ଷେତ୍ରଫଳ ସହିତ ସମାନ ହୁଏ (ସେମାନଙ୍କର ଏକକକୁ ବିଚାରକୁ ନନେଇ), ତେବେ ସେଇ ଆୟତକ୍ଷେତ୍ର ଦୁଇଟିକୁ ସୁହୃଦ ଆୟତକ୍ଷେତ୍ର କହିବା ।

ଧରାଯାଉ ABCD ଓ PQRS ଦୁଇଟି ଆୟତକ୍ଷେତ୍ର, ଯାହାର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୬ ଏକକ ଓ ୪ ଏକକ ଏବଂ ୨ ଏକକ ଓ ୧୦ ଏକକ ।







ଏଠାରେ ଆମେ ABCD ଆୟତକ୍ଷେତ୍ରର ପରିସୀମା ପାଇବା ୨୦ ଏକକ ଓ ଏହାର କ୍ଷେତ୍ରଫଳ ପାଇବା ୨୪ ବର୍ଗ ଏକକ । ଠିକ୍ ସେହିପରି PQRS ଆୟତକ୍ଷେତ୍ରର ପରିସୀମା ହେଉଛି ୨୪ ଏକକ ଓ କ୍ଷେତ୍ରଫଳ ହେବ ୨୦ ବର୍ଗ ଏକକ । ଏପରି ନିଆରା ସମ୍ପର୍କର ଆୟତକ୍ଷେତ୍ରହିଁ ସୁହୃଦ୍ ଅଟନ୍ତି ।

ତେବେ ଏଠାରେ ପ୍ରଶ୍ନ ଉଠେ, ଏପରି ସୁହୃଦ୍ ଆୟତକ୍ଷେତ୍ର ଆଉ ସମ୍ଭବ ହୋଇପାରିବ କି ?

ଏହାର ଉତ୍ତର ନିଶ୍ଚୟ 'ହଁ' ହେବ । ସେଇ ସୁହୃଦ୍ ଆୟତକ୍ଷେତ୍ର ଯାହାର ଦୈର୍ଘ୍ୟ, ପ୍ରସ୍ଥ କ୍ରମରେ ଲିଖିତ ସେଗୁଡ଼ିକ ହେଉଛି (୩x୬,୩x୬),(୪x୪, ୪x୪), (୧x୩୪, ୭x୧୦), (୧x୩୮, ୬x୧୩), (୧x୫୪,୫x୨୨), (୨x୧୩, ୩x୧୦) । ଏହିପରି ଛଅ ଯୋଡ଼ା ଆୟତକ୍ଷେତ୍ର ଆମେ ପାଇପାରିବା । ପ୍ରତ୍ୟେକ ଆୟତକ୍ଷେତ୍ର ସୁହୃଦର ସଂଜ୍ଞା ପାଳନ କରୁଛନ୍ତି । ତେବେ ଏଠାରେ ଲିଖିତ ପ୍ରଥମ ଯୋଡ଼ାଟି ଦୁଇଟି ସର୍ବସମ ଆୟତ କ୍ଷେତ୍ର ହେଉଥିବା ସ୍ଥଳେ ଦ୍ୱିତୀୟ ଯୋଡ଼ାଟି ଏକ ବର୍ଗକ୍ଷେତ୍ର ହେଉଛି । ପୁଣି ପ୍ରଥମ ଓ ଦ୍ୱିତୀୟ ଯୋଡ଼ାର ବିଶେଷତ୍ୱ ଏହି ଯେ, ଏମାନଙ୍କର ପରିସୀମା ଓ କ୍ଷେତ୍ରଫଳ ଉଭୟ ସଂଖ୍ୟାରେ ସମାନ ଅଟନ୍ତି । ଯେପରି ୩ x ୬=୨(୩+୬) ଏବଂ ୪x୪=୨(୪+୪) ଏହା ଏକ ବ୍ୟତିକ୍ରମ ମାତ୍ର । ❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୯, ୧୦, ୧୧ - ୨୦୧୬)

ଶ୍ରୀ ସାତକଡ଼ି ହୋତା, ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର - ୭୫୧ ୦୩୦, ଜଣାଇଛନ୍ତି ଯେ ଦିବ୍ୟଜନନୀଙ୍କ ଅପାର କୃପାରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ତ୍ରୟୋବିଂଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ଆସନ୍ତା ଡିସେମ୍ବର ୯ ତାରିଖଠାରୁ ଆରମ୍ଭ କରି ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନବ୍ୟାପୀ ଅନୁଷ୍ଠିତ ହେବ । ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରୁ ପ୍ରଫେସର ମନୋଜ ଦାସ ଓ ଅନ୍ୟ ବିଶିଷ୍ଟ ବକ୍ତାମାନଙ୍କ ସମେତ ସ୍ଥାନୀୟ ସୁପରିଚିତ ବକ୍ତାବୃନ୍ଦ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରୀ ଘ୮. ୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଚାନ୍ଦା ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ନାମତାଲିକା ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛାକଲେ ଉପରୋକ୍ତ ଠିକଣାରେ କିଂବା ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ଶ୍ରୀ ଶଙ୍କର ମହାନ୍ତି : ୯୪୩୭୯୪୧୫୨୨; ଶ୍ରୀ ଅଜିତ ମହାନ୍ତି : ୯୪୩୭୧୯୦୪୬୪

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ସଂସାରର ସମସ୍ତେ କ'ଣ ସନ୍ନ୍ୟାସୀ ହୋଇଯିବେ ?*

ଉତ୍ତର : ସମସ୍ତେ ସନ୍ନ୍ୟାସୀ ହେବାର କୌଣସି ଆଶା ନାହିଁ, ଏହା ସମ୍ଭବ ବି ନୁହେଁ । ଅତୀତରେ କେବେ ବି ଏପରି ହୋଇ ନାହିଁ । ଯଦି ସମସ୍ତେ ଯଥାର୍ଥ ସନ୍ନ୍ୟାସୀ ହୁଅନ୍ତି, ତେବେ ପୃଥିବୀ ଗୋଟିଏ ଦିନରେ ହୋଇଉଠନ୍ତା ସ୍ୱର୍ଗ; ଭଗବାନ୍ ନିରାବରଣ ରୂପେ ପୃଥିବୀରେ ନିଜକୁ ପ୍ରଘଟ କରନ୍ତେ, ଦୁଃଖ-କଷ୍ଟ, ବୈର-ବିରୋଧ ଓ ହିଂସା-ଦ୍ୱେଷ ସ୍ୱପ୍ନପରି ଉଭେଇ ଯାଆନ୍ତା ।

ସାଧାରଣତଃ ଲୋକେ ମନେ କରନ୍ତି ଯେଉଁମାନେ ସଂସାରର ସମସ୍ତ କର୍ମ ପରିତ୍ୟାଗ କରି ଜଙ୍ଗଲକୁ ଚାଲିଯାଆନ୍ତି ସେମାନଙ୍କ ଦ୍ୱାରା ସଂସାରର କୌଣସି ହିତ ସାଧିତ ହୁଏ ନାହିଁ । ସନ୍ନ୍ୟାସର ଅର୍ଥ ତ୍ୟାଗ । ଯଦି କେହି ସଂସାର ଛାଡ଼ି ଜଙ୍ଗଲକୁ ଚାଲିଯାଏ ଅଥବା ଅନ୍ୟ କେହି ସଂସାରରେ ରହି କର୍ମରେ ସ୍ୱାର୍ଥ ତ୍ୟାଗ କରେ, ତେବେ ଉଭୟ ସତ୍ୟରେ ବାସ କରନ୍ତି । ଏମାନଙ୍କର ବାହ୍ୟ କର୍ମ ତ୍ୟାଗ ହେଉ ବା ଗ୍ରହଣ ହେଉ ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ସେମାନଙ୍କର ଯଥାର୍ଥରେ ଅସତ୍ୟ-ଅନ୍ୟାୟର ତ୍ୟାଗ, ସତ୍ୟରେ ନିବାସ, ସତ୍ୟ-ଆଚରଣ, ତାହାହିଁ ପୃଥିବୀକୁ ପବିତ୍ର କରିଦିଏ ଏବଂ ଶୁଦ୍ଧ ବାତାବରଣ ସୃଷ୍ଟି କରେ । ସେମାନେ ଏକ ଶବ୍ଦ ନ କହି ବି ନିଜର ସତ୍ୟ ଓ ନିଷ୍ଠା ଦ୍ୱାରା ଜଗତଜନଙ୍କର ମନରେ ବିଶୁଦ୍ଧ ଭାବର ପ୍ରେରଣା ଦିଅନ୍ତି । ସନ୍ନ୍ୟାସୀମାନଙ୍କ ସତ୍ୟନିଷ୍ଠା ଯୋଗୁଁ ଆଜି ଭାରତ ସଂସାରରେ ସମ୍ମାନିତ । ଅନ୍ୟାନ୍ୟ ଦେଶ ନାନା ପ୍ରକାର ସମୃଦ୍ଧିରେ ପୂର୍ଣ୍ଣ ହେବା ସତ୍ତ୍ୱେ ବି ଏହି ସତ୍ୟର ଅଭାବରୁ ଶାନ୍ତି ଲାଭ କରିପାରୁ ନାହାନ୍ତି ଏବଂ ଜୀବନ-ସମସ୍ୟାର ସାମାଧାନର ଉପାୟ ମଧ୍ୟ ପାଉ ନାହାନ୍ତି । ସଂସାରରେ ଯଦି କେହି ବଡ଼ ହୋଇଛି ବା ବଡ଼ କାମ କରୁଛି, ତାହା କେବଳ ତ୍ୟାଗ ଦ୍ୱାରା । ଯାହାର ଯେତେ ଅଧିକ ତ୍ୟାଗ ହେବ, ସେ ସଂସାରର ସେତେ ଅଧିକ ସେବା କରିପାରିବ । ବିନା ତ୍ୟାଗରେ କେହି କେବେ ବି ଭଲ କାମ କରିପାରି ନାହିଁ । ଏପରିକି ବିନା ତ୍ୟାଗରେ ସାଂସାରିକ କାର୍ଯ୍ୟ ବି ସାଧିତ ହୁଏ ନାହିଁ । କିଛି ଲୋକ ନିଜ ସ୍ୱାର୍ଥ, ପରିବାରର ସ୍ୱାର୍ଥ ତ୍ୟାଗ କରିଥିଲେ ବୋଲି ଭାରତ ସ୍ୱାଧୀନ ହେବାରେ ଅଧିକ ସାହାଯ୍ୟ ମିଳିଥିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ବସ୍ତୁ ଧାରଣର ପାତ୍ର ବା ଆଧାର ସଦୃଶ । ଯେପରି କୌଣସି ପାତ୍ର କେବେ ଖାଲି ରହିପାରେ ନାହିଁ, ବସ୍ତୁ ବିଶେଷ କିଂବା ବାୟୁରେ ପୂର୍ଣ୍ଣ ଥାଏ, ସେହିପରି ଠିକ୍ ମନୁଷ୍ୟ-ଆଧାର । ତାହା ପୂର୍ଣ୍ଣ ଥାଏ କାମନା-ବାସନା, ସ୍ୱାର୍ଥ ଆଦି ଦୁର୍ଗୁଣରେ । ଏହିପରି ଦୁର୍ଗୁଣଯୁକ୍ତ ବ୍ୟକ୍ତି ପଶୁ ପରି ନିଜ ସ୍ୱାର୍ଥ ଛଡ଼ା ଅନ୍ୟ କୌଣସି ଉଚ୍ଚ ଆଦର୍ଶ ବା ଅନ୍ୟର ହିତସାଧନ କରିପାରେ ନାହିଁ । ଏହି ଆଧାରରେ କ୍ରମଶଃ ସଦ୍‌ଗୁଣ, ଐଶୀ ଗୁଣ ଆସିବାକୁ ଲାଗିଲେ ପୂର୍ବ ଗୁଣଧର୍ମ କ୍ରମଶଃ କମ୍ ହେବାକୁ ଲାଗେ, କିନ୍ତୁ ପାତ୍ର କେବେ ବି ଖାଲି ରହେ ନାହିଁ, ଥାଏ ପୂର୍ଣ୍ଣ । ଊର୍ଦ୍ଧ୍ୱରୁ ଐଶୀ ଗୁଣ ଯେତେ ଆସି ପ୍ରବେଶ କରେ ସେତେ ଦୁର୍ଗୁଣ ଦୂର ହୁଏ । ଯେଉଁ ଆଧାରରୁ ସମସ୍ତ ଦୁର୍ଗୁଣ ବାହାରି ଐଶୀ ଗୁଣରେ ପୂର୍ଣ୍ଣ ହୁଏ ସେହିଁ ହୁଏ ପୂର୍ଣ୍ଣ-ମାନବ, ଈଶ୍ୱରଙ୍କ ସଙ୍ଗେ ଏକ, ଅର୍ଥାତ୍ ଭଗବତ୍ ଗୁଣସମ୍ପନ୍ନ । ସେହିଁ ସର୍ବକାର୍ଯ୍ୟରେ ହୁଏ ସମର୍ଥ । ମନୁଷ୍ୟ ଭଲ କାମ କରିପାରେ ନାହିଁ; ତା'ର ସ୍ୱାର୍ଥ, ଈର୍ଷା ଓ ଅହଂକାର ଥାଏ ବୋଲି । ସମସ୍ତ ଦିବ୍ୟଗୁଣର ଭଣ୍ଡାର ହେଲେ ଭଗବାନ୍ । ତାଙ୍କ ସଙ୍ଗେ ସମସ୍ତ ସତ୍ତା ଯୁକ୍ତ ହେଲେ ମନୁଷ୍ୟ ଭଗବାନଙ୍କଠାରୁ ଶକ୍ତି ପାଇବ ଏବଂ ସମସ୍ତ କାର୍ଯ୍ୟ କରିବାକୁ ସମର୍ଥ ହେବ ।

ସଂସାରର ସମସ୍ତ କର୍ମ ଓ ଗୃହତ୍ୟାଗ କରି ଯେଉଁମାନେ ସନ୍ନ୍ୟାସୀ ହୋଇଛନ୍ତି ସେମାନେ ଭଗବାନଙ୍କ ନିଷ୍କ୍ରିୟ ସତ୍ତା ସଙ୍ଗେ ଯୁକ୍ତ ହୋଇଛନ୍ତି । ସେମାନଙ୍କର ଶୁଦ୍ଧ ବିଚାର ଦ୍ୱାରା ଜଗତର କଲ୍ୟାଣ ହୁଏ, କିନ୍ତୁ ସଂସାରରୁ ପୂର୍ଣ୍ଣରୂପେ ଦୁଃଖକଷ୍ଟ ଦୂର ହୁଏ ନାହିଁ କିଂବା ସେମାନେ ପ୍ରତ୍ୟକ୍ଷରୂପେ ସଂସାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରନ୍ତି ନାହିଁ । କାରଣ ସେମାନେ ଭଗବାନଙ୍କ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ପୂର୍ଣ୍ଣ ସ୍ୱରୂପ ସହିତ ନିଜକୁ ଏକ କରି ନାହାନ୍ତି । ସେଥିପାଇଁ କର୍ମସମ୍ପାଦନକାରୀ ଭଗବାନଙ୍କର ସାମର୍ଥ୍ୟ ଆଦି ଦିବ୍ୟଗୁଣରୁ ବଞ୍ଚିତ ହୁଅନ୍ତି । ଭଗବାନ୍ ବାଞ୍ଛାକଳ୍ପତରୁ । ଯେ ଯାହା ବାଞ୍ଛା କରିବ ଭଗବାନ୍ ତାକୁ ତାହାହିଁ ଦେବେ । ସେମାନେ ଚାହିଁଲେ ମୁକ୍ତି – ଭଗବାନ୍ ମୁକ୍ତି ଦେଇଦେଲେ । କିନ୍ତୁ ନିଜର ମୁକ୍ତି ବ୍ୟକ୍ତିଗତ ହେବା ସତ୍ତ୍ୱେ ତାହା ଦିବ୍ୟଗୁଣ । ଦିବ୍ୟଗୁଣର ଧର୍ମ ହେଲା ଅନ୍ୟର ମଙ୍ଗଳ

କରିବା; ସେଥିପାଇଁ ସଂସାରରେ କେବଳ ଆଧାତ୍ମିକ ଦିଗରେ ମଙ୍ଗଳ ହେଲା । ଶାସ୍ତ୍ର ନିର୍ଦ୍ଦେଶ କରିଛି ଭଗବାନଙ୍କୁ ପ୍ରାପ୍ତ ହେବାରେ ଅର୍ଥାତ୍ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତି କରିବାରେ କୌଣସି ଉଦ୍ଦେଶ୍ୟ ରଖିବା ଉଚିତ ନୁହେଁ; କେବଳ ଭଗବାନଙ୍କ ସଙ୍ଗେ ନିଜର ସମସ୍ତ ସତ୍ତାକୁ ଏକ କରି ଦେବାକୁ ହେବ । ତେବେ ସେହି ଏକତ୍ୱ ପ୍ରାପ୍ତି ପରେ ବ୍ୟକ୍ତିର ସମସ୍ତ ଗୁଣ ହେବ ଭଗବାନଙ୍କର ଏବଂ ସେ ସ୍ୱୟଂ ହେବ ଭଗବାନଙ୍କ ଯନ୍ତ୍ର । ତାହାର ଶକ୍ତି-ସାମର୍ଥ୍ୟ ଆସିବ ଭଗବାନଙ୍କଠାରୁ । ସେ ଭଗବତ୍ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ କରିପାରିବ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ହେଲା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱପ୍ରାପ୍ତି ।

ସଂସାରରେ ଏପର୍ଯ୍ୟନ୍ତ ଯେକୌଣସି ବ୍ୟକ୍ତି ସ୍ୱାର୍ଥ ତ୍ୟାଗକରି ଦେଶ ଓ ଜାତିର ହିତ ସକାଶେ ଯାହା ଭଲ କାର୍ଯ୍ୟ କରିଛନ୍ତି ତାହାସବୁ ଭଗବତ୍ ଦତ୍ତ । ଯେକୌଣସି ଭଲ କାର୍ଯ୍ୟ, ତାହା ଭଗବତ୍ ଗୁଣ, ଆସେ ଭଗବାନଙ୍କଠାରୁ । କିନ୍ତୁ ବ୍ୟକ୍ତି ବୁଝିପାରେ ନାହିଁ, କାରଣ ସେ ସଚେତନ ଭାବେ ଭଗବାନଙ୍କ ଜ୍ଞାନ ସହିତ ନିଜ ଜ୍ଞାନକୁ ଏକ କରି ନ ଥାଏ । ବହୁତ ସମୟରେ ଦେଖାଯାଏ ଯେ ଜଣେ ବଡ଼ ନେତା ସ୍ଥୂଳ ସ୍ୱାର୍ଥ ତ୍ୟାଗକରି ଦେଶର ହିତସାଧନ କରନ୍ତି, କିନ୍ତୁ ଭଗବାନଙ୍କ ଅସ୍ତିତ୍ୱ ପର୍ଯ୍ୟନ୍ତ ସ୍ୱୀକାର କରନ୍ତି ନାହିଁ । ତାହାର ଏକମାତ୍ର କାରଣ ହେଉଛି ସେ ଚାହିଁଥିଲେ କେବଳ ସେତିକି କାମ କରିବାକୁ । ସେଥିରେ ପୂର୍ଣ୍ଣମାତ୍ରାରେ ସ୍ୱାର୍ଥ ନ ଥିବାରୁ ଭଗବାନ୍ ତାଙ୍କ ଚାହିଦା ଅନୁସାରେ ସୀମିତ ଶକ୍ତି ଦେଲେ । ସେ ଯଦି ପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକ ହୋଇଥା'ନ୍ତେ ତେବେ କାର୍ଯ୍ୟ ତ ସିଦ୍ଧ ହୋଇଥାଆନ୍ତା, ତା'ଛଡ଼ା ପୂର୍ଣ୍ଣଜ୍ଞାନ ଓ ପୂର୍ଣ୍ଣସାମର୍ଥ୍ୟ ବି ସେ ପ୍ରାପ୍ତ ହୋଇଥା'ନ୍ତେ ।

ଶ୍ରୀଅରବିନ୍ଦଙ୍କ ଯୋଗ-ସିଦ୍ଧିର ଉଦ୍ଦେଶ୍ୟ ପୃଥିବୀରେ ଦିବ୍ୟଜୀବନ ପ୍ରତିଷ୍ଠା । ଏଥିସକାଶେ କିଛି ପୂର୍ଣ୍ଣତ୍ୟାଗୀ ସାଧକ ଆବଶ୍ୟକ । ଯେଉଁମାନେ ନିଜକୁ ପୂର୍ଣ୍ଣରୂପେ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଯନ୍ତ୍ର ହୋଇ ଅତିମାନସ ମହାଶକ୍ତିର କ୍ରିୟାକୁ ଜାଣିପାରିବେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହୋଇପାରିବେ । ତ୍ୟାଗର ଯଥାର୍ଥ ଅର୍ଥ ସଂସାର ଛାଡ଼ି ଜଙ୍ଗଲକୁ ଯାଇ ତପସ୍ୟା କରିବା କିଂବା ନିଜ ସ୍ୱାର୍ଥ, ମାନ-ଯଶଃ, ବାସନା-କାମନା ରଖି କେବଳ ସ୍ଥୂଳ କର୍ମରୁ ବିରତ ହେବା ବା ନିଜେ ବଡ଼ ହୋଇ ପ୍ରତିଷ୍ଠା ଲାଭ କରିବା ନୁହେଁ । ପୂର୍ଣ୍ଣତ୍ୟାଗର ଅର୍ଥ ନିମ୍ନ ପ୍ରକୃତିର କ୍ରିୟା ତ୍ୟାଗକରି ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ-ଏକତ୍ୱ ପ୍ରାପ୍ତ ହେବା । ଘର-ପରିବାର ଛାଡ଼ି ଆଶ୍ରମରେ ରହନ୍ତୁ କିଂବା ଘରେ ରହି ସମସ୍ତ ସାଂସାରିକ କର୍ମ ଭଗବତ୍ ଉଦ୍ଦେଶ୍ୟରେ କରନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ତ୍ୟାଗର ସର୍ତ୍ତ ଉଭୟଙ୍କ ସକାଶେ ସମାନ ।

ସମସ୍ତେ ଆରମ୍ଭରୁ ଏହି ଅବସ୍ଥାରେ ପହଞ୍ଚିପାରିବେ ନାହିଁ । ସେଥିସକାଶେ ଦୀର୍ଘକାଳ ସାଧନାର ଆବଶ୍ୟକ । ସେହି ସକାଶେ କେତେକ ବ୍ୟକ୍ତିଙ୍କୁ ମା' ନିଜ ତତ୍ତ୍ୱାବଧାନରେ ରଖି ସାଧନା କରାଉଅଛନ୍ତି । ଆଉ କେତେକ ବ୍ୟକ୍ତି ବାହାରେ ନିଜ ନିଜ ପରିବାର ସଙ୍ଗେ ରହି ମା'ଙ୍କ ସୂକ୍ଷ୍ମ ଆନ୍ତର ନିର୍ଦ୍ଦେଶରେ ସାଧନା କରୁଛନ୍ତି । ଅନ୍ୟ କେତେକ ବ୍ୟକ୍ତି ଅଜ୍ଞାତ ଭାବେ ମା'ଙ୍କ ପ୍ରେରଣା ଅନୁସାରେ କାର୍ଯ୍ୟ କରୁଛନ୍ତି । ଏ ଯୋଗ-ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି ଯେ ପୂର୍ଣ୍ଣତ୍ୟାଗୀ ହେବ, ଏପରି ନୁହେଁ, ଏହା ସମ୍ଭବ ବି ନୁହେଁ । କୌଣସି ବ୍ୟକ୍ତିର ସମସ୍ତ ପ୍ରକାର ଦୁର୍ଗୁଣ ଥିବା ସତ୍ତ୍ୱେ ବି ସେ ସାଧନା ଆରମ୍ଭ କରିପାରେ ଯଦି ତାହାର କୌଣସି ଭାଗ ଭଗବାନଙ୍କ ଶରଣ ହେବାକୁ ଚାହେଁ । ସାଧନା ଦ୍ୱାରାହିଁ ମନୁଷ୍ୟ ସମସ୍ତ ଦୋଷତ୍ରୁଟିରୁ ମୁକ୍ତ ହୋଇ ପୂର୍ଣ୍ଣସିଦ୍ଧି ବା ଦିବ୍ୟ-ଜୀବନ ଲାଭ କରିପାରେ । ସେହି କାରଣରୁ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି : —

''ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥''

ଅର୍ଥାତ୍ ''ସର୍ବ ଧର୍ମ ତ୍ୟାଗକରି, ସକଳ ପ୍ରକାର ବିଧି-ବିଧାନ ଓ ନିୟମ-ବ୍ରତ ବର୍ଜନ କରି ମୋ ଆଶ୍ରୟ ନେ । ମୁଁ ତୋତେ ସର୍ବ ପାପ, ସର୍ବ ଅମଙ୍ଗଳରୁ ମୁକ୍ତ କରିଦେବି ।''

ଶ୍ରୀରାମଚନ୍ଦ୍ର କହିଛନ୍ତି : —

''ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ଯାଚତେ ।
ଅଭୟଂ ସର୍ବଭୂତେଭ୍ୟୋଃ ଦଦାମ୍ୟେତଦ୍ ବ୍ରତଂ ମମ ॥''

ଅର୍ଥାତ୍ ''ଜୀବ ମୋ ଶରଣରେ ଆସିଲେ ମୁଁ ତାକୁ ସର୍ବଭୂତରୁ ଅଭୟ କରିଦିଏ, ଏହା ମୋର ବ୍ରତ ।''

— **ରାମକୃଷ୍ଣ ଦାସ**

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୪୫୩ -୪୫୫)

❑❑❑

ଚେତନାର ଦିଗ୍‌ବଳୟ :

# ହିଂସା-ଭିତ୍ତିକ ଦୃଶ୍ୟାବଳି ପ୍ରଭାବ ଓ ପ୍ରତିଷେଧକ

ନିବିଡ଼ ଅରଣ୍ୟ ପାଖ ଦେଇ ଏକ ଜନପଦରୁ ଅନ୍ୟ ଜନପଦକୁ ପଥ । ଦିନେ ଅପରାହ୍ଣରେ ସେପଥରେ ଯାତ୍ରା କରୁଥିଲେ ଦେବର୍ଷି ନାରଦ (ମତାନ୍ତରେ ସପ୍ତଋଷି) । ହଠାତ୍ ଅରଣ୍ୟ ଭିତରୁ କେତୋଟି ଲମ୍ଫ ଯୋଗେ ତାଙ୍କ ଆଗରେ ଉଦ୍ୟତ ଲାଠି ହସ୍ତେ ଉଭା ଜଣେ ଭୀଷଣ-ଦର୍ଶନ ଦସ୍ୟୁ ।

ଦସ୍ୟୁ ରତ୍ନାକର କିଂବଦନ୍ତି କିଏ ବା ନ ଜାଣେ । ଦିନ ପରେ ଦିନ ସେ ଯାତ୍ରୀମାନଙ୍କୁ ଲୁଣ୍ଠନ କରି ସେହି ସମ୍ପଦ ଯୋଗେ ପରିବାର ପ୍ରତିପୋଷଣ କରେ । ପ୍ରଥମ ଥର ପାଇଁ ସେ ଏକ ମୌଳିକ ପ୍ରଶ୍ନ ସାମନା କରୁଛି ।

ପ୍ରଶ୍ନକର୍ତ୍ତା ନାରଦ : ଅନ୍ୟାୟ ଉପାୟରେ ଉପାର୍ଜନ କରି ସେ ଯେଉଁ ପାପ ଅର୍ଜନ କରୁଛି, ତା'ର ପ୍ରଚଣ୍ଡ ଭାର ବହନ କରିବା ସକାଶେ ସେ ପ୍ରସ୍ତୁତ ତ ?

''ଭାର ପ୍ରଚଣ୍ଡ ହେବ ନାହିଁ । କାରଣ ଯେଉଁମାନଙ୍କ ଭରଣପୋଷଣ ସକାଶେ ମୁଁ ଏ ଧନ୍ଦା କରୁଛି, ସେମାନେ ସମସ୍ତେ ସେ ଭାର ଭାଗ କରି ନେବେ ।'' ଉତ୍ତର ଦେଲା ରତ୍ନାକର ।

ନାରଦଙ୍କ ପରାମର୍ଶ କ୍ରମେ ସେ ଯାଇ ପରିବାରର ସଦସ୍ୟମାନଙ୍କୁ ପ୍ରଶ୍ନ କରନ୍ତେ ସେମାନେ କିନ୍ତୁ କେହି ହେଲେ ତା' ପାପଭାରରେ ଅଂଶୀଦାର ହେବେ ନାହିଁ ବୋଲି ଜଣାଇ ଦେଲେ । ପରିବାର ପୋଷଣ ତା'ର ଦାୟିତ୍ୱ । ଯେଉଁ ପନ୍ଥାରେ ସେ ତାହା କରୁଛି, ସେ ପାଇଁ ତା' ନିଜ ବ୍ୟତିରେକେ ଆଉ କେହି ଦାୟୀ ହେବାର କାରଣ ନାହିଁ ।

ରତ୍ନାକରର ଜ୍ଞାନ ଚକ୍ଷୁ ଉନ୍ମୀଳିତ ହେଲା । ନାରଦଙ୍କ ଦ୍ୱାରା ଅନୁପ୍ରାଣିତ ଓ ଦୀକ୍ଷିତ ହୋଇ ସେ ତପସ୍ୟା-ନିମଗ୍ନ ହେଲା । ବଲ୍ମିକ(ଉଇ ହୁଙ୍କା) ରୂପକ ତା' ବ୍ୟକ୍ତିତ୍ୱର ବାହାର ଆବରଣ ଖସି ପଡ଼ିଲା; ପ୍ରକଟିତ ହେଲେ ମହାନ୍ ଋଷି ବାଲ୍ମୀକି ।

ସେ ଥିଲେ ଜଣେ ବିକଶିତ ଆତ୍ମାବନ୍ତ ମଣିଷ । କିନ୍ତୁ ଘଟଣାକ୍ରମେ ଆବାଲ୍ୟ ସେ ଏକ ଦସ୍ୟୁ ପଲ୍ଲିର ବାସିନ୍ଦା ହୋଇ ଯାଇଥିଲେ । ତାଙ୍କ ପରିପକ୍ୱ ଅନ୍ତଶ୍ଚେତନା ଅନ୍ୟ ଏକ ଦିବ୍ୟଚେତନାର ସ୍ପର୍ଶ ଲାଭ କରିବା ମାତ୍ରେ ଅଚିରେ ନିଜ ସ୍ୱଧର୍ମର ସନ୍ଧାନ ପାଇଗଲା । ସେ ବଲ୍ମିକ ଭିତରୁ ଆତ୍ମପ୍ରକାଶ କରିବାର ତାତ୍ପର୍ଯ୍ୟ ତାଙ୍କର ମୋହଗ୍ରସ୍ତ ଚେତନାର ଅବସାନ ଓ ସତ୍ୟ ଚେତନାର ଉଦ୍ଭାସନ ।

ରାମାୟଣର ରଚୟିତା ଆମର ଏହି ଆଦିକବିଙ୍କ ଜୀବନ ସମ୍ପର୍କରେ ଏହା ଜନଶ୍ରୁତି ମାତ୍ର, ତଥ୍ୟଭିତ୍ତିକ ଇତିହାସ ନୁହେଁ । କିନ୍ତୁ ଏହା ତାତ୍ପର୍ଯ୍ୟପୂର୍ଣ୍ଣ । ମଣିଷ ଭିତରେ ସୁପ୍ତ ରହିଥାଏ ତା'ର ମନୁଷ୍ୟତ୍ୱର ମହିମା; ସଙ୍ଗେ ସଙ୍ଗେ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ତା'ର ବ୍ୟାବହାରିକ ସ୍ଥୂଳ ଜୀବନର ଚରିତ୍ର ନିର୍ଣ୍ଣୀତ ହୁଏ ।

ଆମ ବିକାଶ ସକାଶେ ମୁଖ୍ୟତଃ ତିନୋଟି ପ୍ରଭାବ ଦାୟୀ : ଉତ୍ତରାଧିକାରୀ ସୂତ୍ରେ, ମାତାପିତା ଓ ପୂର୍ବପୁରୁଷଙ୍କଠାରୁ ଆନୀତ ଗୁଣ, ଦୁର୍ଗୁଣ; ଦ୍ୱିତୀୟରେ ପରିବେଶ ଓ ପରିସ୍ଥିତିର ଚରିତ୍ର ଏବଂ ସର୍ବୋପରି ଆମ ବ୍ୟକ୍ତିଗତ କ୍ରମବିକାଶ ବା ଜନ୍ମ ଜନ୍ମ ଧରି ଆମର ସଞ୍ଚିତ ଚୈତ୍ୟ-ଅଭିଜ୍ଞତାର ପରବର୍ତ୍ତୀ ଦାବି । ଏହି ତୃତୀୟ ବିଷୟଟିର ପରିଚୟ ପ୍ରଦାନ ସହଜ ନୁହେଁ । ଜାଣତରେ ହେଉ ବା ଅଜାଣତରେ ହେଉ, ପ୍ରତି ଜନ୍ମରେ ଆମେ ଦୁଃଖସୁଖର ବହୁ ଅଭିଜ୍ଞତା ଅର୍ଜନ କରୁଛୁଁ । ଆମ ଶେଷ ଲକ୍ଷ୍ୟରେ ଉପନୀତ ହେବା ଦିଗରେ ସେସବୁର କିଛି ନା କିଛି ଅବଦାନ ଥିବା ଅନିବାର୍ଯ୍ୟ । ଗୋଟାଏ ଜୀବନ-କାଳର ସମାପ୍ତି ପରେ ଯେଉଁ ପରିବେଶ, ପରିସ୍ଥିତିରେ ନବଜନ୍ମ ଗ୍ରହଣ କଲେ ପରବର୍ତ୍ତୀ ଆବଶ୍ୟକୀୟ ଅଭିଜ୍ଞତା ଅର୍ଜନ ସମ୍ଭବ ହେବ, ସେହି ଅନୁସାରେ ଆମ ନୂତନ ଜୀବନର ସ୍ଥାନ, କାଳ ନିରୂପିତ ହୋଇଯାଏ । ଆମେ ସଚେତନ ରହିଲେ ପ୍ରଗତି ଦ୍ରୁତ ହେବ, ଅଚେତନ ରହିଲେ ମନ୍ଥର ହେବ । ଲକ୍ଷ୍ୟ ଦିଗରେ ଗତି କିନ୍ତୁ ଅନିବାର୍ଯ୍ୟ ।

ଅଧିକାଂଶ ମଣିଷ ପରିବେଶ ଓ ପରିସ୍ଥିତିର ଦାସ ହୋଇ ରହିଥା'ନ୍ତି । ପରିବେଶ ଓ ପରିସ୍ଥିତି ଶୁଭଙ୍କର ହୋଇଥିଲେ ସେମାନେ ସମାଜରେ ସୁନାଗରିକ ଭାବେ ପରିଗଣିତ ହୁଅନ୍ତି । ପରିବେଶ ଓ ପରିସ୍ଥିତି ଖରାପ ହୋଇଥିଲେ (ଯାହା ରତ୍ନାକର ଭାବରେ ବାଲ୍ମୀକିଙ୍କ ଆଦ୍ୟ ଜୀବନରେ ହୋଇଥିଲା) ସେମାନେ ମନ୍ଦ ସ୍ୱଭାବ ସର୍ବସ୍ୱ ହୁଅନ୍ତି ।

ପରିବେଶ ଓ ପରିସ୍ଥିତିରେ ଶୁଭ ଶକ୍ତି ଓ ଅଶୁଭ ଶକ୍ତି ଉଭୟର ପ୍ରଭାବ ଥିଲେ କେତେକ ଲୋକ ଶୁଭ ଶକ୍ତି ଦ୍ୱାରାହିଁ ପ୍ରଭାବିତ ହୁଅନ୍ତି, କିନ୍ତୁ ଅଶୁଭ ଶକ୍ତି ଦ୍ୱାରା ପ୍ରଭାବିତ ହେବା ଲୋକଙ୍କ ସଂଖ୍ୟା ଅଧିକ ।

ଦୁଇ ପ୍ରତିବେଶୀଙ୍କ ଘରେ ଦୁଇଟି ଶୁଆ ଚଢ଼େଇ ଥିଲେ । ପ୍ରଥମ ଗୃହସ୍ୱାମୀ ଜଣେ କୃଷ୍ଣଭକ୍ତ ଏବଂ ତାଙ୍କ ଶୁଆ ସ୍ୱଷ୍ଟ ଭାବରେ କୃଷ୍ଣ ନାମ ଆବୃତ୍ତି କରୁଥାଏ । ଦ୍ୱିତୀୟ ଗୃହସ୍ୱାମୀ ତାଙ୍କ ଘରଟିକୁ ଜଣେ ଭଦ୍ରଲୋକଙ୍କୁ ଭଡ଼ାରେ ଦେଇ ବର୍ଷକ ସକାଶେ ବିଦେଶ ଯାଇଥିଲେ । ଆସି ଦେଖିଲେ ତାଙ୍କ ଶୁଆ ଅଶ୍ଳୀଳ ଓ ଲଜ୍ଜାଜନକ ଗାଳିମାନ ଆବୃତ୍ତି କରିଯାଉଛି । କଥା ହେଲା, ପ୍ରତ୍ୟହ ତାଙ୍କ ଘରେ ମଦ୍ୟପମାନଙ୍କ ଆଡ଼ା ହେଉଥାଏ ।

ବ୍ୟଥିତ ଭଦ୍ରଲୋକ ତାଙ୍କ ପ୍ରତିବେଶୀଙ୍କ ଅନୁମତି କ୍ରମେ ତାଙ୍କ ଶୁଆଟିକୁ ପ୍ରଥମ ଶୁଆ ପାଖରେ ରଖାଇଲେ – ସେ ନିଜ ଅଭ୍ୟାସ ପରିହାର କରି କୃଷ୍ଣ ନାମ ଉଚ୍ଚାରଣ କରିବ ବୋଲି ଆଶାରେ । କିଛିଦିନ ପରେ ଦେଖାଗଲା, ପ୍ରଥମ ଶୁଆଟି ଆଉ କୃଷ୍ଣ ନାମ ନ କହି ଅଶ୍ଳୀଳ ଶବ୍ଦମାନ କହିଚାଲିଛି – ଦ୍ୱିତୀୟଟି ଭଳି ।

ଖରାପ ପ୍ରଭାବ ଶୀଘ୍ର କାର୍ଯ୍ୟକାରୀ ହୁଏ – ଆମେ ଯଦି ଆମ ଆନ୍ତରସତ୍ତାରେ କିଞ୍ଚିତ୍ ବିକାଶ ଲାଭ କରି ନ ଥିବୁଁ ।

ପୃଥିବୀ ବ୍ୟାପୀ ଅଧିକାଂଶ ସମାଜରେ, ପରିବାରମାନଙ୍କରେ ଏକ ନୂତନ ପ୍ରଭାବ ବେଶ୍ ଶକ୍ତିଶାଳୀ ହୋଇଉଠିଛି । ତାହାହେଲା ଟେଲିଭିଜନ୍ ଏବଂ ଇଣ୍ଟରନେଟ୍ । ବିଭିନ୍ନ ସମ୍ବାଦ ସରବରାହ ସଂସ୍ଥା ଏବଂ ଫେସ୍‌ବୁକ୍ ଇତ୍ୟାଦି ତଥାକଥିତ ସୋସିଆଲ ମିଡ଼ିଆ ମାଧ୍ୟମରେ ହତ୍ୟା, ସନ୍ତ୍ରାସବାଦୀ ଆକ୍ରମଣ ଓ ପ୍ରତି-ଆକ୍ରମଣ, ଗୃହଦାହ, ବୋମାମାଡ଼ ଇତ୍ୟାଦି ହିଂସାତ୍ମକ ଛବିର ବହୁଳ ପ୍ରଚାର ଦ୍ୱାରା ଦର୍ଶକମାନଙ୍କ ଉପରେ ସେସବୁର ପ୍ରତିକ୍ରିୟା କ'ଣ ହେଉଛି, ସେସମ୍ପର୍କରେ ଇଂଲଣ୍ଡର ବ୍ରାଡଫୋର୍ଡ ବିଶ୍ୱବିଦ୍ୟାଳୟର ଦଳେ ମନସ୍ତତ୍ତ୍ୱବିତ୍ ଗବେଷଣା କରୁଥିଲେ । ସମ୍ପ୍ରତି ବ୍ରିଟିଶ ମନସ୍ତାତ୍ତ୍ୱିକ ସମ୍ମିଳନୀରେ ସେ ଗବେଷଣାଲବ୍ଧ ସିଦ୍ଧାନ୍ତ ପରିବେଷିତ ହୋଇଛି । ବାଳକ-ବାଳିକାମାନଙ୍କ ଉପରେ ସେ ହିଂସାତ୍ମକ ଦୃଶ୍ୟାବଳିର ପ୍ରଭାବ ଦୁର୍ଭାଗ୍ୟଜନକ । ଉତ୍କଣ୍ଠା, ଭୟ, ଅବିଶ୍ୱାସ – ଏସବୁ ପ୍ରାଥମିକ ପ୍ରତିକ୍ରିୟା ପରେ ସେମାନଙ୍କ ମନରେ ଆସେ ଅବସାଦବୋଧ ଓ ତା'ପରେ ଅସହାୟତାବୋଧ ।

ଯାହା ଆହୁରି ଚିନ୍ତାର ବିଷୟ, କ୍ରମେ ଏସବୁ ଦୃଶ୍ୟ ଦର୍ଶକମାନଙ୍କ ଚେତନା ହିଂସା ଭଳି ଭୟଙ୍କର ଦୃଶ୍ୟସବୁ ପ୍ରତି ଅଭ୍ୟସ୍ତ ହୋଇଯାଏ ଏବଂ ଫଳରେ ସେମାନଙ୍କ ସୂକ୍ଷ୍ମ ଅବବୋଧ ଏବଂ ସହାନୁଭୂତି-ପ୍ରବଣତା ଭଳି ମହତ୍ ଗୁଣମାନ ନିଷ୍ଫଳ ହୋଇଯା'ନ୍ତି ।

କଲମ୍ବିଆ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱବିତ୍ ଡା: ଆନ୍ ମାରି ଆଲବାନୋ (ଉତ୍କଣ୍ଠା-ଚିକିତ୍ସା ବିଶେଷଜ୍ଞ) ଜଣାଇଛନ୍ତି ନାନାଦି ହିଂସାଚାରର ଦୃଶ୍ୟ ସୋସିଆଲ ମିଡ଼ିଆରେ ଆମେ ଯେତେ କମ୍ ଦେଖିବା, ସେତେ ମଙ୍ଗଳ । ଖବର ଜାଣିବାହିଁ ଯଥେଷ୍ଟ ।

କିନ୍ତୁ ସେସବୁର ପ୍ରତିକ୍ରିୟା ଏଡ଼ାଇବା ଦିଗରେ ଗଠନମୂଳକ ପଦକ୍ଷେପ ହେଲା ଆମେ ଆମ ଚତୁର୍ଦ୍ଦିଗର ବହୁ ସୁନ୍ଦର ଦୃଶ୍ୟ ପ୍ରତି ପ୍ରତ୍ୟହ ସୁଯୋଗ ପାଇବା ମାତ୍ରେ ମନୋଯୋଗ ଦେବା – ଆକାଶ, ସମୁଦ୍ର, ଜଳାଶୟ, ଉଦ୍ୟାନ – ଏପରିକି ଫୁଲଟିଏ – ଉପରେ କିଛି କିଛି ମୁହୂର୍ତ୍ତ ଏକାଗ୍ର ହେବା, ସେମାନେ ବିତରଣ କରୁଥିବା ଶାନ୍ତି ଓ ସୌନ୍ଦର୍ଯ୍ୟ ଅନୁଭବ କରିବା, ମଧ୍ୟେ ମଧ୍ୟେ ବିଭିନ୍ନ ରାଗରାଗିଣୀ-ସମୃଦ୍ଧ ଶାସ୍ତ୍ରୀୟ ସଙ୍ଗୀତ ଶୁଣିବା, ସତ୍-ସାହିତ୍ୟ ପଢ଼ିବା ଇତ୍ୟାଦି ।

ସମ୍ବାଦପତ୍ରମାନଙ୍କରେ ଅନେକ ସମୟରେ ସାହସ, ତ୍ୟାଗ, ଉଦାରତା ଇତ୍ୟାଦି ସମ୍ପର୍କୀୟ ଘଟଣାମାନ ମଧ୍ୟ ପ୍ରକାଶିତ ହୁଏ । ମାତାପିତା, ଶିକ୍ଷକ ଏବଂ ଅଭିଭାବକ ପର୍ଯ୍ୟାୟର ଲୋକେ ପିଲାମାନଙ୍କ ଦୃଷ୍ଟି ସେସବୁ ପ୍ରତି ଆକର୍ଷଣ କରିବା ଏବଂ ନିଜ ଜୀବନରେ ଜାଣିଥିବା ସେଭଳି ଘଟଣାମାନ ବର୍ଣ୍ଣନା କରିବା ଦ୍ୱାରା ସେମାନେ ବିକାଶଶୀଳ ମାନସ ପ୍ରତି ସେମାନଙ୍କର ଅମୂଲ୍ୟ ଅବଦାନ ଦେଇପାରିବେ ।

**– ମନୋଜ ଦାସ**

❑❑❑